# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ

## ସରକାରୀ ଉଦ୍ୟୋଗ

## ମାର୍ଚ୍ଚ 2014 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

*ବର୍ଷ 2015 ର ପ୍ରତିବେଦନ ସଂଖ୍ୟା 3*

# ଭାରତର ମହାଲେଖା ନିୟନ୍ତ୍ରକ ତଥା
# ମହାସମୀକ୍ଷକଙ୍କ ପ୍ରତିବେଦନ
## ସରକାରୀ ଉଦ୍ୟୋଗ
## ମାର୍ଚ୍ଚ 2014 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

*ବର୍ଷ 2015 ର ପ୍ରତିବେଦନ ସଂଖ୍ୟା 3*

## ବିଷୟ ସାରଣୀ


| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | **v** |
| ବିହଙ୍ଗାବଲୋକନ | | **vii-xi** |
| **ଅଧ୍ୟାୟ I** | | |
| **ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ବିହଙ୍ଗାବଲୋକନ** | **1** | **1-14** |
| ଉପକ୍ରମ | 1.1 ଏବଂ 1.2 | 1 |
| ସମୀକ୍ଷା ନିର୍ଦ୍ଦେଶ | 1.3 ରୁ 1.5 | 1-2 |
| ରାଜ୍ୟ ପିଏସ୍‌ୟୁଗୁଡ଼ିକରେ ପୁଞ୍ଜିନିବେଶ | 1.6 ରୁ 1.8 | 2-3 |
| ବଜେଟୀୟ ବ୍ୟୟ, ଅନୁଦାନ/ ସବ୍‌ସିଡି, ଗ୍ୟାରେଣ୍ଟି ଓ ଋଣ | 1.9 ରୁ 1.11 | 3-5 |
| ପିଏସୟୁଗୁଡିକରେ ପୁଞ୍ଜିନିବେଶର ନିର୍ଭୁଲ ପରିମାଣର ଅନୁପସ୍ଥିତି | 1.12 ଏବଂ 1.13 | 5 |
| ପିଏସୟୁଗୁଡିକର କାର୍ଯ୍ୟ ସଂପାଦନ | 1.14 ରୁ 1.19 | 5-8 |
| ହିସାବ ଚୂଡାନ୍ତରେ ବକେୟା | 1.20 ରୁ 1.25 | 8-9 |
| ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକର ବନ୍ଦ୍ | 1.26 ରୁ 1.28 | 9-10 |
| ହିସାବ ଉପରେ ମନ୍ତବ୍ୟ ଓ ଆଭ୍ୟନ୍ତରୀଣ ସମୀକ୍ଷା | 1.29 ରୁ 1.34 | 10-13 |
| ସମୀକ୍ଷାର ଦୃଷ୍ଟାନ୍ତରେ ଆଦାୟ | 1.35 | 13 |
| ପୃଥକ ସମୀକ୍ଷା ରିପୋର୍ଟଗୁଡିକର ଉପସ୍ଥାପନାର ସ୍ଥିତି | 1.36 | 13 |
| ପିଏସ୍‌ୟୁଗୁଡ଼ିକର ପୁଞ୍ଜି ପ୍ରତ୍ୟାହାର, ଘରୋଇକରଣ ଏବଂ ପୁନର୍ଗଠନ | 1.37 | 13-14 |
| ଶକ୍ତି କ୍ଷେତ୍ରରେ ସଂସ୍କାର | 1.38 ଏବଂ 1.39 | 14 |
| **ଅଧ୍ୟାୟ II** | | |
| **ସରକାରୀ କମ୍ପାନୀଗୁଡ଼ିକର କାର୍ଯ୍ୟ ସମ୍ପାଦନର ସମୀକ୍ଷା** | **2** | |
| **ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର** | | |
| **ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କର କାର୍ଯ୍ୟକଳାପ** | **2.1** | **15-45** |
| କାର୍ଯ୍ୟନିର୍ବାହୀ ସଂକ୍ଷିପ୍ତ ବିବରଣ | - | 15-16 |
| ଉପକ୍ରମ | 2.1.1 ରୁ 2.1.2 | 16-17 |
| ସମୀକ୍ଷାର ପରିସର ଏବଂ ପଦ୍ଧତି | 2.1.3 | 17 |
| ସମୀକ୍ଷା ଉଦ୍ଦେଶ୍ୟ | 2.1.4 | 17-18 |
| ସମୀକ୍ଷା ମାନଦଣ୍ଡ | 2.1.5 | 18 |
| ଯୋଜନା | 2.1.6 ରୁ 2.1.11 | 18-20 |
| ଭୌତିକ ଏବଂ ଆର୍ଥିକ କାର୍ଯ୍ୟ ସଂପାଦନ | 2.1.12 ରୁ 2.1.20 | 21-24 |
| କାର୍ଯ୍ୟକଳାପର ପରିଣାମ | 2.1.21 | 24-25 |
| ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ | 2.1.22 ରୁ 2.1.33 | 25-31 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ପିପିପି ଭିତ୍ତିରେ ପର୍ଯ୍ୟଟନ ପ୍ରକଳ୍ପଗୁଡିକର ବିକାଶ | 2.1.34 ରୁ 2.1.37 | 31-33 |
| ପର୍ଯ୍ୟଟନ ସମ୍ପତ୍ତିଗୁଡିକର ପରିଚାଳନା | 2.1.38 | 33-34 |
| ପାନ୍ଥଶାଳା ଏବଂ ହୋଟେଲଗୁଡ଼ିକର ପରିଚାଳନା ପ୍ରଦର୍ଶନ | 2.1.39 ରୁ 2.1.42 | 34-36 |
| ପର୍ଯ୍ୟଟକ ପରିବହନ ସେବାର ପରିଚାଳନାଗତ ପ୍ରଦର୍ଶନ | 2.1.43 ରୁ 2.1.45 | 36-39 |
| ବିପଣନ କୌଶଳ ଏବଂ ବାଣିଜ୍ୟିକ ପ୍ରଚାର | 2.1.46 ରୁ 2.1.52 | 39-43 |
| ପ୍ରକଳ୍ପ ପର୍ଯାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ | 2.1.53 ରୁ 2.1.56 | 43-44 |
| ସ୍ୱୀକାରୋକ୍ତି | | 44 |
| ଉପସଂହାର | | 44-45 |
| ସୁପାରିଶ | | 45 |
| **ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ ଓ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗ** | | |
| **ରାଜ୍ୟରେ ମତ୍ସ୍ୟ ସେକ୍ଟରର ବିକାଶ କ୍ଷେତ୍ରରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ ଓ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗର କାର୍ଯ୍ୟକଳାପ** | **2.2** | **46-74** |
| କାର୍ଯ୍ୟନିର୍ବାହୀର ସଂକ୍ଷିପ୍ତ ବିବରଣ | -- | 46-47 |
| ଉପକ୍ରମ | 2.2.1 ରୁ 2.2.3 | 47-48 |
| ସମୀକ୍ଷା ପରିସର ଏବଂ ପଦ୍ଧତି | 2.2.4 | 48 |
| ସମୀକ୍ଷା ଉଦ୍ଦେଶ୍ୟ | 2.2.5 | 48 |
| ସମୀକ୍ଷା ମାନଦଣ୍ଡ | 2.2.6 | 49 |
| ଯୋଜନା | 2.2.7 ରୁ 2.2.10 | 49-50 |
| କାର୍ଯ୍ୟକ୍ରମ ଏବଂ ପରିକଳ୍ପନାର କାର୍ଯ୍ୟାନ୍ୱୟନ | 2.2.11 | 50-51 |
| ଭୂପୃଷ୍ଠ ଜଳାଶୟ ସେକ୍ଟର | 2.2.12 ରୁ 2.2.20 | 51-57 |
| ଜଳାଶୟ | 2.2.21 ରୁ 2.2.23 | 57-58 |
| ଓପିଡିସି ଦ୍ୱାରା ମାଛ ମଞ୍ଜିର ଉତ୍ପାଦନ | 2.2.24 ରୁ 2.2.25 | 58-59 |
| କ୍ଷାରୀୟ ଜଳରେ ମତ୍ସ୍ୟ ଚାଷ | 2.2.26 ରୁ 2.2.28 | 59-60 |
| ସାମୁଦ୍ରିକ କ୍ଷେତ୍ର | 2.2.29 ରୁ 2.2.32 | 60-62 |
| ମତ୍ସ୍ୟଜୀବିଙ୍କ ପାଇଁ କଲ୍ୟାଣମୂଳକ ଯୋଜନା | 2.2.33 ରୁ 2.2.40 | 62-66 |
| ଭିତ୍ତିଭୂମି | 2.2.41 ରୁ 2.2.52 | 66-71 |
| ଆର୍ଥିକ ପରିଚାଳନା | 2.2.53 ରୁ 2.2.56 | 71-73 |
| ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ | 2.2.57 ରୁ 2.2.58 | 73-74 |
| ସ୍ୱୀକାରୋକ୍ତି | -- | 74 |
| ଉପସଂହାର | -- | 74 |
| ସୁପାରିଶ | -- | 74 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| **ଅଧ୍ୟାୟ III** | | |
| **ଅନୁପାଳନ ସମୀକ୍ଷାର ମନ୍ତବ୍ୟ** | | |
| **ସରକାରୀ କମ୍ପାନୀ** | 3.1 ରୁ 3.8 | 75-84 |
| **ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍** | | |
| ତ୍ରୁଟିପୂର୍ଣ୍ଣ ନିୟନ୍ତ୍ରଣ | 3.1 | 75-76 |
| ଅବ୍ୟାହତି ଲାଭ ନ କରିବା | 3.2 | 76-77 |
| **ଓଡ଼ିଶା ଖଣି ନିଗମ ଲିମିଟେଡ୍** | | |
| ପରିହାର୍ଯ୍ୟ ଦେୟ | 3.3 | 77-78 |
| ରୟାଲ୍‌ଟି ର କମ୍ ଆଦାୟ ହେତୁ କ୍ଷତି | 3.4 | 78-79 |
| ରାଜସ୍ୱ କ୍ଷତି | 3.5 | 79-80 |
| ଅହେତୁକ ଅନୁକମ୍ପା | 3.6 | 80-81 |
| ଅଧିକ ଅର୍ଥ ପ୍ରଦାନ | 3.7 | 81-82 |
| **ଓଡ଼ିଶା ଶକ୍ତି ସଂଚ଼ାରଣ ନିଗମ ଲିମିଟେଡ୍** | | |
| ନିଷ୍ଫଳ ବ୍ୟୟ | 3.8 | 83-84 |
| **ବୈଧାନିକ ନିଗମ** | | 84-85 |
| **ଓଡ଼ିଶା ରାଜ୍ୟ ଅର୍ଥ ନିଗମ** | | |
| ପାଉଣା ଦେୟର ଅସମୁଚିତ ମୀମାଂସା | 3.9 | 84-85 |
| **ସାଧାରଣ** | | |
| ସମୀକ୍ଷା ପ୍ରତିବେଦନ ଏବଂ ନିରୀକ୍ଷଣ ରିପୋର୍ଟ ଉପରେ ଅନୁଗାମୀ ପଦକ୍ଷେପ | 3.10 | 85-87 |

# ପରିଶିଷ୍ଟ


| କ୍ର.ସଂ | ବିଷୟ | ପ୍ରସଙ୍ଗସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 1. | ସରକାରୀ କମ୍ପାନୀ ଓ ବୈଧାନିକ ନିଗମ ଗୁଡିକର 31 ମାର୍ଚ୍ଚ 2014 ସୁଦ୍ଧା ସମାଦତ୍ତ ପୁଞ୍ଜି, ବକେୟା ଋଣ ଓ ମାନବ ସମ୍ବଳର ସବିଶେଷ ବିବରଣ | 1.6 | 89-95 |
| 2. | ମାର୍ଚ୍ଚ 2014 ଶେଷ ସୁଦ୍ଧା ବର୍ଷ ମଧ୍ୟରେ ପ୍ରାପ୍ତ/ପ୍ରାପ୍ୟ ଅନୁଦାନ ଏବଂ ସବ୍‌ସିଡି, ପ୍ରାପ୍ତ ଗ୍ୟାରେଣ୍ଟି, ପ୍ରାପ୍ୟ ଛାଡ, ଋଣ ଛାଡ଼ ଏବଂ ଅଂଶଧନରେ ପରିଣତ ହୋଇଥିବା ଋଣ ଏବଂ ପ୍ରତିଶୃତିବଦ୍ଧ ଗ୍ୟାରେଣ୍ଟି ଦର୍ଶାଉଥିବା ବିବରଣ | 1.9 | 96-97 |
| 3. | ଚୂଡାନ୍ତ ହୋଇଥିବା ସର୍ବଶେଷ ବର୍ଷର ହିସାବ ଅନୁସାରେ ସରକାରୀ କମ୍ପାନୀ ଓ ବୈଧାନିକ ନିଗମଗୁଡିକର ଆର୍ଥିକ ପରିଣାମର ସଂକ୍ଷିପ୍ତ ବିବରଣ | 1.14 ଏବଂ 1.34 | 98-103 |
| 4. | ବୈଧାନିକ ନିଗମଗୁଡିକର ଆର୍ଥିକ ସ୍ଥିତି ଦର୍ଶାଉଥିବା ବିବରଣ | 1.14 | 104-105 |
| 5. | ବୈଧାନିକ ନିଗମଗୁଡିକର କାର୍ଯ୍ୟ ପରିଚାଳନା ପରିଣାମର ବିବରଣ | 1.14 | 106-107 |
| 6. | ହିସାବ ଚୂଡାନ୍ତ ହେବାକୁ ବାକିଥିବା ପିଏସ୍‌ୟୁ ଗୁଡିକରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁଞ୍ଜି ନିବେଶ ଦର୍ଶାଉଥିବା ବିବରଣ | 1.23 | 108 |
| 7. | ଓଟିଡିସି ଏବଂ ଡିଓଟି ପାଖରେ ଥିବା ୟୁନିଟର ବିବରଣ | 2.1.2 | 109-110 |
| 8 | ଓଟିଡିସି ର କାର୍ଯ୍ୟକଳାପର ଫଳାଫଳ ଦର୍ଶାଉଥିବା ବିବରଣ | 2.1.21 | 111 |
| 9. | ମାର୍ଚ୍ଚ 2014 ରେ ଶେଷ ପାଞ୍ଚ ବର୍ଷ ପାଇଁ ରାଜ୍ୟ ଯୋଜନା/ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା/କେନ୍ଦ୍ରୀୟ ଯୋଜନାରେ ବଜେଟ ପ୍ରାବଧାନ, ଆବଣ୍ଟନ, ଖର୍ଚ୍ଚ ଏବଂ ଫେରସ୍ତ ପାଣ୍ଠିର ବିବରଣ | 2.2.9 | 112 |
| 10. | ମତ୍ସ୍ୟ ସେକ୍ଟରରେ କାର୍ଯ୍ୟାନ୍ୱୟନ ହେଉଥିବା ମୁଖ୍ୟ ପରିକଳ୍ପନା ଗୁଡ଼ିକର ବିବରଣ | 2.2.11 | 113 |
| 11. | 2009-14 ବର୍ଷ (ଅକ୍ଟୋବର 2013 ପର୍ଯ୍ୟନ୍ତ) ମଧ୍ୟରେ ଏମ୍‌ଏଚ୍‌ଇପିରୁ ଓଏଚ୍‌ପିସି ଦ୍ୱାରା ନିଆଯାଇଥିବା କମ୍ ବିଦ୍ୟୁତ୍ ଶକ୍ତି ଏବଂ ଗ୍ରୀଡ୍‌କୋ ଦ୍ୱାରା ଉଚ୍ଚ ଦାମ ଯୁକ୍ତ ବିଦ୍ୟୁତ୍ ଶକ୍ତି କ୍ରୟର ବିବରଣ | 3.1 | 114 |
| 12. | 30 ସେପ୍ଟେମ୍ବର 2014 ସୁଦ୍ଧା ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦିଆଯାଇ ନଥିବା ଅନୁଚ୍ଛେଦ/ପୁନର୍ବିଲୋକନ/କାର୍ଯ୍ୟ ସଂପାଦନା ସମୀକ୍ଷା ଗୁଡିକର ବିବରଣ | 3.10.1 | 115 |
| 13. | 30 ସେପ୍ଟେମ୍ବର 2014 ସୁଦ୍ଧା କୋପୁ ସୁପାରିଶ ଉପରେ ବକେୟା ଏଟିଏନ୍‌ର ବିବରଣ | 3.10.2 | 116 |
| 14. | 30 ସେପ୍ଟେମ୍ବର 2014 ସୁଦ୍ଧା ବିଭାଗ ଅନୁଯାୟୀ ବକେୟା ନିରୀକ୍ଷଣ ରିପୋର୍ଟ ଦର୍ଶାଉଥିବା ବିବରଣ | 3.10.3 | 117 |
| | **ସାଂକେତିକ ଶବ୍ଦର ତାଲିକା** | | 118-119 |

# ମୁଖବନ୍ଧ

ଏହି ପ୍ରତିବେଦନରେ, ମାର୍ଚ୍ଚ 2014 ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଗୁଡ଼ିକର ସମୀକ୍ଷାର ଫଳାଫଳ ଆଲୋଚିତ ହୋଇଛି ।

ସରକାରୀ କମ୍ପାନୀଗୁଡ଼ିକ (କମ୍ପାନୀ ଅଧିନିୟମର ବ୍ୟବସ୍ଥା ଅନୁସାରେ ସରକାରୀ କମ୍ପାନୀ ଭାବେ ବିବେଚନା କରାଯାଉଥିବା କମ୍ପାନୀ ସମେତ)ର ହିସାବର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, 1956 ର ଧାରା 61 ଅନୁସାରେ କରାଯାଇଥାଏ । ହିସାବଗୁଡ଼ିକ କମ୍ପାନୀ ଅଧିନିୟମ ଅଧୀନରେ ସିଏଜିଙ୍କ ଦ୍ୱାରା ନିଯୋଜିତ ବୈଧାନିକ ସମୀକ୍ଷକ (ଚାଟାର୍ଡ ଆକାଉଣ୍ଟାଣ୍ଟ) ମାନଙ୍କ ଦ୍ୱାରା ପ୍ରମାଣିତ ହେବା ପରେ ସିଏଜିଙ୍କ ଅଧିକାରୀମାନଙ୍କ ଦ୍ୱାରା ଅନୁପୂରକ ସମୀକ୍ଷା ମନ୍ତବ୍ୟ ଦିଆଯାଏ ଏବଂ ସିଏଜି ତାଙ୍କର ମନ୍ତବ୍ୟ ଦିଅନ୍ତି କିମ୍ବା ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନର ଅନୁପୂରଣ କରନ୍ତି । ଏହା ସହିତ ଏହି କମ୍ପାନୀଗୁଡ଼ିକ ସିଏଜିଙ୍କ ଦ୍ୱାରା ନମୁନା ସମୀକ୍ଷା ସାପେକ୍ଷ ଅଟେ ।

ସରକାରୀ କମ୍ପାନୀ କିମ୍ବା ନିଗମଗୁଡ଼ିକ ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଇଥିବା ପ୍ରତିବେଦନଗୁଡ଼ିକୁ ସବୁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଓ ସେବାର ସର୍ତ୍ତାବଳୀ ) ଅଧିନିୟମ, 1971 ର ଧାରା 19(ଏ) ଅନୁସାରେ ଓଡ଼ିଶା ବିଧାନ ସଭାରେ ଉପସ୍ଥାପନ ପାଇଁ ସରକାରଙ୍କୁ ନିବେଦନ କରାଯାଇଥାଏ ।

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଯାହାକି ଏକ ବୈଧାନିକ ନିଗମ ଅଟେ, କ୍ଷେତ୍ରରେ ସିଏଜି ଏହାର ଏକ ମାତ୍ର ସମୀକ୍ଷକ ଅଟନ୍ତି ।

ଏହି ପ୍ରତିବେଦନରେ ଉଲ୍ଲେଖି କରାଯାଇଥିବା ଘଟଣାଗୁଡ଼ିକ 2013-14 ର ନମୁନା ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ଘଟଣା ସହିତ ପୂର୍ବ ବର୍ଷ ଗୁଡ଼ିକରେ ଦୃଷ୍ଟିଗୋଚର ହୋଇଥିବା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନଗୁଡ଼ିକରେ ଉଲ୍ଲେଖି କରାଯାଇ ପାରିନଥିବା ଘଟଣା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଆବଶ୍ୟକ ସ୍ଥଳେ, 2013-14 ର ପରବର୍ତ୍ତୀ ବିଷୟଗୁଡ଼ିକୁ ମଧ୍ୟ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଛି ।

ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

## 1. ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡ଼ିକର ବିହଙ୍ଗାବଲୋକନ

*ସରକାରୀ କମ୍ପାନୀଗୁଡ଼ିକର ସମୀକ୍ଷା କମ୍ପାନୀ ଅଧିନିୟମ, 1956 ର ଧାରା 619 ଦ୍ୱାରା ନିୟନ୍ତ୍ରିତ ହୁଏ । ସରକାରୀ କମ୍ପାନୀ ଗୁଡ଼ିକର ହିସାବଗୁଡ଼ିକ ସିଏଜିଙ୍କ ଦ୍ୱାରା ନିୟୋଜିତ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା କରାଯାଏ । ଏହି ହିସାବ ଗୁଡ଼ିକ ସିଏଜିଙ୍କ ଦ୍ୱାରା ପରିଚାଳିତ ଅନୁପୂରକ ସମୀକ୍ଷା ସାପେକ୍ଷ ଅଟେ । ବୈଧାନିକ ନିଗମଗୁଡ଼ିକର ସମୀକ୍ଷା ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ବିଧାନ ପ୍ରଣୟନ ଦ୍ୱାରା ନିୟନ୍ତ୍ରିତ । ଓଡ଼ିଶାରେ 31 ମାର୍ଚ୍ଚ 2014 ସୁଦ୍ଧା 38 ଟି କାର୍ଯ୍ୟରତ ପିଏସ୍‌ୟୁ (35 ଟି କମ୍ପାନୀ ଓ 3 ଟି ବୈଧାନିକ ନିଗମ) ଏବଂ 28 ଟି ନିଷ୍କ୍ରିୟ ପିଏସ୍‌ୟୁ (ସମସ୍ତ କମ୍ପାନୀ) ଥିଲା ଯେଉଁଥିରୁ କାର୍ଯରତ ପିଏସ୍‌ୟୁଗୁଡ଼ିକ 0.20 ଲକ୍ଷ କର୍ମଚାରୀ ନିଯୁକ୍ତି କରିଥିଲେ । କାର୍ଯ୍ୟରତ ପିଏସ୍‌ୟୁ ଗୁଡ଼ିକ 30 ସେପ୍ଟେମ୍ବର 2014 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ 2013-14 ବର୍ଷ ପାଇଁ 15,949.82 କୋଟି ଟଙ୍କାର କାରବାର ପଞ୍ଜିକୃତ କରିଥିଲେ । ଏହି କାରବାର ରାଜ୍ୟର ମୋଟ କାରବାରର 5.53 ପ୍ରତିଶତ ଥିଲା ଯାହା ଅର୍ଥନୀତିରେ ରାଜ୍ୟ ପିଏସ୍‌ୟୁଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଥିଲା । କାର୍ଯ୍ୟରତ ପିଏସ୍‌ୟୁଗୁଡ଼ିକ 2013-14 ବର୍ଷ ପାଇଁ ମୋଟ 1,891.60 କୋଟି ଟଙ୍କାର ଲାଭ କରିଥିଲେ ଏବଂ 31 ମାର୍ଚ୍ଚ 2014 ସୁଦ୍ଧା 2,763.57 କୋଟି ଟଙ୍କାର ଏକତ୍ରୀକୃତ ଲାଭ କରିଥିଲେ ।*

### *ପିଏସ୍‌ୟୁ ଗୁଡ଼ିକରେ ପୁଞ୍ଜିନିବେଶ*

*66 ଟି ପିଏସ୍‌ୟୁରେ ପୁଞ୍ଜିନିବେଶ (ମୂଳଧନ ଓ ଦୀର୍ଘ ମିଆଦି ଋଣ) 31 ମାର୍ଚ୍ଚ 2014 ସୁଦ୍ଧା 10,662.02 କୋଟି ଟଙ୍କା ହୋଇଥିଲା । ଏହା 33.27 ପ୍ରତିଶତ ହିସାବରେ 2008-09 ରେ 8,000.29 କୋଟି ଟଙ୍କାରୁ 2013-14 ରେ 10,662.02 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା । ମୁଖ୍ୟତଃ ଶକ୍ତି କ୍ଷେତ୍ରରେ ମୂଳଧନ ଏବଂ ଋଣରେ ବୃଦ୍ଧି ଯୋଗୁଁ ପୁଞ୍ଜିନିବେଶରେ ବୃଦ୍ଧି ହୋଇଥିଲା । ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ 2008-09 ରେ 76.27 ପ୍ରତିଶତରୁ ଅଳ୍ପ ବୃଦ୍ଧି ପାଇ 2013-14 ରେ 81.58 ପ୍ରତିଶତ ହେଲା ।*

### *ପିଏସ୍‌ୟୁ ଗୁଡ଼ିକର କାର୍ଯ୍ୟ ସଂପାଦନା*

*30 ସେପ୍ଟେମ୍ବର 2014 ସୁଦ୍ଧା ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ କାର୍ଯ୍ୟରତ 38 ଟି ପିଏସ୍‌ୟୁ ମଧ୍ୟରୁ 27 ଟି ପିଏସ୍‌ୟୁ 2013-14 ବର୍ଷ ମଧ୍ୟରେ 1,945.53 କୋଟି ଟଙ୍କା ଲାଭ ଅର୍ଜନ କରିଥିଲେ ଏବଂ 7 ଟି ପିଏସ୍‌ୟୁ 53.93 କୋଟି ଟଙ୍କା କ୍ଷତି କରିଥିଲେ । ଲାଭରେ ଅବଦାନ ଥିବା ପ୍ରମୁଖ ଉଦ୍ୟୋଗ ଗୁଡ଼ିକ ହେଲା ଓଡ଼ିଶା ଖଣି ନିଗମ ଲିମିଟେଡ୍ (1,449.95 କୋଟି ଟଙ୍କା), ଓଡ଼ିଶା ଶକ୍ତି ଉତ୍ପାଦନ ଲିମିଟେଡ୍ (183.82 କୋଟି ଟଙ୍କା) ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ (97.81 କୋଟି ଟଙ୍କା) ଏବଂ ଗ୍ରୀଡକୋ ଲିମିଟେଡ୍ (41.93 କୋଟି ଟଙ୍କା) । ଅତିମାତ୍ରାରେ କ୍ଷତି କରିଥିବା ଉଦ୍ୟୋଗଗୁଡ଼ିକ ହେଲେ, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲିମିଟେଡ୍ (31.71 କୋଟି ଟଙ୍କା) ଏବଂ ଇଡକଲ ଫେରୋକ୍ରମ ଏବଂ ଆଲଏଜ୍ ଲିମିଟେଡ୍ (12.85 କୋଟି ଟଙ୍କା) ।*
*କ୍ଷତି ପାଇଁ ଉଦ୍ୟୋଗ ଗୁଡ଼ିକର ପରିଚାଳନାଗତ ବିଭିନ୍ନ ଅଭାବ ଦାୟୀ ଅଟେ । ସିଏଜିଙ୍କ ତିନି ବର୍ଷର (2011-14) ସମୀକ୍ଷା ପ୍ରତିବେଦନ ଗୁଡ଼ିକର ପୁନର୍ବିଲୋକନ ଦର୍ଶାଏ ଯେ ରାଜ୍ୟ ପିଏସ୍‌ୟୁ ଗୁଡ଼ିକର 13,185.05 କୋଟି ଟଙ୍କା କ୍ଷତି ଏବଂ 17.37 କୋଟି ଟଙ୍କାର ନିଷ୍ଫଳ ପୁଞ୍ଜି ନିବେଶ ହୋଇଥିଲା ।*

### *ହିସାବର ଗୁଣବତ୍ତା*

*ପିଏସ୍‌ୟୁଗୁଡ଼ିକର ହିସାବ ଗୁଣବତ୍ତାରେ ଉନ୍ନତି ଆବଶ୍ୟକ । ଅକ୍ଟୋବର 2013 ରୁ ସେପ୍ଟେମ୍ବର 2014 ମଧ୍ୟରେ ଚୂଡାନ୍ତ ହୋଇଥିବା ସମସ୍ତ 38 ଟି ହିସାବରେ ମନ୍ତବ୍ୟ ଯୁକ୍ତ ସାର୍ଟିଫିକେଟ୍ ପ୍ରାପ୍ତ ହୋଇଥିଲା । 26 ଟି ହିସାବ ମାନଦଣ୍ଡର ଅନୁପାଳନ ହୋଇନଥିବା 65 ଟି ଦୃଷ୍ଟାନ୍ତ ଥିଲା । କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଉପରେ ବୈଧାନିକ ସମୀକ୍ଷକଙ୍କ ରିପୋର୍ଟ ଅନେକ ଦୁର୍ବଳ ସ୍ଥାନକୁ ଇଙ୍ଗିତ କରୁଥିଲା ।*

### *ବକେୟା ହିସାବ ଏବଂ ବନ୍ଦ ପ୍ରକ୍ରିୟା*

*ସେପ୍ଟେମ୍ବର 2014 ସୁଦ୍ଧା 27 ଟି କାର୍ଯ୍ୟରତ ପିଏସ୍‌ୟୁର 47 ଟି ହିସାବ ବକେୟା ଥିଲା । ସେଗୁଡ଼ିକ ମଧ୍ୟରୁ 20 ଟିର ହିସାବ ପୂର୍ବ ବର୍ଷଗୁଡ଼ିକର ଓ ଅବଶିଷ୍ଟ 2013-14 ବର୍ଷର ଥିଲା । ମୋଟ 28 ଟି ନିଷ୍କ୍ରିୟ କମ୍ପାନୀ ମଧ୍ୟରୁ 17 ଟି ସମାପନ ପ୍ରକ୍ରିୟାରେ ଅଛନ୍ତି । ଯେଉଁ ନିଷ୍କ୍ରିୟ ପିଏସ୍‌ୟୁ ଗୁଡ଼ିକ ପାଇଁ ବନ୍ଦ / ସମାପନ ଆଦେଶ ଜାରି କରାଯାଇଛି, ସେଗୁଡ଼ିକର ବନ୍ଦ କାର୍ଯ୍ୟ ସରକାର ତ୍ୱରାନ୍ୱିତ କରନ୍ତୁ ଏବଂ ଅବଶିଷ୍ଟ ପିଏସ୍‌ୟୁ ଗୁଡ଼ିକ ପାଇଁ ସମ୍ୟକ୍ ତତ୍ପରତା ଅନୁପାଳନ କରି ସଠିକ୍ ପଦକ୍ଷେପ ଗ୍ରହଣ କରନ୍ତୁ ।*

*(ଅଧ୍ୟାୟ 1)*

## 2. ସରକାରୀ କମ୍ପାନୀ ଗୁଡ଼ିକର କାର୍ଯ୍ୟ ସମ୍ପାଦନାର ସମୀକ୍ଷା

ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କର କାର୍ଯ୍ୟକଳାପ ଏବଂ ମତ୍ସ୍ୟ ସେକ୍ଟରର ବିକାଶ କ୍ଷେତ୍ରରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ ଓ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗର କାର୍ଯ୍ୟକଳାପ ସମ୍ବନ୍ଧରେ କାର୍ଯ୍ୟ ସଂପାଦନାରେ ସମୀକ୍ଷା କରାଯାଇଥିଲା । ସମୀକ୍ଷା ଫଳାଫଳର କାର୍ଯ୍ୟନିର୍ବାହୀ ସଂକ୍ଷିପ୍ତ ବିବରଣ ନିମ୍ନରେ ପ୍ରଦାନ କରାଯାଇଛି :

### *ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କର କାର୍ଯ୍ୟକଳାପ*

*ଓଡ଼ିଶା ସରକାର (ଜିଓଓ) ଙ୍କର 27 ମାର୍ଚ୍ଚ 1979 ର ନିର୍ଦ୍ଧାରଣ ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ମାଲିକାନାରେ ସେପ୍ଟେମ୍ବର 1979 ରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ସ୍ଥାପନ କରାଯାଇଥିଲା । ଉପରୋକ୍ତ ନିର୍ଦ୍ଧାରଣ ଅନୁଯାୟୀ ଜିଓଓର ପର୍ଯ୍ୟଟନ ବିଭାଗ (ଡିଓଟି) ନୀତି ନିର୍ଦ୍ଧାରଣ, ପରିଯୋଜନା ମୂଲ୍ୟାଙ୍କନ, ପର୍ଯ୍ୟଟନର ପ୍ରଚାର ଓ ପ୍ରସାର ଏବଂ ପର୍ଯ୍ୟଟନର ବିକାଶ ପାଇଁ ଦାୟିତ୍ୱସମ୍ପନ୍ନ ଥିବାବେଳେ ପର୍ଯ୍ୟଟକମାନଙ୍କୁ ଆବାସ ଯୋଗାଣ, ପର୍ଯ୍ୟଟନସ୍ଥଳ ଗୁଡ଼ିକର ବିକାଶ, ପର୍ଯ୍ୟଟକମାନଙ୍କୁ ଯାତାୟାତ ସେବା ପ୍ରଦାନ, ପର୍ଯ୍ୟଟକ ମାନଙ୍କର ଆଗ୍ରହ ଏବଂ ସୁବିଧା ପାଇଁ ବିଭିନ୍ନ କ୍ଷେତ୍ର ପ୍ରସ୍ତୁତ କରିବା ଏବଂ ବହୁ ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ ଆବଶ୍ୟକୀୟ ଉପକରଣ ଏବଂ ପ୍ରଣାଳୀ ଅନୁସରଣ କରିବା ଓଟିଡିସିର ଦାୟିତ୍ୱ ଥିଲା । ମାର୍ଚ୍ଚ 2014 ସୁଦ୍ଧା, ଓଟିଡିସିର 20 ଟି ପର୍ଯ୍ୟଟନ ହୋଟେଲ ସହିତ ଖାଦ୍ୟ ପାନୀୟ ଭୂପୃଷ୍ଠ ପରିବହନ, ବିମାନ ଟିକଟ ୟୁନିଟ୍, ବାର ଓ ବିଅର ପାର୍ଲର ଥିଲା ଏବଂ ଡିଓଟିର 17 ଟି ପାନ୍ଥଶାଳା ଥିଲା ।*

#### ପ୍ରକଳ୍ପ ପାଇଁ ଯୋଜନା

*ଜିଓଓ ପ୍ରଣୟନ କରିଥିବା ଓଡ଼ିଶା ପର୍ଯ୍ୟଟନ ନୀତି (ଓଟିପି) ରେ ପ୍ରକଳ୍ପ/ନୀତି କାର୍ଯ୍ୟାନ୍ୱୟନ ପାଇଁ ଓଟିଡିସିର ଭୂମିକା ଉଲ୍ଲେଖ କରାଯାଇନଥିଲା । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଜିଓଓ କିମ୍ବା ଓଟିଡିସି କୌଣସି ଦୀର୍ଘକାଳୀନ ଯୋଜନା ଏବଂ ନିଗମ ସଞ୍ଚାଳନ ଯୋଜନା ପ୍ରସ୍ତୁତ କରିନଥିଲେ । ରାଜ୍ୟ ସରକାର 336 ଟି ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ କରିଥିଲେ ମଧ ଏହି ପର୍ଯ୍ୟଟନ କେନ୍ଦ୍ରଗୁଡ଼କର ସ୍ଥାୟୀ ବିକାଶ ପାଇଁ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ନଥିଲା ।*

#### ଭୌତିକ ଏବଂ ଆର୍ଥିକ ପ୍ରଦର୍ଶନ

*ଭାରତ ଭ୍ରମଣରେ ଆସିଥିବା ସମୁଦାୟ ବିଦେଶୀ ପର୍ଯ୍ୟଟକଙ୍କର ଏକ ପ୍ରତିଶତରୁ କମ୍ ପର୍ଯ୍ୟଟକ ଓଡ଼ିଶା ଭ୍ରମଣରେ ଆସିଥିଲେ । ଅପର୍ଯ୍ୟାପ୍ତ ସୁବିଧା ପାଇଁ 2009-14 ବର୍ଷ ମଧ୍ୟରେ ରାଜ୍ୟକୁ ଆସିଥିବା ସମୁଦାୟ 429.98 ଲକ୍ଷ ପର୍ଯ୍ୟଟକଙ୍କ ମଧ୍ୟରୁ କେବଳ 5.60 ଲକ୍ଷ ପର୍ଯ୍ୟଟକ ଡିଓଟି/ ଓଟିଡିସି ଆବାସରେ ରହିଥିଲେ । ଦେଶର ମୋଟ ପର୍ଯ୍ୟଟନ ପରିସଂଖ୍ୟାନ ଅନୁଯାୟୀ ଦେଶୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଜାତୀୟ ସ୍ତରରେ ରାଜ୍ୟର ମାନ୍ୟତା 2010 ରେ 17 ରୁ 2012 ରେ 19 କୁ ଖସିଯାଇଥିଲା ।*

*2009-14 ବର୍ଷ ମଧ୍ୟରେ କରାଯାଇଥିବା 257.18 କୋଟି ଟଙ୍କାର ବଜେଟୀୟ ଯୋଜନା ଅଟକଳ ମଧ୍ୟରୁ ବ୍ୟକ୍ତ କରାଯାଇଥିବା 251.48 କୋଟି ଟଙ୍କା ବ୍ୟୟ ମଧ୍ୟରୁ 58.51 କୋଟି ଟଙ୍କା ଓଟିଡିସି ପାଖରେ ପଡ଼ି ରହିଥିଲା । 26 ଟି କାର୍ଯ୍ୟ ପାଇଁ ଓଟିଡିସି କୁ ପ୍ରଦାନ କରାଯାଇଥିବା 22.33 କୋଟି ଟଙ୍କା, ପ୍ରଶାସନିକ ଅନୁମୋଦନ ଅଭାବ ଏବଂ ଉପଯୁକ୍ତ ଜମିର ଅନୁପଲବ୍ଧତା ଯୋଗୁଁ ଉପଯୋଗ ନ ହୋଇ ପଡ଼ିରହିଥିଲା । ଜାତୀୟ/ରାଜ୍ୟ ପ୍ରାୟୋଜିତ ସମ୍ବଳର ଲବ୍ଧ ସୁଧରୁ ଓଟିଡିସି 26.02 କୋଟି ଟଙ୍କା ଅନିୟମିତ ଭାବରେ ଉପଯୋଗ କରିଥିଲା ।*

#### ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ

*ମାର୍ଚ୍ଚ 2014 ସୁଦ୍ଧା ଏକାଦଶତମ ଯୋଜନା କାଳର 21 ଟି କେନ୍ଦ୍ରୀୟ ପ୍ରାୟୋଜିତ ପ୍ରକଳ୍ପ (ସିଏସ୍‌ପି)ରୁ ମାତ୍ର 74.95 କୋଟି ଟଙ୍କାର କାର୍ଯ୍ୟ ସଂପାଦନ ହୋଇପାରିଥିଲା ଏବଂ କେବଳ ତିନୋଟି ପ୍ରକଳ୍ପ 41 ରୁ 68 ମାସ ବିଳମ୍ବରେ ସମ୍ପାଦିତ ହୋଇପାରିଥିଲା । ଜାରିଥିବା କାର୍ଯ୍ୟଗୁଡ଼ିକର ସମ୍ପାଦନରେ ମଧ 71 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ଉପଯୁକ୍ତ ଜମି ଏବଂ ଜଙ୍ଗଲ ଭୂମିର ମଞ୍ଜୁରୀ ଅଭାବ ଯୋଗୁଁ 13 ଟି ପ୍ରକଳ୍ପର 15.32 କୋଟି ଟଙ୍କାର ପ୍ରକଳ୍ପ ଉପାଦାନ ହ୍ରାସ କରାଯାଇଥିଲା । ସିଏସ୍‌ପିଗୁଡ଼ିକ ସଂପୂର୍ଣ୍ଣ ନହେବାରୁ ଓଡ଼ିଶା ସରକାର 24.59 କୋଟି ଟଙ୍କା ଫେରସ୍ତ କରିଥିଲେ ଏବଂ ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ବଜେଟ୍‌ରୁ 21.95 କୋଟି ଟଙ୍କା ସ୍ଥାନାନ୍ତରଣ କରାଯାଇଥିଲା । ଉପଯୋଗ ପ୍ରମାଣପତ୍ର ପ୍ରଦାନ ନ କରିବାରୁ ପାଞ୍ଚଟି ପ୍ରକଳ୍ପ ପାଇଁ ରାଜ୍ୟ 37.42 କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିଲା । କାର୍ଯ୍ୟ ସମ୍ପୂର୍ଣ୍ଣ ସମୟ ସୀମା ଅବଧିର ଅଭାବ ଯୋଗୁଁ 43 ଟି ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପର (29.30 କୋଟି ଟଙ୍କା) ଜୁଲାଇ 2014 ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇପାରିନଥିଲା ।*

### ପିପିପି ଭିତ୍ତିରେ ପର୍ଯ୍ୟଟନ ପ୍ରକଳ୍ପର ବିକାଶ

ବାଣିଜ୍ୟିକ ସମ୍ଭାବ୍ୟତା ଅଧ୍ୟୟନ ଅଭାବରୁ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ପିପିପି ଭିତ୍ତିରେ ବିକାଶ ଫଳପ୍ରସୂ ହୋଇପାରି ନଥିଲା । ଶାମୁକା ବିଚ୍ ପ୍ରକଳ୍ପ ପାଇଁ 35.13 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଏବଂ 18 ବର୍ଷ ଅତିକ୍ରାନ୍ତ ପରେ ମଧ ସରକାର ଆବଶ୍ୟକୀୟ ଭିତ୍ତିଭୂମି ସଂରଚନା ବିକାଶ କରିବାରେ ବିଫଳ ହୋଇଥିଲେ ।

### ପରିଚାଳନାଗତ ପ୍ରଦର୍ଶନ

ଡିଓଟି ପାନ୍ଥଶାଳାଗୁଡ଼ିକୁ ପରିଚାଳନା କରିବାରେ 7.90 କୋଟି ଟଙ୍କାର କ୍ଷତି କରିଥିଲେ । 2009-14 ବର୍ଷ ମଧ୍ୟରେ ଓଟିଡିସିରେ ତିନୋଟି ହୋଟେଲ କ୍ରମାନ୍ୱୟ ଭାବରେ କ୍ଷତି କରିଥିଲେ ଏବଂ କେବଳ ଏକରୁ ଚାରୋଟି ହୋଟେଲ ଜାତୀୟ ସ୍ତରରେ ସ୍ୱୀକୃତ ଅଧିକାର ହାରକୁ ପ୍ରାପ୍ତି କରିପାରିଥିଲେ । ଧାର୍ଯ୍ୟ ଖାଦ୍ୟ ବାବଦରେ ବ୍ୟୟ ଅନୁପାତକୁ ହାସଲ କରିପାରି ନଥିବାରୁ 1.94 କୋଟି ଟଙ୍କାର ଅଧିକ ଦ୍ରବ୍ୟ ବ୍ୟବହୃତ କରିବାକୁ ପଡ଼ିଥିଲା । 2009-14 ବର୍ଷ ମଧରେ ପର୍ଯ୍ୟଟନ ବସ୍‌ଗୁଡ଼ିକ ଉପଲବ୍ଧ ଦିବସର ମାତ୍ର 43.13 ରୁ 62.26 ପ୍ରତିଶତ ଦିବସ ଉପଯୋଗ କରିଥିଲେ ଏବଂ 4.35 କୋଟି ଟଙ୍କାର କ୍ଷତି ହୋଇଥିଲା । ପିପିପି ଭିତ୍ତିରେ ହପ୍ ଅନ ହପ୍ ଅଫ୍ ବସ୍ ସେବା ପରିଚାଳନା ବିଫଳ ହେବାରୁ ଓଟିଡିସିକୁ 1.05 କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା । ବରକୁଳଠାରେ ଥିବା ବଡ ବୋଟ୍‌ଗୁଡ଼ିକର (48.60 ରୁ 50.41 ପ୍ରତିଶତ) ଏବଂ ଭାସମାନ ଭୋଜନାଳୟର (4.49 ପ୍ରତିଶତ) କମ୍ ଉପଯୋଗ ପରିଲକ୍ଷିତ ହୋଇଥିଲା ।

### ବିପଣନ ରଣନୀତି ଏବଂ ବାଣିଜ୍ୟିକ ପ୍ରଚାର

2009-14 ମଧରେ ଆନ୍ତର୍ଜାତୀକ ସ୍ତରରେ ପର୍ଯ୍ୟଟନ ପ୍ରଚାର ଏବଂ ପ୍ରସାର ପାଇଁ 17.87 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଖିଦୃଶିଆ ବୃଦ୍ଧି ହୋଇନଥିଲା । ତିନୋଟି ପାନ୍ଥନିବାସକୁ ତିନି ତାରକାଯୁକ୍ତ ହୋଟେଲ ମାନ୍ୟତା ଦେବା ଏପର୍ଯ୍ୟନ୍ତ ହୋଇପାରିନାହିଁ ।

### ପ୍ରକଳ୍ପ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଡିଓଟି ଏବଂ ଓଟିଡିସିରେ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣତନ୍ତ୍ରରେ ଅଭାବ ଯୋଗୁଁ ପର୍ଯ୍ୟଟନ ପ୍ରକଳ୍ପଗୁଡିକର କାର୍ଯ୍ୟ ସଂପାଦନରେ ବିଳମ୍ବ ବା ସଂପାଦନ ନହେବା, ପରିଚାଳନା ପ୍ରଦର୍ଶନରେ କମ୍‌ତି ଏବଂ ପର୍ଯ୍ୟଟନ ପ୍ରସାରରେ ଅଭାବ ପରିଲକ୍ଷିତ ହୋଇଥିଲା ।

### ସୁପାରିଶ

ପର୍ଯ୍ୟଟନ ନୀତି ଅନୁସାରେ ଭୂମିକା ଓ କାର୍ଯ୍ୟକଳାପ ଦର୍ଶାଇ ରଣ ନୀତିକ ନିଗମ ଯୋଜନା ପ୍ରସ୍ତୁତ କରିବା,ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ପ୍ରତ୍ୟାଗମନ ଆକଳନ ପାଇଁ ଏକ ବିଶ୍ୱସନୀୟ ଡାଟାବେସ ସୃଷ୍ଟି କରିବା, କେନ୍ଦ୍ରୀୟ ଓ ରାଜ୍ୟ ସହାୟତାରୁ ପ୍ରକଳ୍ପ ଗୁଡିକୁ ସମୟବଦ୍ଧ ଭାବରେ ସଂପାଦନ ଏବଂ ଅର୍ଥଗୁଡିକର ବିନିଯୋଗ ପାଇଁ ଏକ ଉପଯୁକ୍ତ ନିୟନ୍ତ୍ରଣ ତନ୍ତ୍ର ବିକାଶ କରିବା, ରାଷ୍ଟ୍ରୀୟ ସ୍ତରରେ ରାଜ୍ୟର ପର୍ଯ୍ୟଟକ ଆକର୍ଷଣ ମାନ୍ୟତାରେ ବୃଦ୍ଧି ପାଇଁ ଏକ ପ୍ରଭାବୀ ବିପଣନ ଏବଂ ପ୍ରଚାର ପ୍ରଥା ଗ୍ରହଣ କରିବା ପାଇଁ ଏହି ସଂପାଦନ ସମୀକ୍ଷାରେ ସୁପାରିଶ କରାଯାଇଅଛି ।

(ଅଧ୍ୟାୟ 2.1)

## ରାଜ୍ୟରେ ମତ୍ସ୍ୟ ସେକ୍ଟରର ବିକାଶ କ୍ଷେତ୍ରରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ ଓ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗର କାର୍ଯ୍ୟକଳାପ

ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ (ଓଫିଡିସି) ମଇ 1998 ରେ ସଂପୂର୍ଣ୍ଣ ସରକାରୀ ମାଲିକାନା ସତ୍ତ୍ୱରେ ଉନ୍ନତମାନର ଯାଆଁଳ/ଅଙ୍ଗୁଳିକାର ଉତ୍ପାଦନ, ବିକ୍ରି ଏବଂ ମତ୍ସ୍ୟ ଚାଷର ବିକାଶ, ମାଛଧରା ଜାଲର ଉତ୍ପାଦନ ଏବଂ ବ୍ୟବସାୟ, ହାଇସ୍ପିଡ୍ ଡିଜେଲ, ମୋଟର ସ୍ପିରିଟ୍ ଏବଂ ଲୁବ୍ରିକାଣ୍ଟର ଖୁଚୁରା ବ୍ୟବସାୟର ମୁଖ୍ୟ ଉଦ୍ଦେଶ୍ୟ ନେଇ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶାରେ ଭୂପୃଷ୍ଠ ଜଳାଶୟର ମତ୍ସ୍ୟ ସଂଭାବ୍ୟ 6.61 ଲକ୍ଷ ମେଟ୍ରିକ୍ ଟନ୍ (ମଧୁର ଜଳ 4.33 ଲକ୍ଷ ମେଟ୍ରିକ ଟନ୍, କ୍ଷାରୀୟ ଜଳ 0.67 ଲକ୍ଷ ମେଟ୍ରିକ ଟନ) ଏବଂ ସାମୁଦ୍ରିକ ସେକ୍ଟର (1.61 ଲକ୍ଷ ମେଟ୍ରିକ୍ ଟନ୍) । ପାଖାପାଖି 10.84 ଲକ୍ଷ ଜନ ସଂଖ୍ୟା (2.95 ପ୍ରତିଶତ) ସେମାନଙ୍କର ଜୀବିକା ନିର୍ବାହ ପାଇଁ ମତ୍ସ୍ୟ ସଂପଦ ଉପରେ ନିର୍ଭର କରନ୍ତି ।

### ଯୋଜନା

2009-14 ମଧରେ ମତ୍ସ୍ୟ ସେକ୍ଟର ପାଇଁ ରାଜ୍ୟ ଯୋଜନା (178.56 କୋଟି ଟଙ୍କା), କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା(150.81 କୋଟି ଟଙ୍କା) ଏବଂ କେନ୍ଦ୍ରୀୟ ଯୋଜନା (12.88 କୋଟି ଟଙ୍କା) ଅଧିନରେ ଓଡ଼ିଶା ସରକାରଙ୍କର 342.25 କୋଟି ଟଙ୍କାର ବଜେଟ ଆବଣ୍ଟନ ତୁଳନାରେ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗ (ଏଫ୍‌ଏଆରଡି) 188.75 କୋଟି ଟଙ୍କା (55 ପ୍ରତିଶତ) ଫେରସ୍ତ କରିଥିଲେ ଯାହା ଏହି ଅବଧି ମଧରେ 17 ରୁ 78 ପ୍ରତିଶତ ଥିଲା । ଏହି ଫେରସ୍ତ ମୁଖ୍ୟତଃ ପରିକଳ୍ପନା କାର୍ଯ୍ୟ ଆଂଶିକ ପ୍ରଣୟନ ବା ପ୍ରଣୟନ ନ କରିବା ହେତୁ ଘଟିଥିଲା ।

***ଯୋଜନା / ପରିକଳ୍ପନାର ପ୍ରଣୟନ***

***ବିଭିନ୍ନ କେନ୍ଦ୍ରୀୟ ଯୋଜନା ସଂପାଦନା ନ କରିବା ବା ଆଂଶିକ ଭାବେ ସଂପାଦନା କରିବା ହେତୁ, ଏଫ୍ଏଆରଡି 14.59 କୋଟି ଟଙ୍କା ଫେରସ୍ତ କରିଥିଲା ଏବଂ 92.10 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମଧ ପ୍ରାପ୍ତ କରିପାରିନଥିଲା ।***

***ମାଛ ମଞ୍ଜି ଉତ୍ପାଦନ***

***17,110 ଲକ୍ଷ ଗୁଣ୍ଡ ଯାଆଁଳି ଏବଂ 5,245 ଲକ୍ଷ ଯାଆଁଳିର କମ୍ ଉତ୍ପାଦନ ହେତୁ ଓପିଡିସି 11.60 କୋଟି ଟଙ୍କା ରାଜସ୍ୱ କ୍ଷତି ସହିଥିଲା । କ୍ଷାରୀୟ ଜଳ ମାଛ ଚାଷ ପାଇଁ 4,330 ହେକ୍ଟର ଜମିର ବିକାଶ ଲକ୍ଷ୍ୟ ତୁଳନାରେ କେବଳ 2,313 ହେକ୍ଟର ବିକାଶ ହୋଇଥିଲା । 2009-14 ମଧ୍ୟରେ 163.32 କୋଟି ଟଙ୍କା ମୂଲ୍ୟର 7,580 ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି ଏବଂ 202.06 କୋଟି ଟଙ୍କା ମୂଲ୍ୟର 0.38 ଲକ୍ଷ ମେଟ୍ରିକ୍ ଟନ୍ କମ୍ ସାମୁଦ୍ରିକ ମାଛ ଉତ୍ପାଦନ ହୋଇଥିଲା ।***

***ମତ୍ସ୍ୟଜୀବିଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମ***

***2009-14 ମଧ୍ୟରେ ଯଦିଓ ସଂଚୟ ସହିତ ସହାୟତା ପରିକଳ୍ପନା ଯୋଜନାରେ 78,000 ମତ୍ସ୍ୟଜୀବିଙ୍କୁ ଚିରୋଟ ଅବଧିରେ ଜୀବିକା ନିର୍ବାହ ପାଇଁ ସହାୟତା ପାଇଁ 6.63 କୋଟି ଟଙ୍କା ଲକ୍ଷ ଥିଲା, ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଅଭାବରୁ 3.21 କୋଟି ଟଙ୍କା ଉପଯୋଗ ବିନା ପଡ଼ିରହିଥିଲା । ପୁନଶ୍ଚ, 2009-13 ମଧ୍ୟରେ ସ୍ୱଳ୍ପ ମୂଲ୍ୟ ବାସଗୃହ ସଂପୂର୍ଣ୍ଣ କରିବାରେ ବିଳମ୍ବ ପାଇଁ 5,634 ମତ୍ସ୍ୟଜୀବି 28.65 କୋଟି ଟଙ୍କା ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିଲେ ।***

***ଭିତ୍ତିଭୂମି***

***ଯଦିଓ ମତ୍ସ୍ୟ ପୋତାଶ୍ରୟ / ମତ୍ସ୍ୟ ଅବତରଣ କେନ୍ଦ୍ରର ଉନ୍ନତିକରଣ ଏବଂ ଆଧୁନିକୀକରଣ ପାଇଁ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ 11.65 କୋଟି ଟଙ୍କା ଆବଣ୍ଟନ କରିଥିଲେ, ସେଥିରୁ କେବଳ ଗୋଟିଏ ସଂପୂର୍ଣ୍ଣ ହୋଇ ପାରିଥିଲା । 11 ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ବାଲୁଗାଁ ଠାରେ ଏଫ୍ଏଲସିର ନିର୍ମାଣ ଅସଂପୂର୍ଣ୍ଣ ଥିଲା ଯେଉଁଥିରେ 2.83 କୋଟି ଟଙ୍କା (120 ପ୍ରତିଶତ) ଅଧିକ ମୂଲ୍ୟ ବଢ଼ିଯାଇଥିଲା । ପୁନଶ୍ଚ, ଜମି ଚୂଡାନ୍ତ ନହେବା ହେତୁ ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟ ପୋତାଶ୍ରୟ କାର୍ଯ୍ୟ ଆରମ୍ଭ ହୋଇ ନଥିଲା । ମେସିନ୍ ଚାଳିବା ସମୟ ଉପଯୋଗ ନକରିବା, କର୍ମଚାରୀ/ବିଜୁଳି/କାର୍ଯ୍ୟପୁଞ୍ଜିର ଅଭାବ ହେତୁ ମତ୍ସ୍ୟ ଧରା ଜାଲ ଉତ୍ପାଦନ କମ୍ ହୋଇଥିଲା, ଯେଉଁଥିପାଇଁ ଓପିଡିସିର 7.03 କୋଟି ଟଙ୍କା ସଂଭାବ୍ୟ ରାଜସ୍ୱ କ୍ଷତି ଘଟିଥିଲା । ମତ୍ସ୍ୟ କ୍ଷେତ୍ରର ପୁନଃନିର୍ମାଣ/ନବୀକରଣର ଅଟକଳ ଅଭାବରୁ ସ୍ୱତନ୍ତ୍ର ସହାୟତା କମିଶନରଙ୍କଠାରୁ ପ୍ରାପ୍ତ 10 କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।***

***ଆର୍ଥିକ ପରିଚାଳନା***

***ଲିଜ୍ ମୂଲ୍ୟ ଏବଂ ରୟାଲଟି ବାବଦକୁ ଧାର୍ଯ୍ୟ ଲକ୍ଷ୍ୟ 5.32 କୋଟି ଟଙ୍କା ତୁଳନାରେ ଏଫ୍ଏଆରଡି 2009-14 ମଧ୍ୟରେ ମତ୍ସ୍ୟଜୀବି ସମବାୟ ସମିତି ଠାରୁ 1.85 କୋଟି ଟଙ୍କା ଆଦାୟ କରିଥିଲା । ବିଭିନ୍ନ ପରିକଳ୍ପନା ପାଣ୍ଠିରୁ ଉପାର୍ଜିତ ସୁଧ 1.85 କୋଟି ଟଙ୍କା ଫେରସ୍ତ ବା ସମାୟୋଜନ ନହୋଇ ପଡ଼ି ରହିଥିଲା ।***

***ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ***

***ଏଫ୍ଏଆର୍‌ଡି / ଓପିଡିସିର ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ତ୍ରୁଟି ରହିଥିଲା ।***

***ସୁପାରିଶ***

***ଆବଣ୍ଟନର ଫେରସ୍ତ ଏଡ଼ାଇବା ପାଇଁ ବାସ୍ତବବାଦୀ ବଜେଟ୍ ପ୍ରସ୍ତୁତି, ମତ୍ସ୍ୟଚାଷର ଉନ୍ନତି ପାଇଁ କେନ୍ଦ୍ରୀୟ ପରିକଳ୍ପନା/ଯୋଜନାର ସମୟାନୁଯାୟୀ କାର୍ଯ୍ୟାନ୍ୱୟନ, ମତ୍ସ୍ୟଜୀବିଙ୍କ ସାମାଜିକ ବିକାଶ ପାଇଁ କଲ୍ୟାଣମୂଳକ ପରିକଳ୍ପନା/ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥା ସୁଦୃଢ଼ କରିବାର ଆବଶ୍ୟକତା ଥିବା ଦର୍ଶାଇ କାର୍ଯ୍ୟ ସଂପାଦନା ସମୀକ୍ଷାରେ ଚାରୋଟି ସୁପାରିଶ କରାଯାଇଛି ।***

***(ଅଧ୍ୟାୟ 2.2)***

## 3. ଅନୁପାଳନ ସମୀକ୍ଷାର ମନ୍ତବ୍ୟ

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁପାଳନ ସମୀକ୍ଷା ମନ୍ତବ୍ୟଗୁଡ଼ିକ ପିଏସୟୁଗୁଡ଼ିକର ପରିଚାଳନାଗତ ତ୍ରୁଟିଗୁଡ଼ିକୁ ଦର୍ଶାଉଛି, ଯାହାର ପରିଣାମରେ ଗୁରୁତର ଆର୍ଥିକ ପ୍ରଭାବ ପଡ଼ିଥିଲା । ଦର୍ଶାଯାଇଥିବା ଅନିୟମିତତାଗୁଡ଼ିକ ମୁଖ୍ୟତଃ ନିମ୍ନ ପ୍ରକାରର ଥିଲା ।

ନିୟମ, ନିର୍ଦ୍ଦେଶାବଳୀ, ପ୍ରକ୍ରିୟା ଏବଂ ଚୁକ୍ତିଗୁଡ଼ିକର ସର୍ତ୍ତାବଳୀ ଅନୁପାଳନ ନ କରିବାରୁ ଗୋଟିଏ ପିଏସ୍‌ୟୁ 148.72 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ କରିଥିଲା ।

*(ଅନୁଚ୍ଛେଦ 3.3)*

ଅନୁଷ୍ଠାନର ଆର୍ଥିକ ସ୍ୱାର୍ଥ ରକ୍ଷା ନ କରିବା ଯୋଗୁଁ ଦୁଇଟି ପିଏସୟୁ 53.92 କୋଟି ଟଙ୍କା କ୍ଷତି ସହିଥିଲେ ।

*(ଅନୁଚ୍ଛେଦ 3.4, 3.5 ଏବଂ 3.9)*

ତ୍ରୁଟିପୂର୍ଣ୍ଣ / ସ୍ୱଳ୍ପ ଯୋଜନା କରିବା ଯୋଗୁଁ ଗୋଟିଏ ପିଏସୟୁ 15.07 କୋଟି ଟଙ୍କା ଅବ୍ୟାହତି ପାଇବାରୁ ବଞ୍ଚିତ ହୋଇଥିଲା ଏବଂ ଅନ୍ୟ ଗୋଟିଏ ପିଏସୟୁ 1.21 କୋଟି ଟଙ୍କାର ନିଷ୍ଫଳ ବ୍ୟୟ କରିଥିଲା ।

*(ଅନୁଚ୍ଛେଦ 3.2 ଏବଂ 3.8)*

ପରିଚାଳନାରେ ନ୍ୟାୟସଂଗତା, ସ୍ୱଚ୍ଛତା ଏବଂ ପ୍ରତିଯୋଗିତାମୂଳକ ମନୋଭାବର ଅଭାବ ଯୋଗୁଁ ଗୋଟିଏ ପିଏସୟୁ ଠିକାଦାରମାନଙ୍କୁ 2.67 କୋଟି ଟଙ୍କାର ଅହେତୁକ ଅନୁକମ୍ପା ପ୍ରଦାନ କରିଥିଲା ।

*(ଅନୁଚ୍ଛେଦ 3.6 ଏବଂ 3.7)*

ପର୍ଯ୍ୟାପ୍ତ ନଥିବା/ତ୍ରୁଟିପୂର୍ଣ୍ଣ ପର୍ଯ୍ୟାଲୋଚନା ଯୋଗୁଁ ଗୋଟିଏ ପିଏସୟୁରେ 24.10 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ କରିଥିଲା ।

*(ଅନୁଚ୍ଛେଦ 3.1)*

କେତେକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟର ସାରମର୍ମ ନିମ୍ନରେ ଦିଆଗଲା ।

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍** 57.764 ଏମ୍‌ୟୁ ଶସ୍ତା ଜଳ ବିଦ୍ୟୁତ୍ ଶକ୍ତି କମ୍ ଆଣିବା ଯୋଗୁଁ 24.10 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ କରିଥିଲା ଏବଂ ଜଳର ବ୍ୟବହାର ପାଇଁ ସମୁଦାୟ 15.07 କୋଟି ଟଙ୍କାର ଲାଇସେନ୍ସ ଫିସ ପ୍ରଦାନ ପାଇଁ ଅବ୍ୟାହତି ଲାଭ କରିବାରେ ବିଫଳ ହୋଇଥିଲା ।

*(ଅନୁଚ୍ଛେଦ 3.1 ଏବଂ 3.2)*

ଏଫ୍‌ସି ଅଧିନିୟମର ବ୍ୟବସ୍ଥାକୁ ଅମାନ୍ୟ କରିବା ଯୋଗୁଁ **ଓଡ଼ିଶା ଖଣି ନିଗମ ଲିମିଟେଡ୍** ଦଣ୍ଡନୀୟ ନିଟ୍ ବର୍ତ୍ତମାନ ମୂଲ୍ୟ ଏବଂ ବୃକ୍ଷରୋପଣ ପାଇଁ କ୍ଷତି ପୂରଣ ଅର୍ଥ ବାବଦକୁ 148.72 କୋଟି ଟଙ୍କାର ପରିହାର୍ଯ୍ୟ ଅର୍ଥ ପ୍ରଦାନ କରିବା ବ୍ୟତୀତ 23.90 କୋଟି ଟଙ୍କାର ଲୁହା ପଥର ଅବରୋଧ ହୋଇପଡ଼ିଥିଲା ।

*(ଅନୁଚ୍ଛେଦ 3.3)*

ରୟାଲ୍‌ଟି ସମେତ ମୂଲ୍ୟ ଅଙ୍ଗୀକାର କରିବା ପାଇଁ **ଓଡ଼ିଶା ଖଣି ନିଗମ ଲିମିଟେଡ**ର ଅବିବେକୀ ନିଷ୍ପତ୍ତି ସହ ବିକ୍ରୀ ଚୁକ୍ତିରେ ଭେଦାତ୍ମକ ରୟାଲ୍‌ଟି ଆଦାୟ ପାଇଁ ନିରାପତ୍ତା ଧାରାର ଅନୁପସ୍ଥିତି ଯୋଗୁଁ 49.84 କୋଟି ଟଙ୍କାର କ୍ଷତି ହୋଇଥିଲା ।

*(ଅନୁଚ୍ଛେଦ 3.4)*

ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମର୍ଥକାରୀ ଧାରାର ଅନୁପସ୍ଥିତି ଯୋଗୁଁ **ଓଡ଼ିଶା ଖଣି ନିଗମ ଲିମିଟେଡ୍** 3.01 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଉପାର୍ଜନ କରିବାରୁ ବଞ୍ଚିତ ହୋଇଥିଲା ।

*(ଅନୁଚ୍ଛେଦ 3.5)*

ଅନୁପଯୁକ୍ତ ଜମିର ଆବଣ୍ଟନକୁ ସ୍ୱୀକାର କରିବା ସହିତ ପରବର୍ତ୍ତୀ କାଳରେ ଚୁକ୍ତିର ପରିସରରେ ସଂଶୋଧନ ପାଇଁ ନିଷ୍ପତ୍ତି ନେବା ହେତୁ **ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିମିଟେଡ୍** 1.21 କୋଟି ଟଙ୍କାର ନିଷ୍ଫଳ ବ୍ୟୟ କରିଥିଲା ।

*(ଅନୁଚ୍ଛେଦ 3.8)*

# ଅଧ୍ୟାୟ I

## 1. ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ବିହଙ୍ଗାବଲୋକନ

### ଉପକ୍ରମ

**1.1** ରାଜ୍ୟ ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକୁ ନେଇ ରାଜ୍ୟ ସରକାରୀ ଉଦ୍ୟୋଗ (ପିଏସୟୁ) ଗଠିତ । ଜନସାଧାରଣଙ୍କ କଲ୍ୟାଣ ପାଇଁ ବାଣିଜ୍ୟିକ କାର୍ଯ୍ୟକଳାପ କରିବା ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ଉଦ୍ଦେଶ୍ୟ ଅଟେ । ଓଡ଼ିଶାର ଅର୍ଥନୀତିରେ ରାଜ୍ୟ ପିଏସ୍‌ଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେପ୍ଟେମ୍ବର 2014 ସୁଦ୍ଧା କାର୍ଯ୍ୟରତ ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକ ସେମାନଙ୍କର ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ 15,949.82 କୋଟି ଟଙ୍କାର କାରବାର ପଞ୍ଜିକୃତ କରିଥିଲେ । ଏହି ପଞ୍ଜିକୃତ କାରବାର 2013-14 ବର୍ଷ ପାଇଁ ହୋଇଥିବା ରାଜ୍ୟର ମୋଟ କାରବାର (ଜିଏସ୍‌ଡିପି) 2,88,414.31 କୋଟି ଟଙ୍କାର 5.53 ପ୍ରତିଶତ ସହ ସମାନ ଥିଲା । ରାଜ୍ୟ ପିଏସ୍‌ୟୁଗୁଡ଼ିକର କାର୍ଯ୍ୟକଳାପ ମୁଖ୍ୟତଃ ଶକ୍ତି ଏବଂ ନିର୍ମାଣ କ୍ଷେତ୍ରରେ କେନ୍ଦ୍ରୀଭୂତ । ସେପ୍ଟେମ୍ବର 2014 ସୁଦ୍ଧା ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ କାର୍ଯ୍ୟରତ ପିଏସ୍‌ୟୁଗୁଡ଼ିକ ସର୍ବମୋଟ 1891.60 କୋଟି ଟଙ୍କା ଲାଭ କରିଥିଲେ । ସେଗୁଡ଼ିକରେ 31 ମାର୍ଚ୍ଚ 2014 ସୁଦ୍ଧା 0.20 ଲକ୍ଷ କର୍ମଚାରୀ ଥିଲେ ।

**1.2** ରାଜ୍ୟରେ 31 ମାର୍ଚ୍ଚ 2014 ସୁଦ୍ଧା ନିମ୍ନରେ ଦିଆଯାଇଥିବା 66 ଟି ପିଏସ୍‌ୟୁ ଥିଲା ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା । ଗ୍ରୀଡକୋ ଲିମିଟେଡ୍ ଯାହାକି ତାହାର କେବଳ ଋଣ ଅମାନତକୁ ବମ୍ବେ ଏକ୍ସଚେଞ୍ଜ୍ ଲିମିଟେଡ୍‌ରେ ତାଲିକାଭୁକ୍ତ କରିଛି (ସେପ୍ଟେମ୍ବର 2013) ତାହା ବ୍ୟତୀତ ଅନ୍ୟ କୌଣସି କମ୍ପାନୀ ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇନଥିଲା ।

| ପିଏସ୍‌ୟୁର ପ୍ରକାର | କାର୍ଯ୍ୟରତ ପିଏସ୍‌ୟୁ | ନିଷ୍କ୍ରିୟ ପିଏସ୍‌ୟୁ | ମୋଟ |
|---|---|---|---|
| ପିଏସ୍‌ୟୁ [1] | 35[2] | 28 | 63 |
| ବୈଧାନିକ ନିଗମ | 3 | - | 3 |
| **ମୋଟ** | **38** | **28** | **66** |

### ସମୀକ୍ଷା ନିର୍ଦ୍ଦେଶ

**1.3** ସରକାରୀ କମ୍ପାନୀଗୁଡ଼ିକର ସମୀକ୍ଷା, କମ୍ପାନୀ ଅଧିନିୟମ, 1956 ର ଧାରା 619 ଦ୍ୱାରା ନିୟନ୍ତ୍ରିତ ହୁଏ । ଧାରା 617 ଅନୁଯାୟୀ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ 51 ପ୍ରତିଶତ ଯଦି ସରକାରଙ୍କ/ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ । ସରକାରୀ କମ୍ପାନୀର ସହାୟକ କମ୍ପାନୀ ମଧ୍ୟ ସରକାରୀ କମ୍ପାନୀ ଅଟେ । ପୁନଶ୍ଚ କମ୍ପାନୀ ଅଧିନିୟମର ଧାରା 619-ବି ଅନୁଯାୟୀ କୌଣସି କମ୍ପାନୀରେ 51 ପ୍ରତିଶତ ସମାଦତ୍ତ ପୁଞ୍ଜି ଯଦି ସଂଯୁକ୍ତ ଭାବେ ସରକାର/ ସରକାରମାନଙ୍କ ଏବଂ ସରକାର/ ସରକାରମାନଙ୍କ ଦ୍ୱାରା ନିୟନ୍ତ୍ରିତ ସରକାରୀ କମ୍ପାନୀ ସମୂହ ଏବଂ ନିଗମଗୁଡ଼ିକ ଦ୍ୱାରା ନିବେଶିତ ହୋଇଥାଏ, ତାହାକୁ ମଧ୍ୟ ଏକ ସରକାରୀ କମ୍ପାନୀ (ବିବେଚିତ ସରକାରୀ କମ୍ପାନୀ) ଭାବେ ବିବେଚନା କରାଯାଏ ।

**1.4** କମ୍ପାନୀ ଅଧିନିୟମ, 1956 ର ଧାରା 619 (2) ର ପ୍ରାବଧାନ ଅନୁଯାୟୀ ରାଜ୍ୟ ସରକାରୀ କମ୍ପାନୀଗୁଡ଼ିକର (କମ୍ପାନୀ ଅଧିନିୟମ, 1956 ର ଧାରା 617 ରେ ପରିଭାଷିତ) ହିସାବ ଭାରତ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (ସିଏଜି) ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକମାନଙ୍କ ଦ୍ୱାରା ସମୀକ୍ଷିତ ହୁଏ । ଏହି ହିସାବଗୁଡ଼ିକ କମ୍ପାନୀ ଅଧିନିୟମ 1956 ର ଧାରା 619(4) ଅନୁଯାୟୀ ସିଏଜିଙ୍କ ଦ୍ୱାରା ଅନୁପୂରକ ସମୀକ୍ଷା ସାପେକ୍ଷ ଅଟେ ।

---

[1] ସାତଟି 619 ବି କମ୍ପାନୀ ଅନ୍ତର୍ଭୁକ୍ତ ଯେଉଁଥିରୁ ଛଅଟି କାର୍ଯ୍ୟରତ ଏବଂ ଗୋଟିଏ ନିଷ୍କ୍ରିୟ

[2] ଓଡ଼ିଶା ସବୁଜ ଶକ୍ତି ଉନ୍ନତୀକରଣ ନିଗମ ଲିମିଟେଡ୍ ନାମରେ ଏକ 619(ବି) କମ୍ପାନୀ 18 ଅପ୍ରେଲ 2013 ରେ ସ୍ଥାପିତ ହୋଇଥିଲା

**1.5** ବୈଧାନିକ ନିଗମଗୁଡ଼ିକର ସମୀକ୍ଷା ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ବିଧାନପ୍ରଣୟନ ଦ୍ୱାରା ନିୟନ୍ତ୍ରିତ । ତିନୋଟି ବୈଧାନିକ ନିଗମ ମଧ୍ୟରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପାଇଁ ସିଏଜି ଏକ ମାତ୍ର ସମୀକ୍ଷକ ଅଟନ୍ତି । ଓଡ଼ିଶା ପଣ୍ୟାଗାର ନିଗମ ଏବଂ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ସମୀକ୍ଷା ଚ୍ଚାର୍ଟର୍ଡ ଆକାଉଣ୍ଟାଣ୍ଟମାନଙ୍କ ଦ୍ୱାରା କରାଯାଏ ଏବଂ ସିଏଜିଙ୍କ ଦ୍ୱାରା ଅନୁପୂରକ ସମୀକ୍ଷା ହୁଏ ।

## ରାଜ୍ୟ ପିଏସ୍‌ୟୁଗୁଡ଼ିକରେ ପୁଞ୍ଜିନିବେଶ

**1.6** ନିମ୍ନ ପ୍ରଦତ୍ତ ବିବରଣ ଅନୁଯାୟୀ 31 ମାର୍ଚ୍ଚ 2014 ସୁଦ୍ଧା 66 ଟି ପିଏସ୍‌ୟୁ 619 ବି କମ୍ପାନୀଗୁଡ଼ିକୁ ମିଶାଇ) ରେ 10,662.02 କୋଟି ଟଙ୍କାର ପୁଞ୍ଜି (ମୂଳଧନ ଏବଂ ଦୀର୍ଘ ମିଆଦୀ ଋଣ) ନିବେଶ କରାଯାଇଥିଲା:

**(କୋଟି ଟଙ୍କାରେ)**

| ପିଏସ୍‌ୟୁର ପ୍ରକାର | ସରକାରୀ କମ୍ପାନୀ | | | ପିଏସ୍‌ୟୁର | | | ସର୍ବମୋଟ |
|---|---|---|---|---|---|---|---|
| | ମୂଳଧନ | ଦୀର୍ଘ ମିଆଦୀ ଋଣ | ମୋଟ | ମୂଳଧନ | ଦୀର୍ଘ ମିଆଦୀ ଋଣ | ମୋଟ | |
| କାର୍ଯ୍ୟରତ ପିଏସ୍‌ୟୁ | 2,496.38 | 7,331.80 | 9,828.18 | 581.38 | 135.04 | 716.42 | 10,544.60 |
| ନିଷ୍କ୍ରିୟ ପିଏସ୍‌ୟୁ | 80.28 | 37.14 | 117.42 | -- | -- | -- | 117.42 |
| **ମୋଟ** | **2,576.66** | **7,368.94** | **9,945.60** | **581.38** | **135.04** | **716.42** | **10,662.02** |

*(ଉତ୍ସ: ପିଏସ୍‌ୟୁଗୁଡ଼ିକ ଦ୍ୱାରା ଦିଆଯାଇଥିବା ତଥ୍ୟ)*

ରାଜ୍ୟ ପିଏସ୍‌ୟୁ ଗୁଡ଼ିକରେ ସରକାରୀ ପୁଞ୍ଜିନିବେଶର ଏକ ସବିଶେଷ ବିବରଣ **ପରିଶିଷ୍ଟ-1** ରେ ପ୍ରଦାନ କରାଯାଇଛି ।

**1.7** ରାଜ୍ୟ ପିଏସ୍‌ୟୁଗୁଡ଼ିକରେ 31 ମାର୍ଚ୍ଚ 2014 ସୁଦ୍ଧା ହୋଇଥିବା ମୋଟ ପୁଞ୍ଜିନିବେଶର 98.90 ପ୍ରତିଶତ କାର୍ଯ୍ୟରତ ସରକାରୀ ଉଦ୍ୟୋଗଗୁଡ଼ିକରେ ଏବଂ ଅବଶିଷ୍ଟ 1.10 ପ୍ରତିଶତ ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକରେ ନିବେଶ କରାଯାଇଥିଲା । ଏହି ସମୁଦାୟ ପୁଞ୍ଜିନିବେଶର 29.62 ପ୍ରତିଶତ ମୂଳଧନ ଏବଂ 70.38 ପ୍ରତିଶତ ଦୀର୍ଘ ମିଆଦୀ ଋଣ ଥିଲା । 2008-09 ରେ ଥିବା 8,000.29 କୋଟି ଟଙ୍କାର ପୁଞ୍ଜିନିବେଶ 33.27 ପ୍ରତିଶତ ବୃଦ୍ଧି ହୋଇ 2013-14 ରେ 10,662.02 କୋଟି ଟଙ୍କା ହୋଇଥିଲା ଯାହା ନିମ୍ନ ରେଖାଚିତ୍ରରେ ଦର୍ଶାଯାଇଛି । ପୁଞ୍ଜିନିବେଶରେ ବୃଦ୍ଧି ମୁଖ୍ୟତଃ ଶକ୍ତି କ୍ଷେତ୍ରରେ ମୂଳଧନ ଏବଂ ଋଣରେ ବୃଦ୍ଧି ଯୋଗୁଁ ହୋଇଥିଲା :




*(ଉତ୍ସ: ପିଏସ୍‌ୟୁଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

**1.8** ବିଭିନ୍ନ ପ୍ରମୁଖ କ୍ଷେତ୍ରଗୁଡିକରେ 31 ମାର୍ଚ୍ଚ 2009 ଏବଂ 31 ମାର୍ଚ୍ଚ 2014 ଶେଷ ସୁଦ୍ଧା ପୁଞ୍ଜିନିବେଶ ଏବଂ ସେଗୁଡିକର ପ୍ରତିଶତ ହାର ନିମ୍ନ ବାର ଚାର୍ଟରେ ଦର୍ଶାଯାଇଛି ।




**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟାଗୁଡ଼ିକ ମୋଟ ପୁଞ୍ଜିନିବେଶର ପ୍ରତିଶତକୁ ସୂଚାଏ)**
***(ଉତ୍ସ: ପିଏସ୍‌ୟୁଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)***

31 ମାର୍ଚ୍ଚ 2014 ସୁଦ୍ଧା ସମାପ୍ତ ବିଗତ ଛଅ ବର୍ଷ ବର୍ଷରେ ପିଏସୟୁରେ ପୁଞ୍ଜିନିବେଶ ମୁଖ୍ୟତଃ ଶକ୍ତି କ୍ଷେତ୍ର ଉପରେ କେନ୍ଦ୍ରିତ ହୋଇଥିଲା । 2008-09 ରେ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ 76.27 ପ୍ରତିଶତ ଥିଲା ଯାହା ସାମାନ୍ୟ ଭାବେ ବୃଦ୍ଧି ହୋଇ 2013-14 ରେ 81.58 ପ୍ରତିଶତ ହୋଇଥିଲା । 2008-09 ରେ ବିତ୍ତ କ୍ଷେତ୍ରରେ ପୁଞ୍ଜିନିବେଶ 14.51 ପ୍ରତିଶତ ଥିବା ବେଳେ 2013-14 ରେ 10.99 ପ୍ରତିଶତକୁ ହ୍ରାସ ହୋଇଥିଲା । ସେହିଭଳି ନିର୍ମାଣ କ୍ଷେତ୍ରରେ 2008-09 ରେ 3.59 ପ୍ରତିଶତ ଥିବା ବେଳେ 2013-14 ରେ 2.95 ପ୍ରତିଶତକୁ ହ୍ରାସ ହୋଇଥିଲା ଏବଂ 2008-09 ବର୍ଷରେ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜି ନିବେଶ 5.63 ପ୍ରତିଶତ ଥିବାବେଳେ 2013-14 ରେ 4.48 ପ୍ରତିଶତକୁ ହ୍ରାସ ହୋଇଥିଲା ।

## ବଜେଟୀୟ ବ୍ୟୟ, ଅନୁଦାନ/ ସବ୍‌ସିଡି, ଗ୍ୟାରେଣ୍ଟି ଓ ଋଣ

**1.9** ରାଜ୍ୟ ସରକାରୀ ପିଏସୟୁଗୁଡିକରେ ସାଧାରଣ ଅଂଶଧନ ସମ୍ବନ୍ଧୀୟ ବଜେଟୀୟ ବ୍ୟୟ, ଋଣ, ଅନୁଦାନ/ ସବ୍‌ସିଡି, ପ୍ରଦତ୍ତ ଗ୍ୟାରେଣ୍ଟି ଦେୟ ଛାଡ଼ ଏବଂ ଋଣରୁ ସାଧାରଣ ଅଂଶଧନରେ ରୂପାନ୍ତର କରିବା ଏବଂ ସୁଧ ଛାଡ଼ ସମ୍ବନ୍ଧୀୟ ବିଶଦ ବିବରଣ **ପରିଶିଷ୍ଟ 2** ରେ ଦିଆଯାଇଛି । ନିମ୍ନରେ 2013-14 ସୁଦ୍ଧା ସମାପ୍ତ ତିନିବର୍ଷର ସବିଶେଷ ସଂକ୍ଷିପ୍ତ ବିବରଣ ପ୍ରଦାନ କରାଯାଇଛି ।

**(କୋଟି ଟଙ୍କାରେ)**

| କ୍ର.ସଂ | ବିଶଦ ବିବରଣ | 2011-12 | | 2012-13 | | 2013-14 | |
|---|---|---|---|---|---|---|---|
| | | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ |
| 1. | ବଜେଟରୁ ସାଧାରଣ ଅଂଶଧନରେ ବ୍ୟୟ | 1 | 43.00 | 3 | 61.72 | 2 | 58.00 |
| 2. | ବଜେଟରୁ ଋଣ ପ୍ରଦାନ | 1 | 163.23 | -- | -- | -- | -- |
| 3. | ଅନୁଦାନ/ ସବ୍‌ସିଡି ଗ୍ରହଣ | 11 | 1,012.35 | 11 | 1,260.11 | 9 | 1,336.46 |

| କ୍ର.ସଂ | ବିଶଦ ବିବରଣ | 2011-12 | | 2012-13 | | 2013-14 | |
|---|---|---|---|---|---|---|---|
| | | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ | ପିଏସୟୁ ଗୁଡିକର ସଂଖ୍ୟା | ପରିମାଣ |
| 4. | ମୋଟ ବ୍ୟୟ (1+2+3) | 13 | 1,218.58 | 13 | 1,321.83 | 10[3] | 1,394.46 |
| 5. | ସାଧାରଣ ଅଂଶଧନ ରୂପେ ରୂପାନ୍ତରିତ ହୋଇଥିବା ଋଣ | -- | -- | -- | -- | -- | -- |
| 6. | ଋଣ ଛାଡ଼ | 2 | 1.80 | 2 | 2.28 | 2 | 2.28 |
| 7. | ସୁଧ / ଦଣ୍ଡନୀୟ ସୁଧ ଛାଡ଼ | -- | -- | -- | -- | -- | -- |
| 8. | ମୋଟ ଛାଡ଼ (6+7) | 2 | 1.80 | 2 | 2.28 | 2 | 2.28 |
| 9. | ଗ୍ୟାରେଣ୍ଟି ପ୍ରଦାନ | 1 | 290.00 | -- | -- | 1 | 463.50 |
| 10. | ଗ୍ୟାରେଣ୍ଟି ପ୍ରତିଶ୍ରୁତି | 4 | 2,373.41 | 2 | 2,274.15 | 1 | 2,001.37 |

***(ଉତ୍ସ: ପିଏସ୍‌ୟୁ ଗୁଡ଼ିକ ଦ୍ୱାରା ଦିଆଯାଇଥିବା ତଥ୍ୟ)***

**1.10** ବିଗତ ଛଅ ବର୍ଷରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ ସବ୍‌ସିଡି ସମ୍ବନ୍ଧୀୟ ବଜେଟୀୟ ବ୍ୟୟ ନିମ୍ନ ରେଖାଚିତ୍ରରେ ଦିଆଯାଇଛି :




**ଅଂଶଧନ, ଋଣ ଏବଂ ଅନୁଦାନ/ ସବ୍‌ସିଡି ସମ୍ବନ୍ଧୀୟ ବଜେଟୀୟ ବ୍ୟୟ**

***(ଉତ୍ସ: ପିଏସ୍‌ୟୁ ଗୁଡ଼ିକ ଦ୍ୱାରା ଦିଆଯାଇଥିବା ତଥ୍ୟ)***

ଏହା ଦେଖାଯାଇପାରେ ଯେ ରାଜ୍ୟ ପିଏସ୍‌ୟୁଗୁଡ଼ିକୁ ଅଂଶଧନ, ଋଣ ଏବଂ ଅନୁଦାନ/ ସବ୍‌ସିଡି ସମ୍ବନ୍ଧୀୟ ରାଜ୍ୟର ବଜେଟୀୟ ବ୍ୟୟ 2008-09 ପରେ କ୍ରମାଗତ ଭାବରେ ବୃଦ୍ଧି ହୋଇଥିଲା ଏବଂ 2013-14 ରେ ସର୍ବାଧିକ 1394.46 କୋଟିଟଙ୍କାରେ ପହଞ୍ଚିଥିଲା, ଯାହା ମୁଖ୍ୟତଃ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡକୁ 1,283.41 କୋଟି ଟଙ୍କାର ସବ୍‌ସିଡି ଏବଂ ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିମିଟେଡ୍‌କୁ 50 କୋଟି ଟଙ୍କାର ଅଂଶଧନ ଦେବା ଫଳରେ ହୋଇଥିଲା ।

[3] ଗୋଟିଏ ପିଏସୟୁ (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା-ଖ-2) ଅଂଶଧନ ଏବଂ ଅନୁଦାନ/ ସବିସିଡି ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ କରିଥିଲେ

**1.11** ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ (ନଭେମ୍ବର 2002) ଅନୁଯାୟୀ ପିଏସୟୁଗୁଡ଼ିକ ଉପଲବ୍ଧ ଋଣ କିମ୍ବା ତତ୍‌ଜନିତ ବକେୟା ନିର୍ବିଶେଷରେ ମଞ୍ଜୁର କରାଯାଇଥିବା ସର୍ବାଧିକ ଗ୍ୟାରେଣ୍ଟି ଉପରେ ଋଣ ପରିଶୋଧ ହେବା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବାର୍ଷିକ 0.5 ପ୍ରତିଶତ ହାରରେ ଗ୍ୟାରେଣ୍ଟି କମିଶନ (ଜିସି) ପୈଠ କରିବା ପାଇଁ ଦାୟୀ ଅଟନ୍ତି । 2013-14 ଶେଷ ସୁଦ୍ଧା ଗ୍ରୀଡକୋ ଲିମିଟେଡ଼କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଗ୍ୟାରେଣ୍ଟି ବାବଦକୁ ପ୍ରତିଶ୍ରୁତି 2,001.37 କୋଟି ଟଙ୍କା ଥିଲା । ବର୍ଷ 2013-14 ମଧ୍ୟରେ ତିନୋଟି[4] ପିଏସୟୁ ଜିସି ବାବଦକୁ ସରକାରଙ୍କୁ 11.63 କୋଟି ଟଙ୍କା ପ୍ରଦାନ କରିଥିଲା ବେଳେ, ତିନୋଟି[5] ପିଏସୟୁର 18.17 କୋଟି ଟଙ୍କାର ଜିସି ବକେୟା ଥିଲା ।

## ପିଏସ୍‌ୟୁଗୁଡିକରେ ପୁଞ୍ଜିନିବେଶର ନିର୍ଭୁଲ ପରିମାଣର ଅନୁପସ୍ଥିତି

**1.12** ଆର୍ଥିକ ହିସାବରେ ଦର୍ଶାଯାଇଥିବା ପରିମାଣ ସହ ରାଜ୍ୟ ପିଏସୟୁଗୁଡିକର ନଥିପତ୍ର ଅନୁଯାୟୀ ସାଧାରଣ ଅଂଶଧନ,ଋଣ ଏବଂ ଗ୍ୟାରେଣ୍ଟି ବାବଦକୁ ବକେୟା ଦେୟର ପରିମାଣ ମେଳ ହେବା ଉଚିତ୍ । ପରିମାଣର ତାରତମ୍ୟ ରହିଲେ ସଂପୃକ୍ତ ପିଏସୟୁ ଗୁଡିକ ଏବଂ ଅର୍ଥ ବିଭାଗ ଏହିପାର୍ଥକ୍ୟର ମିଳାମିଶା କରିବା ଉଚିତ୍ । ନିମ୍ନରେ 31 ମାର୍ଚ୍ଚ 2014 ସୁଦ୍ଧା ଏହି ସମ୍ବନ୍ଧୀୟ ସ୍ଥିତି ପ୍ରଦାନ କରାଯାଇଛି :

**(କୋଟି ଟଙ୍କାରେ)**

| କେଉଁ ସମ୍ବନ୍ଧୀୟ ବକେୟା | ଆର୍ଥିକ ହିସାବ ଅନୁଯାୟୀ ପରିମାଣ | ପିଏସ୍‌ୟୁଗୁଡିକର ନଥିପତ୍ର ଅନୁଯାୟୀ ପରିମାଣ | ପାର୍ଥକ୍ୟ |
|---|---|---|---|
| ସାଧାରଣ ଅଂଶଧନ | 2,482.94 | 2,406.15 | 76.79 |
| ଋଣ | ମିଳିନାହିଁ | 3,713.80 | --- |
| ଗ୍ୟାରେଣ୍ଟି | 1,626.77 | 2,001.37 | 374.60 |

**1.13** ଆମେ ଅନୁଧ୍ୟାନ କଲୁ ଯେ, 26[6] ଟି ପିଏସୟୁର ହିସାବରେ ପାର୍ଥକ୍ୟ ଥିଲା ଏବଂ କେତେକ ପାର୍ଥକ୍ୟ ବହୁ ବର୍ଷରୁ ସମତୁଲ ହୋଇନଥିଲା । ଯଦିଓ ପ୍ରଧାନ ମହାଲେଖାକାର (ପିଏଜି) କାର୍ଯ୍ୟାଳୟରୁ ବିଭିନ୍ନ ସମୟରେ ରାଜ୍ୟ ପିଏସୟୁଡ଼ିକର ପ୍ରଶାସନିକ ବିଭାଗଗୁଡିକୁ ଅସାମଞ୍ଜସ୍ୟତାକୁ ସମତୁଲ କରିବା ପାଇଁ ପତ୍ର ଲେଖାଯାଇଥିଲା, କିନ୍ତୁ ଏଥିରେ କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଗତି ଦେଖାଯାଇନଥିଲା । ସରକାର ଏବଂ ପିଏସୟୁଗୁଡ଼ିକ ଠିକ୍ ସମୟ ମଧ୍ୟରେ ପାର୍ଥକ୍ୟକୁ ସମତୁଲ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେବା ଆବଶ୍ୟକ ।

## ପିଏସ୍‌ୟୁଗୁଡିକର କାର୍ଯ୍ୟ ସଂପାଦନ

**1.14** ପିଏସୟୁଗୁଡିକର ଆର୍ଥିକ ପରିଣାମ ଏବଂ କାର୍ଯ୍ୟରତ ବୈଧାନିକ ନିଗମଗୁଡିକର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନାର ପରିଣାମ ଯଥାକ୍ରମେ **ପରିଶିଷ୍ଟ -3, 4** ଓ **5** ରେ ଦିଆଯାଇଛି । କାର୍ଯ୍ୟରତ ପିଏସୟୁ ଗୁଡିକର କାରବାର ଏବଂ ରାଜ୍ୟର ଜିଡିପିର ଅନୁପାତ ରାଜ୍ୟ ଅର୍ଥନୀତିରେ ପିଏସୟୁଗୁଡିକର କାର୍ଯ୍ୟକଳାପର ପ୍ରଭାବ ପ୍ରତିପାଦିତ କରେ । ନିମ୍ନ ସାରଣୀ 2008-14 ବର୍ଷ ମଧ୍ୟରେ କାର୍ଯ୍ୟରତ ପିଏସୟୁଗୁଡିକର କାରବାର ଏବଂ ରାଜ୍ୟର ଜିଡିପି ସମ୍ବନ୍ଧରେ ବିଶଦ ବିବରଣ ପ୍ରଦାନ କରୁଛି ।

**(କୋଟି ଟଙ୍କାରେ)**

| ବିଶଦ ବିବରଣ | 2008-09 | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| ସରକାରୀ ଉଦ୍ୟୋଗଗୁଡ଼ିକର କାରବାର[7] | 8,093.78 | 8,573.26 | 9,320.78 | 11,450.16 | 11,294.70 | 15,949.82 |

[4] **ପରିଶିଷ୍ଟ -3** ର କ୍ର.ସଂ-କ-2,24 ଏବଂ 25

[5] **ପରିଶିଷ୍ଟ -3** ର 12,24, ଏବଂ 25

[6] ଆଠଟି ନିଷ୍କ୍ରିୟ ପିଏସୟୁ ସହିତ

[7] 30 ସେପ୍ଟେମ୍ବର 2014 ସୁଦ୍ଧା ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ କାର୍ଯ୍ୟରତ ରାଜ୍ୟ ପିଏସୟୁଗୁଡ଼ିକର କାରବାର

| ବିଶଦ ବିବରଣ | 2008-09 | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| ପୂର୍ବ ବର୍ଷ ତୁଳନାରେ କାରବାର ବୃଦ୍ଧିର ପ୍ରତିଶତ | 11.52 | 5.92 | 8.72 | 22.85 | -1.36 | 41.22 |
| ରାଜ୍ୟ ଜିଡିପି | 1,22,165 | 1,50,946.38 | 1,86,356 | 2,26,236.14 | 2,58,744.09 | 2,88,414.31 |
| ପୂର୍ବ ବର୍ଷ ତୁଳନାରେ ରାଜ୍ୟ ଜିଡିପି ବୃଦ୍ଧିର ପ୍ରତିଶତ | 14.75 | 23.56 | 23.46 | 21.40 | 14.37 | 11.47 |
| କାରବାର ତୁଳନାରେ ରାଜ୍ୟ ଜିଡିପିର ପ୍ରତିଶତ | 6.63 | 5.68 | 5.00 | 5.06 | 4.37 | 5.53 |

***(ଉତ୍ସ: ସରକାରୀ ତଥ୍ୟ ଏବଂ ପିଏସ୍‌ୟୁ ଗୁଡିକର ବାର୍ଷିକ ରିପୋର୍ଟ)***

ବର୍ଷ 2011-12 ଏବଂ 2013-14 ବ୍ୟତୀତ ପିଏସ୍‌ୟୁଗୁଡିକର କାରବାର ରାଜ୍ୟ ଜିଡିପିରେ ବୃଦ୍ଧି ସହିତ ସମାନୁପାତିକ ନ ଥିଲା । ଚାରୋଟି[8] ପିଏସ୍‌ୟୁର କାରବାରରେ ଦୃଷ୍ଟାନ୍ତ ବୃଦ୍ଧି ଯୋଗୁଁ 2013-14 ରେ କାରବାର 41.22 ପ୍ରତିଶତ ବୃଦ୍ଧି ହୋଇଥିଲା ।

**1.15** କାର୍ଯ୍ୟରତ ପିଏସ୍‌ୟୁଗୁଡିକ 2008-14 ମଧ୍ୟରେ ଅର୍ଜନ କରିଥିବା ଲାଭ ନିମ୍ନ ବାରଚାର୍ଟରେ ଦିଆଯାଇଛି ।




**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟାଗୁଡିକ ସେହି ବର୍ଷରେ କାର୍ଯ୍ୟରତ ପିଏସ୍‌ୟୁଗୁଡିକର ସଂଖ୍ୟାକୁ ସୂଚାଏ)**

ଉପରୋକ୍ତ ଚାର୍ଟରୁ ଏହା ଦେଖାଯାଇପାରେ ଯେ କାର୍ଯ୍ୟରତ ପିଏସ୍‌ୟୁଗୁଡିକ ପ୍ରତ୍ୟେକ ବର୍ଷ ସାମଗ୍ରିକ ଲାଭ ଅର୍ଜନ କରିଥିଲେ, ଯାହା 2009-14 ମଧ୍ୟରେ 890 କୋଟି ଟଙ୍କାରୁ 2,175.29 କୋଟି ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଅକ୍ଟୋବର 2013 ରୁ ସେପ୍ଟେମ୍ବର 2014 ମଧ୍ୟରେ ସର୍ବଶେଷ ଚୂଡାନ୍ତ ହୋଇଥିବା ହିସାବ ଅନୁଯାୟୀ 38 ଟି କାର୍ଯ୍ୟରତ ପିଏସ୍‌ୟୁ ମଧ୍ୟରୁ 27 ଟି ପିଏସ୍‌ୟୁ 1945.53କୋଟି ଟଙ୍କାର ଲାଭ ଅର୍ଜନ କରିଥିଲେ ଏବଂ ସାତଟି ପିଏସ୍‌ୟୁ 53.93 କୋଟି ଟଙ୍କା କ୍ଷତି କରିଥିଲେ । ଗୋଟିଏ କାର୍ଯ୍ୟରତ ପିଏସ୍‌ୟୁ ଯଥା ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ ବିନା ଲାଭ କ୍ଷତିରେ ଏହାର ହିସାବ ପ୍ରସ୍ତୁତ କରିଥିବା ସ୍ଥଳେ ତିନୋଟି[9] କମ୍ପାନୀ ଏପର୍ଯ୍ୟନ୍ତ ସେମାନଙ୍କର କ୍ରିୟା କଳାପ/ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନାହାନ୍ତି । ଲାଭରେ ପ୍ରମୁଖ ଅବଦାନ ଥିବା ପିଏସ୍‌ୟୁଗୁଡିକ ହେଲା ଓଡିଶା ଖଣି ନିଗମ ଲିମିଟେଡ (1449.95 କୋଟି ଟଙ୍କା) ଓଡିଶା ଶକ୍ତି ଉତ୍ପାଦନ ନିଗମ

[8] **ପରିଶିଷ୍ଟ -3** ର କ୍ରମିକ ସଂଖ୍ୟା କ -21,22,24 ଏବଂ 33

[9] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା କ-20,29 ଏବଂ 32

ଲିମିଟେଡ (183.82 କୋଟି ଟଙ୍କା), ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ (97.81 କୋଟି ଟଙ୍କା) ଏବଂ ଗ୍ରୀଡକୋ ଲିମିଟେଡ (41.93 କୋଟି ଟଙ୍କା) । ବୃହତ କ୍ଷତି ସହିଥିବା ପିଏସୟୁଗୁଡିକ ମଧ୍ୟରେ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ (31.71 କୋଟି ଟଙ୍କା) ଏବଂ ଇଡକଲ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ (12.85 କୋଟିଟଙ୍କା) ଅନ୍ୟତମ ।

**1.16** ମୁଖ୍ୟତଃ ଆର୍ଥିକ ପରିଚାଳନା, ଯୋଜନା, ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ, କର୍ମ ସଂପାଦନ ଏବଂ ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ପିଏସୟୁଗୁଡିକର କ୍ଷତି ହୋଇଅଛି । ସିଏଜିଙ୍କ ବିଗତ ତିନିବର୍ଷର ସମୀକ୍ଷା ପ୍ରତିବେଦନ ଗୁଡିକର ପୁନର୍ବିଲୋକନ ଦର୍ଶାଏ ଯେ କାର୍ଯ୍ୟରତ ରାଜ୍ୟ ପିଏସୟୁଗୁଡିକ 13,185.05 କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି କରିଥିଲେ ଏବଂ 17.37 କୋଟି ଟଙ୍କାର ନିଷ୍ଫଳ ପୁଞ୍ଜିନିବେଶ ହୋଇଥିଲା । ସମୀକ୍ଷା ପ୍ରତିବେଦନ ଗୁଡିକରୁ ଉଦ୍ଧାର କରାଯାଇଥିବା ବାର୍ଷିକ ବିଶଦ ବିବରଣ ନିମ୍ନରେ ପ୍ରଦାନ କରାଯାଇଛି :

**(ପରିମାଣ: କୋଟି ଟଙ୍କାରେ)**

| ବିଶଦ ବିବରଣ | 2011-12 | 2012-13 | 2013-14 | ମୋଟ |
|---|---|---|---|---|
| ନିଟ୍ ଲାଭ | 1,296.02 | 890.00 | 1,891.60 | 4,077.62 |
| ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଅନୁଯାୟୀ ନିୟନ୍ତ୍ରଣାଧୀନ କ୍ଷତି | 4,492.46 | 7,071.64 | 1,620.95 | 13,185.05 |
| ନିଷ୍ଫଳ ପୁଞ୍ଜିନିବେଶ | 2.44 | 12.60 | 2.33 | 17.37 |

**1.17** ରାଜ୍ୟ ପିଏସୟୁ ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରମୁଖ ପରିସର ଗୁଡିକ ନିମ୍ନରେ ଦିଆଯାଇଛି :

**(ପରିମାଣ: କୋଟି ଟଙ୍କାରେ)**

| ବିଶଦ ବିବରଣ | 2008-09 | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| ବିନିଯୁକ୍ତ ପୁଞ୍ଜି ଉପରେ ପ୍ରତିଫଳ(ପ୍ରତିଶତରେ) | 15.14 | 20.21 | 9.78 | 15.80 | 13.62 | 14.44 |
| କରଜ | 5,573.22 | 5,549.32 | 7,588.39 | 7,469.11 | 7,703.16 | 7,503.98 |
| କାରବାର [10] | 8,093.78 | 8,573.26 | 9,320.78 | 11,450.16 | 11,294.70 | 15,949.82 |
| କରଜ/ କାରବାର ଅନୁପାତ | 0.69:1 | 0.65:1 | 0.81:1 | 0.65:1 | 0.68:1 | 0.47:1 |
| ସୁଧ ପୈଠ | 402.59 | 358.19 | 361.09 | 970.85 | 976.32 | 1,160.85 |
| ଏକତ୍ରୀକୃତ ଲାଭ/(କ୍ଷତି) | 1,269.44 | 2,135.60 | 2,339.35 | 2,254.85 | 1,561.36 | 2,763.57 |

***(ଉତ୍ସ: ପିଏସୟୁ ଗୁଡିକ ଦ୍ୱାରା ଦିଆଯାଇଥିବା ତଥ୍ୟ)***

**1.18** ଉପରୋକ୍ତ ପରିସରଗୁଡିକ ପିଏସୟୁଗୁଡିକର ଆର୍ଥିକ ସ୍ୱଚ୍ଛଳତାର ମିଶ୍ରିତ ଧାରା ପ୍ରତିପାଦିତ କରୁଅଛି । ବିନିଯୁକ୍ତ ପୁଞ୍ଜି ଉପରେ ପ୍ରତିଫଳର ପ୍ରତିଶତ 9.78 (2010-11) ରୁ 20.21 (2009-10) ମଧ୍ୟରେ ଥିଲା । ପୁଞ୍ଜି ଉପରେ ପ୍ରତିଫଳ 2013-14 ରେ 14.44 ପ୍ରତିଶତକୁ ବୃଦ୍ଧି ପାଇଛି ଯାହା 2012-13 ରେ 13.62 ପ୍ରତିଶତ ଥିଲା । ଏହା ମୁଖ୍ୟତଃ ଗ୍ରୀଡକୋ ଲିମିଟେଡ 2011-12 ରେ 936.81 କୋଟି ଟଙ୍କା କ୍ଷତି ବଦଳରେ 2012-13 ରେ 41.93 କୋଟି ଟଙ୍କା ଲାଭ କରିବାର ପ୍ରତିଫଳନ ଅଟେ । କରଜ କାରବାରର ଅନୁପାତ 2012-13 ରେ 0.68;1 ରୁ 2013-14 ରେ 0.47;1 କୁ ହ୍ରାସ ପାଇଛି ଯାହା ମୁଖ୍ୟତଃ ପୂର୍ବ ବର୍ଷ ତୁଳନାରେ କାରବାରରେ ବୃଦ୍ଧି ଏବଂ କରଜ ହ୍ରାସର ପରିଣାମ ଅଟେ । ପିଏସୟୁ ଗୁଡିକ 2008-09 ରେ 1269.44 କୋଟି ଟଙ୍କା ଏକତ୍ରୀକୃତ ଲାଭ କରିଥିଲେ ଯାହା 2013-14ରେ 2763.57 କୋଟି ଟଙ୍କା ଏକତ୍ରୀକୃତ ଲାଭ କରିଛନ୍ତି ଯାହା ପିଏସୟୁଗୁଡିକର ଉନ୍ନତ କାର୍ଯ୍ୟ ସଂପାଦନାକୁ ସୂଚାଏ ।

[10] ପ୍ରତ୍ୟେକ ବର୍ଷର 30 ସେପ୍ଟେମ୍ବର ସୁଦ୍ଧା ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ କାର୍ଯ୍ୟରତ ପିଏସ୍ୟୁଗୁଡିକର କାରବାର

**1.19** ଡିସେମ୍ବର 2011 ରେ ରାଜ୍ୟ ସରକାର ଏକ ଡିଭିଡେଣ୍ଡ ପଲିସି ପ୍ରସ୍ତୁତ କରିଥିଲେ । ଏହି ପଲିସି ଅନୁସାରେ ଲାଭ କରୁଥିବା ପିଏସୟୁଗୁଡିକ କର ପରବର୍ତ୍ତୀ ଲାଭର 20 ପ୍ରତିଶତ କିମ୍ବା ଅଂଶଧନର 20 ପ୍ରତିଶତ ଯେଉଁଟି ଅଧିକ ସେତିକି ପରିମାଣର ଡିଭିଡେଣ୍ଡ ଦେବା ଉଚିତ୍ । ଶକ୍ତି ଓ ଖଣି କ୍ଷେତ୍ରରେ ସର୍ବନିମ୍ନ ଡିଭିଡେଣ୍ଡ କର ପରବର୍ତ୍ତୀ ଲାଭର 30 ପ୍ରତିଶତ ଅଟେ । ଚୂଡାନ୍ତ ହିସାବ ଅନୁସାରେ 27[11] ଟି ପିଏସୟୁର 1214.86 କୋଟି ଟଙ୍କା କର ପରବର୍ତ୍ତୀ ଲାଭ ହୋଇଥିଲା । ଏହା ମଧ୍ୟରୁ 7[12] ଟି ପିଏସୟୁ 521.57 କୋଟି ଟଙ୍କା ଡିଭିଡେଣ୍ଡ ପ୍ରଦାନ / ଘୋଷଣା କରିଥିଲେ ।

## ହିସାବ ଚୂଡାନ୍ତରେ ବକେୟା

**1.20** କମ୍ପାନୀ ଅଧିନିୟମ 1956 ର ଧାରା 166, 210, 230, 619 ଓ 619 ବି ଅନୁଯାୟୀ କମ୍ପାନୀ ଗୁଡିକର ଆର୍ଥିକ ବର୍ଷର ହିସାବ ସେହି ଆର୍ଥିକ ବର୍ଷ ଶେଷ ହେବା ପର ଠାରୁ ଛଅ ମାସ ମଧ୍ୟରେ ଚୂଡାନ୍ତ ହେବା ଆବଶ୍ୟକ । ସେହିପରି ବୈଧାନିକ ନିଗମ ଗୁଡିକ କ୍ଷେତ୍ରରେ ସଂପର୍କିତ ଅଧିନିୟମର ପ୍ରାବଧାନ ଅନୁଯାୟୀ ସେଗୁଡିକର ହିସାବ ଚୂଡାନ୍ତ, ସମୀକ୍ଷିତ ଏବଂ ବିଧାନ ସଭାରେ ଉପସ୍ଥାପିତ ହୋଇଥାଏ । ସେପ୍ଟେମ୍ବର 2014 ସୁଦ୍ଧା କାର୍ଯ୍ୟରତ ପିଏସୟୁଗୁଡିକର ହିସାବ ଚୂଡାନ୍ତ ପ୍ରଗତିର ସବିଶେଷ ବିବରଣ ନିମ୍ନ ସାରଣୀ ପ୍ରଦାନ କରୁଛି ।

| କ୍ର.ସଂ | ସବିଶେଷ ବିବରଣ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| 1. | କାର୍ଯ୍ୟରତ ପିଏସୟୁଗୁଡିକର ସଂଖ୍ୟା | 35 | 35 | 36 | 37 | 38 |
| 2. | ବର୍ଷ ମଧ୍ୟରେ ଚୂଡାନ୍ତ ହୋଇଥିବା ହିସାବ ଗୁଡିକର ସଂଖ୍ୟା | 46 | 39 | 30 | 35 | 38 |
| 3. | ବକେୟା ହିସାବଗୁଡିକର ସଂଖ୍ୟା | 43 | 39 | 45 | 47 | 47 |
| 4. | ପିଏସୟୁ ପିଛା ହାରାହାରି ବକେୟା ହିସାବ (3/1) | 1.23 | 1.11 | 1.25 | 1.27 | 1.24 |
| 5. | ଆର୍ଥିକ ହିସାବ ବକେୟା ଥିବା କାର୍ଯ୍ୟରତ ପିଏସୟୁ ସଂଖ୍ୟା | 27 | 25 | 29 | 30 | 27 |
| 6. | ବକେୟା ହିସାବର ଅବଧି | 1 ରୁ 5 ବର୍ଷ | 1 ରୁ 5 ବର୍ଷ | 1 ରୁ 4 ବର୍ଷ | 1 ରୁ 5 ବର୍ଷ | 1 ରୁ 6 ବର୍ଷ |

**1.21** ଉପରୋକ୍ତ ସାରଣୀରୁ ଦେଖାଯିବ ଯେ ବକେୟା ଚୂଡ଼ାନ୍ତ କରିବାରେ କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଇନାହିଁ । କାରଣ 2013-14ରେ ହାରାହାରି ପ୍ରତ୍ୟେକ ପିଏସ୍‌ୟୁ ପାଇଁ 1.24 ଟି ବକେୟା ଥିଲା । 30 ସେପ୍ଟେମ୍ବର 2014 ସୁଦ୍ଧା 27 ଟି କାର୍ଯ୍ୟରତ ପିଏସୟୁର 47 ଟି ହିସାବ ବକେୟା ଥିଲା । ଏଣୁ ବକେୟା ହିସାବଗୁଡିକର ସମୟାନୁବଦ୍ଧ ଭାବରେ ଚୂଡାନ୍ତ କରିବା ଉପରେ ବିଶେଷ ଦୃଷ୍ଟି ରଖିବା ସହ ବୈଧାନିକ ଆବଶ୍ୟକତା ଅନୁଯାୟୀ ସେଗୁଡିକର ପ୍ରସ୍ତୁତିକରଣ ପାଇଁ କମ୍ପାନୀଗୁଡିକ ଦୃଢ଼ ପଦକ୍ଷେପ ନେବା ଉଚିତ୍ । ସମୟାନୁବଦ୍ଧ ଭାବରେ ବକେୟା ହିସାବଗୁଡିକୁ ଚୂଡାନ୍ତ କରିବାକୁ ସରକାରଙ୍କୁ ପ୍ରବର୍ତ୍ତା ଯାଉଛି ।

**1.22** ଏହା ସହିତ ନିଷ୍କ୍ରିୟ ପିଏସ୍‌ୟୁଗୁଡିକ ଦ୍ୱାରା ହିସାବ ଚୂଡ଼ାନ୍ତ କରିବା ମଧ ବକେୟା ଥିଲା । ମୋଟ 28 ଟି ନିଷ୍କ୍ରିୟ ପିଏସ୍‌ୟୁ ମଧରୁ 17[13] ଟି ସମାପନ ପ୍ରକ୍ରିୟାଧିନ ଥିଲା । ଅବଶିଷ୍ଟ ସମସ୍ତ 11 ଟି ନିଷ୍କ୍ରିୟ ପିଏସ୍‌ୟୁର 13 ରୁ 43 ବର୍ଷ ପର୍ଯ୍ୟନ୍ତ ହିସାବ ବକେୟା ଥିଲା ।

[11] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା କ -1,2,3,4,5,6,7,8,9,11,12,13,14,15,18,21,22,23,24,25,26,27,31 ଓ 34 ଏବଂ ଖ -1,2 ଓ 3

[12] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା କ 1,4,6,21,25,26 ଏବଂ ଖ -3

[13] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା ଗ -1,3,4,5,6,7,9,10,12,14,15,18,19,20,24,25 ଏବଂ 26

**1.23** **ପରିଶିଷ୍ଟ 6** ରେ ଦିଆଯାଇଥିବା ବିବରଣ ଅନୁଯାୟୀ ସେପ୍ଟେମ୍ବର 2014 ସୁଦ୍ଧା 7 ଟି ପିଏସ୍‌ୟୁରେ ହିସାବ ଚୂଡ଼ାନ୍ତ ହୋଇନଥିବା ବର୍ଷଗୁଡିକରେ ରାଜ୍ୟ ସରକାର 3,592.39 କୋଟି ଟଙ୍କା (ସାଧାରଣ ଅଂଶଧନ: 66.00 କୋଟି ଟଙ୍କା ଏବଂ ଅନୁଦାନ/ ସବ୍‌ସିଡି 3,526.39 କୋଟି ଟଙ୍କା) ପୁଞ୍ଜିନିବେଶ କରିଥିଲେ ।

**1.24** ଏହି ସଂସ୍ଥାଗୁଡିକର କାର୍ଯ୍ୟକଳାପକୁ ତଦାରଖ କରିବା ପାଇଁ ଏବଂ ପିଏସ୍‌ୟୁଗୁଡିକ ଦ୍ୱାରା ହିସାବ ବିହିତ ସମୟ ମଧ୍ୟରେ ଚୂଡ଼ାନ୍ତ ଏବଂ ଗୃହୀତ ହୋଇଛି ବୋଲି ସୁନିଶ୍ଚିତ କରିବା ପ୍ରଶାସନିକ ବିଭାଗ ଗୁଡିକର ଦାୟିତ୍ୱ ଅଟେ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ହିସାବ ଚୂଡ଼ାନ୍ତ କରିବା ପାଇଁ ବକେୟା ହିସାବ ସଂପର୍କିତ ତଥ୍ୟ ସମ୍ବନ୍ଧରେ ଉଲ୍ଲେଖ କରି ମହାଲେଖାକାର ଓଡ଼ିଶା ସରକାରଙ୍କର ମୁଖ୍ୟ ସଚିବଙ୍କୁ ଜଣାଇଥିଲେ (ମଇ 2013 ଏବଂ ଅଗଷ୍ଟ 2013) । ଏହି ଦିଗରେ କୌଣସି ତାତ୍ପର୍ଯ୍ୟ ପୂର୍ଣ୍ଣ ପ୍ରଗତି ପରିଲକ୍ଷିତ ହୋଇନଥିଲା । ଫଳସ୍ୱରୂପ ଏହି ପିଏସ୍‌ୟୁଗୁଡିକର ନିଟ୍ ମୂଲ୍ୟ ଆକଳନ କରାଯାଇ ପାରିନଥିଲା ।

**1.25** ଏହା ସୁପାରିଶ କରାଯାଇଛି ଯେ ସରକାର, ବକେୟା ହିସାବକୁ ବିଶେଷ ଦୃଷ୍ଟି ଦେଇ କମ୍ପାନୀ ଅଧିନିୟମ 1956 ର ପ୍ରାବଧାନ ଭିତ୍ତିରେ ସମୟାନୁଯାୟୀ ହିସାବ ଚୂଡ଼ାନ୍ତ କରିବା ଉଚିତ୍ ।

## ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକର ବନ୍ଦ

**1.26** 31 ମାର୍ଚ୍ଚ 2014 ସୁଦ୍ଧା 28 ଟି ନିଷ୍କ୍ରିୟ ପିଏସ୍‌ୟୁ (ସବୁ ଗୁଡ଼ିକ କମ୍ପାନୀ) ଥିଲା । ସେଗୁଡ଼ିକ ମଧ୍ୟରୁ 17 ଟି ସମାପନ ଭୁକ୍ତ ଅଟେ । ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରତିବର୍ଷ ଶେଷରେ ଥିବା ନିଷ୍କ୍ରିୟ କମ୍ପାନୀଗୁଡ଼ିକର ସଂଖ୍ୟା ନିମ୍ନରେ ଦିଆଗଲା :

| ସବିଶେଷ ବିବରଣ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ନିଷ୍କ୍ରିୟ କମ୍ପାନୀଗୁଡ଼ିକର ସଂଖ୍ୟା | 33 | 30 | 28 | 28 | 28 |

ଯେହେତୁ ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକର ଅବସ୍ଥିତିରେ କୌଣସି ଉଦ୍ଦେଶ୍ୟ ପୂରଣ ନ ହୋଇ ରାଜ୍ୟ ସରକାରଙ୍କୁ ଖର୍ଚ୍ଚ ବହନ କରିବାକୁ ପଡୁଛି, ସେଥିପାଇଁ ସେଗୁଡ଼ିକ ବନ୍ଦ ହୋଇଯିବା ଆବଶ୍ୟକ । ଗୋଟିଏ[14] ନିଷ୍କ୍ରିୟ ପିଏସ୍‌ୟୁ 2013-14 ରେ ପ୍ରତିଷ୍ଠାନ ଖର୍ଚ୍ଚ ଦରମା ଇତ୍ୟାଦି ବାବଦକୁ 0.04 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏହି ଖର୍ଚ୍ଚ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ ଆକାରରେ ବହନ କରାଯାଇଥିଲା ।

**1.27** ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକ ବନ୍ଦ ହେବାର ସ୍ତର ନିମ୍ନରେ ଦିଆଯାଇଛି:

| କ୍ର.ସଂ | ବିଶଦ ବିବରଣ | କମ୍ପାନୀ ସଂଖ୍ୟା |
|---|---|---|
| 1. | ନିଷ୍କ୍ରିୟ ପିଏସ୍‌ୟୁଗୁଡ଼ିକର ମୋଟ ସଂଖ୍ୟା | 28 |
| 2. | ଉପର (1) ମଧ୍ୟରୁ ଯେଉଁଗୁଡ଼ିକ | |
| (କ) | କୋର୍ଟ ଦ୍ୱାରା ବନ୍ଦ | 10[15] |
| (ଖ) | ସ୍ୱେଚ୍ଛାକୃତ ଭାବରେ ସମାପନ | 7[16] |
| (ଗ) | ବନ୍ଦ ଯଥା: ରହିତାଦେଶ/ ନିର୍ଦ୍ଦେଶ ଜାରି କରାଯାଇଛି କିନ୍ତୁ ସମାପନ ପ୍ରକ୍ରିୟା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ | 11 |

**1.28** ଯେଉଁ କମ୍ପାନୀଗୁଡ଼ିକ କୋର୍ଟ ଆଦେଶ ଦ୍ୱାରା ବନ୍ଦ ହୋଇଯିବା ପଥ ଅନୁସରଣ କରିଛନ୍ତି ସେଗୁଡ଼ିକ 7 ରୁ 22 ବର୍ଷ ପର୍ଯ୍ୟନ୍ତ ସମାପନ ପ୍ରକ୍ରିୟାଧିନ ଅଛନ୍ତି । କମ୍ପାନୀ ଅଧିନିୟମ ଅନ୍ତର୍ଗତ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟା

[14] **ପରିଶିଷ୍ଟ 6** ର କ୍ରମିକ ସଂଖ୍ୟା ଗ--1

[15] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା ଗ-3,5,6,7,9,18,19,20,25 ଏବଂ 26

[16] **ପରିଶିଷ୍ଟ 3** ର କ୍ରମିକ ସଂଖ୍ୟା ଗ-1,4,10,12,14,15 ଏବଂ 24

ଅଧିକ କ୍ରିୟାଶୀଳ ଅଟେ ଏବଂ ଏହା ଦୃଢ଼ଭାବରେ ଅଙ୍ଗୀକାର/ ଅନୁସରଣ କରିବା ଆବଶ୍ୟକ । ସରକାର 11 ଟି ନିଷ୍କ୍ରିୟ ପିଏସ୍‌ୟୁକୁ ବନ୍ଦ କରିବାକୁ ତୁରନ୍ତ ନିଷ୍ପତ୍ତି ନେବା ଉଚିତ୍ ଏବଂ ସମାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ।

## ହିସାବ ଉପରେ ମନ୍ତବ୍ୟ ଓ ଆଭ୍ୟନ୍ତରୀଣ ସମୀକ୍ଷା

**1.29** ଅକ୍ଟୋବର 2013 ରୁ ସେପ୍ଟେମ୍ବର 2014 ମଧ୍ୟରେ 31 ଟି କାର୍ଯ୍ୟରତ କମ୍ପାନୀ 35 ଟି ସମୀକ୍ଷିତ ହିସାବ ମହାଲେଖାକାରଙ୍କ ନିକଟକୁ ପଠାଇଥିଲେ । ସିଏଜିଙ୍କ ନିଯୁକ୍ତ ବୈଧାନିକ ସମୀକ୍ଷକମାନଙ୍କର ସମୀକ୍ଷା ରିପୋର୍ଟ ଏବଂ ସିଏଜିଙ୍କ ଅନୁପୂରଣ ସମୀକ୍ଷା ଦର୍ଶାଏ ଯେ ହିସାବ ରକ୍ଷଣାବେକ୍ଷଣର ମାନ ବହୁ ମାତ୍ରାରେ ଉନ୍ନତ କରିବା ଆବଶ୍ୟକ । ସିଏଜି ଏବଂ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ହୋଇଥିବା ବିଗତ 3 ବର୍ଷର ମନ୍ତବ୍ୟଗୁଡ଼ିକର ମୋଟ ଆର୍ଥିକ ମୂଲ୍ୟର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି :

**(ପରିମାଣ: କୋଟି ଟଙ୍କାରେ)**

| କ୍ର.ସଂ | ବିଶଦ ବିବରଣ | 2011-12 | | 2012-13 | | 2013-14 | |
|---|---|---|---|---|---|---|---|
| | | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ |
| 1. | ଲାଭରେ ହ୍ରାସ | 6 | 616.09 | 12 | 687.10 | 14 | 1,493.65 |
| 2. | କ୍ଷତିରେ ବୃଦ୍ଧି | 6 | 969.20 | 4 | 46.66 | 5 | 92.57 |
| 3. | ବାସ୍ତବିକ ତଥ୍ୟ ପ୍ରକାଶ ନ କରିବା | 11 | 515.03 | 15 | 4,734.18 | 13 | 2,305.58 |
| 4. | ହିସାବର ଶ୍ରେଣୀ ବିଭାଜନରେ ତ୍ରୁଟି | 4 | 6.75 | 2 | 0.06 | -- | -- |

**1.30** ବର୍ଷ 2013-14 ମଧ୍ୟରେ ବୈଧାନିକ ସମୀକ୍ଷକମାନେ ପାଇଥିବା ସମସ୍ତ 35 ଟି ହିସାବ ପାଇଁ ମନ୍ତବ୍ୟଯୁକ୍ତ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । କମ୍ପାନୀଗୁଡ଼ିକ ଦ୍ୱାରା ହିସାବ ମାନଦଣ୍ଡ (ଏଏସ୍) ଅନୁପାଳନ ନିମ୍ନମାନର ହୋଇଥିଲା, ଯେହେତୁ ବର୍ଷ ମଧ୍ୟରେ 24 ଟି ହିସାବରେ ହିସାବ ମାନଦଣ୍ଡ ଅନୁପାଳନ ହୋଇନଥିବାର 61 ଟି ଦୃଷ୍ଟାନ୍ତ ଦେଖାଯାଇଥିଲା ।

**1.31** କେତେକ ମହତ୍ତ୍ୱପୂର୍ଣ୍ଣ ମନ୍ତବ୍ୟ ନିମ୍ନରେ ଦିଆଯାଇଛି:

### ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (2012-13)

- ସୁଧ ଛାଡ଼ ଉପରେ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ସୂଚନା ବିନା ରାଜ୍ୟ ସରକାରଙ୍କ ବଣ୍ଡ୍ ଉପରେ ସୁଧ ଜନିତ ଋଣକୁ ନ ଦର୍ଶାଇବା ଫଳରେ 130 କୋଟି ଟଙ୍କାର ଆରକ୍ଷଣ ଓ ବଳକାର ଉର୍ଦ୍ଧ୍ୱ ମୂଲ୍ୟାୟନ ହୋଇଥିଲା ଏବଂ ସମାନ ମୂଲ୍ୟର ଅନ୍ୟାନ୍ୟ ଦୀର୍ଘ ମିଆଦୀ ଦାୟିତ୍ୱ (ଓଡ଼ିଶା ସରକାରଙ୍କ ବଣ୍ଡ୍ ଋଣ ଉପରେ ଉପାର୍ଜିତ ଏବଂ ପ୍ରାପ୍ତ ଋଣ) କମ୍ ଦର୍ଶାଯାଇଥିଲା ।

### ଓଡ଼ିଶା ଖଣି ନିଗମ ଲିମିଟେଡ୍ (2013-14)

- ଦୈତାରୀ ଖଣିର ବଳିପର୍ବତ ଷ୍ଟକ୍‌ୟାର୍ଡରେ 5,52,031 ମେଟ୍ରିକ୍ ଟନ୍‌ର ଅନ୍ତିମ ଲୁହାପଥରର ମୂଲ୍ୟାୟନ ମେଟ୍ରିକ୍ ଟନ୍ ପ୍ରତି 429.76 ଟଙ୍କା ବଦଳରେ 212 ଟଙ୍କା ହିସାବରେ ମୂଲ୍ୟାୟନ କରିବା ଫଳରେ ଚଳନ୍ତି ସମ୍ପତ୍ତି (ଦ୍ରବ୍ୟ) ର 12.02 କୋଟି ଟଙ୍କାର କମ୍ ମୂଲ୍ୟାୟନ ହୋଇଥିଲା ଏବଂ ସମାନ ମୂଲ୍ୟର କମ୍ ଲାଭ ଦର୍ଶାଯାଇଥିଲା ।

- ସାଇଟ୍ ସ୍ପେସିଫିକ୍ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ପାଇଁ 2010-11 ରୁ 2012-13 ମଧ୍ୟରେ ଚ଼ାରୋଟି ଖଣି ବାବଦରେ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ଦାବି କରାଯାଇଥିବା 9.31 କୋଟି ଟଙ୍କାର ପ୍ରାବଧାନ ନ କରିବା ଫଳରେ ଅନ୍ୟାନ୍ୟ ଚ଼ଳନ୍ତି ଦାୟିତ୍ୱ 9.31 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା ଏବଂ ସମାନ ମୂଲ୍ୟର ଲାଭ ଅଧିକ ଦର୍ଶାଯାଇଥିଲା ।

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (2013-14)**

- 2011-14 ବର୍ଷ ମଧ୍ୟରେ ବକେୟା ପ୍ରାପ୍ତ ବିଦ୍ୟୁତ୍ ଶୁଳ୍କ ଉପରେ ସୁଧ ବାବଦକୁ 100.37 କୋଟି ଟଙ୍କା ହିସାବକୁ ନ ନେବା ଫଳରେ ଚଳନ୍ତି ସମ୍ପତ୍ତି (କାରବାର ପ୍ରାପ୍ୟ) ଅନ୍ୟାନ୍ୟ ଆୟ ଏବଂ ଲାଭ 100.37 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା ।

**ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ନିବେଶ ନିଗମ ଲିମିଟେଡ୍(2011-12)**

- ସ୍ଥାୟୀ ଜମା ପ୍ରମାଣ ପତ୍ର ଏବଂ ବ୍ୟାଙ୍କ୍‌ଠାରୁ ଏ ବିଷୟରେ ନିଶ୍ଚିତତା ବିନା 81.41 କୋଟି ଟଙ୍କାର ସ୍ଥାୟୀ ଜମା ଏବଂ ତାହା ଉପରେ ଉପାର୍ଜିତ 3.73 କୋଟି ଟଙ୍କାର ସୁଧର ସତ୍ୟତା ଏବଂ ସଠିକତା ଉପରେ ତର୍ଜମା କରାଯାଇ ପାରିନଥିଲା ।

**ଓଡ଼ିଶା ଉଠା ଜଳସେଚ଼ନ ନିଗମ ଲିମିଟେଡ୍ (2011-12)**

- ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ଦେଇଥିବା ସାହାଯ୍ୟ ହିସାବରେ ଅନୁଦାନରୁ ସ୍ୱଳ୍ପ ମିଆଦୀ ଜମା ଉପରେ ଉପାର୍ଜିତ ଏବଂ ପ୍ରାପ୍ତ ସୁଧ 24.83 କୋଟି ଟଙ୍କାକୁ କମ୍ପାନୀ ନିଜର ଆୟ ଭଳି ପ୍ରଦର୍ଶନ କରିବା ଫଳରେ ଦୀର୍ଘ ମିଆଦୀ ଋଣ (ଖର୍ଚ୍ଚ ହୋଇନଥିବା ସରକାରୀ ଅନୁଦାନର କ୍ରେଡିଟ୍) କମ୍ ମୂଲ୍ୟାୟନ ହୋଇଥିଲା ଏବଂ ସମାନ ମୂଲ୍ୟର ଅନ୍ୟାନ୍ୟ ଆୟ (ସୁଧ) ଏବଂ ଲାଭ ଅଧିକ ଦର୍ଶାଯାଇଥିଲା ।

**1.32** ସେହିପରି ଅକ୍ଟୋବର 2013 ରୁ ସେପ୍ଟେମ୍ବର 2014 ମଧ୍ୟରେ ତିନୋଟି କାର୍ଯ୍ୟରତ ବୈଧାନିକ ନିଗମ ସେମାନଙ୍କର ତିନୋଟି ହିସାବ ମହାଲେଖାକାରଙ୍କ ନିକଟକୁ ପଠାଇଥିଲେ । ଏଗୁଡ଼ିକ ମଧ୍ୟରୁ ରାଜ୍ୟ ସଡ଼କ ପରିବହନ ନିଗମର ଗୋଟିଏ ହିସାବ କେବଳ ସିଏଜିଙ୍କ ସମୀକ୍ଷା ପରିସରଭୁକ୍ତ । ଅନ୍ୟ ଦୁଇଟି ହିସାବ ଅନୁପୂରକ ସମୀକ୍ଷା ପାଇଁ ଚ଼ୟନ ହୋଇଥିଲା । ସିଏଜି ଏବଂ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ହୋଇଥିବା ବିଗତ ତିନି ବର୍ଷର ମନ୍ତବ୍ୟ ଗୁଡ଼ିକ ମୋଟ ଆର୍ଥିକ ମୂଲ୍ୟର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି:

**(ପରିମାଣ: କୋଟି ଟଙ୍କାରେ)**

| କ୍ର.ସଂ | ବିଶଦ ବିବରଣ | 2011-12 | | 2012-13 | | 2013-14 | |
|---|---|---|---|---|---|---|---|
| | | ହିସାବ ସଂଖ୍ୟା | ବିବରଣ | ହିସାବ ସଂଖ୍ୟା | ବିବରଣ | ହିସାବ ସଂଖ୍ୟା | ବିବରଣ |
| 1. | ଲାଭରେ ହ୍ରାସ | 4 | 17.99 | 3 | 16.59 | 2 | 12.46 |
| 2. | ବାସ୍ତବିକ ତଥ୍ୟ ପ୍ରକାଶ ନ କରିବା | 1 | 0.35 | 3 | 42.90 | 2 | 25.25 |

ଚଳିତ ବର୍ଷ ସମସ୍ତ ତିନୋଟି ଯାକ ହିସାବକୁ ମନ୍ତବ୍ୟଯୁକ୍ତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ବୈଧାନିକ ନିଗମଗୁଡ଼ିକ ଦ୍ୱାରା ହିସାବ ମାନଦଣ୍ଡ (ଏଏସ୍) ଅନୁପାଳନ ନିମ୍ନମାନର ହୋଇଥିଲା, ଯେହେତୁ ବର୍ଷ ମଧ୍ୟରେ ଦୁଇଟି ହିସାବରେ ହିସାବ ମାନଦଣ୍ଡ ଅନୁପାଳନ ହୋଇ ନଥିବା ଚ଼ାରୋଟି ଦୃଷ୍ଟାନ୍ତ ଦେଖାଯାଇଥିଲା ।

**1.33** ବୈଧାନିକ ନିଗମଗୁଡ଼ିକର ହିସାବ ସମ୍ପର୍କିତ କେତେକ ମହତ୍ତ୍ୱପୂର୍ଣ୍ଣ ମନ୍ତବ୍ୟ ନିମ୍ନରେ ଦିଆଯାଇଛି:

**ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (2012-13)**

- କାରଖାନା ଗୃହ ପାଇଁ 3.34 ପ୍ରତିଶତ ଅବକ୍ଷୟଣ ହାର ପ୍ରାବଧାନ ଥିବାବେଳେ ଗୋଦାମ ଏବଂ ପଣ୍ୟାଗାର ପାଇଁ 1.63 ପ୍ରତିଶତ ଅବକ୍ଷୟଣ ହାର ନିଆଯାଇଥିବାରୁ ଏକତ୍ରୀକୃତ ଅବକ୍ଷୟତାରେ 7.51 କୋଟି ଟଙ୍କା ( ଚଳିତ ବର୍ଷର 1.01 କୋଟି ଟଙ୍କାର ଅବକ୍ଷୟଣ ସହିତ) ଅଧିକ ଦର୍ଶାଯାଇଥିଲା ଏବଂ ସ୍ଥାୟୀ ସମ୍ପତ୍ତି ଓ ଏକତ୍ରୀକୃତ ଲାଭ ମଧ 7.51 କୋଟି ଟଙ୍କା (ଚଳିତ ବର୍ଷର 1.01 କୋଟି ଟଙ୍କା ଲାଭ ସହିତ) କମ୍ ଦର୍ଶାଯାଇଥିଲା ।

**ଓଡ଼ିଶା ରାଜ୍ୟ ଅର୍ଥ ନିଗମ (2013-14)**

- ଉପାର୍ଜିତ ପଦ୍ଧତି ହିସାବ ଲେଖା ଆପଣେଇବା ପରେ ଏସ୍ଆଇଡିବିଆଇ ଠାରୁ ମାର୍ଚ୍ଚ 2008 ପର୍ଯ୍ୟନ୍ତ ଅଂଶଧନ ପ୍ରତିବଦଳରେ ଋଣ ଉପରେ ବକେୟା ସୁଧ ପାଇଁ ପ୍ରାବଧାନ କରାଯାଇନଥିଲା ଯାହା ପାଞ୍ଚ ବର୍ଷ ଅତିକ୍ରମ କରିଯାଇଥିଲେ ମଧ ଏସ୍ଆଇଡିବିଆଇ ଦ୍ୱାରା ଛାଡ଼ କରାଯାଇ ନଥିଲା । ଫଳସ୍ୱରୂପ ଏ ବର୍ଷ ପାଇଁ ଅନ୍ୟାନ୍ୟ ସମ୍ପତ୍ତି ଏବଂ ଲାଭ ପ୍ରତ୍ୟେକରେ 5.53 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା ।

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (2011-12)**

- ରିଲାଏନ୍ସ ରିଟେଲ ଲିମିଟେଡ୍‌କୁ ଲିଜ୍ ବାବଦରେ ଭୁବନେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ କଟକଠାରେ ଡିସେମ୍ବର 2009 ରୁ ମାର୍ଚ୍ଚ 2012 ପର୍ଯ୍ୟନ୍ତ ଦିଆଯାଇଥିବା ଜମିର ମିଳିବାକୁ ଥିବା ଲିଜ୍ ଭଡ଼ା ହିସାବକୁ ନ ନେବା ଦ୍ୱାରା ଅପରିଚାଳନା ରାଜସ୍ୱ ଚଳନ୍ତି ସମ୍ପତ୍ତି ଏବଂ ଅତିରିକ୍ତ ଲାଭ ପ୍ରତ୍ୟେକରେ 1.20 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା ।

**1.34** କମ୍ପାନୀ ଅଧିନିୟମ, 1956 ର ଧାରା 619(3)(କ) ଅନୁଯାୟୀ ସିଏଜିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ବୈଧାନିକ ସମୀକ୍ଷକମାନେ (ଚାର୍ଟାର୍ଡ ଆକାଉଣ୍ଟାଣ୍ଟ) କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ନିୟନ୍ତ୍ରଣ/ ଆଭ୍ୟନ୍ତରୀଣ ସମୀକ୍ଷା ପଦ୍ଧତି ସମେତ ବିଭିନ୍ନ ବିଷୟ ସମ୍ବନ୍ଧିତ ସବିଶଷେ ରିପୋର୍ଟ ଦାଖଲ କରିବା ଏବଂ ଉନ୍ନତିକରଣ ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକର ଚିହ୍ନଟ କରିବା ଆବଶ୍ୟକ । ଆଭ୍ୟନ୍ତରୀଣ ସମୀକ୍ଷା / ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିଗୁଡ଼ିକର ସମ୍ଭାବ୍ୟ ଉନ୍ନତିକରଣ ଉପରେ ବୈଧାନିକ ସମୀକ୍ଷକମାନଙ୍କ ଦ୍ୱାରା 2013-14 ବର୍ଷ ପାଇଁ 27 ଟି କମ୍ପାନୀ[17] କ୍ଷେତ୍ରରେ କରାଯାଇଥିବା ପ୍ରମୁଖ ମନ୍ତବ୍ୟଗୁଡ଼ିକର ଦୃଷ୍ଟାନ୍ତ ନିମ୍ନରେ ଦିଆଯାଇଛି :

| କ୍ର.ସଂ | ବୈଧାନିକ ସମୀକ୍ଷକଙ୍କ ଦ୍ୱାରା କରାଯାଇଥିବା ମନ୍ତବ୍ୟଗୁଡ଼ିକର ପ୍ରକାର | ସୁପାରିଶ କରାଯାଇ ଥିବା କମ୍ପାନୀଗୁଡ଼ିକର ସଂଖ୍ୟା | ପରିଶିଷ୍ଟ 3 ରେ ଥିବା କମ୍ପାନୀଗୁଡ଼ିକତର କ୍ରମିକ ସଂଖ୍ୟାର ସୂଚନା |
|---|---|---|---|
| 1. | ଭଣ୍ଡାର ଓ ଯନ୍ତ୍ରପାତିଗୁଡ଼ିକର ନ୍ୟୁନତମ/ ଅଧିକତମ ସୀମା ସ୍ଥିର ନ କରିବା | 09 | କ-2,5,6,11,13,19,21,26 ଏବଂ 27 |
| 2. | କମ୍ପାନୀ କାରବାର ଆକାର ଓ ପ୍ରକାର ଅନୁରୂପ ଆଭ୍ୟନ୍ତରୀଣ ସମୀକ୍ଷା ପଦ୍ଧତିର ଅନୁପସ୍ଥିତି | 19 | କ-2,3,5,6,7,9,11,12,13,16, 17,18,19,22,23,24,31,33 ଏବଂ 35 |
| 3. | ମୂଲ୍ୟ ନଥିପତ୍ର ପ୍ରସ୍ତୁତ ନ କରିବା | 5 | କ -2,7,13,15 ଏବଂ 21 |

[17] **ପରିଶିଷ୍ଟ 3** କ -1,2,3,5,6,7,9,11,12,13,14,15,16,17,18,19,21,22,23,24,26,27,28,31,33,34 ଏବଂ 35

| କ୍ର.ସଂ | ବୈଧାନିକ ସମୀକ୍ଷକଙ୍କ ଦ୍ୱାରା କରାଯାଇଥିବା ମନ୍ତବ୍ୟଗୁଡ଼ିକର ପ୍ରକାର | ସୁପାରିଶ କରାଯାଇ ଥିବା କମ୍ପାନୀଗୁଡ଼ିକର ସଂଖ୍ୟା | ପରିଶିଷ୍ଟ 3 ରେ ଥିବା କମ୍ପାନୀଗୁଡ଼ିକତର କ୍ରମିକ ସଂଖ୍ୟାର ସୂଚନା |
|---|---|---|---|
| 4. | ଆର୍ଥିକ ପରିମାଣ ସମ୍ବନ୍ଧୀୟ ତଥ୍ୟ, ଅବସ୍ଥା, ଚିହ୍ନଟ ସଂଖ୍ୟା, ଜମି ଅଧିଗ୍ରହଣ ତାରିଖ, ସ୍ଥାୟୀ ଆସ୍ତିର ହ୍ରାସ ମୂଲ୍ୟ ଏବଂ ସେଗୁଡିକର ଠିକଣା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣ ଦର୍ଶାଉଥିବା ସଠିକ୍ ନଥିପତ୍ରଗୁଡ଼ିକର ପ୍ରସ୍ତୁତ ନ କରିବା | 20 | କ-1,2,3,5,9,11,13,14,15,16,18, 19,21,22,24,27,28,33,34 ଏବଂ 35 |

## ସମୀକ୍ଷାର ଦୃଷ୍ଟାନ୍ତରେ ଆଦାୟ

**1.35** ଆର୍ଥିକବର୍ଷ 2013-14 ମଧ୍ୟରେ ଆଦାୟ ପାଇଁ ସମୀକ୍ଷାରେ ଦର୍ଶାଯାଇଥିବା 68.91 କୋଟି ଟଙ୍କା ମଧ୍ୟରୁ ପରିଚାଳନା କର୍ତ୍ତୃପକ୍ଷ 5.25 କୋଟି ଟଙ୍କାର ଆଦାୟ ସ୍ୱୀକାର କରିଥିଲେ, କିନ୍ତୁ 30 ସେପ୍ଟେମ୍ବର 2014 ସୁଦ୍ଧା ଏଥିରୁ କିଛି ଆଦାୟ କରାଯାଇପାରି ନଥିଲା । ବିଗତ ବର୍ଷଗୁଡିକରେ ଦର୍ଶାଯାଇଥିବା ଆଦାୟ ମଧ୍ୟରୁ 2013-14 ରେ 2.41 କୋଟି ଟଙ୍କା ଆଦାୟ ହୋଇଥିଲା ।

## ପୃଥକ୍ ସମୀକ୍ଷା ରିପୋର୍ଟଗୁଡିକର ଉପସ୍ଥାପନାର ସ୍ଥିତି

**1.36** ବୈଧାନିକ ନିଗମଗୁଡିକର ହିସାବ ସିଏଜିଙ୍କ ଦ୍ୱାରା ଜାରି ପୃଥକ୍ ସମୀକ୍ଷା ରିପୋର୍ଟ (ଏସଏଆର) ଗୁଡ଼ିକର ସରକାରଙ୍କ ଦ୍ୱାରା ବିଧାନସଭାରେ ଉପସ୍ଥାପିତ ହୋଇଥିବାର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି ।

| କ୍ର.ସଂ | ବୈଧାନିକ ନିଗମର ନାମ | କେଉଁ ବର୍ଷ ପର୍ଯ୍ୟନ୍ତ ଏସଏଆରଗୁଡ଼ିକ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା | କେଉଁ ବର୍ଷ ପାଇଁ ଏସ୍ଏଆର୍ ଗୁଡ଼ିକ ବିଧାନସଭାରେ ଉପସ୍ଥାପିତ ହୋଇ ନଥିଲା | | |
|---|---|---|---|---|---|
| | | | ଏସ୍ଏଆର୍ ବର୍ଷ | ସରକାରଙ୍କ ନିକଟକୁ ଜାରି ହୋଇଥିବା ତାରିଖ | ବିଧାନସଭାରେ ଉପସ୍ଥାପନାରେ ବିଳମ୍ବ ହେବାର କାରଣ |
| 1. | ଓଡ଼ିଶା ରାଜ୍ୟ ଅର୍ଥ ନିଗମ | 2012-13 | 2013-14 | 16 ସେପ୍ଟେମ୍ବର 2014 | ବାର୍ଷିକ ସାଧାରଣ ବୈଠକରେ ଗୃହୀତ ହୋଇନଥିଲା |
| 2 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | 2011-12 | 2012-13 | 25 ଜୁଲାଇ 2014 | ବାର୍ଷିକ ସାଧାରଣ ବୈଠକ ହୋଇନଥିଲା |
| 3. | ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ | 2010-11 | 2011-12 | 01 ଅଗଷ୍ଟ 2014 | ପରିଚାଳନା କର୍ତ୍ତୃପକ୍ଷ / ବିଭାଗ ଦ୍ୱାରା ତଥ୍ୟ ଦିଆଯାଇ ନଥିଲା |

ଏସଏଆରଗୁଡ଼ିକର ବିଳମ୍ବରେ ଉପସ୍ଥାପନ ବୈଧାନିକ ନିଗମଗୁଡ଼ିକର ଆର୍ଥିକ ଦାୟିତ୍ୱବୋଧକତାକୁ କୋହଳ କରେ । ସରକାର ନିଗମଗୁଡ଼ିକର ଏସଏଆର ଗୁଡ଼ିକ ତ୍ୱରିତ ଉପସ୍ଥାପନ ପାଇଁ ସୁନିଶ୍ଚିତ କରିବା ଉଚିତ୍ ।

## ପିଏସ୍ୟୁଗୁଡ଼ିକର ପୁଞ୍ଜି ପ୍ରତ୍ୟାହାର, ଘରୋଇକରଣ ଏବଂ ପୁନର୍ଗଠନ

**1.37** 2005-07 ମଧରେ ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ପୁର୍ନଗଠନ କାର୍ଯ୍ୟକ୍ରମ ମାଧମରେ 35 ଟି ପିଏସ୍ୟୁକୁ ବନ୍ଦ (13 ଟି କମ୍ପାନୀ), ଘରୋଇକରଣ (13 ଟି କମ୍ପାନୀ) ଓ ପୁର୍ନଗଠନ (9 ଟି କମ୍ପାନୀ) ପାଇଁ

ବାଛିଥିଲେ । ଏହା ଦେଖାଯାଇଥିଲା ଯେ ମାର୍ଚ୍ଚ 2014 ସୁଦ୍ଧା 2[18]ଟି ପିଏସ୍‌ୟୁ ବନ୍ଦ ହୋଇଥିଲା, 3[19] ଟି ଘରୋଇକରଣ ହୋଇଥିଲା ଏବଂ ଗୋଟିଏ ପିଏସୟୁ[20] ପୁର୍ନଗଠନ/ସଂସ୍କାର କାମ ସମ୍ପାଦନ କରିଥିଲା । ବଳକା 29[21] ଟି ପିଏସୟୁ (18ଟି କାର୍ଯ୍ୟରତ ଏବଂ 11 ଟି ନିଷ୍କ୍ରିୟ କମ୍ପାନୀ) ମଧ୍ୟରୁ 11 ଟି ପିଏସ୍‌ୟୁର ବନ୍ଦ, 9 ଟିର ଘରୋଇକରଣ, 8 ଟିର ପୁର୍ନଗଠନ ପ୍ରକ୍ରିୟା ଚାଲୁଅଛି ଏବଂ ଅବଶିଷ୍ଟ ଗୋଟିଏ କମ୍ପାନୀ ବିଷୟରେ ସରକାରୀ ଉଦ୍ୟୋଗ ବିଭାଗ କୌଣସି ତଥ୍ୟ ଦେଇନଥିଲା ।

## ଶକ୍ତି କ୍ଷେତ୍ରରେ ସଂସ୍କାର

**1.38** ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ସୁସଂଗତ କରିବା, ବିଦ୍ୟୁତ୍ ଉତ୍ପାଦନ, ସଂଚରଣ ଓ ବିତରଣ ସମ୍ପର୍କିତ ବିଷୟଗୁଡ଼ିକରେ ଉପଦେଶ ଦେବା ଏବଂ ଲାଇସେନ୍ସ ପ୍ରଦାନ କରିବାର ଉଦ୍ଦେଶ୍ୟ ନେଇ ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଅଧିନିୟମ, 1995 ଅନୁଯାୟୀ ଅଗଷ୍ଟ 1996 ରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ସ୍ଥାପିତ କରାଯାଇଥିଲା । ବର୍ଷ 2013-14 ମଧ୍ୟରେ ଓଇଆରସି 80 ଟି (ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ବିଦ୍ୟୁତ୍ ଶୁଳ୍କ ଉପରେ 20 ଟି ଏବଂ ଅନ୍ୟାନ୍ୟ ଉପରେ 60 ଟି) ଆଦେଶ ଜାରି କରିଥିଲେ । ବିଦ୍ୟୁତ୍ ଅଧିନିୟମ, 2003 ର ଧାରା 104 ଅନୁଯାୟୀ ଓଇଆରସି ବର୍ଷ 2012-13 ପାଇଁ ତା'ର ହିସାବ ପ୍ରଦାନ କରିଥିଲେ । ବିଦ୍ୟୁତ୍ ଅଧିନିୟମ, 2003 ର ଧାରା 104(2) ସହିତ ମହାଲେଖା ନିୟନ୍ତ୍ରକ ତଥା ମହାଲେଖା ସମୀକ୍ଷକଙ୍କର (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ, 1971 ର ଧାରା 19(3) ଅନୁଯାୟୀ ଓଇଆରସି ହିସାବଗୁଡ଼ିକ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଉଛି ।

**1.39** ଶକ୍ତି କ୍ଷେତ୍ରରେ ଚିହ୍ନଟ କରାଯାଇଥିବା ଲକ୍ଷ୍ୟଗୁଡ଼ିକ ସହିତ ସଂସ୍କାର କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ମିଳିତ ପ୍ରତିଶ୍ରୁତି ଆଧାରରେ ରାଜିନାମା (ଏମଓୟୁ) ସ୍ୱାକ୍ଷରିତ (ଜୁନ୍ 2001) ହୋଇଥିଲା । ପ୍ରମୁଖ ଲକ୍ଷ୍ୟଗୁଡ଼ିକ ଉପରେ ଏପର୍ଯ୍ୟନ୍ତ ହାସଲ କରାଯାଇଥିବା ଉପଲବ୍ଧିର ପ୍ରଗତି ନିମ୍ନରେ ପ୍ରଦାନ କରାଯାଇଛି :

| କ୍ର.ସଂ | ବିଶଦ ବିବରଣ | ଲକ୍ଷ୍ୟ | ମାର୍ଚ୍ଚ 2014 ସୁଦ୍ଧା ଉପଲବ୍ଧି |
|---|---|---|---|
| 1. | ସମସ୍ତ ଖାଉଟିଙ୍କ ପାଇଁ ଶତପ୍ରତିଶତ ମିଟର ବ୍ୟବସ୍ଥା କରିବା | ଡିସେମ୍ବର 2005 | 94.53 ପ୍ରତିଶତ ଖାଉଟିଙ୍କୁ ମିଟର ଯୋଗାଇ ଦିଆଯାଇଛି |
| 2. | ସମସ୍ତ ବିତରଣ ଫିଡ଼ରଗୁଡ଼ିକର ଶତ ପ୍ରତିଶତ ମିଟର ବସାଇବା | ମାର୍ଚ୍ଚ 2009 | ମିଟରିଂ କାମ 44.18 ପ୍ରତିଶତ କରାଯାଇଛି |
| 3. | ସଂଚାରଣ ଏବଂ ବିତରଣରେ କ୍ଷତି 34 ପ୍ରତିଶତରୁ ଅଧିକା ହେବ ନାହିଁ, ଯାହା 20 ପ୍ରତିଶତକୁ ହ୍ରାସ ପାଇବଇବା | 2009-10 | ବର୍ଷ 2013-14 ରେ ସଂଚାରଣ ଏବଂ ବିତରଣ ଜନିତ କ୍ଷତି 36.51 ପ୍ରତିଶତ |
| 4. | ସମସ୍ତ ଗ୍ରାମଗୁଡ଼ିକର ଶତ ପ୍ରତିଶତ ବିଦ୍ୟୁତିକରଣ | ମାର୍ଚ୍ଚ 2012 | ବିଦ୍ୟୁତିକରଣ 92.19 ପ୍ରତିଶତ ଗ୍ରାମରେ ହୋଇଥିଲା |

***(ଉତ୍ସ: ଶକ୍ତି ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)***

[18] ଓଡ଼ିଶା ଟିମ୍ବର ଏବଂ ଇଞ୍ଜିନିୟରିଂ ୱାର୍କ୍ସ ଏବଂ ଜେନେରାଲ ଇଞ୍ଜିନିୟରିଂ ଏବଂ ସାଇଣ୍ଟିଫିକ୍ ୱାର୍କ୍ସ

[19] ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱାର୍କ୍ସ ଲିମିଟେଡ୍, ଇଡକଲ ସିମେଣ୍ଟ ଲିମିଟେଡ୍ ଏବଂ ଇଡକଲ ରୋଲିଂ ମିଲ୍‌ସ ଲିମିଟେଡ୍

[20] **ପରିଶିଷ୍ଟ 3** କ - 2, 3, 4, 5, 6, 7,12, 13, 14, 17, 18, 19, 21 ,30, 32, 33 & 34; ଖ- 1; ଏବଂ ଗ- 7, 9, 13, 16, 18, 19, 20, 21, 22, 27 ଏବଂ 28

[21] ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ

# ଅଧ୍ୟାୟ II

## 2. ସରକାରୀ କମ୍ପାନୀ ଗୁଡ଼ିକର କାର୍ଯ୍ୟ ସମ୍ପାଦନାର ସମୀକ୍ଷା

## 2.1 ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର

## ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କର କାର୍ଯ୍ୟକଳାପ

### କାର୍ଯ୍ୟନିର୍ବାହୀ ସଂକ୍ଷିପ୍ତ ବିବରଣ

*ଓଡ଼ିଶା ସରକାର (ଜିଓଓ) ଙ୍କର 27 ମାର୍ଚ୍ଚ 1979 ର ନିର୍ଦ୍ଧାରଣ ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ମାଲିକାନାରେ ସେପ୍ଟେମ୍ବର 1979 ରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ସ୍ଥାପନ କରାଯାଇଥିଲା । ଉପରୋକ୍ତ ନିର୍ଦ୍ଧାରଣ ଅନୁଯାୟୀ ଜିଓଓର ପର୍ଯ୍ୟଟନ ବିଭାଗ (ଡିଓଟି) ନୀତି ନିୟୋଜନ, ପରିଯୋଜନା ମୂଲ୍ୟାଙ୍କନ, ପର୍ଯ୍ୟଟନର ପ୍ରଚାର ଓ ପ୍ରସାର ଏବଂ ପର୍ଯ୍ୟଟନର ବିକାଶ ପାଇଁ ଦାୟିତ୍ୱସମ୍ପନ୍ନ ଥିବାବେଳେ ପର୍ଯ୍ୟଟକମାନଙ୍କୁ ଆବାସ ଯୋଗାଣ, ପର୍ଯ୍ୟଟନସ୍ଥଳ ଗୁଡ଼ିକର ବିକାଶ, ପର୍ଯ୍ୟଟକମାନଙ୍କୁ ଯାତାୟାତ ସେବା ପ୍ରଦାନ, ପର୍ଯ୍ୟଟକ ମାନଙ୍କର ଆଗ୍ରହ ଏବଂ ସୁବିଧା ପାଇଁ ବିଭିନ୍ନ କ୍ଷେତ୍ର ପ୍ରସ୍ତୁତ କରିବା ଏବଂ ବହୁ ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ ଆବଶ୍ୟକୀୟ ଉପକରଣ ଏବଂ ପ୍ରଣାଳୀ ଅନୁସରଣ କରିବା ଓଟିଡିସିର ଦାୟିତ୍ୱ ଥିଲା । ମାର୍ଚ୍ଚ 2014 ସୁଦ୍ଧା, ଓଟିଡିସିର 20 ଟି ପର୍ଯ୍ୟଟନ ହୋଟେଲ ସହିତ ଖାଦ୍ୟ ପାନୀୟ ଭୂପୃଷ୍ଠ ପରିବହନ, ବିମାନ ଟିକଟ ୟୁନିଟ୍, ବାର ଓ ବିଅର ପାର୍ଲର ଥିଲା ଏବଂ ଡିଓଟିର 17 ଟି ପାନ୍ଥଶାଳା ଥିଲା ।*

*ପ୍ରକଳ୍ପ ପାଇଁ ଯୋଜନା*

*ଜିଓଓ ପ୍ରଣୟନ କରିଥିବା ଓଡ଼ିଶା ପର୍ଯ୍ୟଟନ ନୀତି (ଓଟିପି) ରେ ପ୍ରକଳ୍ପ/ନୀତି କାର୍ଯ୍ୟାନ୍ୱୟନ ପାଇଁ ଓଟିଡିସିର ଭୂମିକା ଉଲ୍ଲେଖ କରାଯାଇନଥିଲା । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଜିଓଓ କିମ୍ବା ଓଟିଡିସି କୌଣସି ଦୀର୍ଘକାଳୀନ ଯୋଜନା ଏବଂ ନିଗମ ସଞ୍ଚାଳନ ଯୋଜନା ପ୍ରସ୍ତୁତ କରିନଥିଲେ । ରାଜ୍ୟ ସରକାର 336 ଟି ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ କରିଥିଲେ ମଧ୍ୟ ଏହି ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ସ୍ଥାୟୀ ବିକାଶ ପାଇଁ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ନଥିଲା ।*

*ଭୌତିକ ଏବଂ ଆର୍ଥିକ ପ୍ରଦର୍ଶନ*

*ଭାରତ ଭ୍ରମଣରେ ଆସିଥିବା ସମୁଦାୟ ବିଦେଶୀ ପର୍ଯ୍ୟଟକଙ୍କର ଏକ ପ୍ରତିଶତରୁ କମ୍ ପର୍ଯ୍ୟଟକ ଓଡ଼ିଶା ଭ୍ରମଣରେ ଆସିଥିଲେ । ଅପର୍ଯ୍ୟାପ୍ତ ସୁବିଧା ପାଇଁ 2009-14 ବର୍ଷ ମଧ୍ୟରେ ରାଜ୍ୟକୁ ଆସିଥିବା ସମୁଦାୟ 429.98 ଲକ୍ଷ ପର୍ଯ୍ୟଟକଙ୍କ ମଧ୍ୟରୁ କେବଳ 5.60 ଲକ୍ଷ ପର୍ଯ୍ୟଟକ ଡିଓଟି/ ଓଟିଡିସି ଆବାସରେ ରହିଥିଲେ । ଦେଶର ମୋଟ ପର୍ଯ୍ୟଟନ ପରିସଂଖ୍ୟାନ ଅନୁଯାୟୀ ଦେଶୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଜାତୀୟ ସ୍ତରରେ ରାଜ୍ୟର ମାନ୍ୟତା 2010 ରେ 17 ରୁ 2012 ରେ 19 କୁ ଖସିଯାଇଥିଲା ।*

*2009-14 ବର୍ଷ ମଧ୍ୟରେ କରାଯାଇଥିବା 257.18 କୋଟି ଟଙ୍କାର ବଜେଟୀୟ ଯୋଜନା ଅଟକଳ ମଧ୍ୟରୁ ବ୍ୟକ୍ତ କରାଯାଇଥିବା 251.48 କୋଟି ଟଙ୍କା ବ୍ୟୟ ମଧ୍ୟରୁ 58.51 କୋଟି ଟଙ୍କା ଓଟିଡିସି ପାଖରେ ପଡ଼ି ରହିଥିଲା । 26 ଟି କାର୍ଯ୍ୟ ପାଇଁ ଓଟିଡିସି କୁ ପ୍ରଦାନ କରାଯାଇଥିବା 22.33 କୋଟି ଟଙ୍କା, ପ୍ରଶାସନିକ ଅନୁମୋଦନ ଅଭାବ ଏବଂ ଉପଯୁକ୍ତ ଜମିର ଅନୁପଲବ୍ଧତା ଯୋଗୁଁ ଉପଯୋଗ ନ ହୋଇ ପଡ଼ିରହିଥିଲା । କେନ୍ଦ୍ରୀୟ/ ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପ ସମ୍ବଳରୁ ଲବ୍ଧ ସୁଧରୁ ଓଟିଡିସି 26.02 କୋଟି ଟଙ୍କା ଅନିୟମିତ ଭାବରେ ଉପଯୋଗ କରିଥିଲା ।*

*ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ*

*ମାର୍ଚ୍ଚ 2014 ସୁଦ୍ଧା ଏକାଦଶତମ ଯୋଜନା କାଳର 21 ଟି କେନ୍ଦ୍ରୀୟ ପ୍ରାୟୋଜିତ ପ୍ରକଳ୍ପ (ସିଏସ୍‌ପି)ରୁ ମାତ୍ର 74.95 କୋଟି ଟଙ୍କାର କାର୍ଯ୍ୟ ସଂପାଦନ ହୋଇପାରିଥିଲା ଏବଂ କେବଳ ତିନୋଟି ପ୍ରକଳ୍ପ 41 ରୁ 68 ମାସ ବିଳମ୍ବରେ ସମ୍ପାଦିତ ହୋଇପାରିଥିଲା । ଜାରିଥିବା କାର୍ଯ୍ୟଗୁଡ଼ିକର ସମ୍ପାଦନରେ ମଧ୍ୟ 71 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ଉପଯୁକ୍ତ ଜମି ଏବଂ ଜଙ୍ଗଲ ଭୂମିର ମଞ୍ଜୁରୀ ଅଭାବ ଯୋଗୁଁ 13 ଟି ପ୍ରକଳ୍ପର 15.32 କୋଟି ଟଙ୍କାର ପ୍ରକଳ୍ପ ଉପାଦାନ ହ୍ରାସ କରାଯାଇଥିଲା । ସିଏସ୍‌ପିଗୁଡ଼ିକ ସଂପୂର୍ଣ୍ଣ ନହେବାରୁ ଓଡ଼ିଶା ସରକାର 24.59 କୋଟି ଟଙ୍କା ଫେରସ୍ତ କରିଥିଲେ ଏବଂ ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ବଜେଟ୍‌ରୁ 21.95 କୋଟି ଟଙ୍କା ସ୍ଥାନାନ୍ତରଣ କରାଯାଇଥିଲା । ଉପଯୋଗ ପ୍ରମାଣପତ୍ର ପ୍ରଦାନ ନ କରିବାରୁ ପାଞ୍ଚଟି ପ୍ରକଳ୍ପ ପାଇଁ ରାଜ୍ୟ 37.42 କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିଲା । କାର୍ଯ୍ୟ ସମ୍ପୂର୍ଣ୍ଣ*

*ସମୟ ସୀମା ଅବଧିର ଅଭାବ ଯୋଗୁଁ 43 ଟି ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପର (29.30 କୋଟି ଟଙ୍କା) ଜୁଲାଇ 2014 ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇପାରିନଥିଲା ।*

***ପିପିପି ଭିତ୍ତିରେ ପର୍ଯ୍ୟଟନ ପ୍ରକଳ୍ପର ବିକାଶ***

*ବାଣିଜ୍ୟିକ ସମ୍ଭାବ୍ୟତା ଅଧ୍ୟୟନ ଅଭାବରୁ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ପିପିପି ଭିତ୍ତିରେ ବିକାଶ ଫଳପ୍ରସୁ ହୋଇପାରି ନଥିଲା । ଶାମୁକା ବିଚ୍ ପ୍ରକଳ୍ପ ପାଇଁ 35.13 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଏବଂ 18 ବର୍ଷ ଅତିକ୍ରାନ୍ତ ପରେ ମଧ ସରକାର ଆବଶ୍ୟକୀୟ ଭିତ୍ତିଭୂମି ସଂରଚନା ବିକାଶ କରିବାରେ ବିଫଳ ହୋଇଥିଲେ ।*

***ପରିଚାଳନାଗତ ପ୍ରଦର୍ଶନ***

*ଡିଓଟି ଦ୍ୱାରା ପରିଚାଳିତ ପାନ୍ଥଶାଳାଗୁଡ଼ିକ 7.90 କୋଟି ଟଙ୍କାର କ୍ଷତି କରିଥିଲେ । 2009-14 ବର୍ଷ ମଧ୍ୟରେ ଓଟିଡିସିରେ ତିନୋଟି ହୋଟେଲ କ୍ରମାନ୍ୱୟନ ଭାବରେ କ୍ଷତି କରିଥିଲେ ଏବଂ କେବଳ ଏକରୁ ଚାରୋଟି ହୋଟେଲ ଜାତୀୟ ସ୍ତରରେ ସ୍ୱୀକୃତ ଅଧିକାର ହାରକୁ ପ୍ରାପ୍ତି କରିପାରିଥିଲେ । ଧାର୍ଯ୍ୟ ଖାଦ୍ୟ ବାବଦ ବ୍ୟୟ ଅନୁପାତକୁ ହାସଲ କରିପାରି ନଥିବାରୁ 1.94 କୋଟି ଟଙ୍କାର ଅଧିକ ଦ୍ରବ୍ୟ ବ୍ୟବହୃତ କରିବାକୁ ପଡ଼ିଥିଲା । 2009-14 ବର୍ଷ ମଧ୍ୟରେ ପର୍ଯ୍ୟଟନ ବସ୍‌ଗୁଡ଼ିକ ଉପଲବ୍ଧ ଦିବସର ମାତ୍ର 43.13 ରୁ 62.26 ପ୍ରତିଶତ ଦିବସ ଉପଯୋଗ କରିଥିଲେ ଏବଂ 4.35 କୋଟି ଟଙ୍କାର କ୍ଷତି ହୋଇଥିଲା । ହପ୍ ଅନ ହପ୍ ଅଫ୍ ବସ୍ ସେବା ପିପିପି ଭିତ୍ତିରେ ପରିଚାଳନା ବିଫଳ ହେବାରୁ ଓଟିଡିସିକୁ 1.05 କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା । ବରକୁଳଠାରେ ଥିବା ବଡ ବୋଟ୍‌ଗୁଡ଼ିକର (48.60 ରୁ 50.41 ପ୍ରତିଶତ) ଏବଂ ଭାସମାନ ଭୋଜନାଳୟର (4.49 ପ୍ରତିଶତ) କମ୍ ଉପଯୋଗ ପରିଲକ୍ଷିତ ହୋଇଥିଲା ।*

***ବିପଣନ ରଣନୀତି ଏବଂ ବାଣିଜ୍ୟିକ ପ୍ରଚାର***

*2009-14 ମଧ୍ୟରେ ଆନ୍ତର୍ଜାତୀକ ସ୍ତରରେ ପର୍ଯ୍ୟଟନ ପ୍ରଚାର ଏବଂ ପ୍ରସାର ପାଇଁ 17.87 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ଆଖିଦୃଶିଆ ହୋଇନଥିଲା । ତିନୋଟି ହୋଟେଲକୁ ତାରକାଯୁକ୍ତ ମାନ୍ୟତା ଦେବା ଏପର୍ଯ୍ୟନ୍ତ ହୋଇପାରିନାହିଁ ।*

***ପ୍ରକଳ୍ପ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ***

*ଡିଓଟି ଏବଂ ଓଟିଡିସିରେ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣତନ୍ତ୍ରରେ ଅଭାବ ଯୋଗୁଁ ପର୍ଯ୍ୟଟନ ପ୍ରକଳ୍ପଗୁଡିକର କାର୍ଯ୍ୟ ସଂପାଦନରେ ବିଳମ୍ବ ବା ସଂପାଦନ ନହେବା, ପରିଚାଳନା ପ୍ରଦର୍ଶନରେ କମି, ପର୍ଯ୍ୟଟନ ପ୍ରସାରରେ ଅଭାବ ପରିଲକ୍ଷିତ ହୋଇଥିଲା ।*

***ସୁପାରିଶ***

*ପର୍ଯ୍ୟଟନ ନୀତି ଅନୁସାରେ ଭୂମିକା ଓ କାର୍ଯ୍ୟକଳାପ ଦର୍ଶାଇ ରଣ ନୀତିକ ନିଗମ ଯୋଜନା ପ୍ରସ୍ତୁତ କରିବା, ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ପ୍ରତ୍ୟାଗମନ ଆକଳନ ପାଇଁ ଏକ ବିଶ୍ୱସନୀୟ ଡାଟାବେସ ସୃଷ୍ଟି କରିବା, କେନ୍ଦ୍ରୀୟ ଓ ରାଜ୍ୟ ସହାୟତାରୁ ପ୍ରକଳ୍ପ ଗୁଡିକୁ ସମୟବଦ୍ଧ ଭାବରେ ସଂପାଦନ ଏବଂ ଅର୍ଥଗୁଡିକର ବିନିଯୋଗ ପାଇଁ ଏକ ଉପଯୁକ୍ତ ନିୟନ୍ତ୍ରଣ ତନ୍ତ୍ରର ବିକାଶ କରିବା, ରାଷ୍ଟ୍ରୀୟ ସ୍ତରରେ ରାଜ୍ୟର ପର୍ଯ୍ୟଟକ ଆକର୍ଷଣ ମାନ୍ୟତାରେ ବୃଦ୍ଧି ପାଇଁ ଏକ ପ୍ରଭାବୀ ବିପଣନ ଏବଂ ପ୍ରଚାର ପ୍ରଥା ଗ୍ରହଣ କରିବା ପାଇଁ ଏହି ସଂପାଦନ ସମୀକ୍ଷାରେ ସୁପାରିଶ କରାଯାଇଅଛି ।*

## ଉପକ୍ରମ

**2.1.1** ଓଡ଼ିଶା ସରକାର (ଜିଓଓ) ଙ୍କର 27 ମାର୍ଚ୍ଚ 1979 ର ନିର୍ଦ୍ଧାରଣ ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ମାଲିକାନାରେ ସେପ୍ଟେମ୍ବର 1979 ରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ସ୍ଥାପନ କରାଯାଇଥିଲା । ଉପରୋକ୍ତ ନିର୍ଦ୍ଧାରଣ ଅନୁଯାୟୀ ଜିଓଓର ପର୍ଯ୍ୟଟନ ବିଭାଗ (ଡିଓଟି) ନୀତି ନିର୍ଯ୍ୟୋଜନ, ପରିଯୋଜନା ମୂଲ୍ୟାଙ୍କନ ଏବଂ ପର୍ଯ୍ୟଟନର ପ୍ରଚାର ଓ ପ୍ରସାର ପାଇଁ ଦାୟିତ୍ୱସମ୍ପନ୍ନ ଥିବାବେଳେ ପର୍ଯ୍ୟଟକମାନଙ୍କୁ ଆବାସ ଯୋଗାଣ, ପର୍ଯ୍ୟଟନସ୍ଥଳ ଗୁଡ଼ିକର ବିକାଶ, ପର୍ଯ୍ୟଟକମାନଙ୍କୁ ଯାତାୟାତ ସେବା ପ୍ରଦାନ, ପର୍ଯ୍ୟଟକ ମାନଙ୍କର ଆଗ୍ରହ ଏବଂ ସୁବିଧା ପାଇଁ ବିଭିନ୍ନ କ୍ଷେତ୍ର ପ୍ରସ୍ତୁତ କରିବା ଏବଂ ବହୁ ସଂଖ୍ୟାରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆବଶ୍ୟକୀୟ ଉପକରଣ ଏବଂ ପ୍ରଣାଳୀ ଅନୁସରଣ କରିବା ଓଟିଡିସିର ଦାୟିତ୍ୱ ଥିଲା । ଓଟିଡିସିର ସୃଷ୍ଟି ହେତୁ ରାଜ୍ୟ ସରକାରଙ୍କ ଡିଓଟି ପରିଚ଼ାଳିତ ଆବାସ ଏବଂ ପରିବହନ ପରି ସୁବିଧା ଗୁଡ଼ିକର ବାଣିଜ୍ୟିକ ଆଧାରରେ ପରିଚ଼ାଳନା କରିବା ପାଇଁ ଓଟିଡିସିକୁ ହସ୍ତାନ୍ତର (ସେପ୍ଟେମ୍ବର 1980) କରାଗଲା ।

**2.1.2** ଓଟିଡିସି ରାଜ୍ୟ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟକରୁଅଛି । ଓଟିଡିସିର ପରିଚାଳନା ଭାର ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ/ ମନୋନୀତ ଆଠ ସଦସ୍ୟ ବିଶିଷ୍ଟ ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି)ଙ୍କୁ ନ୍ୟସ୍ତ କରାଯାଇଅଛି । ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ଓଟିଡିସିର ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଧାନ କାର୍ଯ୍ୟାଳୟରେ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରର କାର୍ଯ୍ୟ ସମ୍ପାଦନ ପାଇଁ ମହାପ୍ରବନ୍ଧକ, ବିତ୍ତ ନିୟନ୍ତ୍ରକ, କମ୍ପାନୀ ସଚିବ, ଅଧିକ୍ଷଣ ଯନ୍ତ୍ରୀ ଏବଂ ପ୍ରଭାଗୀୟ ପରିଚାଳକ ସାହାଯ୍ୟ ପ୍ରଦାନ କରିଥାନ୍ତି । ପର୍ଯ୍ୟଟନ ହୋଟେଲଗୁଡ଼ିକ ବରିଷ୍ଠ ପରିଚାଳକ/ପରିଚାଳକଙ୍କ ଦ୍ୱାରା ପରିଚାଳନା ହୋଇଥାଏ ।

ମାର୍ଚ୍ଚ 2014 ସୁଦ୍ଧା, ଓଟିଡିସିର ନିଜସ୍ୱ ଖାଦ୍ୟ ପାନୀୟ ସହିତ 20 ଟି ପର୍ଯ୍ୟଟନ ହୋଟେଲ (ପାନ୍ଥନିବାସ), ଦୁଇଟି ଭୂପୃଷ୍ଠ ପରିବହନ, ଗୋଟିଏ ରେସ୍ତୋରାଁ ଏବଂ ଗୋଟିଏ ବିମାନ ଟିକଟ ୟୁନିଟ୍ ଥିଲା । କମ୍ପାନୀର ଚାରୋଟି ପାନ୍ଥନିବାସରେ ଜଳ ପରିବହନ, ଦୁଇଟି ପାନ୍ଥନିବାସରେ ମଦ୍ୟଶାଳା (ବାର) ଏବଂ ଚାରୋଟି ପାନ୍ଥନିବାସରେ ବିଅର ପାର୍ଲର (ବୈଠକ ଖାନା) ଅଛି । ପର୍ଯ୍ୟଟନ ବିଭାଗର 17 ଟି ପର୍ଯ୍ୟଟନ ଆବାସ[22] ବିଭାଗୀୟ ସ୍ତରରେ ପରିଚାଳନା କରାଯାଉଅଛି । ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସିର ୟୁନିଟ୍ ଗୁଡ଼ିକର ବିଶଦ ବିବରଣ **ପରିଶିଷ୍ଟ 7** ରେ ଉଲ୍ଲେଖ କରାଯାଇଅଛି ।

## ସମୀକ୍ଷାର ପରିସର ଏବଂ ପଦ୍ଧତି

**2.1.3** ଅପ୍ରେଲ ରୁ ଜୁଲାଇ 2014 ମଧ୍ୟରେ କରାଯାଇଥିବା ବର୍ତ୍ତମାନର ସଂପାଦନା ସମୀକ୍ଷାରେ 2009-14 ମଧ୍ୟରେ ରାଜ୍ୟରେ ପର୍ଯ୍ୟଟନ ବିକାଶରେ ଓଟିଡିସିର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଅଛି । ସମୀକ୍ଷା ଫଳାଫଳଗୁଡ଼ିକ ଡିଓଟିର ରେକର୍ଡ ବ୍ୟତୀତ ଓଟିଡିସିର ମୁଖ୍ୟ କାର୍ଯ୍ୟାଳୟ, 20 ଟି ହୋଟେଲ ମଧ୍ୟରୁ 10 ଟି ଏବଂ 30 ଟି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ମଧ୍ୟରୁ 9 ଟି ଜିଲ୍ଲାର ନମୁନା ଯାଞ୍ଚ ଉପରେ ଆଧାରିତ । ହୋଟେଲ ଗୁଡ଼ିକର ହାରାହାରି କାରବାର ଏବଂ ପର୍ଯ୍ୟଟନ କାର୍ଯ୍ୟାଳୟ ଅଧିନରେ ଥିବା ପର୍ଯ୍ୟଟନ କେନ୍ଦ୍ରକୁ ଆଧାର କରି ସ୍ଥିରୀକୃତ ନମୁନା ପଦ୍ଧତିରେ ଚୟନ କରାଯାଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନ (ବାଣିଜ୍ୟିକ) ଓଡିଶା ସରକାର, 31 ମାର୍ଚ୍ଚ 2007ରେ ଶେଷ ହୋଇଥିବା ବର୍ଷ ପାଇଁ ପ୍ରତିବେଦନରେ ଓଟିଡିସିର ହୋଟେଲ ଏବଂ ପରିବହନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ କରାଯାଇଥିଲା ।

ସମୀକ୍ଷା ଉଦ୍ଦେଶ୍ୟ ମାନଦଣ୍ଡ ଏବଂ ସମୀକ୍ଷା ପରିସର ଓ ପଦ୍ଧତି ଗୁଡ଼ିକ ଓଟିଡିସି ଏବଂ ଡିଓଟିକୁ 2 ମଇ 2014 ରେ ଆୟୋଜିତ ଏକ ପ୍ରବେଶ ସମ୍ମିଳନୀରେ ଅବଲୋକନ କରାଯାଇଥିଲା । ସମୀକ୍ଷା ଫଳାଫଳଗୁଡ଼ିକ ଓଟିଡିସି ଏବଂ ପର୍ଯ୍ୟଟନ ବିଭାଗକୁ 1 ସେପ୍ଟେମ୍ବର 2014 ରେ ଜଣାଇ ଦିଆଯାଇଥିଲା ଏବଂ 3 ନଭେମ୍ବର 2014 ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ଚର୍ଚ୍ଚା ହୋଇଥିଲା । ପ୍ରବେଶ ଏବଂ ପ୍ରସ୍ଥାନ ସମ୍ମିଳନୀରେ ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଏବଂ ଅତିରିକ୍ତ ସଚିବ ଏବଂ ଓଟିଡିସିର ବିତ୍ତୀୟ ନିୟନ୍ତ୍ରକ ଉପସ୍ଥିତ ଥିଲେ । ଏହି ରିପୋର୍ଟ ଚୂଡ଼ାନ୍ତ କଲାବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା ବ୍ୟକ୍ତ କରାଯାଇଥିବା ମତ ଏବଂ ଜବାବ (ଅକ୍ଟୋବର 2014) କୁ ବିଚାରକୁ ନିଆଯାଇଥିଲା ।

## ସମୀକ୍ଷା ଉଦ୍ଦେଶ୍ୟ

**2.1.4** ସଂପାଦନ ସମୀକ୍ଷା ଏହି ବିଷୟ ନିର୍ଦ୍ଧାରଣ ପାଇଁ କରାଯାଇଥିଲା ଯେ:

- ରାଜ୍ୟରେ ପର୍ଯ୍ୟଟନ ବିକାଶ ପାଇଁ କରାଯାଇଥିବା ଯୋଜନା ଏବଂ ରଣନୀତି ଭାରତ/ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ପର୍ଯ୍ୟଟନ ନୀତି ଆଧାରରେ ହୋଇଥିଲା ;

[22] ପାନ୍ଥଶାଳା, ପାନ୍ଥିକା, ରାସ୍ତାକଡ଼ ସୁଖ ଦାୟକ କେନ୍ଦ୍ର(ଡବ୍ଲୁଏସି) ଇତ୍ୟାଦି

- ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଦ୍ୱାରା ମଞ୍ଜୁର ପର୍ଯ୍ୟଟନ ଭିତ୍ତିଭୂମି ପରିଯୋଜନା/ ଯୋଜନା ଗୁଡିକ ମିତବ୍ୟୟିତା, ଦକ୍ଷତା ଓ ଫଳପ୍ରଦ ଭାବରେ ପରିଚାଳନା ହୋଇଥିଲା ;
- ସାର୍ବଜନୀନ ଏବଂ ଘରୋଇ ଭାଗୀଦାରୀ (ପିପିପି) ଢ଼ଙ୍ଗରେ ପର୍ଯ୍ୟଟନ ପରିଯୋଜନାଗୁଡିକ ଦକ୍ଷତାର ସହ ସଂପାଦନ ଏବଂ ଅଭିଳାଷ ଲାଭପ୍ରଦ ହୋଇଥିଲା ;
- ପର୍ଯ୍ୟଟକ ଆବାସ ୟୁନିଟ୍, ପରିବହନ ସୁବିଧା ଏବଂ ଖାଦ୍ୟ ପରିବେଷଣ ସେବା ପରି ବିଦ୍ୟମାନ ପର୍ଯ୍ୟଟନ ଭିତ୍ତିଭୂମିଗୁଡିକର ଆଶାନୁସାରେ ଏବଂ ଦକ୍ଷତାର ସହ ଉପେଯାଗ ହୋଇଥିଲା ;
- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ସ୍ୱଷ୍ଟ ପ୍ରଚାର ଓ ପ୍ରସାର ରଣନୀତି ବିଦ୍ୟମାନ ଥିଲା; ଏବଂ
- ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ସଂରଚନା ପ୍ରଭାବୀ ଥିଲା ।

## ସମୀକ୍ଷା ମାନଦଣ୍ଡ

**2.1.5** ସମୀକ୍ଷା ଉଦ୍ଦେଶ୍ୟ ହାସଲ କରିବା ପାଇଁ ନିମ୍ନୋକ୍ତ ସୂତ୍ରରୁ ସମୀକ୍ଷାର ମାନଦଣ୍ଡଗୁଡିକ ଆଧାର କରାଯାଇଥିଲା;-

- ଭାରତ ଓ ଓଡିଶା ସରକାରଙ୍କ ପର୍ଯ୍ୟଟନ ନୀତି ଏବଂ ଓଡିଶା ସରକାରଙ୍କ ପିପିପି ନୀତି 2007;
- ଡିଓଟିର କାର୍ଯ୍ୟ ସଂପାଦନ ଅଟକଳ, ପରିସଂଖ୍ୟାନ ଇସ୍ତାହାର ଏବଂ ବାର୍ଷିକ ଗତିବିଧି ପ୍ରତିବେଦନ;
- ଓଡିଶା ପୂର୍ତ୍ତ ବିଭାଗ ସଂହିତା, ଓଡିଶା ରାଜକୋଷୀୟ ଉତ୍ତର ଦାୟିତ୍ୱ ଏବଂ ବଜେଟ୍ ପ୍ରବନ୍ଧନ ଅଧିନିୟମ 2005, ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସି ମଧ୍ୟରେ ସ୍ୱାକ୍ଷରିତ ଏମ୍ଓୟୁ, ଓଡିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିଗମ ପ୍ରଶାସନ ପୁସ୍ତିକା ;
- ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାଗୁଡିକର ଦିଶାନିର୍ଦ୍ଦେଶ ; ଏବଂ
- ପରିଚାଳନା ପ୍ରଦର୍ଶନ ପାଇଁ ଡିଓଟି / ଓଟିଡିସି ଦ୍ୱାରା ସ୍ଥିରିକୃତ ଲକ୍ଷ / ମାନଦଣ୍ଡ ।

## ସମୀକ୍ଷାର ଫଳାଫଳ

## ଯୋଜନା

### *ରାଜ୍ୟ ପର୍ଯ୍ୟଟନ ନୀତି*

**2.1.6** ଓଡିଶା ସରକାର ଓଡିଶା ପର୍ଯ୍ୟଟନ ନୀତି (ଓଟିପି) 1997 ଏବଂ ଓଟିପି 2013 ପ୍ରଚଳନ କରିଥିଲା (ଫେବୃୟାରୀ 1998/ଅପ୍ରେଲ 2013) । ଏଥିରେ ନିମ୍ନଲିଖିତ ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ସାମିଲ ଥିଲା :

- ସମ୍ବଳର ସର୍ବାଧିକ ଉପଯୋଗ ଦ୍ୱାରା ଅଧିକତମ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ସହିତ ରାଜ୍ୟରେ ସେମାନଙ୍କ ହାରାହାରି ରହଣି ସମୟରେ ବୃଦ୍ଧି କରିବା ;
- ପର୍ଯ୍ୟଟନ ସମ୍ବନ୍ଧିତ ଉଦ୍ୟୋଗର ବିକାଶ ଏବଂ ରୋଜଗାର ଅବସର ସୃଷ୍ଟି କରିବା; ଏବଂ
- ବିତ୍ତୀୟ ପ୍ରୋତ୍ସାହନ ଏବଂ ଭୂମିବ୍ୟାଙ୍କ ସୃଷ୍ଟି ଦ୍ୱାରା ଘରୋଇ ସଂସ୍ଥା, ସ୍ୱୟଂଚାଳିତ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ସାମିଲ କରିବା ।

ଓଟିଡିସି ଅଧିକାଂଶ ନୀତି/ ପରିଯୋଜନାଗୁଡିକର କାର୍ଯ୍ୟାନ୍ୱୟନ/ କାର୍ଯ୍ୟନିର୍ବାହ କରୁଥିଲେ ମଧ୍ୟ ଲେଖା ପରୀକ୍ଷାରେ ଦେଖାଗଲା ଯେ ଓଟିପିରେ ଓଟିଡିସି ର ଭୂମିକା ଉଲ୍ଲେଖ କରାଯାଇନାହିଁ ।

ସରକାର ପ୍ରସ୍ଥାନ ସମ୍ମିଳନୀରେ ଲେଖା ପରୀକ୍ଷା ତଥ୍ୟକୁ ଗ୍ରହଣ କରି କହିଲେ ପରବର୍ତ୍ତୀ ନୀତି ସଂଶୋଧନ ବେଳେ ଏହି ବିଷୟରେ ଧ୍ୟାନ ଦିଆଯିବ ।

ଓଟିପିର କାର୍ଯ୍ୟାନ୍ୱୟନରେ ଦେଖାଯାଇଥିବା ଅଭାବ ଗୁଡିକ ନିମ୍ନଲିଖିତ ଅନୁଛେଦରେ ଚର୍ଚ୍ଚା କରାଯାଇଅଛି ।

***ରଣନୀତିକ ଯୋଜନା***

**2.1.7** ସମୀକ୍ଷାରେ ଦେଖାଗଲା ଯେ କେବଳ ମାଷ୍ଟର ପ୍ଲାନ୍ 1992-2002 କୁ ବାଦ୍ ଦେଇ ଓଡ଼ିଶା ସରକାର କିମ୍ବା ଓଟିଡିସି ରାଜ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ଓଟିପି 1997 ଏବଂ ଓଡ଼ିଶା ସରକାରଙ୍କର ନିଗମ ପ୍ରଶାସନ ପୁସ୍ତିକା, ନଭେମ୍ବର 2009 ରେ ପ୍ରସ୍ତାବିତ କୌଣସି ଦୀର୍ଘକାଳୀନ ଯୋଜନା/ ନିଗମ ସଞ୍ଚାଳନ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଓଟିଡିସି ର ବ୍ୟବସାୟ ଯୋଜନା ପାଇଁ ନିଯୁକ୍ତ ପରାମର୍ଶଦାତାଙ୍କ ଅନ୍ତିମ ପ୍ରତିବେଦନ ଉପସ୍ଥାପନା ପରେ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରାଯିବ । ପରନ୍ତୁ, ପରାମର୍ଶଦାତା ଦ୍ୱାରା ଉପସ୍ଥାପିତ (ଡିସେମ୍ବର 2013) ଚିଠା ପ୍ରତିବେଦନ ବିଓଡିଙ୍କୁ ଉପସ୍ଥାପନ କରାଯାଇ ନଥିଲା (ଅକ୍ଟୋବର 2014) ।

***ସମ୍ଭାବ୍ୟ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଚିହ୍ନଟ ଏବଂ ବିକାଶ***

**2.1.8** ଓଟିପି 1997 ରେ ଚିହ୍ନିତ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ପୁନର୍ବିଲୋକନ ଏବଂ ସାଧନ ଯୋଗ୍ୟ କେନ୍ଦ୍ରଗୁଡ଼ିକ ଚୟନ କରି ବିକାଶ କରିବା ପାଇଁ ଉଲ୍ଲେଖ ଥିଲା । ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟ ସରକାର 30ଟି ଜିଲ୍ଲାରେ 336 ଟି ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ ମଧ୍ୟରୁ (17 ଟି ଜିଲ୍ଲାରେ) ପ୍ରତି ସରକାର ଆଦୌ ଧ୍ୟାନ ଦେଇ ନଥିଲେ । ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଚିହ୍ନଟର 1 ରୁ 41 ବର୍ଷ ବିତିଯାଇଥିଲେ ମଧ୍ୟ ଏଗୁଡ଼ିକର ସ୍ଥାୟୀ ବିକାଶ ପାଇଁ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇନାହିଁ । ପୁନଶ୍ଚ ଦେଖାଯାଇଥିଲା ଯେ 17 ଟି ଜିଲ୍ଲାରେ 92 ଟି ପର୍ଯ୍ୟଟକ କେନ୍ଦ୍ର ଚିହ୍ନଟ ହେବା ପରେ ମଧ୍ୟ କୌଣସି ପୁଞ୍ଜି ବିନିଯୋଗ ହୋଇନଥିଲା ।

ସରକାର ତଥ୍ୟଗୁଡ଼ିକ ଗ୍ରହଣ କରି କହିଲେ ବାକିଥିବା 92 ସ୍ଥାନର ପର୍ଯ୍ୟାୟ କ୍ରମେ ଉପଲବ୍ଧ ସାଧନର ଉପଯୋଗ କରି ବିକାଶ କରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ପାଇଁ ପ୍ରଚେଷ୍ଟା କରାଯିବ । ତେବେ, ବାକି ତଥ୍ୟ ଅନୁଯାୟୀ 336 ଟି ପର୍ଯ୍ୟଟନ କେନ୍ଦ୍ର ପାଇଁ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ନଥିଲା ।

***ଭୂମି ବ୍ୟାଙ୍କର ଗଠନ***

**2.1.9** ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପ୍‌ମେଣ୍ଟ କର୍ପୋରେସନ(ଇଡ୍‌କୋ) ଦ୍ୱାରା ଭୂମି ବ୍ୟାଙ୍କ୍ ଗଠନ ଏବଂ ପର୍ଯ୍ୟଟନ ସହିତ ଅନ୍ୟ ଔଦ୍ୟୋଗିକ ପରିଯୋଜନାଗୁଡ଼ିକୁ ରିହାତି ଦରରେ ଜମି ଉପଲବ୍ଧ କରିବା ପାଇଁ ଔଦ୍ୟୋଗିକ ନୀତି ସଂକଳ୍ପ (ଆଇପିଆର୍) 2001/2007 ରେ ଉଲ୍ଲେଖ ଥିଲା । ଓଟିପି 2013 ରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ଏବେ ଯାଏଁ କୌଣସି ଭୂମିବ୍ୟାଙ୍କ୍ ସୃଷ୍ଟି କରାଯାଇ ନାହିଁ ଏବଂ ଏହାର ପରିଣାମ ସ୍ୱରୂପ ଅନେକ ଗୁଡ଼ିଏ ପର୍ଯ୍ୟଟନ ଭିତ୍ତିଭୂମି ପରିଯୋଜନାର କାର୍ଯ୍ୟନିର୍ବାହରେ ବିଳମ୍ବ ହୋଇଥିବା **ଅନୁଛେଦ 2.1.16, 2.1.22, 2.1.24, 2.1.29** ଏବଂ **2.1.32** ରେ ଚର୍ଚ୍ଚା କରାଯାଇଅଛି ।

ସରକାର ପ୍ରସ୍ଥାନ ସମ୍ମିଳନୀରେ ଭୂମି ବ୍ୟାଙ୍କ୍ ଗଠନ କରି ନଥିବା ତଥ୍ୟକୁ ଗ୍ରହଣ କରି କହିଲେ ଯେ ସମ୍ପ୍ରତି ବିଭାଗ ଗୁଡ଼ିକୁ ବିନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆହୋଇଛି ଯାହା ପ୍ରଗତିରେ ଅଛି ।

### *ବିତ୍ତୀୟ ପ୍ରୋତ୍ସାହନ ସଂପ୍ରସାରଣ*

**2.1.10** ଓଟିପି 2013 ଅନୁସାରେ ପର୍ଯ୍ୟଟନ ଉଦ୍ୟୋଗ ଦ୍ୱାରା ନୂତନ ପର୍ଯ୍ୟଟନ ୟୁନିଟ୍‌ର ନିର୍ମାଣ କିମ୍ବା ବିଦ୍ୟମାନ ପର୍ଯ୍ୟଟନର ସଂପ୍ରସାରଣ ପାଇଁ ସବ୍‌ସିଡି, କର ଏବଂ ଶୁଳ୍କରେ ଛାଡ଼ ଇତ୍ୟାଦି ପ୍ରୋତ୍ସାହନ ଦେବାର ପ୍ରାବଧାନ ଥିଲା।

ସମୀକ୍ଷାରେ ଦେଖାଗଲା ଯେ ରାଜ୍ୟ ସରକାର 2011-14 ମଧ୍ୟରେ ପର୍ଯ୍ୟଟନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ପାଇଁ 2 କୋଟି ଟଙ୍କାର ବଜେଟ୍ ପ୍ରାବଧାନ କରିଥିଲେ। ତା'ମଧ୍ୟରୁ 1.50 କୋଟି ଟଙ୍କା ଖର୍ଚ୍ଚ ନକରି ଓଟିଡିସି ପାଖରେ ଗଚ୍ଛିତ ରଖାଯାଇଥିଲା ଏବଂ ବାକି 50 କୋଟି ଟଙ୍କା ଫେରାଇ ଦିଆଯାଇଥିଲା (2013-14)। ଯଦିଓ ପର୍ଯ୍ୟଟନ ବିଭାଗ ମୁଖ୍ୟତଃ ନୂତନ ହୋଟେଲ ପ୍ରତିଷ୍ଠା ପାଇଁ ବିଭିନ୍ନ ସଂସ୍ଥାପକଙ୍କଠାରୁ 68 ପ୍ରସ୍ତାବ ପ୍ରାପ୍ତ କରିଥିଲା, ଗଠିତ ଟାସ୍କ ଫୋର୍ସ କୌଣସି ପ୍ରସ୍ତାବକୁ ଏଥିପାଇଁ ସୁପାରିଶ କରିନଥିଲେ। ଏହା ପରିବର୍ତ୍ତେ, ଟାସ୍କଫୋର୍ସ ପ୍ରତି ଜିଲ୍ଲାରେ କ୍ଷେତ୍ର ସର୍ବେକ୍ଷଣ ଏବଂ ପରିଯୋଜନା ଯାଞ୍ଚ କରିବା ପାଇଁ ନୋଡାଲ୍ ଅଧିକାରୀ ନିଯୁକ୍ତ କରିବା ପାଇଁ ଏବଂ ପ୍ରସ୍ତାବ ଗୁଡ଼ିକୁ ପୁନଃ ଉପସ୍ଥାପନ ପାଇଁ ପର୍ଯ୍ୟଟନ ବିଭାଗକୁ (ମେ 2014) ନିର୍ଦ୍ଦେଶ ଦେଇଥିଲେ।

ସରକାର ଓଟିଡିସି ପାଖରେ ଗଚ୍ଛିତ ରଖାଯାଇଥିବା ପାଣ୍ଠିର ତଥ୍ୟକୁ ଗ୍ରହଣ କରି କହିଲେ ଯେ ଓଟିପି 2013 ଅନୁସାରେ ବିପଣନ ପ୍ରୋତ୍ସାହନକୁ ବାଦ୍ ଦେଇ ଅନ୍ୟ ବିତ୍ତୀୟ ପ୍ରୋତ୍ସାହନଗୁଡ଼ିକ ପ୍ରସ୍ତାବ ଅନୁମୋଦନ କିମ୍ବା ବାଣିଜ୍ୟିକ ଚାଲୁହେବା ତାରିଖର ତିନିବର୍ଷ ପରେ ଦେୟ ହେବ।

### *ପୁନର୍ଗଠନ ଯୋଜନା*

**2.1.11** ଅନ୍ତ ମନ୍ତ୍ରାଳୟ ପୂର୍ବବିଲୋକନ ବୈଠକର (ସେପ୍ଟେମ୍ବର 2005) ନିର୍ଣ୍ଣୟ ଆଧାରରେ ଡିଓଟି ଦ୍ୱାରା ପୂର୍ବରୁ ନିୟୋଜିତ ଏକ ପରାମର୍ଶଦାତାକୁ ଓଟିଡିସି ବ୍ୟାପକ ସଂସ୍କାର ଯୋଜନା ପ୍ରସ୍ତୁତ କାର୍ଯ୍ୟ ନ୍ୟସ୍ତ କରିଥିଲେ। ଓଟିଡିସିର 22 ଟି ହୋଟେଲ ମଧ୍ୟରୁ 14 ଟି ହୋଟେଲକୁ ପିପିପି ଭିତ୍ତିରେ ବିକଶିତ କରିବା ଏବଂ ଘରୋଇ ଭାଗିଦାରୀ ଦ୍ୱାରା ପର୍ଯ୍ୟଟନର ବିକାଶ ପାଇଁ ପରାମର୍ଶଦାତା ପ୍ରସ୍ତାବ ଦେଇଥିଲେ (ଜାନୁଆରୀ 2007)।

ସମୀକ୍ଷାରେ ଜଣାଗଲା ଯେ ପିପିପି ପ୍ରଣାଳୀ ମାଧ୍ୟମରେ କେବଳ ଦୁଇଟି[23] ହୋଟେଲକୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିବା ବ୍ୟତୀତ, ବିଓଡି ଦ୍ୱାରା ମଞ୍ଜୁର (ମାର୍ଚ୍ଚ 2007) ପୁନର୍ଗଠନ ଯୋଜନା ଆଜି ଯାଏ (ଅକ୍ଟୋବର 2014) କାର୍ଯ୍ୟକାରୀ ହୋଇପାରି ନାହିଁ ଏବଂ ଏହାର କାରଣ ମଧ୍ୟ ଅଭିଲେଖ କରାଯାଇନାହିଁ। ପୁନଶ୍ଚ ଓଟିଡିସିର ଅନୁରୋଧରେ ସାର୍ବଜନିକ ଉଦ୍ୟୋଗ ବିଭାଗ ଓଟିଡିସିର ମାନବ ସମ୍ବଳର ଆକଳନ ଏବଂ ସଂଗଠନାତ୍ମକ ଢାଞ୍ଚାର ଖସଡ଼ା ପ୍ରସ୍ତୁତ ପାଇଁ ନଭେମ୍ବର 2011 ରେ ଏକ ମରାମର୍ଶଦାତା ନିଯୁକ୍ତ କରିଥିଲେ। ପରାମର୍ଶଦାତା ଏହାର ଚିଠା ବ୍ୟବସାୟ ଯୋଜନା ପ୍ରତିବେଦନରେ (ଡିସେମ୍ବର 2013) ଚାରୋଟି[24] ପାନ୍ଥନିବାସର କ୍ଷମତା ବୃଦ୍ଧି, ଆଠଟି[25] ପାନ୍ଥନିବାସରେ ସୀମିତ ନିବେଶର ସହ ସୁବିଧା ଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଏବଂ ଆଠଟି[26] ୟୁନିଟର ବିନିବେଶ/ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ନିର୍ଦ୍ଦେଶକ ମଣ୍ଡଳୀର ନଜରକୁ ଅଣାଯାଇ ନଥିଲା କିମ୍ବା ଜୁଲାଇ 2014 ଯାଏଁ ଅନ୍ତିମ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା। ପରାମର୍ଶଦାତା ନିୟୋଜିତ କରି ବ୍ୟବସ୍ଥିତ କରାଯାଇଥିବା ସୁଧାର ଯୋଜନା ଗୁଡ଼ିକ ଫଳପ୍ରଦ ହୋଇପାରି ନଥିଲା।

ସରକାର ଏହି ତଥ୍ୟ ଗ୍ରହଣ କରି କହିଥିଲେ ଯେ ଚିଠା ବ୍ୟବସାୟ ଯୋଜନାକୁ ଓଟିଡିସିର ପରବର୍ତ୍ତୀ ବୋର୍ଡ ବୈଠକରେ ଉପସ୍ଥାପନ କରାଯିବ।

[23] ମହୋଦଧି ନିବାସ, ପୁରୀ ଏବଂ ପାନ୍ଥନିବାସ, ଢେଙ୍କାନାଳ

[24] ପୁରୀ, ଭୁବନେଶ୍ୱର, ସମ୍ବଲପୁର ଏବଂ କେନ୍ଦୁଝର

[25] ରାଉରକେଲା, ପାରାଦୀପ, ଗୋପାଳପୁର, ଚାନ୍ଦିପୁର, ପଞ୍ଚଲିଙ୍ଗେଶ୍ୱର, ରମ୍ଭା, ବରକୁଳ ଏବଂ ତପ୍ତପାଣି

[26] ଧଉଳି, କଟକ, ବାଲେଶ୍ୱର, କୋଣାର୍କ, ଚାନ୍ଦବାଲି, ଚନ୍ଦନେଶ୍ୱର, ସାତପଡ଼ା ଏବଂ ଢେଙ୍କାନାଳ

## ଭୌତିକ ଏବଂ ଆର୍ଥିକ କାର୍ଯ୍ୟ ସମ୍ପାଦନ

### *ଭୌତିକ କାର୍ଯ୍ୟ ସମ୍ପାଦନ*

### *ପର୍ଯ୍ୟଟକ ପରିସଂଖ୍ୟାନର ସଂଗ୍ରହ*

**2.1.12** ନୀତି ପ୍ରଣୟନ ଏବଂ ନିଷ୍ପତ୍ତି ନେବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ (ଏମ୍‌ଓଟି) ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳର ସବୁ ହୋଟେଲ ଗୁଡିକରୁ ଦେଶୀ ଏବଂ  ବିଦେଶୀ ପର୍ଯ୍ୟଟକ ଙ୍କ ଗଣନା କରି ପ୍ରତି ମାସରେ ଓମ୍‌ଓଟିକୁ ତଥ୍ୟ ପଠାଇବା ପାଇଁ ଓଡିଶା ସରକାରଙ୍କୁ ଜାନୁଆରୀ 2003 ରେ ଅନୁଦେଶ ଦେଇଥିଲେ ।

ସମୀକ୍ଷାରେ ଦେଖାଗଲା ଯେ ମାର୍ଚ୍ଚ 2014 ସୁଦ୍ଧା ସରକାର 336 ଟି ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ କରିଥିଲେ ମଧ୍ୟ ପ୍ରତି କେନ୍ଦ୍ରରେ କେତେ ପର୍ଯ୍ୟଟକ ଆବାସ ଥିଲା ତାର ଚିହ୍ନଟ କରିନଥିଲେ । ପୁନଶ୍ଚ ଭାରତ ସରକାରଙ୍କ ଅନୁଦେଶ ଅନୁଯାୟୀ ପ୍ରତ୍ୟେକ ପର୍ଯ୍ୟଟକ ଆବାସରୁ ତଥ୍ୟ ସଂଗ୍ରହ ହୋଇନଥିଲା । ତେଣୁ ତଥ୍ୟଗୁଡିକ ବିଶ୍ୱସନୀୟ ନୁହେଁ ।

ସରକାର କହିଥିଲେ ଯେ ଚିହ୍ନିତ 336 ପର୍ଯ୍ୟଟନ କେନ୍ଦ୍ର ମଧ୍ୟରୁ 118 ଟି କେନ୍ଦ୍ରରେ ପର୍ଯ୍ୟଟନ ଆବାସର ସୁବିଧା ଅଛି ଏବଂ ମାନବ ସମ୍ବଳର ଅଭାବ ଯୋଗୁଁ କିଛି କେନ୍ଦ୍ରରୁ ନମୁନା ଯାଞ୍ଚ ପଦ୍ଧତିରେ ତଥ୍ୟ ସଂଗ୍ରହ କରାଯାଇଥିଲା ।

### *ଓଡ଼ିଶାକୁ ପର୍ଯ୍ୟଟକ ଆଗମନ ବୃଦ୍ଧି*

**2.1.13** ପୁରା ଦେଶର ପର୍ଯ୍ୟଟକ ପରିସଂଖ୍ୟାନ ଆକଳନ ଅନୁସାରେ ରାଜ୍ୟ ଦେଶୀୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାରେ 2010 ରେ ଥିବା 17 ତମ ସ୍ଥାନରୁ 2012 ରେ 19ତମ ସ୍ଥାନକୁ ଖସି ଆସିଥିଲା ।

**ରାଜ୍ୟରେ ବିଦେଶୀ ପର୍ଯ୍ୟଟକଙ୍କ ଅଂଶ ଜାତୀୟ ସ୍ତରରେ ଏକ ପ୍ରତିଶତରୁ କମ୍ ଥିଲା ।**

2009-14 ମଧ୍ୟରେ ରାଜ୍ୟ ସରକାର ଆନ୍ତର୍ଜାତୀୟ ସ୍ତରରେ ପର୍ଯ୍ୟଟନର ପ୍ରଚାର ଏବଂ ପ୍ରସାର ପାଇଁ 17.87 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାରେ ବିଫଳ ହୋଇଥିଲା ଏବଂ ବାର୍ଷିକ ବୃଦ୍ଧିହାର 2011-12 ଥିବା 18.86 ପ୍ରତିଶତରୁ 2013-14 ରେ 3.08 ପ୍ରତିଶତକୁ ଖସି ଯାଇଥିଲା । ଭାରତ ଭ୍ରମଣରେ ଆସିଥିବା ସମୁଦାୟ ବିଦେଶୀ ପର୍ଯ୍ୟଟକଙ୍କର ଶତକଡା 1 ଭାଗରୁ ମଧ କମ୍ ଓଡ଼ିଶାକୁ ଆସିଥିଲେ । ପୁନଶ୍ଚ ବିଦେଶୀ  ପର୍ଯ୍ୟଟକ ତାଲିକାରେ ରାଜ୍ୟର ମାନ୍ୟତା 2010 ରୁ 2012 ମଧ୍ୟରେ 19 ତମ ଓ 20 ତମ ମଧ୍ୟରେ ଥିଲା । ରାଜ୍ୟରେ ଦେଶୀୟ ଏବଂ ବିଦେଶୀ ପର୍ଯ୍ୟଟକଙ୍କ କମ୍ ବୃଦ୍ଧି ହାରକୁ ଡିଓଟି/ ଓଟିଡିସି ଦ୍ୱାରା ବିଶ୍ଳେଷଣ କରାଯାଇନାହିଁ ।

ସରକାର ଏହି ତଥ୍ୟକୁ ଗ୍ରହଣ କରି କହିଥିଲେ ଯେ ବାମପନ୍ଥୀ ଉଗ୍ରବାଦୀ ଗତିବିଧି, ଆଦିମ ଜନଜାତି ସମୂହ କ୍ଷେତ୍ରକୁ ପର୍ଯ୍ୟଟନ ପ୍ରତିବନ୍ଧ ଏବଂ ଅପର୍ଯ୍ୟାପ୍ତ ରେଳ ଏବଂ ସଡ଼କ ଯୋଗାଯୋଗ ସୁବିଧା ଇତ୍ୟାଦି କାରଣ ଯୋଗୁଁ ପର୍ଯ୍ୟଟନର ବିକାଶରେ ବୃଦ୍ଧି ହୋଇନଥିଲା ।

2009-14 ମଧ୍ୟରେ ସମୁଦାୟ 429.98 ଲକ୍ଷ ପର୍ଯ୍ୟଟକଙ୍କ ମଧ୍ୟରୁ କେବଳ 5.60 ଲକ୍ଷ ପର୍ଯ୍ୟଟକ (1.30 ପ୍ରତିଶତ) ଡିଓଟି/ଓଟିଡିସି ଆବାସରେ ରହିଥିଲେ । ଏଥିରେ ବିଦେଶୀ ପର୍ଯ୍ୟଟକଙ୍କ ହାର ମାତ୍ର 1.86  ପ୍ରତିଶତ ଥିଲା । ଏହା ଡିଓଟି/ ଓଟିଡିସିର ଆବାସ ଗୁଡ଼ିକରେ ଅପର୍ଯ୍ୟାପ୍ତ ସୁବିଧାର ଅଭାବଗୁଡ଼ିକ ଦର୍ଶାଇ ଅଛି ଏବଂ ସେହି ସବୁ ଅଭାବଗୁଡ଼ିକ **ଅନୁଚ୍ଛେଦ 2.1.41** ଏବଂ **2.1.51** ରେ ଉଲ୍ଲେଖ କରାଯାଇଅଛି ।

ସରକାର କହିଲେ ଯେ ଡିଓଟି/ ଓଟିଡିସି ଦ୍ୱାରା ପରିଚାଳିତ ହୋଟେଲ ଗୁଡ଼ିକ କମ୍ ଜଣାଶୁଣା ପର୍ଯ୍ୟଟକ କେନ୍ଦ୍ରରେ ଅବସ୍ଥିତ ଯେଉଁଠିକୁ ପର୍ଯ୍ୟଟକଙ୍କ ଆଗମନ କେବଳ ସାମୟିକ । ରୁମ୍ ଉପଲବ୍ଧି ସମଗ୍ର ରାଜ୍ୟର ରୁମ୍ ଉପଲବ୍ଧିର କେବଳ 1.63 ପ୍ରତିଶତ ।

### *ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ନିର୍ମାଣ*

**2.1.14** ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ (ଏମ୍‌ଓଟି) ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ନିର୍ମାଣ ପାଇଁ ସେପ୍ଟେମ୍ବର 2009 ରେ ହୁନର୍ ସେ ରୋଜଗାର୍ ତକ୍ (ଏଚ୍‌ଏସ୍‌ଆର୍‌ଟି) ଯୋଜନା ପ୍ରାରମ୍ଭ କରିଥିଲେ । ଏହି ଯୋଜନାରେ 18 ରୁ 28 ବର୍ଷ ମଧ୍ୟରେ ନିମ୍ନତମ ଅଷ୍ଟମ ପାସ୍ କରିଥିବା ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି କୌଶଳ ପ୍ରଶିକ୍ଷଣ ଦିଆଯାଇଥାଏ । ଏହି ଯୋଜନାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ବିଷୟଗୁଡ଼ିକ ପାଇଁ ବର୍ଷକୁ ସର୍ବନିମ୍ନ 2 ଥର ପାଇଁ 6 ରୁ 8 ସପ୍ତାହ ଅବଧି ପ୍ରଶିକ୍ଷଣ କରାଯିବାର ପ୍ରାବଧାନ ଥିଲା । ପ୍ରତ୍ୟେକ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ 9,375 ଟଙ୍କାରୁ 12,012 ଟଙ୍କା ମଧ୍ୟରେ ଆର୍ଥିକ ସହାୟତା ଦିଆଯାଇଥାଏ । ଏହି ଯୋଜନା ପାଇଁ ସମୁଦାୟ ପ୍ରଶିକ୍ଷଣ ପାଇଥିବା ପ୍ରଶିକ୍ଷାର୍ଥୀ ଆଧାରରେ ଏମ୍‌ଓଟି ଆର୍ଥିକ ସହାୟତା ଦେଇଥାଏ । ମଞ୍ଜୁର ପରିମାଣର 50 ପ୍ରତିଶତ ପ୍ରଥମ କିସ୍ତିରେ ଦେୟ ହୋଇଥାଏ ଏବଂ ପ୍ରଥମ କିସ୍ତିର ଉପଯୋଗ ପ୍ରମାଣପତ୍ର ଦେଲା ପରେ ପରବର୍ତ୍ତୀ କିସ୍ତି ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମରେ ପାସ୍ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି ସୁଯୋଗ ପାଇଁ ରାଜ୍ୟ ସରକାର ଏବଂ କାର୍ଯ୍ୟାନ୍ୱୟନ ଅନୁଷ୍ଠାନଗୁଡ଼ିକ ପ୍ରଚେଷ୍ଟା କରିବାର ପ୍ରାବଧାନ ଥିଲା । 2010-14 ମଧ୍ୟରେ ଏମ୍‌ଓଟି ଦ୍ୱାରା ମଞ୍ଜୁର ଆର୍ଥିକ ଅନୁଦାନ ଏବଂ ଏହାର ଉପଯୋଗ ନିମ୍ନରେ ପ୍ରଦତ୍ତ କରାଗଲା :

*(କୋଟି ଟଙ୍କାରେ)*

| ବର୍ଷ | ଏମ୍‌ଓଟି ଦ୍ୱାରା ମଞ୍ଜୁର ପରିମାଣ | ଏମ୍‌ଓଟି ଦ୍ୱାରା ଖଲାସ ପରିମାଣ | ଉପଯୋଗ ପରିମାଣ | ପ୍ରଶିକ୍ଷଣ ହେବାକୁ ଥିବା ବ୍ୟକ୍ତି | ପ୍ରଶିକ୍ଷିତ ବ୍ୟକ୍ତି ସଂଖ୍ୟା | ସ୍ଥାନ |
|---|---|---|---|---|---|---|
| 2010-11 | 0.53 | 0.53 | 0.50 | 500 | 475 | 456 |
| 2011-12 | 1.06 | 0.53 | 0.48 | 1000 | 454 | 417 |
| 2012-13 | 2.14 | 1.00 | 1.07 | 2000 | 1000 | 917 |
| 2013-14 | 3.24 | 1.62 | 1.62 | 3000 | 1500 | 1402 |
| **ମୋଟ** | **6.97** | **3.68** | **3.67** | **6500** | **3429** | **3192** |

***(ଉତ୍ସ : ଡିଓଟି ଠାରୁ ମିଳିଥିବା ତଥ୍ୟ)***

ଏଚ୍‌ଏସ୍‌ଆର୍‌ଟି ଯୋଜନା ଅନୁସାରେ ରାଜ୍ୟରେ 6,500 ଜଣ ବ୍ୟକ୍ତି ପ୍ରଶିକ୍ଷଣ ପାଇବାର ଥିଲା । କିନ୍ତୁ ତା'ବଦଳରେ ମାତ୍ର 3,429 ଜଣ ବ୍ୟକ୍ତି (53 ପ୍ରତିଶତ)ଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଏବଂ ତା'ମଧ୍ୟରୁ 3,192 ଜଣ ପ୍ରଶିକ୍ଷାର୍ଥୀଙ୍କୁ (49 ପ୍ରତିଶତ) ନିଯୁକ୍ତି ସୁଯୋଗ ଦିଆଯାଇଥିଲା । 2011-14 ମଧ୍ୟରେ ଓଡ଼ିଶା ସରକାର ପ୍ରଥମ କିସ୍ତିର ୟୁସି ସଠିକ୍ ସମୟରେ ଉପସ୍ଥାପନା କରି ପାରିନଥିବାରୁ ଦ୍ୱିତୀୟ କିସ୍ତି ପାଇଁ 3.29 କୋଟି ଟଙ୍କା ପାଇବାରେ ବିଫଳ ହୋଇଥିଲେ । ଏହିପରି ଭାବରେ ଜିଓଓ ଯୋଜନାର ଉଦ୍ଦେଶ୍ୟକୁ ହାସଲ କରିପାରି ନଥିଲେ ।

**ୟୁସି ଦେବାରେ ବିଫଳତା ପାଇଁ ଜିଓଓ 3.29 କୋଟି ଟଙ୍କାର ସିଏଫ୍‌ଏ ପାଇବାରେ ବିଫଳ ହୋଇଥିଲା ।**

ସରକାର କହିଲେ ଯେ ଏମ୍‌ଓଟି ଦ୍ୱାରା ପାଣ୍ଠି ମଞ୍ଜୁରରେ ବିଳମ୍ବ ଯୋଗୁଁ ଡିଓଟି ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆୟୋଜନ କରିପାରିନଥିଲା । ଯାହାହେଉ, ଏହା ସତ୍ୟ ଯେ ୟୁସି ଉପସ୍ଥାପନରେ ବିଳମ୍ବ ହେତୁ ଭାରତ ସରକାର ଦ୍ୱିତୀୟ କିସ୍ତି ଖଲାସ କରି ନଥିଲେ ।

### *ଆର୍ଥିକ କାର୍ଯ୍ୟ ସମ୍ପାଦନ*

### *ବଜେଟୀୟ ନିୟନ୍ତ୍ରଣ*

**2.1.15** ଓଡ଼ିଶା ରାଜକୋଷୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ୍ ପ୍ରବନ୍ଧନ ଅଧିନିୟମ 2005 ଅନୁସାରେ ସରକାର ସାମାନ୍ୟ ଆର୍ଥିକ ଦୃଷ୍ଟିକୋଣ ଏବଂ ଯଥାର୍ଥବାଦୀ ରାଜସ୍ୱ ସମ୍ଭାବନା ଏବଂ ବର୍ଷ ମଧ୍ୟରେ କମ୍ ବ୍ୟତିକ୍ରମ ଇତ୍ୟାଦି ଆଧାରକୁ ନେଇ ଏକ ବାସ୍ତବବାଦୀ ଏବଂ ଉଦ୍ଦେଶ୍ୟ ମୂଳକ ବଜେଟ୍ ପ୍ରସ୍ତୁତ କରିବାର ଥିଲା ।

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧ୍ୟରେ ବ୍ୟକ୍ତ କରାଯାଇଥିବା 251.48 କୋଟି ଟଙ୍କା ଖର୍ଚ୍ଚ ମଧ୍ୟରୁ 58.51 କୋଟି ଟଙ୍କା ଓଟିଡିସି ପାଖରେ ପଡ଼ି ରହିଛି । ପାଣ୍ଠିର ମଞ୍ଜୁରୀ ଏବଂ ଖଲାସରେ ହୋଇଥିବା ଅଭାବଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଚର୍ଚ୍ଚା କରାଯାଇଅଛି ।

### *କାର୍ଯ୍ୟଗୁଡ଼ିକ ପାଇଁ ପ୍ରଶାସନିକ ଅନୁମୋଦନ ବିନା ପାଣ୍ଠିର ଖଲାସ*

**2.1.16** ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାର ପ୍ରାବଧାନ ଅନୁସାରେ ଭୂମି ଅଧିଗ୍ରହଣ, ବୈଧାନିକ ମଞ୍ଜୁରୀ ଏବଂ ବିଶଦ ଡ୍ରଇଙ୍ଗ୍ ପ୍ରସ୍ତୁତ ପରେ ପ୍ରଶାସନିକ ଅନୁମୋଦନ (ଏଏ) ଦିଆଯାଇଥାଏ ।

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧ୍ୟରେ ଡିଓଟି, 29 ଟି ବିଭିନ୍ନ କାର୍ଯ୍ୟ ପାଇଁ ଓଟିଡିସିକୁ ଦିଆଯାଇଥିବା 23.17 କୋଟି ଟଙ୍କା ମଧ୍ୟରୁ 22.33 କୋଟି ଟଙ୍କା ପ୍ରଶାସନିକ ଅନୁମୋଦନ ଅଭାବ ଯୋଗୁଁ (19 ଟି କାର୍ଯ୍ୟ: 14.92 କୋଟି ଟଙ୍କା) କିମ୍ବା ନିର୍ମାଣ ପାଇଁ ଭୂମିର ଉପଲବ୍ଧତା ସୁନିଶ୍ଚିତ ବିନା ପ୍ରଶାସନିକ ଅନୁମୋଦନ ଦିଆଯାଇଥିବାରୁ (7 ଟି କାର୍ଯ୍ୟ: 7.41 କୋଟି ଟଙ୍କା) ଉପଯୋଗ ନ ହୋଇ ପଡ଼ି ରହିଛି ।

ସରକାର ପ୍ରସ୍ଥାନ ସମ୍ମିଳନୀରେ ଏହି ତଥ୍ୟକୁ ଗ୍ରହଣ କରିବା ସହିତ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଟିପ୍ପଣୀକୃତ କଲେ ।

### *ମନୋନୟନ ପ୍ରକ୍ରିୟାରେ କାର୍ଯ୍ୟ ପ୍ରଦାନ*

**2.1.17** ରାଜ୍ୟ ସରକାରଙ୍କ ଦିଶାନିର୍ଦ୍ଦେଶ (ଜୁନ୍ 2001) ରେ ଓଟିଡିସି କୁ ଗୋଟିଏ ବର୍ଷ ମଧ୍ୟରେ 6 କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ବିନା ଟେଣ୍ଡରରେ ପ୍ରଦାନ କରିବାର ପ୍ରାବଧାନ ଥିଲା । ଏତଦ୍ ବ୍ୟତୀତ 6 କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାର୍ଯ୍ୟ ପାଇଁ ଓଟିଡିସିକୁ ଅନ୍ୟମାନଙ୍କ ସହିତ ଟେଣ୍ଡରରେ ପ୍ରତିଯୋଗିତା କରିବାକୁ ପଡ଼ିବ । ପ୍ରଦତ୍ତ କାର୍ଯ୍ୟଗୁଡ଼ିକ ପାଇଁ ଓଟିଡିସିକୁ ଏକ ମାନକ ଫର୍ମାରେ ଚୁକ୍ତି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି ।

ସମୀକ୍ଷାରେ ଦେଖାଗଲା ଯେ 2009-13 ମଧ୍ୟରେ ବିହିତ ସୀମା ଠାରୁ 19.16 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟକୁ ବିନା ଟେଣ୍ଡରରେ ଓଟିଡିସିକୁ ମନୋନୟନ ପଦ୍ଧତିରେ ପ୍ରଦାନ କରାଯାଇଥିଲା । ଆହୁରି ମଧ୍ୟ ଦେଖାଗଲା ଯେ ଏହି କାର୍ଯ୍ୟଗୁଡ଼ିକର ସମ୍ପାଦନ ସମୟ ସାରଣୀକୁ ନିର୍ଦ୍ଧାରଣ କରି ଓଟିଡିସି ସହିତ କୌଣସି ଚୁକ୍ତି କରାଯାଇ ନଥିଲା । ଏହାର ଫଳସ୍ୱରୂପ ବହୁତ ଗୁଡ଼ିଏ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା **ଅନୁଚ୍ଛେଦ 2.1.29** ରୁ **2.1.33** ରେ ଚର୍ଚ୍ଚା କରାଯାଇଅଛି ।

ସରକାର ପ୍ରସ୍ଥାନ ସମ୍ମିଳନୀରେ ଲେଖା ପରୀକ୍ଷା ଅବଲୋକନକୁ ଗ୍ରହଣ କରିବା ସହିତ କହିଥିଲେ ଯେ ଅର୍ଥ ବିଭାଗ ସହ ପରାମର୍ଶ କରି 2001 ରେ ଜାରି ହୋଇଥିବା ଦିଶା ନିର୍ଦ୍ଦେଶକୁ ପୁନରୀକ୍ଷଣ କରାଯିବ ।

### *କାର୍ଯ୍ୟ ପ୍ରଗତିର ବିନା ପର୍ଯ୍ୟାଲୋଚନାରେ ପାଣ୍ଠିର ଖଲାସ*

**2.1.18** ସରକାରଙ୍କ ଜୁନ୍ 2001 ଦିଶାନିର୍ଦ୍ଦେଶ ଅନୁସାରେ କାର୍ଯ୍ୟର ପ୍ରଗତିକୁ ବିଚାରକୁ ନେଇ ଓଟିଡିସିକୁ ଉପଯୁକ୍ତ କିସ୍ତିରେ ପାଣ୍ଠି ପ୍ରଦାନ ଏବଂ ଏହିସବୁ କିସ୍ତିକୁ ଅଗ୍ରିମ ହିସାବରେ ପ୍ରଦର୍ଶନ କରିବା ପାଇଁ ପ୍ରାବଧାନ ଥିଲା ।

ସମୀକ୍ଷାରେ ଦେଖାଗଲା ଯେ 2008-14 ମଧ୍ୟରେ ଡିଓଟି 111 ଟି ପ୍ରକଳ୍ପ ସଂପାଦନ ପାଇଁ 71.68 କୋଟି[27] ଟଙ୍କା ଓଟିଡିସି କୁ ପ୍ରଦାନ କରିଥିଲା । ତା' ମଧ୍ୟରୁ 11 ଟି କେନ୍ଦ୍ରିୟ ପ୍ରାୟୋଜିତ ପ୍ରକଳ୍ପ (ସିଏସ୍‌ପି) ର ପ୍ରାରମ୍ଭ ହେବାର 2 ରୁ 584 ଦିନ ପୂର୍ବରୁ 10.59 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ 43 ଟି ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପ (ଏସ୍‌ଏସ୍‌ପି) ପାଇଁ ପ୍ରଦାନ କରାଯାଇଥିବା 29.30 କୋଟି ଟଙ୍କାର କାର୍ଯ୍ୟ ଏଯାଏଁ (ଜୁଲାଇ 2014) ପ୍ରାରମ୍ଭ ହୋଇନାହିଁ । ଏସ୍‌ଏସ୍‌ପିର ମଞ୍ଜୁରୀ ଆଦେଶରେ ଏହି ପ୍ରଦାନ ପାଣ୍ଠିକୁ ମଧ୍ୟ ଅଗ୍ରିମ ହିସାବରେ ଉଲ୍ଲେଖ କରାଯାଇନାହିଁ । କାର୍ଯ୍ୟର ପ୍ରାରମ୍ଭ ପୂର୍ବରୁ ଓଟିଡିସି ବିଲ୍ ପ୍ରଦାନ କରି ଏହି ପାଣ୍ଠିକୁ ଉଠାଇଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଥିଲେ ଯେ ବଳବତ୍ତର ଥିବା ଆର୍ଥିକ ବିନିୟମ ଅନୁସାରେ ଓଟିଡିସି କୁ ଅଗ୍ରିମ ହିସାବରେ ଅର୍ଥ ପ୍ରଦାନ କରାଯିବ ।

---

[27] ସିଏସ୍‌ପି ପାଇଁ ରାଜ୍ୟର ଅନୁରୂପ ଅନୁଦାନ 21 ଟି ପ୍ରକଳ୍ପ: 23.45 କୋଟି ଟଙ୍କା ଏବଂ 90 ଟି ଏସ୍‌ଏସ୍‌ପି ପାଇଁ 48.23 କୋଟି ଟଙ୍କା

### *ସୁଧର ଉପଯୋଗରେ ଅନିୟମିତତା*

**2.1.19** ଭାରତ ସରକାର/ ଓଡ଼ିଶା ସରକାରଙ୍କ ଠାରୁ ଓଟିଡିସିକୁ ମିଳୁଥିବା ଅର୍ଥକୁ ପୃଥକ ଖାତାରେ ସ୍ଥାୟୀ ଜମା କରିବା ଏବଂ ଏଥିରୁ ଲବ୍ଧ ସୁଧକୁ ସରକାରଙ୍କ ପୂର୍ବ ଅନୁମୋଦନ ନେଇ କେବଳ ପର୍ଯ୍ୟଟନ ପ୍ରକଳ୍ପରେ ଖର୍ଚ୍ଚ କରିବା ପାଇଁ ଓଡ଼ିଶା ସରକାର ଏକ ଦିଶାନିର୍ଦ୍ଦେଶ ଜାରି କରିଥିଲେ (ଜୁନ୍ 2005) । ଓଟିଡିସି ଏହି ସୁଧକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରି ପାରିବ ନାହିଁ । କେନ୍ଦ୍ରିୟ ଆର୍ଥିକ ସହାୟତା (ସିଏଫ୍ଏ) ରୁ ଲବ୍ଧ ସୁଧକୁ କେବଳ ସଂପୃକ୍ତ ପ୍ରକଳ୍ପରେ ବିନିଯୋଗ କରିବା ପାଇଁ କିମ୍ବା ଅବ୍ୟୟିତ ରାଶିକୁ ଫେରସ୍ତ କରିବା ପାଇଁ ମଧ୍ୟ ଏମ୍ଓଟି ନିର୍ଦ୍ଦେଶ ଦେଇଥିଲେ (ଡିସେମ୍ବର 2006) ।

**ଜିଓଓ/ଜିଓଆଇର ଦିଶା ନିର୍ଦ୍ଦେଶର ସମ୍ମତ ନଥାଇ ଓଟିଡିସି 26.02 କୋଟି ଟଙ୍କା ସୁଧ ପାଣ୍ଠିରୁ ଖର୍ଚ୍ଚ କରିଥିଲା ।**

ସମୀକ୍ଷାରେ ଦେଖାଗଲା ଯେ ମାର୍ଚ୍ଚ 2014 ସୁଦ୍ଧା ଓଟିଡିସି ପାଖରେ 71.98 କୋଟି ଟଙ୍କା ସୁଧ ଠୁଳ ହୋଇଥିଲା ଏବଂ ଏହା ମଧ୍ୟରୁ 26.02 କୋଟି ଟଙ୍କା ଦରମା/ ପରାମର୍ଶଦାତାଙ୍କୁ ପ୍ରଦାନ, ହୋଟେଲଗୁଡ଼ିକର ମରାମତି, ନୂତନ ରାଜ୍ୟ ପ୍ରକଳ୍ପ ସମ୍ପାଦନ ଏବଂ ମେଳା ଉତ୍ସବ ଇତ୍ୟାଦି ପାଇଁ ଖର୍ଚ୍ଚ କରାଯାଇଥିଲା । ଏହି ସବୁ ଖର୍ଚ୍ଚ ଭାରତ ସରକାର/ ଓଡ଼ିଶା ସରକାରଙ୍କ ଦିଶା ନିର୍ଦ୍ଦେଶ/ ନିର୍ଦ୍ଦେଶ ସମ୍ମତ ନଥିଲା ।

ସରକାର କହିଲେ ଯେ ସାମଗ୍ରିକ ସୁଧ ହାର ପ୍ରଭାବ ନ ପକାଇବା ପାଇଁ ପ୍ରାପ୍ତ ଅର୍ଥଗୁଡ଼ିକୁ ପ୍ରକଳ୍ପୱାରୀ ସ୍ଥାୟୀ ଜମାରେ ନରଖି ଏକତ୍ର ସ୍ଥାୟୀ ଜମା କରାଯାଇଅଛି । ପରନ୍ତୁ, ଦିଶାନିର୍ଦ୍ଦେଶ ଅନୁଯାୟୀ ପ୍ରକଳ୍ପୱାରୀ ବ୍ୟାଙ୍କ୍ ଖାତା କରିବାର ଥିଲା ।

### *ଲିଜ୍ ଭଡ଼ା ଅନାଦେୟ*

**2.1.20** ଜିଓଓ 1998-2011 ମଧ୍ୟରେ ଓଟିଡିସିକୁ ଲିଜ୍ ସୂତ୍ରରେ ପରିଚାଳନା ଏବଂ ସଂପାଦନ ପାଇଁ 23 ଟି ଆବାସ ୟୁନିଟ୍ ହସ୍ତାନ୍ତର କରିଥିଲେ । ଯେହେତୁ ଲିଜ୍‌ର ସର୍ତ୍ତାବଳୀ ଏବଂ ମିଆଦି ଚୂଡ଼ାନ୍ତ ହୋଇନଥିଲା କିମ୍ବା ଲିଜ୍ ଭଡ଼ା ସ୍ଥିରୀକରଣ ହୋଇ ନଥିବାରୁ ଓଟିଡିସି, ଓଡ଼ିଶା ସରକାରଙ୍କୁ ଲିଜ୍ ଭଡ଼ା ପ୍ରଦାନ କରିନଥିଲା ।

ଆଉ ମଧ୍ୟ, 2008-09 ମସିହାରେ ଡିଓଟି ପର୍ଯ୍ୟଟନ ବସ୍ କିଣିବା ଏବଂ ଭଡ଼ା ସୂତ୍ରରେ ପରିଚାଳନା ପାଇଁ ଓଟିଡିସିକୁ 6 କୋଟି ଟଙ୍କା ପ୍ରଦାନ କରିଥିଲା । ଓଟିଡିସି 23 ଟି ବସ୍ କ୍ରୟ କରି ପରିଚାଳନା କରୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଲିଜ୍ ଭଡ଼ା ସ୍ଥିରୀକରଣ କରି ନାହାଁନ୍ତି ।

ସରକାର କହିଲେ (ଅକ୍ଟୋବର 2014) ଯେ ଜିଓଓ ଯୋଗାଇ ଦେଇଥିବା ଏହି ସବୁ ସମ୍ପତ୍ତି ଏବଂ ବସ୍ ଗୁଡ଼ିକର ଲିଜ୍ ଭଡ଼ା ସ୍ଥିରୀକରଣ ପାଇଁ ଓଟିଡିସି ପ୍ରସ୍ତାବ ଦେଇଅଛି ।

## କାର୍ଯ୍ୟକଳାପର ପରିଣାମ

**2.1.21** ଓଟିଡିସି, 2012-13 ବର୍ଷ ପର୍ଯ୍ୟନ୍ତ ହିସାବ ଚୂଡ଼ାନ୍ତ କରିଛି ଏବଂ 2013-14 ବର୍ଷ ପାଇଁ ଅନନ୍ତିମ ହିସାବ ପ୍ରସ୍ତୁତ କରିଅଛି । ଓଟିଡିସି ର 2009-14 ମଧ୍ୟରେ କାର୍ଯ୍ୟକଳାପର ପରିଣାମ **ପରିଶିଷ୍ଟ 8** ରେ ଦିଆଯାଇଅଛି ।

### *କାର୍ଯ୍ୟକଳାପର ପରିଣାମ*

ଓଟିଡିସିର ପର୍ଯ୍ୟଟନ ଆବାସ, ଖାଦ୍ୟ ପାନୀୟ, ପରିବହନ, ବାର୍ ଇତ୍ୟାଦିରୁ ରାଜସ୍ୱ ଆୟ 2009-10 ରେ ଥିବା 21.21 କୋଟି ଟଙ୍କାରୁ ବୃଦ୍ଧି ପାଇ 2013-14 (ଅନନ୍ତିମ) ରେ 28.75 କୋଟି ଟଙ୍କା ହୋଇଥିଲା । ଏହା ମୁଖ୍ୟତଃ ହୋଟେଲରେ ରୁମ୍ ଭଡ଼ାରେ ବୃଦ୍ଧି ଯୋଗୁଁ ହୋଇଥିଲା । ଯଦିଓ ଓଟିଡିସି ର 2009-14 ମଧ୍ୟରେ 17.21 କୋଟି ଟଙ୍କା କର ପୂର୍ବ ଲାଭ ହୋଇଥିଲେ ମଧ୍ୟ ଲାଭର 66 ପ୍ରତିଶତ କାର୍ଯ୍ୟଗୁଡ଼ିକର ସମ୍ପାଦନ ପାଇଁ ପର୍ଯ୍ୟବେକ୍ଷଣ ପ୍ରାପ୍ୟ (11.43 କୋଟି ଟଙ୍କା) ପରି ଅଣପ୍ରଧାନ ଗତିବିଧିରୁ ଆସିଥିଲା । ଓଟିଡିସି ପର୍ଯ୍ୟଟନ

ବିଭାଗ ସହିତ ଏମ୍ଓୟୁରେ 2011-13 ମଧ୍ୟରେ 2.88 କୋଟି ଟଙ୍କାର ଲାଭାଂଶ ପ୍ରଦାନ ପାଇଁ ପ୍ରତିବଦ୍ଧ ହୋଇଥିଲେ ମଧ୍ୟ କିଛି ଲାଭାଂଶ ପ୍ରଦାନ କରି ନଥିଲା ।

## ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ

### *କେନ୍ଦ୍ରିୟ ପ୍ରାୟୋଜିତ ପ୍ରକଳ୍ପ*

### *କାର୍ଯ୍ୟଗୁଡ଼ିକର ସମ୍ପାଦନ*

**2.1.22** ଏମ୍ଓଟି ଠାରୁ ମଞ୍ଜୁରୀ ଆଦେଶ ମିଳିବା ପରେ ଓଟିଡିସି ଓଡ଼ିଶା ସରକାରଙ୍କ ଅନୁରୂପ ଅନୁଦାନକୁ ହିସାବକୁ ନେଇ ବିଶଦ ଖର୍ଚ୍ଚ ଆକଳନ ପ୍ରସ୍ତୁତ କରି ଡିଓଟିକୁ ପ୍ରଶାସନିକ ଅନୁମୋଦନ (ଏଏ) ପାଇଁ ପଠାଇଥାଏ । ପ୍ରଶାସନିକ ଅନୁମୋଦନ ପ୍ରାପ୍ତି ପରେ ଓଟିଡିସି ଖୋଲା ଟେଣ୍ଡର ପ୍ରକ୍ରିୟାରେ ଠିକାଦାରମାନଙ୍କୁ ନିଯୁକ୍ତି କରି କାର୍ଯ୍ୟଗୁଡ଼ିକ ସଂପାଦନ କରିଥାଏ । ମାର୍ଚ୍ଚ 2014 ସୁଦ୍ଧା 11 ତମ ଯୋଜନା କାଳ ମଧ୍ୟରେ ବର୍ଷଓ୍ୱାରୀ କାର୍ଯ୍ୟଗୁଡ଼ିକର ସମ୍ପାଦନ ନିମ୍ନରେ ପ୍ରଦାନ କରାଯାଇଅଛି ।

*( ମୂଲ୍ୟ କୋଟି ଟଙ୍କାରେ )*

| ବର୍ଷ | ପୂର୍ବ ବର୍ଷର ବାକି ଥିବା କାର୍ଯ୍ୟ | | ମଞ୍ଜୁର ପ୍ରକଳ୍ପ | | ସମୁଦାୟ କରିବାକୁ ଥିବା କାର୍ଯ୍ୟ | | ସଂପାଦିତ କାର୍ଯ୍ୟ | ସଂପାଦିତ କାର୍ଯ୍ୟଗୁଡ଼ିକର ମୂଲ୍ୟ | | ପରବର୍ତ୍ତୀ ବର୍ଷକୁ ବାକିଥିବା କାର୍ଯ୍ୟ | |
|---|---|---|---|---|---|---|---|---|---|---|---|
| | ନଂ | ମୂଲ୍ୟ | ନଂ | ମୂଲ୍ୟ | ନଂ | ମୂଲ୍ୟ | | ପରିମାଣ | ପ୍ରତିଶତରେ | ନଂ | ମୂଲ୍ୟ |
| 2007-08 | ଶୂନ | ଶୂନ | 6 | 34.20 | 6 | 34.20 | ଶୂନ | 0.12 | 0.94 | 06 | 34.08 |
| 2008-09 | 06 | 34.08 | 4 | 50.19 | 10 | 84.27 | ଶୂନ | 5.72 | 6.79 | 10 | 78.55 |
| 2009-10 | 10 | 78.55 | 5 | 32.28 | 15 | 110.83 | ଶୂନ | 16.79 | 15.15 | 15 | 94.04 |
| 2010-11 | 15 | 94.04 | 4 | 22.87 | 19 | 116.91 | ଶୂନ | 13.52 | 11.56 | 19 | 103.39 |
| 2011-12 | 19 | 103.39 | 2 | 12.56 | 21 | 115.95 | 01 | 7.90 | 6.81 | 20 | 108.05 |
| 2012-13 | 20 | 108.05 | ଶୂନ | ଶୂନ | 20 | 108.05 | 01 | 12.69 | 11.74 | 19 | 95.36 |
| 2013-14 | 19 | 95.36 | ଶୂନ | ଶୂନ | 19 | 95.36 | 01 | 18.21 | 19.09 | 18 | 77.15 |
| **ମୋଟ** | | | **21** | **152.10** | | | **03** | **74.95** | | | |

***(ଉତ୍ସ : ପ୍ରକଳ୍ପ ମୂଲ୍ୟ ଓଟିଡିସିର କେନ୍ଦ୍ରିୟ ତଥ୍ୟ)***

ମାର୍ଚ୍ଚ 2014 ସୁଦ୍ଧା ମଞ୍ଜୁର ହୋଇଥିବା 152.10 କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରୁ ଓଟିଡିସି କେବଳ 74.95 କୋଟି ଟଙ୍କାର (49 ପ୍ରତିଶତ) କାର୍ଯ୍ୟ ସଂପାଦନ କରିପାରିଥିଲା । ସମୀକ୍ଷାରେ ଦେଖାଗଲା ଯେ 2011-12 ପର୍ଯ୍ୟନ୍ତ ମଞ୍ଜୁରୀ ହୋଇଥିବା 21 ଟି ପ୍ରକଳ୍ପ ମଧ୍ୟରୁ 20 ଟି ପ୍ରକଳ୍ପର ସଂପାଦନ ଅବଧି ମାର୍ଚ୍ଚ 2014 ମଧ୍ୟରେ ହୋଇଥିଲେ ମଧ୍ୟ ମାତ୍ର ତିନୋଟି ପ୍ରକଳ୍ପ 41 ରୁ 68 ମାସ ବିଳମ୍ବରେ ସଂପାଦିତ ହୋଇଥିଲା । ଜାରିଥିବା କାର୍ଯ୍ୟଗୁଡ଼ିକର ସଂପାଦନରେ ମଧ୍ୟ 71 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । କାର୍ଯ୍ୟଗୁଡ଼ିକ ସଂପାଦନରେ ବିଳମ୍ବ ମୁଖ୍ୟତଃ ପ୍ରଶାସନିକ ଅନୁମୋଦନରେ ବିଳମ୍ବ, ଉପଯୁକ୍ତ ଭୂମିର ଅପ୍ରାପ୍ତ ଏବଂ ଜଙ୍ଗଲ ମଞ୍ଜୁରୀର ଅଭାବ ଇତ୍ୟାଦିକୁ ଆରୋପ କରାଯାଇଅଛି ଏବଂ ଏହି ବିଷୟଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଚର୍ଚ୍ଚା କରାଯାଇଅଛି ।

### *ପ୍ରଶାସନିକ ଅନୁମୋଦନରେ ବିଳମ୍ବ*

**2.1.23** ଏକାଦଶତମ ଯୋଜନା କାଳ ମଧ୍ୟରେ ପ୍ରାପ୍ତ 21 ଟି ପ୍ରକଳ୍ପ ପାଇଁ ଏମ୍ଓଟିର ମଞ୍ଜୁରୀ ପରେ 55 ରୁ 609 ଦିନ ବିଳମ୍ବରେ ଓଟିଡିସି ପ୍ରଶାସନିକ ଅନୁମୋଦନ ଗୁଡ଼ିକ ଓଡ଼ିଶା ସରକାରଙ୍କ ଠାରୁ ପାଇଥିଲା । ଛଅଟି ପ୍ରକଳ୍ପ କ୍ଷେତ୍ରରେ କାର୍ଯ୍ୟ ସଂପାଦନ ନିର୍ଦ୍ଧାରିତ ତାରିଖ ସମାପ୍ତିର 26 ରୁ 244 ଦିନ ବିଳମ୍ବରେ ପ୍ରଶାସନିକ ଅନୁମୋଦନ ଦିଆଯାଇଥିଲା । 12 ଟି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଥିଲେ ମଧ୍ୟ କାର୍ଯ୍ୟାରମ୍ଭରେ 11 ରୁ 901 ଦିନ ବିଳମ୍ବ ହୋଇଥିଲା, ଯାହାର କାରଣଗୁଡ଼ିକ ଅଭିଲିଖିତ କରାଯାଇ ନଥିଲା ।

ସରକାର ଏହି ସବୁ ତଥ୍ୟକୁ ଗ୍ରହଣ କରିବା ସହିତ କହିଥିଲେ ଯେ ଭୂମି ଚୟନ ବିଳମ୍ବ ଯୋଗୁଁ ପ୍ରଶାସନିକ ଅନୁମୋଦନ ଦେବାରେ ବିଳମ୍ବ ହୋଇଥିଲା । କିନ୍ତୁ ଏମ୍‌ଓଟିକୁ ପ୍ରକଳ୍ପ ପ୍ରସ୍ତାବ ପଠାଇବା ପାଇଁ ଭୂମିର ଉପଲବ୍ଧ ପୂର୍ବପ୍ରୟୋଜନୀୟ ଥିଲା । କିନ୍ତୁ ପ୍ରଶାସନିକ ଅନୁମୋଦନ ଥିବା 12 ଟି ପ୍ରକଳ୍ପର କାର୍ଯ୍ୟାରମ୍ଭରେ ବିଳମ୍ବ ସମ୍ବନ୍ଧରେ ଉତ୍ତର ନୀରବ ଥିଲା ।

### *ନିର୍ମାଣ ପାଇଁ ଭୂମିର ଅଲଭ୍ୟତା*

**ଜିଓଓ ନିର୍ମାଣ ପାଇଁ ଭୂମିର ଅଲଭ୍ୟତା ହେତୁ 15.32 କୋଟି ଟଙ୍କାର ସିଏଫ୍‌ଏ ତ୍ୟାଗ କରିଥିଲେ ।**

**2.1.24** ଏମ୍‌ଓଟିର ଦିଶାନିର୍ଦ୍ଦେଶ ଏବଂ ମଞ୍ଜୁରୀ ଆଦେଶର ନିବନ୍ଧନ ଅନୁସାରେ ଓଡ଼ିଶା ସରକାର ପ୍ରକଳ୍ପ ନିର୍ମାଣ ପାଇଁ ଭୂମି ଯୋଗାଇ ଦେବା ଏବଂ ପ୍ରକଳ୍ପ ମଞ୍ଜୁର ପାଇଁ ପଠାଉଥିବା ବିଶଦ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ରେ ଭୂମି ଲଭ୍ୟ ପ୍ରମାଣ ପତ୍ର ସଂଲଗ୍ନ କରିବାର ପ୍ରାବଧାନ ଥିଲା । ସମୀକ୍ଷାରେ ଦେଖାଗଲା ଯେ ଭୂମିର ଅଭାବ ଯୋଗୁଁ ଓଡ଼ିଶା ସରକାର 21 ଟି ପ୍ରକଳ୍ପ ମଧ୍ୟରୁ 13 ଟି ପ୍ରକଳ୍ପର 15.32 କୋଟି ଟଙ୍କାର ପ୍ରକଳ୍ପ ଉପାବନ୍ଧ ହ୍ରାସ କରିବାକୁ ପଡ଼ିଥିଲା । ଯଦିଓ ଓଡ଼ିଶା ସରକାର କ୍ଷେତ୍ର ସର୍ଭେ ପରେ ଭୂମି ଲଭ୍ୟ ପ୍ରମାଣନ କରିଥିଲେ କିନ୍ତୁ ସେଗୁଡ଼ିକ ଜଙ୍ଗଲ କ୍ଷେତ୍ର ମଧ୍ୟରେ ଆସୁଥିବା, ବ୍ୟକ୍ତିଗତ ସମ୍ପତ୍ତି ଇତ୍ୟାଦି ହୋଇଥିବାରୁ ଭୂମି ଯୋଗାଣ ହୋଇ ପାରି ନଥିଲା । ଏହା ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ ବେଳେ ପର୍ଯ୍ୟାପ୍ତ କ୍ଷେତ୍ର ସର୍ଭେର ଅଭାବ ଏବଂ ଭୂମି ଲଭ୍ୟତାର ସୁନିଶ୍ଚିତ ହୋଇ ନଥିବା ସୂଚୀତ କରୁଥିଲା ।

ସରକାର ଏହି ତଥ୍ୟ ଗୁଡ଼ିକୁ ଗ୍ରହଣ କରିବା ସହିତ ସୁନିଶ୍ଚିତ କରିଥିଲେ ଯେ ଏମ୍‌ଓଟିକୁ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ପଠାଇବା ପୂର୍ବରୁ ରାଜସ୍ୱ କର୍ତ୍ତୃପକ୍ଷଠାରୁ ଭୂମି ଲଭ୍ୟର ସୁସ୍ପଷ୍ଟ କରାଯିବ ।

### *ଅଗ୍ରାଧିକାର ପ୍ରକଳ୍ପଗୁଡ଼ିକର ନାମଞ୍ଜୁର*

**ପୂର୍ବରୁ ପ୍ରଦାନ କରାଯାଇଥିବା ପାଣ୍ଠିର ଉପଯୋଗରେ ବିଫଳତା ଯୋଗୁଁ ଜିଓଓ 37.42 କୋଟି ଟଙ୍କାକୁ ସିଏଫ୍‌ଏରୁ ବଞ୍ଚିତ ହୋଇଥିଲେ ।**

**2.1.25** ଏକାଦଶତମ ଯୋଜନା କାଳ (2007-08 ରୁ 2011-12), ମଧ୍ୟରେ ଭାରତ ସରକାର 125.24 କୋଟି ଟଙ୍କାର କେନ୍ଦ୍ରିୟ ଭାଗ ସହିତ 21 ଟି ପ୍ରକଳ୍ପ ମଞ୍ଜୁର କରିଥିଲେ ଏବଂ ମାର୍ଚ୍ଚ 2012 ସୁଦ୍ଧା 86.47 କୋଟି ଟଙ୍କା ପ୍ରଦାନ କରିଥିଲେ । ମାର୍ଚ୍ଚ 2012 ସୁଦ୍ଧା ଓଡ଼ିଶା ସରକାର ପ୍ରାପ୍ତ ଅର୍ଥରୁ 52.27 କୋଟି ଟଙ୍କା ବଳକା ଛାଡ଼ି ମାତ୍ର 34.20 କୋଟି ଟଙ୍କାର ଉପଯୋଗ ପ୍ରମାଣ ପତ୍ର ଦେଇପାରିଥିଲେ । 2012-13 ବର୍ଷ ପାଇଁ ଏମ୍‌ଓଟି ରାଜ୍ୟ ପାଇଁ ସାତୋଟି ପ୍ରକଳ୍ପ ପାଇଁ ଅଗ୍ରାଧିକାର ଦେଇଥିଲା (ଜାନୁଆରୀ 2012) ଏବଂ ଓଡ଼ିଶା ସରକାର ପାଞ୍ଚୋଟି ପ୍ରକଳ୍ପ ପାଇଁ 37.42 କୋଟି ଟଙ୍କା ଖର୍ଚ୍ଚ ଅଟକଳର ପ୍ରକଳ୍ପ ରିପୋର୍ଟ ଏମ୍‌ଓଟିକୁ ପଠାଇଥିଲେ । 2007-08 ରୁ 2011-12 ମଧ୍ୟରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକ ପାଇଁ ଅର୍ଥର ଉପଯୋଗ ଆଶାଜନକ ନଥିବାରୁ, ଏମ୍‌ଓଟି 2012-13 ବର୍ଷ ପାଇଁ ଅଗ୍ରାଧିକାର ଦେଇଥିବା ପ୍ରକଳ୍ପଗୁଡ଼ିକ ମଞ୍ଜୁର କରିନଥିଲେ । ଏହିପରି ଭାବରେ ରାଜ୍ୟ 37.42 କୋଟି ଟଙ୍କାର କେନ୍ଦ୍ରିୟ ସହାୟତାରୁ ବଞ୍ଚିତ ହୋଇଥିଲା ।

ସରକାର ଏହି ତଥ୍ୟ ଓ ପରିମାଣକୁ ନିଶ୍ଚିତ କରିବା ସହିତ କହିଲେ ଯେ ଯେହେତୁ ପ୍ରକଳ୍ପଗୁଡ଼ିକ ସାରା ରାଜ୍ୟରେ ବିସ୍ତୁରିତ ଥିଲା ଏବଂ ଜମି ହସ୍ତାନ୍ତରଣ ଏବଂ ବୈଧାନିକ ପ୍ରତିବନ୍ଧକର ଦୂରୀକରଣରେ ବିଳମ୍ବ ଯୋଗୁଁ ଏଗୁଡ଼ିକର ସମ୍ପାଦନରେ ବିଳମ୍ବ ହୋଇଥିଲା ।

### *ପାଣ୍ଠିର ସମର୍ପଣ ଏବଂ ଉର୍ଦ୍ଧମୂଲ୍ୟାୟନ ୟୁସି ଉପସ୍ଥାପନା*

**2.1.26** ଏମ୍‌ଓଟି 2009-10 ପର୍ଯ୍ୟନ୍ତ ମଞ୍ଜୁର ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଅନୁପଯୋଗ ଅର୍ଥ ଏବଂ ଏବାବଦକୁ ଲବ୍ଧ ସୁଧ ସହ ଫେରସ୍ତ କରିବା ପାଇଁ ରାଜ୍ୟ ସରକାରକୁ ଆଦେଶ ଦେଇଥିଲେ (ଜାନୁଆରୀ 2013) । ଏଥିରେ ଆହୁରି ମଧ୍ୟ କୁହାଯାଇଥିଲା ଯେ 2010-11 ପର୍ଯ୍ୟନ୍ତ ମଞ୍ଜୁର ପ୍ରକଳ୍ପଗୁଡ଼ିକର ପୂର୍ଣ୍ଣ ଉପଯୋଗ ନ ହେବା ଯାଏଁ କୌଣସି ନୂତନ ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନ କରାଯିବ ନାହିଁ କିମ୍ବା ଚାଲୁଥିବା ପ୍ରକଳ୍ପ ପାଇଁ ଦ୍ୱିତୀୟ ଏବଂ ପରବର୍ତ୍ତୀ କିସ୍ତିଗୁଡ଼ିକ ଖଲାସ କରାଯିବ ନାହିଁ । 2007-11 ମଧ୍ୟରେ ଏମ୍‌ଓଟି କେନ୍ଦ୍ର ଭାଗରୁ 113.82 କୋଟି ଟଙ୍କାର 19 ଟି ପ୍ରକଳ୍ପ ମଞ୍ଜୁର କରିବା ସହିତ 81.98 କୋଟି ଟଙ୍କା ପ୍ରଦାନ କରିଥିଲେ ।

**ସଠିକ୍ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଫଳତା ଯୋଗୁଁ ଜିଓଓର ଏମ୍ଓଟିକୁ 24.59 କୋଟି ଟଙ୍କାର ସିଏଫ୍ଏ ଫେରସ୍ତ କରିଥିଲେ ।**

ସମୀକ୍ଷାରେ ଦେଖାଗଲା ଯେ ଜୁନ୍ 2013 ସୁଦ୍ଧା 19 ଟି ପ୍ରକଳ୍ପ ମଧ୍ୟରୁ 10 ଟି ପ୍ରକଳ୍ପ ପାଇଁ ପ୍ରାପ୍ତ 37.73 କୋଟି ଟଙ୍କା ମଧ୍ୟରୁ ମାତ୍ର 13.13 କୋଟି ଟଙ୍କାର ଉପଯୋଗ ପ୍ରମାଣ ପତ୍ର ଉପସ୍ଥାପନା କରାଯାଇଥିଲା । ଫେବୃଆରୀ 2013 ରେ ଓଡ଼ିଶା ସରକାର ଏହି ପ୍ରକଳ୍ପଗୁଡ଼ିକର ଅବଧି ମାର୍ଚ୍ଚ 2014 ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଏମ୍ଓଟିକୁ ଅନୁରୋଧ କରିଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଇ ନଥିଲା । ପରିଣାମତଃ ଓଡ଼ିଶା ସରକାରଙ୍କୁ 24.59 କୋଟି ଟଙ୍କାର ଅନୁପଯୋଗ ଅର୍ଥ ଏମ୍ଓଟିକୁ ଫେରାଇବାକୁ (ସେପ୍ଟେମ୍ବର 2013) ପଡ଼ିଥିଲା । ଏଥି ମଧ୍ୟରେ 2013-14 ପାଇଁ ମଞ୍ଜୁର 9 ଟି ପ୍ରକଳ୍ପ ପାଇଁ ପ୍ରାପ୍ତ ପ୍ରଥମ କିସ୍ତିରୁ 11.82 କୋଟି ଟଙ୍କା ସମାଯୋଜନ ସାମିଲ୍ ଥିଲା । ଯେହେତୁ ଅନୁପଯୋଗ କେନ୍ଦ୍ରିୟ ସହାୟତା ଫେରସ୍ତ କରାଯାଆଇଥିଲା ତେଣୁ ବାକିଥିବା କାର୍ଯ୍ୟଗୁଡ଼ିକର ସଂପାଦନ ପାଇଁ ରାଜ୍ୟ ବଜେଟୀୟ ଅଟକଳ 2013-14 ରେ ରାଜ୍ୟ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଥିବା ପ୍ରାବଧାନରୁ 21.95 କୋଟି ଟଙ୍କାର ସ୍ଥାନାନ୍ତରଣ କରାଯାଇଥିଲା ।

ସମୀକ୍ଷାରେ ଆହୁରି ମଧ୍ୟ ଦେଖାଗଲା ଯେ 2007-12 ମଧ୍ୟରେ ଏମ୍ଓଟିକୁ ମଞ୍ଜୁର କରିଥିବା 21 ଟି ପ୍ରକଳ୍ପ ପାଇଁ 61.43 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ସମ୍ପାଦନ ହୋଇଥିଲେ ମଧ୍ୟ ଉପଯୋଗ ପ୍ରମାଣ ପତ୍ରରେ 12.26 କୋଟି ଟଙ୍କା ଅଧିକ ଦେଖାଇ 73.69 କୋଟି ଟଙ୍କା ମୂଲ୍ୟର ଉପଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

ସରକାର କହିଲେ ଯେ ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଚାଲୁ ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସଂପାଦନ ଅତ୍ୟାବଶ୍ୟକ ଥିବାରୁ ରାଜ୍ୟ ବଜେଟୀୟ ଅଟକଳରୁ 21.95 କୋଟି ଟଙ୍କାର ସ୍ଥାନାନ୍ତରଣ ଦରକାର ହୋଇଥିଲା । ପରନ୍ତୁ, ତଥ୍ୟ ଏହିକି ଯେ ଉପଯୁକ୍ତ ସମୟ ମଧ୍ୟରେ କେନ୍ଦ୍ରିୟ ସହାୟତା ବିନିଯୋଗ ହୋଇପାରି ନଥିବାରୁ ସେଗୁଡ଼ିକ ଫେରସ୍ତ କରିବାକୁ ପଡ଼ିଥିଲା ଏବଂ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାରଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିଥିଲା ।

### *ସମନ୍ୱିତ ତଟୀୟ କ୍ଷେତ୍ର ପ୍ରକଳ୍ପର କାର୍ଯ୍ୟାନ୍ୱୟନ*

**2.1.27** ବିଶ୍ୱ ବ୍ୟାଙ୍କ୍ ସହାୟତାରେ ପର୍ଯ୍ୟାବରଣ ଏବଂ ବନ ମନ୍ତ୍ରାଳୟ ଦ୍ୱାରା ମଞ୍ଜୁର ପାରାଦୀପ ଠାରୁ ଧାମରା ଏବଂ ଗୋପାଳପୁର ଠାରୁ ଚିଲିକା ମଧ୍ୟ ତଟୀୟ କ୍ଷେତ୍ରର ସମନ୍ୱିତ ତଟୀୟ କ୍ଷେତ୍ର ପ୍ରକଳ୍ପଗୁଡ଼ିକର ସମ୍ପାଦନ ପାଇଁ ଓଡ଼ିଶା ସରକାର ଓଡ଼ିଶା ସମନ୍ୱିତ ତଟୀୟ କ୍ଷେତ୍ର ପ୍ରବନ୍ଧନ ସୋସାଇଟିକୁ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (ଏସପିଏମୟୁ) ଭାବରେ ନିଯୁକ୍ତି କରିଥିଲେ । ଚିଲିକା ଏବଂ ଟାମ୍ପେରା ଠାରେ ପର୍ଯ୍ୟାବରଣ ପର୍ଯ୍ୟଟନ ପାଇଁ ଅନୁମୋଦିତ 17.39 କୋଟି ଟଙ୍କା ପ୍ରକଳ୍ପର ଯୋଜନା ଡିଜାଇନ୍ ଏବଂ ସମ୍ପାଦନ ପାଇଁ ଏସ୍ପିଏମ୍ୟୁ ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସି ସହିତ ଏମଓୟୁ କରିଥିଲେ (ଜୁଲାଇ 2010) । ଏହି ପ୍ରକଳ୍ପଗୁଡ଼ିକର ସମ୍ପାଦନ ଅବଧି ଜୁନ୍ 2015 ଯାଏଁ ଅଛି ।

**ପ୍ରବର୍ତ୍ତନ ଏବଂ ପରିଚାଳନା ଯୋଜନାର ଅଭାବରୁ 2.49 କୋଟି ଟଙ୍କାର ପର୍ଯ୍ୟଟନ ଯନ୍ତ୍ରପାତି ଅବ୍ୟବହୃତ ରହିଥିଲା ।**

ସମୀକ୍ଷାରେ ଦେଖାଗଲା ଯେ 2011-14 ମଧ୍ୟରେ ଆବଣ୍ଟିତ 14.82 କୋଟି ଟଙ୍କା ମଧ୍ୟରୁ ଓଟିଡିସି ମାତ୍ର 6.57 କୋଟି ଟଙ୍କା (44.33 ପ୍ରତିଶତ) ଉପଯୋଗ କରିପାରିଥିଲା । ଏହି ଉପଯୋଗିତାରେ ମନୋରଞ୍ଜନ ପାର୍କ ପାଇଁ 2.49 କୋଟି ଟଙ୍କା ମୂଲ୍ୟର ଡଙ୍ଗା, ଜେଟ୍ ସ୍କି/ ଓ୍ୱାଟର ସ୍କୁଟର ପରି ଉପକରଣ କ୍ରୟ (ନଭେମ୍ବର 2013 ରୁ ଫେବୃଆରୀ 2014) ସାମିଲ୍ ଥିଲା । ପରିଚାଳନା ପ୍ରକଳ୍ପ ଯୋଜନା ଏବଂ ଆବଶ୍ୟକୀୟ ସଂରଚନା ଅଭାବ ଯୋଗୁଁ ଏହି ଉପକରଣଗୁଡ଼ିକ ଅବ୍ୟବହୃତ ହୋଇ ପଡ଼ିରହିଛି ।



ସାତପଡ଼ାରେ ଅବ୍ୟବହୃତ ନୌକା

ସରକାର କହିଲେ ସାଇଟ୍ ନିର୍ଦ୍ଧାରଣରେ ବିଳମ୍ବ, କୋଷ୍ଟାଲ ରେଗୁଲେସନ ଜୋନ କ୍ଲିୟରାନ୍ସରେ ବିଳମ୍ବ ଏବଂ ଫାଇଲିନ୍ ଯୋଗୁଁ କାର୍ଯ୍ୟ ସଂପାଦନ ଧୀମା ହୋଇଥିଲା । ଏହା ମଧ୍ୟ କହିଲେ ଯେ ନିଯୁକ୍ତ ହୋଇଥିବା ପ୍ରବନ୍ଧନ ପରାମର୍ଶଦାତା, ବ୍ୟବସାୟ ଏବଂ ପରିଚାଳନା ରିପୋର୍ଟ ଦେଲାପରେ ଡଙ୍ଗା ଏବଂ ଜେଟସ୍କି ଗୁଡ଼ିକୁ ଚାଲୁ କରାଯିବ ।

### *କୋଣାର୍କ ସୂର୍ଯ୍ୟ ମନ୍ଦିରର ପାରିପାର୍ଶ୍ୱିକ ବିକାଶ*

**2.1.28** ଇଣ୍ଡିଆନ୍ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସି) ଦ୍ୱାରା ସ୍ଥାପିତ ଇଣ୍ଡିଆନ୍ ଅଏଲ୍ ଫାଉଣ୍ଡେସନ୍ (ଆଇଓଏଫ୍) ଦେଶରେ ଥିବା ରାଷ୍ଟ୍ରୀୟ ସ୍ମାରକ ଏବଂ ରାଷ୍ଟ୍ରୀୟ ପରମ୍ପରା ଗୁଡ଼ିକର ବିକାଶ କରିଥାଏ । ଆଇଓଏଫ୍ କୋଣାର୍କ ମନ୍ଦିରକୁ ବିକାଶ ପାଇଁ ଚିହ୍ନିତ କରିଥିଲା (ମାର୍ଚ୍ଚ 2001) ଏବଂ 31.65 କୋଟି ଟଙ୍କାର ପ୍ରକଳ୍ପ ଅଟକଳ ପ୍ରସ୍ତୁତ କରିଥିଲେ (ଅକ୍ଟୋବର 2005) । ଏହି ପ୍ରକଳ୍ପ ପାଇଁ 55.68 ଏକର ଜମିର ପ୍ରୟୋଜନ ଥିବାବେଳେ ଓଡ଼ିଶା ସରାକର ପ୍ରକଳ୍ପ ସମ୍ପାଦନ ପାଇଁ 38.23 ଏକର ଜମିର ଆବଣ୍ଟନ କରିବା ସହିତ କାର୍ଯ୍ୟାନ୍ୱୟନ ପୂର୍ବରୁ ଅନଧିକାର ପ୍ରବେଶକାରୀଙ୍କଠାରୁ ଦଖଲମୁକ୍ତ କରିବା ପାଇଁ ଅକ୍ଟୋବର 2007 ରେ ସୁନିଶ୍ଚିତ କରିଥିଲେ । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକଙ୍କୁ ନୋଡାଲ୍ ଅଧିକାରୀ ଭାବରେ ମନୋନୀତ କରାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ ପ୍ରକଳ୍ପଟି ମାର୍ଚ୍ଚ 2001 ରେ ଅବଧାରଣ ହୋଇଥିଲେ ମଧ୍ୟ ଯୋଜନା ଓ ଅଟକଳ ପ୍ରସ୍ତୁତ କରିବାରେ 4 ବର୍ଷ ବିଳମ୍ବ ହୋଇଥିଲା । ପ୍ରକଳ୍ପର 5 ଟି ଉପାଦାନରୁ 2 ଟି ପାଇଁ କାର୍ଯ୍ୟାରମ୍ଭ (ଜୁଲାଇ 2013) ହୋଇଥିଲେ ମଧ୍ୟ ମୁଖ୍ୟ ପାର୍କିଂ ଏରିଆରେ ଜବର ଦଖଲ ହେତୁ ଜାନୁଆରୀ 2014 ରେ କାର୍ଯ୍ୟକୁ ଅଧାରେ ବନ୍ଦ କରିବାକୁ ପଡ଼ିଥିଲା । ଏହା ପର୍ଯ୍ୟଟନ ବିଭାଗର ଅପ୍ରଭାବୀ କାର୍ଯ୍ୟ ସଂପାଦନ ପର୍ଯ୍ୟାଲୋଚନାକୁ ସଂକେତ କରୁଛି । ବାକି 3 ଟି ଉପାଦାନ ପାଇଁ ଏବେ ଯାଏଁ କାର୍ଯ୍ୟାରମ୍ଭ ହୋଇ ନାହିଁ ।

ସରକାର କହିଲେ ଯେ ଯୋଜନା ଏବଂ ଅଟକଳ ପ୍ରସ୍ତୁତ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଆଇଓଏଫ୍ ଉତ୍ତରଦାୟୀ ଥିଲା । ପରନ୍ତୁ, ଡିଓଟି ନୋଡାଲ୍ ବିଭାଗ ସେବାରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା କରିବାର ଥିଲା ।

### *ରାଜ୍ୟ ପ୍ରାୟୋଜିତ ପର୍ଯ୍ୟଟନ ପ୍ରକଳ୍ପ*

**2.1.29** 2009-14 ମଧ୍ୟରେ ଜିଓଓ 54.38 କୋଟି ଟଙ୍କାର 98 ଟି ପ୍ରକଳ୍ପ ମଞ୍ଜୁର କରିଥିଲେ । ସେଥିମଧ୍ୟରୁ 90 ଟି ପ୍ରକଳ୍ପ ( 48.23 କୋଟି ଟଙ୍କା ) ଓଟିଡିସି କୁ ଆବଣ୍ଟନ କରାଯାଇଥିଲା ଏବଂ ବାକି କାମ ଗୁଡ଼ିକ (6.15 କୋଟି ଟଙ୍କା) ଅନ୍ୟମାନଙ୍କୁ ଦିଆଯାଇଥିଲା, ଯାହା ନିମ୍ନରେ ଉଲ୍ଲେଖ କରାଗଲା ।

***(କୋଟି ଟଙ୍କାରେ)***

| ବର୍ଷ | ମଞ୍ଜୁର ପ୍ରକଳ୍ପ | | ଆବଣ୍ଟନ କାର୍ଯ୍ୟ | | | | ସଂପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା | ମୂଲ୍ୟ | ଉପଯୋଗର ପ୍ରତିଶତ |
|---|---|---|---|---|---|---|---|---|---|
| | | | ଓଟିଡିସି | | ଅନ୍ୟାନ୍ୟ | | | | |
| | ନଂ | ଦାମ୍ | ନଂ | ଦାମ୍ | ନଂ | ଦାମ୍ | | | |
| 2009-10 | 31 | 14.70 | 30 | 14.65 | 01 | 0.05 | 06 | 1.30 | 8.84 |
| 2010-11 | 21 | 6.91 | 20 | 6.86 | 01 | 0.05 | 05 | 0.99 | 14.18 |
| 2011-12 | 15 | 8.47 | 14 | 8.14 | 01 | 0.33 | 05 | 1.65 | 19.48 |
| 2012-13 | 19 | 18.24 | 16 | 13.51 | 03 | 4.73 | 03 | 3.12 | 17.10 |
| 2013-14 | 12 | 6.06 | 10 | 5.07 | 02 | 0.99 | 04 | 2.23 | 36.80 |
| **ମୋଟ** | **98** | **54.38** | **90** | **48.23** | **08** | **6.15** | **23** | **9.29** | **17.07** |

ରାଜ୍ୟ ପ୍ରାୟୋଜିତ 98 ଟି ପ୍ରକଳ୍ପ ମଧ୍ୟରୁ ମାର୍ଚ୍ଚ 2014 ସୁଦ୍ଧା ମାତ୍ର 9.29 କୋଟି ଟଙ୍କା ମୂଲ୍ୟର 23 ଟି ପ୍ରକଳ୍ପ (23.47 ପ୍ରତିଶତ) କାର୍ଯ୍ୟ ସଂପାଦନ ହୋଇ ପାରିଥିଲା ଏବଂ ଏଥିରେ ଅନ୍ୟମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ 2.10 କୋଟି ଟଙ୍କାର ତିନୋଟି ପ୍ରକଳ୍ପ ସାମିଲ୍ ଥିଲା ।

ସମୀକ୍ଷାରେ ନିମ୍ନଲିଖିତ ତଥ୍ୟ ଗୁଡ଼ିକ ଦେଖାଯାଇଥିଲା;

- କାର୍ଯ୍ୟଗୁଡ଼ିକର ମଞ୍ଜୁର ଆଦେଶରେ କାର୍ଯ୍ୟ ସଂପୂର୍ଣ୍ଣ ପାଇଁ ସମୟ ସୀମା ଅବଧିର ଅଭାବ ଯୋଗୁଁ ଜୁଲାଇ 2014 ସୁଦ୍ଧା 43 ଟି ପ୍ରକଳ୍ପର (29.30 କୋଟି ଟଙ୍କା) କାର୍ଯ୍ୟାରମ୍ଭ ହୋଇନଥିଲା । ସେଥିମଧ୍ୟରୁ 7.41 କୋଟି ଟଙ୍କାର 7 ଟି ପ୍ରକଳ୍ପ ପାଇଁ ଭୂମିର ଅଲଭ୍ୟତା ଯୋଗୁଁ କାର୍ଯ୍ୟାରମ୍ଭ ହୋଇପାରି ନଥିଲା ।
- 14.23 କୋଟି ଟଙ୍କାର 28 ଟି ପ୍ରକଳ୍ପର କାର୍ଯ୍ୟ ଏବେ ଯାଏଁ ଚାଲୁ ରହିଛି ଏବଂ ଚାରୋଟି ପ୍ରକଳ୍ପ (1.56 କୋଟି ଟଙ୍କା)ର କାର୍ଯ୍ୟ ସଂପାଦନର ବିଶଦ ବିବରଣ ସମୀକ୍ଷା ପାଇଁ ଉପଲବ୍ଧ କରାଯାଇପାରି ନଥିଲା ।
- ପ୍ରକଳ୍ପ ଗୁଡିକର ମଞ୍ଜୁର ଆଦେଶରେ ଉପଯୋଗ ପ୍ରମାଣପତ୍ର ଉପସ୍ଥାପନର ପ୍ରାବଧାନ ଥିଲେ ମଧ୍ୟ ଓଟିଡିସି ଏହାକୁ ଅନୁପାଳନ କରିନଥିଲେ ।

ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପଗୁଡିକର ସଂପାଦନରେ ଥିବା ଅଭାବଗୁଡିକ ନିମ୍ନରେ ଆଲୋଚନା କରାଯାଇଛି ।

### *ରାସ୍ତାକଡ଼ର ସୁଖଦାୟକ କେନ୍ଦ୍ରଗୁଡିକର ନିର୍ମାଣ*

**2.1.30** ମୁଖ୍ୟ ଜାତୀୟ/ ରାଜ୍ୟ ସଡ଼କ କଡ଼ରେ ପିପିପି ଭିତ୍ତିରେ ରାସ୍ତା କଡ଼ର ସୁଖଦାୟକ କେନ୍ଦ୍ର(ଡବ୍ଲୁଏସି) ନିର୍ମାଣ ପାଇଁ ଓଟିପି 1997 ରେ ଅଭିଲିଖିତ ଥିଲା । ଏହି ସବୁ ଡବ୍ଲୁଏସିଗୁଡ଼ିକରେ ଯାତ୍ରୀମାନଙ୍କ ପାଇଁ ରେସ୍ତୋରାଁ, ପାର୍କିଂ, ଶୌଚାଳୟ ଏବଂ ପାରଗମନ ଆବାସ ପରି ସାଧାରଣ ସୁବିଧା ରହିବାର ପରିକଳ୍ପନା ଥିଲା । 1986-2000 ମଧ୍ୟରେ 4.09 କୋଟି ବ୍ୟୟରେ ଓଡିଶା ସରକାର 23 ଟି[28] ଡବ୍ଲୁଏସି କରିଥିଲେ ଏବଂ ତା ମଧ୍ୟରୁ 5 ଟି ଡବ୍ଲୁଏସି ଓଟିଡିସିକୁ ଓ 3 ଟି ବେସରକାରୀ ସଂସ୍ଥାକୁ ସ୍ଥାନାନ୍ତରଣ କରାଯାଇଅଛି (ମେ 1998 ରୁ ଫେବୃୟାରୀ 2014 ) । ଅବଶିଷ୍ଟ 15 ଟି ୟୁନିଟ୍ ପିପିପି ଢାଞ୍ଚାରେ ଚଳାଇବା ପାଇଁ କୌଣସି ବେସରକାରୀ ସଂସ୍ଥା ରୁଚି ଦେଖାଇନଥିବାରୁ ସେଗୁଡିକ ଅନୁପଯୋଗ ହୋଇ ପଡିରହିଛି ।

ବିଦ୍ୟମାନ ଥିବା ଡବ୍ଲୁଏସିଗୁଡିକ ଚାଲୁ ନଥିବା ସତ୍ତ୍ୱେ ଓଡ଼ିଶା ସରକାର ଆହୁରି 7ଟି ଡବ୍ଲୁଏସି ନିର୍ମାଣ ପାଇଁ ଓଟିଡିସି କୁ 2.10 କୋଟି ଟଙ୍କା ପ୍ରଦାନ (ଡିସେମ୍ବର 2010) କରିଥିଲେ ଏବଂ ତା'ମଧରୁ ତିନୋଟିର ସ୍ଥାନ ନିର୍ମାଣ ଉପଯୋଗୀ ନଥିଲା । ପରବର୍ତ୍ତୀ କାଳରେ କୌଣସି ସ୍ଥାନ ନିରୂପଣ ନ କରି ନିର୍ମାଣ ପାଇଁ 3.50 କୋଟି ଟଙ୍କା ପ୍ରଦାନ (ଡିସେମ୍ବର 2011 ରୁ ଫେବୃଆରୀ 2014) କରାଯାଇଥିଲା । ଯେହେତୁ ଓଟିଡିସି କୌଣସି ଡବ୍ଲୁଏସି ନିର୍ମାଣ କରିପାରିଲା ନାହିଁ, ଓଡ଼ିଶା ସରକାର ଓଟିଡିସି ଠାରେ ଲଭ୍ୟଥିବା 5.80 କୋଟି ଟଙ୍କାରେ (2009-10 ରେ ବୌଦ ଠାରେ ଡବ୍ଲୁଏସି ନିର୍ମାଣ ପାଇଁ 20 ଲକ୍ଷ ଟଙ୍କାକୁ ସାମିଲ୍ କରି) ବିଦ୍ୟମାନ ଥିବା 6 ଟି ପାନ୍ଥିକାର ବିକାଶ ଏବଂ ଗୋଟିଏ ନୂତନ ପାନ୍ଥିକା ନିର୍ମାଣ ପାଇଁ ପୁନଶ୍ଚ ନିଷ୍ପତ୍ତି ନେଇଥିଲେ (ମେ 2013) । ପରନ୍ତୁ ଏପର୍ଯ୍ୟନ୍ତ ଦୁଇଟି ଡବ୍ଲୁଏସି ପାଇଁ 3.81କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ହୋଇପାରିଛି କିନ୍ତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ ।

ତେଣୁ, ଉପଯୁକ୍ତ ଯୋଜନା ଅଭାବରୁ ଡବ୍ଲୁଏସି ନିର୍ମାଣର ଉଦ୍ଦେଶ୍ୟ ହାସଲ ହୋଇପାରିଲା ନାହିଁ ଏବଂ 5.80 କୋଟି ଟଙ୍କା ଓଟିଡିସି ପାଖରେ ପଡ଼ିରହିଛି । ସରକାର ଏ ବିଷୟରେ ନିର୍ଦ୍ଦିଷ୍ଟ ଉତ୍ତର ଦେଇନାହାନ୍ତି ।

### *ଧଉଳିଠାରେ ଆଲୋକ ଏବଂ ଶବ୍ଦ ପ୍ରଦର୍ଶନ ପ୍ରକଳ୍ପର ବିକାଶ*

**2.1.31** ଧଉଳି ଠାରେ ଆଲୋକ ଏବଂ ଶବ୍ଦ ପ୍ରଦର୍ଶନ ପ୍ରକଳ୍ପ ପାଇଁ ଓଡିଶା ସରକାର 6.06 କୋଟି (କେନ୍ଦ୍ରୀୟ ଭାଗ: 5 କୋଟି ଏବଂ ରାଜ୍ୟ ଭାଗ: 1.06 କୋଟି) ଟଙ୍କାର ଏକ ଡିପିଆର୍ ଏମ୍ଓଟିକୁ ପଠାଇଥିଲେ

[28] ଚାରୋଟି ଡବ୍ଲୁଏସିକୁ ବାଦ୍ ଦେଇ ଯାହାପାଇଁ ଖର୍ଚ୍ଚ ପରିମାଣ ଉପଲବ୍ଧ ନଥିଲା

(ଅକ୍ଟୋବର 2012) । ଏମ୍‌ଓଟିର ମଞ୍ଜୁରୀ ଏବଂ ଅର୍ଥ ପ୍ରଦାନ ପୂର୍ବରୁ ଓଡିଶା ସରକାର ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ (ଆଇଟିଡିସି)ଦ୍ୱାରା କାର୍ଯ୍ୟ ସଂପାଦନ ପାଇଁ 4.75 କୋଟି[29] ଟଙ୍କା ଓଟିଡିସିକୁ ପ୍ରଦାନ କରିଥିଲେ (ଜାନୁୟାରୀ 2013 ) । ପରବର୍ତ୍ତୀ ସମୟରେ ଏମ୍‌ଓଟି ଏହି ପ୍ରକଳ୍ପ ପାଇଁ 5 କୋଟି ଟଙ୍କାର ମଞ୍ଜୁର (ସେପ୍ଟେମ୍ବର 2013) କରିବା ସହିତ ଆଇଟିଡିସିକୁ ଦେବା ପାଇଁ ଓଟିଡିସିକୁ 1 କୋଟି ଟଙ୍କା ପ୍ରଦାନ କରିଥିଲେ ।

ଓଡିଶା ସରକାର ଏହି ପ୍ରକଳ୍ପ ପାଇଁ 1.06 କୋଟି ଟଙ୍କା ପ୍ରଦାନ (ଫେବୃଆରୀ 2014) କରିଥିଲେ । ସମୀକ୍ଷାରେ ଦେଖାଗଲା ଯେ ଡିପିଆର୍‌ର ଅନୁମୋଦନକୁ ଅପେକ୍ଷା ନ କରି ଓଡିଶା ସରକାର 4.75 କୋଟି ଟଙ୍କା ଓଟିଡିସିକୁ ପ୍ରଦାନ କରିଥିଲେ । ଏମ୍‌ଓଟି ମଞ୍ଜୁର ପରେ ମଧ୍ୟ ରାଜ୍ୟ ସରକାରଙ୍କ ଭାଗକୁ ଓଟିଡିସି ଠାରେ ଗଚ୍ଛିତ ଥିବା 4.75 କୋଟି ଟଙ୍କାରୁ ସମାଲୋଚନ ନ କରି ପୁନଶ୍ଚ 1.06 କୋଟି ଟଙ୍କା ପ୍ରଦାନ କରିଥିଲେ । ଏଥିଯୋଗୁଁ 4.75 କୋଟି ଟଙ୍କା ଖର୍ଚ୍ଚ ନହୋଇ ଓଟିଡିସି ପାଖରେ ପଡିରହିଛି । ତଥାପି ଏହି ପ୍ରକଳ୍ପର କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ ।

ସରକାର କହିଲେ ଯେ ଓଟିଡିସି ନିକଟରେ ଅନୁପଯୋଗ ହୋଇ ପଡି ରହିଥିବା ଅର୍ଥକୁ ଚଳିତ ବର୍ଷ ଚାଲୁ ରହିଥିବା ଅନ୍ୟ ପ୍ରକଳ୍ପ ଗୁଡିକ ପାଇଁ ବିନିଯୋଗ କରାଯିବ ।

### *ଭୁବନେଶ୍ୱରରେ ପର୍ଯ୍ୟଟନ ପ୍ଲାଜା / ପରିଦର୍ଶନ କେନ୍ଦ୍ରର ବିକାଶ*

**2.1.32** ଓଡିଶା ସରକାର ପର୍ଯ୍ୟଟନ ପ୍ଲାଜା ନିର୍ମାଣ ପାଇଁ ଭୁବନେଶ୍ୱର ୟୁନିଟ୍-2 ରେ 2.92 ଏକର ଜମି ଆବଣ୍ଟନ କରିଥିଲେ (ନଭେମ୍ବର 2006) । ପର୍ଯ୍ୟଟନ ବିଭାଗ ଏହି କାର୍ଯ୍ୟର ନିର୍ମାଣ ପାଇଁ 5 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ କରିଥିଲେ (ଫେବୃୟାରୀ 2010) ଏବଂ ଓଟିଡିସିକୁ ଅର୍ଥ ପ୍ରଦାନ କରିଥିଲେ । ଯେହେତୁ ଏହି ନିର୍ମାଣ ପାଇଁ ଜମି ଲଭ୍ୟ କରାଯାଇ ପାରିଲା ନାହିଁ, ଓଡିଶା ସରକାର ଜାନୁୟାରୀ 2011 ରେ ପ୍ରକଳ୍ପ ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ତିନି ଏକର ଜମି ଆବଣ୍ଟନ କରିବାକୁ ନିଷ୍ପତି ନେଇଥିଲେ । କିନ୍ତୁ ଏପର୍ଯ୍ୟନ୍ତ (ଅକ୍ଟୋବର 2014) କୌଣସି ଜମି ଆବଣ୍ଟିତ ହୋଇପାରି ନାହିଁ ଏବଂ ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇପାରି ନାହିଁ ।

ସେହିପରି ଭୁବନେଶ୍ୱର ପର୍ଯ୍ୟଟକ ପରିଦର୍ଶନ କେନ୍ଦ୍ର ନିର୍ମାଣ ପାଇଁ ପର୍ଯ୍ୟଟନ ବିଭାଗ 1.35 କୋଟି ଟଙ୍କା ଓଟିଡିସି କୁ ପ୍ରଦାନ କରିଥିଲେ (ଜାନୁୟାରୀ 2013) ସୁଦ୍ଧା ଜମିର ଅଭାବ ଯୋଗୁଁ କାର୍ଯ୍ୟାରମ୍ଭ ହୋଇପାରି ନାହିଁ କିମ୍ବା ପ୍ରଶାସନିକ ଅନୁମୋଦନ ହୋଇପାରି ନାହିଁ ।

ତେଣୁ ଜମିର ଲଭ୍ୟତା ସୁନିଶ୍ଚିତ ନ କରି ଅର୍ଥ ପ୍ରଦାନ କରିବା ଦ୍ୱାରା ସମ୍ବଳ ଗୁଡିକ ଖର୍ଚ୍ଚ ନହୋଇ ପଡି ରହିଅଛି ଏବଂ ଅଭିଳାଷିତ ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ।

ସରକାର କହିଲେ ଯେ ଜାଗା ଚୁଡ଼ାନ୍ତ ହେବା ପରେ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ କରାଯିବ ।

### *ପର୍ଯ୍ୟଟନ କାର୍ଯ୍ୟାଳୟ ଗୁଡିକର ନିର୍ମାଣ/ ସାଜସଜ୍ଜା ଏବଂ ନବୀକରଣ*

**2.1.33** 2009-14 ମଧ୍ୟରେ ନୂତନ ପର୍ଯ୍ୟଟନ କାର୍ଯ୍ୟାଳୟ ନିର୍ମାଣ, ପର୍ଯ୍ୟଟନ ଭବନର ମରାମତି ଏବଂ ନବିକରଣ ଏବଂ ବିଦ୍ୟମାନ ପର୍ଯ୍ୟଟନ କାର୍ଯ୍ୟାଳୟ / କାଉଣ୍ଟର ଗୁଡିକ ସଜ୍ଜିତ କରିବା ପାଇଁ ବିଭାଗ 21 ଟି କାର୍ଯ୍ୟର ମଞ୍ଜୁର କରିବା ସହିତ 7.66 କୋଟି ଟଙ୍କା ଓଟିଡିସି କୁ ପ୍ରଦାନ କରିଥିଲେ ।

[29] ଗୋକର୍ନିକା ଠାରେ ଥିବା ଲୋଟସ ପଣ୍ଡ ପ୍ରକଳ୍ପରୁ ସ୍ଥାନାନ୍ତରିତ (ଅପ୍ରେଲ୍ 2013 ) 2.25 କୋଟି ଟଙ୍କା ସାମିଲ୍ ଅଟେ ।

ସମୀକ୍ଷାରେ ଦେଖାଗଲା ଯେ ମାର୍ଚ୍ଚ 2014 ସୁଦ୍ଧା ଓଟିଡିସି ନଅଟି କାର୍ଯ୍ୟ ପାଇଁ ମାତ୍ର 2.52 କୋଟି ଟଙ୍କା ଖର୍ଚ୍ଚ କରିପାରିଛି ଏବଂ ତା ମଧ୍ୟରୁ ମାତ୍ର ଦୁଇଟି କାର୍ଯ୍ୟ (0.35 କୋଟି ) ସଂପାଦନ ହୋଇଛି ଏବଂ 7 ଟି କାର୍ଯ୍ୟ ଚାଲୁ ରହିଛି । ବାକି 12 ଟି କାର୍ଯ୍ୟ ଏବେ ଯାଏଁ ଆରମ୍ଭ ହୋଇ ନାହିଁ (ଅକ୍ଟୋବର 2014) ।

## ପିପିପି ଭିତ୍ତିରେ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକର ବିକାଶ

**2.1.34** ରାଜ୍ୟରେ ପର୍ଯ୍ୟଟନର ବିକାଶରେ ଘରୋଇ କ୍ଷେତ୍ରର ଭାଗୀଦାରୀ ଓଟିପି 1997/2013 ରେ ପରିକଳ୍ପିତ ଥିଲା । ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ଭାଗିଦାରୀ ସାମିଲର ପ୍ରାବଧାନ ଓଡିଶା ପିପିପି ନୀତି 2007 ରେ ଉଲ୍ଲେଖ ଅଛି । ପିପିପି ପ୍ରକଳ୍ପ ଗୁଡିକୁ ଚୁଡାନ୍ତ କରିବା ପାଇଁ ଓଡିଶା ସରକାର ଭିତ୍ତି ସଂରଚନା କ୍ଷମତାପୂର୍ଣ୍ଣ କମିଟି(ଇସିଆଇ) ଗଠନ କରିଥିଲେ (ସେପ୍ଟେମ୍ବର 2007) । ପିପିପି ଭିତ୍ତି ବିକାଶରେ ପରିଲିଖିତ ଅଭାବଗୁଡ଼ିକ ନିମ୍ନୋକ୍ତ ଅନୁଚ୍ଛେଦଗୁଡ଼ିକରେ ଚର୍ଚ୍ଚା କରାଯାଇଛି :

### *କୃତ୍ରିମ ଜଳାଶୟ ସହିତ ସାମୁଦ୍ରିକ ସଂରକ୍ଷଣ ଏବଂ ଶିକ୍ଷା ପାର୍କର ବିକାଶ*

**2.1.35** ଓଡ଼ିଶା ସରକାର ପୁରୀଠାରେ ପିପିପି ଭିତ୍ତିରେ ଏକ କୃତ୍ରିମ ଜଳାଶୟ ସହିତ ସାମୁଦ୍ରିକ ସଂରକ୍ଷଣ ଏବଂ ଶିକ୍ଷା ପାର୍କର ବିକାଶ ପାଇଁ ଅହମଦାବାଦ ସ୍ଥିତ ସେଣ୍ଟର ଫର ଏନଭାରନ୍‌ମେଣ୍ଟ ଏଜୁକେସନ[30] (ସିଇଇ) ସହିତ ଏମଓୟୁ ସ୍ୱାକ୍ଷର କରିଥିଲେ (ଫେବୃଆରୀ 2013) । ଏହି ପ୍ରକଳ୍ପଟି ଇସିଆଇ ଠାରୁ ଅନୁମୋଦନ ପାଇଥିଲା (ମାର୍ଚ୍ଚ 2012) ଏବଂ ଏହାର ଆନୁମାନିକ ଖର୍ଚ୍ଚ 7.19 କୋଟି ଥିଲା । ଏମ୍‌ଓୟୁର ସର୍ତ୍ତାବଳୀ ଅନୁସାରେ ସିଇଇ ଏହି କମ୍ପ୍ଲେକ୍‌ସର ଡିଜାଇନ୍ ନିର୍ମାଣ ଏବଂ ଗଢ଼ଣ କରିବା ସହିତ ପ୍ରଥମ ପାଞ୍ଚ ବର୍ଷ ଏହାର ରକ୍ଷଣାବେକ୍ଷଣ ଏବଂ ପରିଚାଳନା କରିବାର ଥିଲା । ଆପୋସ ସମ୍ମତିରେ ଏହି ସମୟ ସୀମାକୁ ପୁନଶ୍ଚ ବୃଦ୍ଧି କରିବାର ପ୍ରାବଧାନ ଥିଲା । ଏହି ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବା ସହିତ ସମସ୍ତ ପ୍ରକଳ୍ପ ଖର୍ଚ୍ଚ ପର୍ଯ୍ୟଟନ ବିଭାଗ ସିଇଇକୁ ଦେବାର ଥିଲା । ନିଟ୍ ରାଜସ୍ୱ ଆଦାୟରୁ ବାର୍ଷିକ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ ଦେବାର ଥିଲା । ପ୍ରକଳ୍ପଟିକୁ 16 ମାସ ମଧରେ ସମ୍ପୂର୍ଣ୍ଣ କରିବାର ଥିଲା ।

ସମୀକ୍ଷାରେ ନିମ୍ନ ତଥ୍ୟଗୁଡ଼ିକ ଦେଖାଗଲା:

- ଇସିଆଇ ପ୍ରକଳ୍ପର ସୈଦ୍ଧାନ୍ତିକ ମଞ୍ଜୁରୀ ପ୍ରଦାନ ବେଳେ ଇଚ୍ଛୁକ ବିଡରମାନଙ୍କର ମତ ଜାଣିବା ପାଇଁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଆହ୍ୱାନ ପାଇଁ କହିଥିଲେ । କିନ୍ତୁ ପର୍ଯ୍ୟଟନ ବିଭାଗ ଇଓଆଇ ଆହ୍ୱାନ ନ କରି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ମନୋନୟନ ପ୍ରକ୍ରିୟାରେ ସିଇଇକୁ ଚୟନ କରିଥିଲେ ।
- ପ୍ରକଳ୍ପର ଅସଂପାଦନ, ସଂପାଦନରେ ବିଳମ୍ବ ଏବଂ ନିର୍ମାଣ ସମୟରେ ଗୁଣବତ୍ତା ମାନକଗୁଡିକ ଅବଲମ୍ବନ ନ କରିବା ଇତ୍ୟାଦି ପାଇଁ ଏମ୍‌ଓୟୁରେ କୌଣସି ସର୍ତ୍ତାବଳୀ ନଥିଲା । ଏମ୍‌ଓୟୁ ଅବଧି ସମାପ୍ତ ପରେ ପ୍ରକଳ୍ପ ସଂପତ୍ତିଗୁଡିକର ହସ୍ତାନ୍ତରଣ ବିଷୟରେ ନୀରବ ଥିଲା । ଏମ୍‌ଓୟୁରେ ଏହି ପ୍ରାବଧାନର ଅନୁପସ୍ଥିତି ଅନ୍ୟ ପାର୍ଟନର ପାଇଁ ଅସୁରକ୍ଷିତ ହୋଇପାରେ ।
- ଏହି ପ୍ରକଳ୍ପ ପାଇଁ ଇସିଆର ମାର୍ଚ୍ଚ 2012 ରେ ସୈଦ୍ଧାନ୍ତିକ ମଞ୍ଜୁରୀ ପ୍ରଦାନ କରିଥିଲେ ମଧ୍ୟ, ପର୍ଯ୍ୟଟନ ବିଭାଗ 5 କୋଟି ଟଙ୍କା ଓଟିଡିସିକୁ କାର୍ଯ୍ୟ ସଂପାଦାନ ପାଇଁ ପ୍ରଦାନ (ଫେବୃୟାରୀ 2009 ଏବଂ 2010) କରିଥିଲେ । ତା ମଧ୍ୟରୁ ଫେବୃଆରୀ 2013 ରେ 50 ଲକ୍ଷ ଟଙ୍କା ସିଇଇକୁ ଦିଆଯାଇଥିବା ବେଳେ ବାକି ଅର୍ଥ ଓଟିଡିସି ପାଖରେ ପଡିରହିଛି । ପ୍ରକଳ୍ପ ସଂପାଦନ ଏବେ ମଧ୍ୟ ପ୍ରାରମ୍ଭିକ ଚରଣରେ ଅଛି ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ, ଏମ୍‌ଓୟୁରେ ଥିବା ଅଭାବଗୁଡିକୁ ଅନ୍ତିମ ଚୁକ୍ତିବେଳେ ଧ୍ୟାନ ଦିଆଯିବ ।

---

[30] ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟର ଏକ ପଞ୍ଜିକୃତ ସୋସାଇଟି

***ଶାମୁକା ବିଚ୍ ପ୍ରକଳ୍ପର ବିକାଶ***

**2.1.36** ପୁରୀ ସହରର ଦକ୍ଷିଣ ଦିଗରେ ଚିଲିକା ହ୍ରଦ ପର୍ଯ୍ୟନ୍ତ 3,500 ଏକର ଜମିରେ ବିଭିନ୍ନ ସୁବିଧା ଥିବା ଏକ ପ୍ରମୁଖ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ସ୍ଥଳ ପ୍ରତିଷ୍ଠା ପାଇଁ ଓଡିଶା ସରକାର ବିଶେଷ ପର୍ଯ୍ୟଟନ କ୍ଷେତ୍ର (ଏସ୍‌ଟିଏ) ର ନିଷ୍ପତି (ଅଗଷ୍ଟ 1996) ନେଇଥିଲେ । ଏସ୍‌ଟିଏର ସାମଗ୍ରିକ ପର୍ଯ୍ୟଟନ ପ୍ରଚାର ପାଇଁ ସରକାର ବିଶେଷ ପର୍ଯ୍ୟଟନ ପ୍ରାଧିକରଣ ଗଠନ (ଅଗଷ୍ଟ 1996) କରିଥିଲେ । ଔଦ୍ୟୋଗିକ ଇନଫ୍ରାଷ୍ଟ୍ରକଚର ବିକାଶ ନିଗମ (ଆଇଡିସିଓ)କୁ ଏସ୍‌ଟିୟୁ ବିକାଶର କାର୍ଯ୍ୟାନ୍ୱୟନ ଏଜେନସୀ ଭାବରେ ଘୋଷଣା କରାଯାଇଥିଲା । ପରବର୍ତ୍ତି ସମୟରେ ଏହି ପ୍ରକଳ୍ପର ପରିଚାଳନା ପାଇଁ ଓଟିଡିସି କୁ ସ୍ଥାନାନ୍ତରଣ (ମେ 2007) କରି ଶାମୁକା ବିଚ୍ ପ୍ରକଳ୍ପରେ ନାମିତ କରାଯାଇଥିଲା । ଏହି ପ୍ରକଳ୍ପକୁ ସର୍ବୋଚ ପ୍ରାଥମିକତା ଦେଇ ପିପିପି ଢାଞ୍ଚାରେ ବିକାଶ କରାଯିବା ପାଇଁ ନିଷ୍ପତି (ଏପ୍ରିଲ 2008) ନିଆଗଲା ।

ପ୍ରଥମରୁ 1,016.51 ଏକର ଭୂମି ଅଧିଗ୍ରହଣ ପାଇଁ ଦିଆଯାଇଥିବା 10.80 କୋଟି ଟଙ୍କା ସହିତ ରାସ୍ତା ନିର୍ମାଣ, ପାଚେରୀ, ଜଳ ଓ ବିଜୁଳିର ସୁବିଧା ଏବଂ ଅତିରିକ୍ତ 621.69 ଏକର ଭୂମି ଅଧିଗ୍ରହଣ ପାଇଁ ଓଡିଶା ସରକାର ଫେବୃୟାରୀ 2009 ରୁ ଜୁନ୍ 2013 ମଧ୍ୟରେ ଇଡ୍‌କୋକୁ 24.33 କୋଟି ଟଙ୍କା ପ୍ରଦାନ କରିଥିଲେ ।

**18 ବର୍ଷ ଅତିକ୍ରମ ପରେ ଏବଂ 35.13 କୋଟି ଟଙ୍କା ବ୍ୟୟ କରି ମଧ ଶାମୁକା ବିଚ୍ ପ୍ରକଳ୍ପ ହୋଇପାରି ନଥିଲା**

ସମୀକ୍ଷାରେ ଦେଖାଗଲା ଯେ ସରକାରଙ୍କ ନିଷ୍ପତି ଠାରୁ 18 ବର୍ଷ ବିତିଯାଇଥିଲେ ମଧ ଏବଂ 35.13 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ, ପର୍ଯ୍ୟଟନ ବିଭାଗ କୌଣସି ଡିପିଆର୍ କିମ୍ବା ଭିତ୍ତିଭୂମି ସଂରଚନାର ବିକାଶ ପାଇଁ ଏକ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲେ । ଭିତ୍ତି ସଂରଚନା ସଂପାଦନରେ ସମୟ ସୀମାରୁ ଅଧିକ ହୋଇଯାଇଥିବାରୁ , ସିଇପିଟି ଦ୍ୱାରା ଏ ବାବଦରେ ଆକଳନ କରାଯାଇଥିବା ଖର୍ଚ୍ଚ 166.64 କୋଟି ଟଙ୍କାରୁ ବୃଦ୍ଧି ପାଇ ମାର୍ଚ୍ଚ 2014 ସୁଦ୍ଧା 234.48 କୋଟି ଟଙ୍କା ହୋଇଯାଇଅଛି ।

ସରକାର କହିଲେ ଯେ ଆର୍ଥିକ ମାନ୍ଦାବସ୍ଥା ଏବଂ ସରକାର ଦ୍ୱାରା ପ୍ରତିବନ୍ଧ ଭିତ୍ତିଭୂମିର ଅନଗ୍ରସର ଯୋଗୁଁ ପ୍ରକଳ୍ପ ସଂପାଦନରେ ବିଳମ୍ବ ହୋଇଥିଲା ।

***ରାମଚଣ୍ଡୀ ଠାରେ ଇକୋ-ରିସୋର୍ଟର ବିକାଶ***

**2.1.37** କେନ୍ଦ୍ରୀୟ ଆର୍ଥିକ ସହାୟତାରୁ (1.47 କୋଟି ଟଙ୍କା) ରାମଚଣ୍ଡୀ ଠାରେ ନିର୍ମିତ ଇକୋ ରିସୋର୍ଟ ସେଣ୍ଟର (ଇଆରସି) ର ପରିଚାଳନା ଏବଂ ପ୍ରବନ୍ଧନ ପିପିପି ମୋଡରେ କରିବା ପାଇଁ ଓଡିଶା ସରକାର ନିଷ୍ପତି ନେଇଥିଲେ (ଜୁଲାଇ 2008) ଏବଂ ଓଟିଡିସିକୁ କାର୍ଯ୍ୟାନ୍ୱୟନ ଏଜେନସୀ ଭାବରେ ମନୋନୀତ କରିଥିଲେ । ଇସିଆଇଙ୍କ ମଞ୍ଜୁର (ଜୁଲାଇ 2008) ଅନୁସାରେ ଓଟିଡିସି ଟେଣ୍ଡର ଜରିଆରେ କାମତ ହୋଟେଲ ଇଣ୍ଡିଆ ଲିମିଟେଡ୍ (କେଏଚ୍‌ଆଇଏଲ୍) କୁ ଚୟନ କରିଥିଲା । କେଏଚ୍‌ଆଇଏଲ୍‌କୁ 10 ଲକ୍ଷ ଟଙ୍କାର ଅଗ୍ରୀମ ଦେୟ ଏବଂ ପ୍ରଥମ ପାଞ୍ଚ ବର୍ଷ ପାଇଁ ବାର୍ଷିକ 16.20 ଲକ୍ଷ ଟଙ୍କା ଦେୟ ଓ ପରବର୍ତ୍ତୀ ପାଞ୍ଚ ବର୍ଷରେ ବାର୍ଷିକ ଦେୟ 18.12 ଲକ୍ଷ ଟଙ୍କା ଭିତ୍ତିରେ ଚୟନ କରାଯାଇଥିଲା । ଓଟିଡିସି, କେଏଚ୍‌ଆଇଏଲ୍ ସହିତ 10 ବର୍ଷ ପାଇଁ ପରିଚାଳନା ଲିଜ୍ ଚୁକ୍ତି (ଏଲ୍‌ଓଏ) କରିଥିଲେ (ମାର୍ଚ୍ଚ 2009) ଏବଂ ଏହି ପ୍ରକଳ୍ପଟିକୁ କେଏଚ୍‌ଆଇଏଲ୍‌କୁ ମାର୍ଚ୍ଚ 2009 ରେ ହସ୍ତାନ୍ତର କରିଥିଲେ । ଓଟିଡିସି ସହିତ ପରାମର୍ଶ କରି ଉନ୍ନୟନ ବିକାଶର ଡିଜାଇନ୍ ଏବଂ ନକ୍ସା ପ୍ରସ୍ତୁତ କରିବାର ପ୍ରାବଧାନ ଥିଲା ।

ସମୀକ୍ଷାରେ ନିମ୍ନଲିଖିତ ବିଷୟ ଦେଖାଗଲା:

- ଭିତ୍ତିଭୂମି ସଂରଚନାର ବିକାଶ ଏବଂ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରାବଧାନ ଥିବା ଡ୍ରଇଁ, ଡିଜାଇନ, ନକ୍ସା ଏବଂ ବିଶଦ ଯୋଜନା ଓ ଅଟକଳଗୁଡିକ କେଏଚ୍‌ଆଇଏଲ୍ ଉପସ୍ଥାପନ କରିନଥିଲା କିମ୍ବା ଓଟିଡିସି ଏଥିପାଇଁ ଅତ୍ୟାଗ୍ରହ କରିନଥିଲେ ।
- ଓଟିଡିସିର ଅଧ୍ୟକ୍ଷଙ୍କ ଥରେ ମାତ୍ର ନିରୀକ୍ଷଣ (ଅଗଷ୍ଟ 2013)କୁ ଛାଡି ଦେଲେ ନକ୍ସାରେ ପ୍ରାବଧାନ ଥିବା କାର୍ଯ୍ୟଗୁଡିକର ପ୍ରଗତିର ସାମୟିକ ନିରୀକ୍ଷଣ ହୋଇନଥିଲା । ଅଧ୍ୟକ୍ଷଙ୍କ ନିରୀକ୍ଷଣରେ

ଦେଖାଯାଇଥିଲା ଯେ 20 ଟି ନୂତନ କୁଟୀର ନିର୍ମାଣ ପରିବର୍ତ୍ତେ ମାତ୍ର 7 ଟି କୁଟୀରର ନିର୍ମାଣ ହୋଇପାରିଥିଲା ଏବଂ ବିକାଶ କାର୍ଯ୍ୟ ଏଲ୍ଓଏ ଅନୁସାରେ ହୋଇନଥିଲା । ଏହା ମଧ୍ୟ ଦେଖାଯାଇଥିଲା ଯେ ପର୍ଯ୍ୟାବରଣ ଏବଂ ପ୍ରଦୂଷଣ ମାନଦଣ୍ଡଗୁଡିକର ଉଲଂଘନ ଏବଂ ଜଙ୍ଗଲ ଓ ସରକାରୀ ଜମିର ଜବର ଦଖଲ ହୋଇଥିଲା । ଓଟିଡିସି କେଏଚ୍ଆଇଏଲ୍ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ (ଅକ୍ଟୋବର 2014) ।

- ଉଚ୍ଚତମ ଅଗ୍ରୀମ ଦେୟ ଏବଂ ବାର୍ଷିକ ଭଡ଼ା ଆକାରରେ କେଏଚ୍ଆଇଏଲ୍‌କୁ ଚୟନ କରାଯାଇଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ଆବଶ୍ୟକ ନିବେଶର ଆକଳନ କରାଯାଇ ନଥିଲା କିମ୍ବା ଏଲ୍ଓଏ ରେ ପ୍ରାବଧାନ ଥିବା ଆର୍ଥିକ ପ୍ରତିବଦ୍ଧତା ବ୍ୟାଙ୍କ୍ ଗ୍ୟାରେଣ୍ଟି ଆକାରରେ ପ୍ରାପ୍ତ ହୋଇ ନଥିଲା ।
- କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ନିର୍ମିତ ସଂପତ୍ତିଗୁଡିକର ଲିଜ୍ ପାଇଁ ପୂର୍ବରୁ ଭାରତ ସରକାରଙ୍କଠାରୁ ଅନୁମୋଦନ ଦରକାର ଥିବାବେଳେ କେଏଚ୍ଆଇଏଲ୍‌କୁ ଇଆର୍‌ସିର ଲିଜ୍ ଦେଲାବେଳେ ଭାରତ ସରକାରଙ୍କ ଠାରୁ ପୂର୍ବ ଅନୁମୋଦନ ନିଆଯାଇ ନଥିଲା ।

ଏଲ୍ଓଏରେ ଥିବା ସର୍ତ୍ତାବଳୀଗୁଡିକ ସଂପୂର୍ଣ୍ଣ ହୋଇପାରି ନଥିବା ବିଷୟରେ ସରକାର କହିଲେ ଯେ, 5 ଏକର ଜମିରୁ 1.5 ଏକର ସମୁଦ୍ରରେ ଧୋଇଯାଇଥିବାରୁ ପରିବେଶକୁ ନଜରରେ ରଖି ଆଉ କୁଟୀର ନିର୍ମାଣ ସମ୍ଭବପର ହୋଇପାରିବ ନାହିଁ । ଏହି ଉତ୍ତରରୁ ଏହା ସ୍ପଷ୍ଟ ହେଉଅଛି ଯେ, ଭିତ୍ତିଭୂମି ନିର୍ମାଣ ବେଳେ ଏହାର ସମ୍ଭାବ୍ୟତା ଅଧ୍ୟୟନ କରାଯାଇ ନଥିଲା ।

## ପର୍ଯ୍ୟଟନ ସମ୍ପତ୍ତିଗୁଡିକର ପରିଚାଳନା

**2.1.38** କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ନିର୍ମିତ ପର୍ଯ୍ୟଟନ ସମ୍ପତ୍ତିଗୁଡିକର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ଓଡିଶା ସରକାର ,ଭାରତ ସରକାରଙ୍କ ସହିତ ଏକ ଚୁକ୍ତି କରିବା ଏବଂ ଭାରତ ସରକାରଙ୍କର ପୂର୍ବ ଅନୁମୋଦନରେ ଏହି ସମ୍ପତ୍ତି କିମ୍ବା ଜମିକୁ ହସ୍ତାନ୍ତର, ବିକ୍ରି କିମ୍ବା ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ନକରିବା ପାଇଁ ଅଙ୍ଗୀକାରବଦ୍ଧତା ପ୍ରଦାନ କରାଯାଇଥାଏ । ଏହି ସମ୍ପତ୍ତିଗୁଡିକ କେବଳ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଉପଯୋଗ କରିବାର ଥିଲା । ପର୍ଯ୍ୟଟନ ବିଭାଗ ଦ୍ୱାରା କେନ୍ଦ୍ରୀୟ ସହାୟତା ଏବଂ ରାଜ୍ୟ ସମ୍ବଳରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ସମ୍ପତ୍ତି ସୃଷ୍ଟି କରାଯାଇଥିଲା ।

ସମୀକ୍ଷାରୁ ନିମ୍ନଲିଖିତ ତଥ୍ୟଗୁଡିକ ଦେଖାଗଲା:

- ପର୍ଯ୍ୟଟନ ବିଭାଗ ସମ୍ପତ୍ତିଗୁଡିକର ପୂର୍ଣ୍ଣ ବିବରଣ, କରାଯାଇଥିବା ନିବେଶ ଏବଂ ଏଗୁଡିକର ସ୍ଥାନ ବିଷୟରେ ରେକର୍ଡ ଏବଂ ରେଜିଷ୍ଟର୍‌ଗୁଡିକ ଅପଡେଟ୍ କିମ୍ବା ଠିକ୍ ଭାବରେ ଅନୁରକ୍ଷଣ କରାଯାଇନାହିଁ ।

**ପରିଚାଳନା ଯୋଜନାର ଅଭାବ ଯୋଗୁଁ ଡିଓଟିର 36 ଟି ଆବାସ ୟୁନିଟ୍ ଅବ୍ୟବହୃତ ହୋଇ ରହିଥିଲା**


ଗୋକର୍ଣ୍ଣିକା ଠାରେ ଅବ୍ୟବହୃତ ଡବ୍ଲୁଏସି

- 1976 ରୁ 2002 ମଧ୍ୟରେ ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା 89 ଟି ଆବାସ ୟୁନିଟ୍ ମଧ୍ୟରୁ ଓଟିଡିସିକୁ ଲିଜ୍ ସୂତ୍ରରେ ପରିଚାଳନା ପାଇଁ 23 ଟି ୟୁନିଟ୍ ଏବଂ ପିପିପି ଢାଞ୍ଚାରେ ଚଳାଇବା ପାଇଁ 14 ଟି ୟୁନିଟ୍ ଘରୋଇ ସଂସ୍ଥାକୁ ଲିଜ୍ ସୂତ୍ରରେ ହସ୍ତାନ୍ତର କରାଯାଇଥିଲା । ବାକି ୟୁନିଟଗୁଡିକ ମଧ୍ୟରୁ ପର୍ଯ୍ୟଟନ ବିଭାଗ 16 ଟି ୟୁନିଟ୍ ପରିଚାଳନା କରୁଥିଲେ ଏବଂ ପ୍ରବନ୍ଧନ ଅଭାବ ଯୋଗୁଁ ଅନ୍ୟ 36 ଟି ବ୍ୟବହୃତ ନ ହୋଇ ପଡି ରହିଅଛି ।
- 36 ଟି ଅବ୍ୟବହୃତ ଆବାସ ୟୁନିଟ ମଧ୍ୟରୁ 7 ଟିର ରକ୍ଷଣାବେକ୍ଷଣା ପାଇଁ ପର୍ଯ୍ୟଟନ ବିଭାଗ 85.34 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ବାକି ୟୁନିଟ୍ ଗୁଡିକ ଜଗୁଆଳି ବିହୀନ ହୋଇ ପଡିରହିଛି ।

ତେଣୁ ନିର୍ମିତ ସମ୍ପତ୍ତିଗୁଡିକର ଉପଯୁକ୍ତ ଉପଯୋଗ ପର୍ଯ୍ୟାଲୋଚନାରେ ଅଭାବକୁ ସୁଚୀତ କରୁଥିଲା ।

ସରକାର ସମ୍ପତ୍ତି ରେଜିଷ୍ଟର୍ ଅନୁରକ୍ଷଣର ତଥ୍ୟକୁ ଗ୍ରହଣ କରିବା ସହିତ ଜିଲ୍ଲାସ୍ତରରେ ସମ୍ପତ୍ତି ରେଜିଷ୍ଟର୍ ପ୍ରସ୍ତୁତ ପାଇଁ ଆଶ୍ୱାସନା ଦେଇଥିଲେ । ଏହା ମଧ୍ୟ କହିଥିଲେ ଯେ ବାକି 29 ଟି ଆବାସ ୟୁନିଟ୍‌ର ରକ୍ଷଣାବେକ୍ଷଣ ଓଟିଡିସି କରୁଥିଲା । ତେବେ ଓଟିଡିସିଠାରୁ ବିଶଦ ଖର୍ଚ୍ଚ ବିବରଣୀ ମଗାଯାଇଥିଲେ ମଧ୍ୟ ଓଟିଡିସି ଏହା ଉପସ୍ଥାପନ କରିପାରି ନ ଥିଲେ (ଜୁଲାଇ 2014) ।

## ପାନ୍ଥଶାଳା ଏବଂ ହୋଟେଲଗୁଡ଼ିକର ପରିଚାଳନା ପ୍ରଦର୍ଶନ

### *ପାନ୍ଥଶାଳା ଗୁଡ଼ିକର ପରିଚାଳନା*

**2.1.39** ମାର୍ଚ୍ଚ 2009 ସୁଦ୍ଧା ପର୍ଯ୍ୟଟନ ବିଭାଗ 24 ଟି ପାନ୍ଥାଶାଳାର ପରିଚାଳନା କରୁଥିଲା ଏବଂ 2012-14 ମଧରେ 6 ଟି ପାନ୍ଥଶାଳା ପିପିପି ଭିତ୍ତିରେ ପରିଚାଳନା ପାଇଁ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା ଏବଂ 2012-13 ରେ ଗୋଟିଏ ୟୁନିଟ୍ ଓଟିଡିସିକୁ ହସ୍ତାନ୍ତର ହୋଇଥିଲା । ମାର୍ଚ୍ଚ 2014 ସୁଦ୍ଧା ପର୍ଯ୍ୟଟନବିଭାଗ ସମୁଦାୟ 17 ଟି ପାନ୍ଥଶାଳା ପରିଚାଳନା କରୁଥିଲା ।

**ଜିଓଓ ପାନ୍ଥଶାଳାଗୁଡ଼ିକର ପରିଚାଳନାରେ 7.90 କୋଟି ଟଙ୍କା କ୍ଷତି କରିଥିଲେ**

2009-14 ମଧରେ ପର୍ଯ୍ୟଟନ ବିଭାଗ ପାନ୍ଥଶାଳାଗୁଡ଼ିକରୁ 0.67 କୋଟି ଟଙ୍କା ରାଜସ୍ୱ ପାଇଥିଲେ ମଧ 7.90 କୋଟି ଟଙ୍କାର ପରିଚାଳନା କ୍ଷତି ସହିବାକୁ ପଡ଼ିଥିଲା । ମୁଖ୍ୟତଃ ଏହି ପାନ୍ଥଶାଳାଗୁଡ଼ିକରେ ପର୍ଯ୍ୟଟକଙ୍କ ରହଣୀ ହାର ମାତ୍ର ଏକ ପ୍ରତିଶତରୁ 62 ପ୍ରତିଶତ ମଧରେ ହୋଇଥିବାରୁ ଏଗୁଡ଼ିକର କ୍ଷତି ହୋଇଥିଲା । ପୁନଶ୍ଚ 2009-11 ମଧରେ 8 ଟି ୟୁନିଟ୍, 2011-12 ରେ 9 ଟି ୟୁନିଟ୍ 2012-13 ରେ 10 ଟି ୟୁନିଟ୍ ଏବଂ 2013-14 ମଧରେ 9 ଟି ୟୁନିଟ୍‌ରେ କୌଣସି ପର୍ଯ୍ୟଟକ ରହିନଥିଲେ ଏବଂ ପାନ୍ଥଶାଳା ଅଧିକାର ହାର ଶୂନ୍ୟ ଥିଲା । ଏହି ପାନ୍ଥଶାଳାଗୁଡ଼ିକ ପାଇଁ ସରକାର 2.27 କୋଟି ଟଙ୍କାର ନିରର୍ଥକ ଦରମା ପ୍ରଦାନ କରିଥିଲେ । ସମୀକ୍ଷାରେ ଦେଖାଗଲା ଯେ ପାନ୍ଥଶାଳାଗୁଡ଼ିକ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ନହେବା, ଖାଦ୍ୟ ପାନୀୟ ସୁବିଧାର ଅଭାବ, ରକ୍ଷଣାବେକ୍ଷଣର ଅଭାବ କମ୍ କିମ୍ବା ଶୂନ୍ୟ ରହଣି ହାରର ମୁଖ୍ୟ କାରଣ ଥିଲା ।

ସରକାର କହିଲେ ଯେ ସମ୍ବଳ ଏବଂ ଶ୍ରମଶକ୍ତିର ଅଭାବ ଯୋଗୁଁ ମାତ୍ର କିଛି ପାନ୍ଥଶାଳା ପରିଚାଳନା କରାଯାଉଅଛି ଏବଂ କମ୍ ପର୍ଯ୍ୟଟକଙ୍କ ଆଗମନ ଓ ପାନ୍ଥାଶାଳାଗୁଡ଼ିକ କମ୍ ସମ୍ଭାବ୍ୟତା ହେତୁ ରହଣି ହାର କମିଥିଲା ।

### *ହୋଟେଲଗୁଡ଼ିକର ପରିଚାଳନା*

**2.1.40** 2009-14 ମଧରେ ଓଟିଡିସି ହୋଟେଲଗୁଡ଼ିକର ପରିଚାଳନା ପ୍ରଦର୍ଶନ ନିମ୍ନରେ ଦିଆଗଲା:

*(କୋଟି ଟଙ୍କାରେ)*

| ବର୍ଷ | ଲାଭ କରୁଥିବା ୟୁନିଟ୍ | | | ରାଜସ୍ୱ ତୁଳନାରେ | ରାଜସ୍ୱ ଅର୍ଜିତ | | | ଲାଭ |
|---|---|---|---|---|---|---|---|---|
| | ନଂ | ରାଜସ୍ୱ ଅର୍ଜିତ | ଲାଭ | ଲାଭର ପ୍ରତିଶତ | ନଂ | ରାଜସ୍ୱ ଅର୍ଜିତ | କ୍ଷତି | |
| 2009-10 | 11 | 9.81 | 0.95 | 9.68 | 09 | 4.91 | 0.34 | 6.92 |
| 2010-11 | 12 | 13.15 | 1.65 | 12.50 | 08 | 3.32 | 0.34 | 10.24 |
| 2011-12 | 16 | 16.63 | 1.82 | 10.94 | 05 | 1.60 | 0.13 | 8.12 |
| 2012-13 | 13 | 14.24 | 1.70 | 11.94 | 08 | 4.77 | 0.35 | 7.34 |
| 2013-14 | 9 | 10.60 | 0.98 | 9.25 | 12 | 8.70 | 0.90 | 10.34 |
| ମୋଟ | | **64.43** | **7.10** | **11.02** | | **23.30** | **2.06** | **8.84** |

*(ଉତ୍ସ: ଓଟିଡିସି ଦ୍ୱାରା ଯୋଗାଯାଇଥିବା ତଥ୍ୟ)*

2009-14 ମଧରେ ଓଟିଡିସି ସାମଗ୍ରିକ 5.04 କୋଟି ଟଙ୍କାର ହୋଟେଲ ପରିଚାଳନା ଲାଭ କରିଥିଲେ ମଧ ଏବଂ ଏହି ସମୟ ମଧରେ ରୁମ୍ ତାରିଫ୍ 2009-10 ରେ 991 ଟଙ୍କାରୁ 2013-14 ରେ 1,562 ଟଙ୍କାକୁ ବୃଦ୍ଧି

ହୋଇଥିଲେ ମଧ୍ୟ 5 ରୁ 12 ଟି ହୋଟେଲରେ ପରିଚାଳନା କ୍ଷତି ହୋଇଥିଲା ଏବଂ 3 ଟି[31] ହୋଟେଲ କ୍ରମାନ୍ୱୟ ଭାବରେ ପାଞ୍ଚ ବର୍ଷ କ୍ଷତି କରିଥିଲେ । କ୍ରମାନ୍ୱୟ ପାଞ୍ଚ ବର୍ଷ ପାଇଁ ଲାଭ କରିଥିବା 6 ଟି ହୋଟେଲ[32] ମଧ୍ୟରୁ 2 ଟି ହୋଟେଲର ଲାଭ ମୁଖ୍ୟତଃ ମଦ ଏବଂ ବିଅର ବିକ୍ରିରୁ ହୋଇଥିଲା ।

ସରକାର କହିଲେ ଯେ କ୍ଷତି କରିଥିବା ଓଟିଡିସି ହୋଟେଲ ଗୁଡ଼ିକ ସୁଦୂର ସ୍ଥାନମାନଙ୍କରେ ଅବସ୍ଥିତ ଏବଂ ଓଟିଡିସି ଏଠାରେ ଏକମାତ୍ର ସେବା ଯୋଗାଣକାରୀ ସଂସ୍ଥା । କେବଳ ପର୍ଯ୍ୟଟନ ଋତୁକୁ ବାଦ୍ ଦେଲେ ଅନ୍ୟ ସମୟ ଗୁଡ଼ିକରେ ଏହି ସବୁ ସ୍ଥାନକୁ ପର୍ଯ୍ୟଟକମାନଙ୍କର ଆଗମନ ଅପର୍ଯ୍ୟାପ୍ତ । ତଥାପି ଏହା ସତ୍ୟ ଯେ କ୍ଷତି କରିଥିବା ହୋଟେଲ ମଧ୍ୟରୁ 5 ଟି ହୋଟେଲ[33] ସୁଦୂର ସ୍ଥାନରେ ଅବସ୍ଥିତ ନଥିଲା କିମ୍ବା ଏଠାରେ ଓଟିଡିସି କେବଳ ଏକମାତ୍ର ସେବା ଯୋଗାଣକାରୀ ସଂସ୍ଥା ନଥିଲା ।

### *ହୋଟେଲଗୁଡ଼ିକର ଅଧିକାର ପରିମାଣ*

**2.1.41** 2009-14 ବର୍ଷ ମଧ୍ୟରେ ଓଟିଡିସି ହୋଟେଲ ଗୁଡ଼ିକର ଅଧିକାରର ଧାର୍ଯ୍ୟ ଲକ୍ଷ୍ୟ ଓ ପ୍ରାପ୍ତି ନିମ୍ନରେ ଦିଆଗଲା:

| ବିବରଣ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ପର୍ଯ୍ୟଟକ ହୋଟେଲ ସଂଖ୍ୟା | 20 | 20 | 21 | 21 | 20 |
| କୋଠରୀ ସଂଖ୍ୟା | 494 | 519 | 511 | 500 | 503 |
| ବିଛଣା ସଂଖ୍ୟା | 1081 | 1137 | 1118 | 1092 | 1072 |
| ଉପଲବ୍ଧ ବିଛଣା ରାତ୍ରି | 361715 | 366787 | 363922 | 355410 | 360022 |
| ବିକ୍ରି ବିଛଣା ରାତ୍ରି | 156387 | 156221 | 153488 | 141521 | 137117 |
| ସାମଗ୍ରିକ ଜାତୀୟ ଧାର୍ଯ୍ୟ | 60 | 62 | 61 | 60 | ମିଳିନଥିଲା |
| ଓଟିଡିସିର ସାମଗ୍ରିକ ହାରାହାରି ଧାର୍ଯ୍ୟ ଲକ୍ଷ୍ୟ | 47 | 50 | 52 | 55 | 55 |
| ସାମଗ୍ରିକ ହାରାହାରି ପ୍ରାପ୍ତି | 43 | 43 | 42 | 40 | 38 |
| ଧାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତି କରିପାରିଥିବା ହୋଟେଲ ଗୁଡ଼ିକର ସଂଖ୍ୟା | 06 | 04 | 01 | 01 | 01 |
| ଧାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତି କରି ପାରିଥିବା ହୋଟେଲ ସଂଖ୍ୟା | 14 | 16 | 20 | 20 | 19 |
| ସମାନ ସ୍ଥାନରେ ଥିବା ହୋଟେଲର ହାରାହାରି ଅଧିକାର ପ୍ରାପ୍ତି କରିଥିବା ଓଟିଡିସି ହୋଟେଲ ସଂଖ୍ୟା | 4 | 4 | 4 | 3 | ମିଳିନଥିଲା |

***(ଉତ୍ସ: ଓଟିଡିସି ଦ୍ୱାରା ପ୍ରଦତ୍ତ ତଥ୍ୟ)***

**ହୋଟେଲ ଗୁଡ଼ିକର ଉନ୍ନତିକରଣ ପାଇଁ 9.94 କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଏଗୁଡିକର ଅଧିକାରରେ ଉନ୍ନତି ହୋଇନଥିଲା**

ଓଟିଡିସି ହୋଟେଲଗୁଡ଼ିକର ଅଧିକାର ହାର ଜାତୀୟ ହାରରୁ କମ୍‌ରେ ସ୍ଥିରୀକରଣ କରାଯାଇଥିଲେ ମଧ୍ୟ ଅଧିକାର ପ୍ରାପ୍ତି 2009-10 ରେ ଥିବା 43 ପ୍ରତିଶତରୁ ଖସି 2013-14 ରେ 38 ପ୍ରତିଶତ ହୋଇଥିଲା । ଏହି ସମୟ ମଧ୍ୟରେ କେବଳ 1 ଟି ରୁ 6 ଟି ହୋଟେଲ ଏହି ଲକ୍ଷ୍ୟ ପ୍ରାପ୍ତି କରିଥିଲେ ମଧ୍ୟ ଜାତୀୟ ସ୍ତରରେ ସ୍ଥିରୀକୃତ ହାରକୁ ମାତ୍ର 1 ଟି ରୁ 4 ଟି ହୋଟେଲ ପ୍ରାପ୍ତି କରିପାରିଥିଲେ ଏବଂ ସମାନ ସ୍ଥାନରେ ଅବସ୍ଥିତ ଘରୋଇ ହୋଟେଲର ହାରାହାରି ଅଧିକାର ହାରକୁ ଓଟିଡିସିର ମାତ୍ର 3 ରୁ 4 ଟି ହୋଟେଲ ପ୍ରାପ୍ତି କରିଥିଲେ ।

ସମୀକ୍ଷାରେ ଆହୁରି ମଧ୍ୟ ଦେଖାଯାଇଥିଲା ଯେ 2009-14 ବର୍ଷ ମଧ୍ୟରେ ଓଟିଡିସି ହୋଟେଲ ଗୁଡ଼ିକର ରକ୍ଷଣାବେକ୍ଷଣ, ଉନ୍ନୟନ ଏବଂ ନବୀକରଣ ପାଇଁ 9.94 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଅଧିକାର ହାରରେ

[31] ବାଲେଶ୍ୱର, ଢେଙ୍କାନାଳ ଏବଂ ଧଉଳି

[32] ଚାନ୍ଦିପୁର, ଗୋପାଳପୁର, ପୁରୀ, ରମ୍ଭା, ରାଉରକେଲା ଏବଂ ତପ୍ତପାଣି

[33] ବାଲେଶ୍ୱର, କଟକ, ଚାନ୍ଦବାଲି, ଢେଙ୍କାନାଳ ଏବଂ କୋଣାର୍କ

କୌଣସି ବୃଦ୍ଧି ଘଟିନଥିଲା । ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଟିଡିସିର କୌଣସି ହୋଟେଲ ତାରକା ଶ୍ରେଣୀଭୁକ୍ତ ନଥିଲା ।

ସରକାର କହିଥିଲେ ଯେ ଓଟିଡିସି ହୋଟେଲ ଗୁଡ଼ିକ ସୁଦୂର ସ୍ଥାନରେ ଅବସ୍ଥିତ ଥିବାରୁ ଏବଂ ପର୍ଯ୍ୟଟନ ଋତୁ ଛଡା ଅନ୍ୟ ଦିନଗୁଡ଼ିକରେ ପର୍ଯ୍ୟନକ ଆଗମନ ଅପର୍ଯ୍ୟାପ୍ତ ହେଉଥିବାରୁ ଅଧିକାର ହାର କମ୍ ଥିଲା । କିନ୍ତୁ ଏହି ତଥ୍ୟ ସତ୍ୟ ଯେ ଓଟିଡିସି ହୋଟେଲ ଗୁଡ଼ିକ ପ୍ରମୁଖ ସ୍ଥାନ ମାନଙ୍କରେ ଅବସ୍ଥିତ ଅଛି ।

### *ଖାଦ୍ୟ ସରବରାହ ସୁବିଧାର ପ୍ରଦର୍ଶନ*

**2.1.42** ଓଟିଡିସି ହୋଟେଲଗୁଡ଼ିକରେ ସ୍ୱପ୍ରବନ୍ଧିତ ଖାଦ୍ୟ ସରବରାହ ସୁବିଧା ଯୋଗାଉଥିଲା ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ରେସ୍ତୋରାଁ ପରିଚାଳନା କରୁଥିଲା । ସେପ୍ଟେମ୍ବର 2000 ରେ ନିର୍ଦ୍ଦେଶକ ମଣ୍ଡଳୀ ଖାଦ୍ୟ ସରବରାହ ୟୁନିଟ୍‌କୁ ଲାଭଦାୟକ କେନ୍ଦ୍ର ହିସାବରେ ଗଣ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ମଧ ଓଟିଡିସି ଏହା କରିନଥିଲା କିମ୍ବା ଏହି ୟୁନିଟ୍ ଗୁଡ଼ିକର ସ୍ୱତନ୍ତ୍ର ଭାବରେ ପରିଚାଳନା ଲାଭ କ୍ଷତିର ହିସାବ କରିନଥିଲା ।

ପୁନଶ୍ଚ, କମ୍ପାନୀ 2009-14 ମଧ୍ୟରେ ଖାଦ୍ୟ ବାବଦ ବ୍ୟୟକୁ ସାମଗ୍ରିକ ଖାଦ୍ୟ ସରବରାହ ବିକ୍ରିର 40 ପ୍ରତିଶତ ମଧ୍ୟରେ ରଖିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । କିନ୍ତୁ, ସାମଗ୍ରିକ ପ୍ରକୃତ ଖାଦ୍ୟବାବଦ ବ୍ୟୟ 45.54 ପ୍ରତିଶତ ହୋଇଥିବାରୁ 1.94 କୋଟି ଟଙ୍କାର ଅଧିକ ଜିନିଷପତ୍ର ଖର୍ଚ୍ଚ କରିବାକୁ ପଡ଼ିଥିଲା । ବିଭିନ୍ନ ବର୍ଷ ମଧ୍ୟରେ ମାତ୍ର 5 ଟି ହୋଟେଲ[34] ଧାର୍ଯ୍ୟ ଖାଦ୍ୟବାବଦ ବ୍ୟୟ ଲକ୍ଷ୍ୟ ହାସଲ କରିପାରିଥିଲେ । 2009-14 ବର୍ଷ ମଧ୍ୟରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ରେସ୍ତୋରାଁର ଖାଦ୍ୟବାବଦ ବ୍ୟୟ 51.62 ପ୍ରତିଶତରୁ 59.24 ପ୍ରତିଶତ ମଧ୍ୟରେ ହୋଇଥିବାରୁ 45.57 ଲକ୍ଷ ଟଙ୍କାର କ୍ଷତି ହୋଇଥିଲା ।

ସରକାର କହିଲେ ଯେ ଖାଦ୍ୟବାବଦ ବ୍ୟୟକୁ କମ୍ କରିବା ପାଇଁ ପ୍ରଶିକ୍ଷିତ ଖାଦ୍ୟ ଓ ପାନୀୟ କର୍ମଚାରୀଙ୍କୁ ନିଯୁକ୍ତ କରିବା, ଆବଧିକ ଷ୍ଟକ୍ ସତ୍ୟାପନ, ପାକପଦ୍ଧତି ମାନକର ପୁନରୀକ୍ଷଣ ଏବଂ ନିର୍ଦ୍ଧିଷ୍ଟକାଳିକ ମେନୁ ଦରରେ ସଂଶୋଧନ କରିବା ପରି ପଦକ୍ଷେପ ନିଆଯାଉଛି ।

## ପର୍ଯ୍ୟଟକ ପରିବହନ ସେବାର ପରିଚାଳନାଗତ ପ୍ରଦର୍ଶନ

### *ପର୍ଯ୍ୟଟକ ବସ୍‌ଗୁଡ଼ିକର ପରିଚାଳନା*

**2.1.43** ପର୍ଯ୍ୟଟକମାନଙ୍କୁ ସ୍ଥାନ ପରିଦର୍ଶନ ପାଇଁ ପରିବହନ ସୁବିଧା ଯୋଗାଇବା ଏବଂ ପର୍ଯ୍ୟଟକ, ଟୁର୍ ଅପରେଟର ଅନ୍ୟମାନଙ୍କୁ ବରାଦ ଅନୁସାରେ ଭଡ଼ାରେ ଗାଡ଼ି ଯୋଗାଇ ଦେବା ପାଇଁ ଓଟିଡିସିର ଭୁବନେଶ୍ୱର ଓ ପୁରୀଠାରେ ଭୂପୃଷ୍ଠ ପରିବହନ ୟୁନିଟ୍ ଥିଲା । ମାର୍ଚ୍ଚ 2014 ସୁଦ୍ଧା ଓଟିଡିସି ପାଖରେ 28 ଟି ପର୍ଯ୍ୟଟକ ବସ୍ ଥିଲା । 2009-14 ବର୍ଷ ମଧ୍ୟରେ ପରିବହନ ୟୁନିଟ୍ ଗୁଡ଼ିକର ପରିଚାଳନାଗତ ପ୍ରଦର୍ଶନ ନିମ୍ନରେ ଦିଆଗଲା:

***(ଲକ୍ଷ ଟଙ୍କାରେ)***

| ବିବରଣ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ପରିବହନ ବିକ୍ରି ଦ୍ୱାରା ରାଜସ୍ୱ (କ) | 144.65 | 192.54 | 257.45 | 277.07 | 263.80 |
| ହୋଇଥିବା ଖର୍ଚ୍ଚ (ଖ) | 111.67 | 138.73 | 180.87 | 182.61 | 205.88 |
| ମୂଲ୍ୟାୟନ ପୂର୍ବ ଲାଭ (କ- ଖ) | 32.98 | 53.81 | 76.58 | 94.46 | 57.92 |
| ଅବମୂଲ୍ୟାୟନ | 171.69 | 157.56 | 94.53 | 56.66 | 33.99 |
| ମୁଖ୍ୟ କାର୍ଯ୍ୟାଳୟ ଖର୍ଚ୍ଚର ସମୁଚିତ | 33.26 | 34.43 | 49.82 | 58.41 | 60.38 |
| ପରିଚାଳନାଗତ ଲାଭ **(+)**/କ୍ଷତି **(-)** | **(-)171.97** | **(-)138.18** | **(-)67.77** | **(-)20.61** | **(-)36.45** |

***(ଉତ୍ସ: ପରିଚାଳକ ଦ୍ୱାରା ପ୍ରଦତ୍ତ ବାର୍ଷିକ ହିସାବ ଏବଂ ତଥ୍ୟରୁ)***

[34] ଚମ୍ପାପାଣି (2009-10), ଭୁବନେଶ୍ୱର (2011-12 ଏବଂ 2013-14), ପାରାଦୀପ (2013-14), ଚାନ୍ଦବାଲି (2013-14) ଏବଂ ସମ୍ବଲପୁର (2013-14)

**ଓଟିଡିସି ପର୍ଯ୍ୟଟକ ବସ୍ ପରିଚାଳନାରେ 4.35 କୋଟି ଟଙ୍କା କ୍ଷତି କରିଥିଲା**

2009-14 ବର୍ଷ ମଧ୍ୟରେ ଓଟିଡିସି ଦ୍ୱାରା ପରିଚାଳିତ ପର୍ଯ୍ୟଟକ ବସ୍‌ଗୁଡ଼ିକ 4.35 କୋଟି ଟଙ୍କାର ପରିଚାଳନାଗତ କ୍ଷତି ହୋଇଥିଲା । ବସ୍‌ଗୁଡ଼ିକର ବ୍ୟବହୃତ ହୋଇ ପାରିନଥିବା କ୍ଷତିର ମୁଖ୍ୟ କାରଣ ଏବଂ ଏଗୁଡ଼ିକ ନିମ୍ନରେ ଦିଆଗଲା:

| ୟୁନିଟ୍ | ବିବରଣ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| ଭୁବନେଶ୍ୱର | ପରିଚାଳନା ପାଇଁ ଉପଲବ୍ଧ ଦିବସ | 3571 | 3802 | 4643 | 6131 | 6576 |
| | ବାସ୍ତବିକ ପରିଚାଳନା ଦିବସ | 1657 | 2367 | 2590 | 2547 | 2836 |
| | ଚାଲିଥିବା କିଲୋମିଟର | 235424 | 270875 | 290277 | 287126 | 337969 |
| | ଉପଲବ୍ଧ ଦିବସ ତୁଳନାରେ ଉପଯୋଗ ପ୍ରତିଶତତା | 46.40 | 62.26 | 55.78 | 41.54 | 43.13 |
| | ବସ୍ ସଂଖ୍ୟା | 13 | 11 | 16 | 18 | 20 |
| ପୁରୀ | ପରିଚାଳନା ପାଇଁ ଉପଲବ୍ଧ ଦିବସ | 2318 | 2386 | 3019 | 2901 | 2892 |
| | ବାସ୍ତବିକ ପରିଚାଳନା ଦିବସ | 1251 | 1484 | 1575 | 1582 | 1331 |
| | ଚାଲିଥିବା କିଲୋମିଟର | 209592 | 244712 | 261600 | 294918 | 220829 |
| | ଉପଲବ୍ଧ ଦିବସ ତୁଳନାରେ ଉପଯୋଗ ପ୍ରତିଶତତା | 53.97 | 62.20 | 52.17 | 54.53 | 46.02 |
| | ବସ୍ ସଂଖ୍ୟା | 10 | 12 | 11 | 8 | 8 |

***(ଉତ୍ସ: ଓଟିଡିସି ଦ୍ୱାରା ପ୍ରଦତ୍ତ ତଥ୍ୟରୁ)***

ଓଟିଡିସି ପରିଚାଳନା ପାଇଁ ଉପଲବ୍ଧ ଦିବସର ମାତ୍ର 43.13 ପ୍ରତିଶତରୁ 62.26 ପ୍ରତିଶତ ଦିବସ ଉପଯୋଗ କରିପାରିଥିଲା । ବସ୍‌ଗୁଡ଼ିକର କମ୍ ପରିଚାଳନା ଏବଂ ପରିଚାଳନା କର୍ମୀଙ୍କ ଅଭାବ ଏପରିକି 40 ଟି ଯାନ ପାଇଁ (ଅବାଣିଜ୍ୟକ ଯାନଗୁଡ଼ିକୁ ସାମିଲ୍ କରି) 18 ଜଣ ଡ୍ରାଇଭର ପ୍ରଭୃତି ବସ୍‌ଗୁଡ଼ିକର ଅବ୍ୟବହୃତ ପାଇଁ ମୁଖ୍ୟ କାରଣ ଥିଲା ।

ସରକାର କହିଲେ ଯେ, ବସ୍ ଚଳାଚଳ ଋତୁକାଳୀନ ଭିତ୍ତିକ ବ୍ୟବସାୟ ହୋଇଥିବାରୁ ଏବଂ ନିୟମିତ ସ୍ଥାନ ପରିଦର୍ଶନ ଅପେକ୍ଷା ଚାର୍ଟର ବୁକିଂ ଉପରେ ଅଧିକ ନିର୍ଭର କରିବାରୁ ବସ୍‌ଗୁଡ଼ିକର କମ୍ କ୍ଷମତା ଉପଯୋଗ ହୋଇଥିଲା । ସରକାର ଆହୁରି ମଧ୍ୟ କହିଲେ ଯେ ଅଧିକ ପ୍ୟାକେଜ୍ ଟୁର୍ ଏବଂ କର୍ପୋରେଟ୍ ଓ ସରକାରୀ ସଂସ୍ଥାପରି ଗ୍ରାହକଙ୍କୁ ଆକୃଷ୍ଟ କରି ଓଟିଡିସି ଅଧିକ କର୍ମୀ ନିଯୁକ୍ତ କରିବ । ଉତ୍ତରରୁ ଏହା ସ୍ପଷ୍ଟ ଯେ, ବସ୍‌ଗୁଡ଼ିକର କ୍ରୟର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା ଯୋଜନାର ଅଭାବ ଥିଲା ।

### *ହପ୍ ଅନ୍ ହପ୍ ବସ୍ ସେବାର ପରିଚାଳନା*

**2.1.44** ପର୍ଯ୍ୟଟକମାନଙ୍କ ଭୁବନେଶ୍ୱର ମଧ୍ୟରେ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ ପାଇଁ ହପ୍ ଅନ୍ ହପ୍ ଅଫ୍ ବସ୍ ସେବା ପାଇଁ ଓଡ଼ିଶା ସରକାର ମଇ 2008 ରେ ନିଷ୍ପତ୍ତି ନେଇଥିଲେ ଏବଂ ପିପିପି ଭିତ୍ତିରେ ପରିଚାଳନାର ସମ୍ଭାବନାର ଅନ୍ୱେଷଣ ପାଇଁ ଓଟିଡିସିକୁ ନିର୍ଦ୍ଦେଶ ଦେଇଥିଲେ । ଓଟିଡିସି ବସ୍‌ଗୁଡ଼ିକୁ ବାଣିଜ୍ୟକ ଭିତ୍ତିରେ ପରିଚାଳନା କରିବା ଏବଂ ଓଡ଼ିଶା ସରକାରଙ୍କୁ ଭଡ଼ା ପ୍ରଦାନ ସର୍ତ୍ତାବଳୀରେ, ଓଡ଼ିଶା ସରକାର ଓଟିଡିସିକୁ ଅକ୍ଟୋବର 2008 ରେ 13 ଟି ବସ୍ କ୍ରୟ କରିବା ପାଇଁ 2.33 କୋଟି ଟଙ୍କା ଦେଇଥିଲେ । ଓଟିଡିସି 13 ଟି ବସ୍ କ୍ରୟ କରିଥିଲେ ଏବଂ ସେଥିରୁ 11 ଟି ବସ୍‌ର ପରିଚାଳନା ପାଇଁ ଟେଣ୍ଡର ପ୍ରକ୍ରିୟାରେ କଳିଙ୍ଗ ଟ୍ରେଡ୍ ଟ୍ରାଭେଲ ଲିମିଟେଡ୍ (କେଟିଟିଏଲ୍)କୁ ଚୟନ କରି ବସ୍‌ଗୁଡ଼ିକ ହସ୍ତାନ୍ତର (ସେପ୍ଟେମ୍ବର 2008) କରିଥିଲେ । ସର୍ତ୍ତାନୁସାରେ କେଟିଟିଏଲ୍ ପ୍ରଥମ ବାର୍ଷିକ 2 ଲକ୍ଷ ଟଙ୍କା ଭଡ଼ା ସହ ପ୍ରତିବର୍ଷ 10 ପ୍ରତିଶତ ବୃଦ୍ଧି ସହିତ ପ୍ରଥମ ପାଞ୍ଚ ବର୍ଷ ପରିଚାଳନା କରିବେ ଏବଂ ନିଟ୍ ପରିଚାଳନାଗତ ଲାଭର 25 ପ୍ରତିଶତ ଦେୟ କରିବେ । ଏହି ପରିଚାଳନା ସେପ୍ଟେମ୍ବର 2008 ରୁ ଆରମ୍ଭ ହୋଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ ଏହି ସେବାର ଆଖିଦୃଶିଆ ପ୍ରଦର୍ଶନ ନ ହେବାରୁ ଓଟିଡିସି ଫେବୃଆରୀ 2011 ରେ ଚାରୋଟି ବସ୍ ଫେରାଇ ଆଣିଥିବା ସହିତ ବାର୍ଷିକ ଭଡ଼ା 1.38 ଲକ୍ଷ ଟଙ୍କାକୁ ହ୍ରାସ କରିଥିଲେ । ପୁନଶ୍ଚ, ପୁରୀ ଓ

ଭୁବନେଶ୍ୱର ମଧ୍ୟରେ ସଟଲ୍ ସେବା ଯୋଗାଇ ଦେବା ପାଇଁ କେଟିଟିଏଲ୍‌କୁ ଅନୁମତି ପ୍ରଦାନ କରିଥିଲେ । ପରବର୍ତ୍ତୀ କାଳରେ ଦେଖାଗଲା ଯେ କେଟିଟିଏଲ୍ ବସ୍‌ଗୁଡ଼ିକ ପର୍ଯ୍ୟଟନ ସେବାରେ ଉପଯୋଗ ନକରି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବାରୁ ଓଟିଡିସି ବସ୍‌ଗୁଡ଼ିକୁ ଫେରାଇ ଆଣିଥିଲେ ଏବଂ ନିଜେ ପରିଚାଳନା କରିଥିଲେ । ଏହିପରି ସମ୍ଭାବ୍ୟତା ଅଧ୍ୟୟନ କରାଯାଇନଥିବାରୁ ଏବଂ ବସ୍‌ଗୁଡ଼ିକର ଫଳପ୍ରଦ ଭାବରେ ଉପଯୋଗ ହୋଇନଥିବାରୁ ଓଟିଡିସିର 1.05 କୋଟି[35] ଟଙ୍କାର କ୍ଷତି ହୋଇଥିଲା ।

ସରକାର କହିଲେ ଯେ ହପ୍ ଅନ୍ ହପ୍ ସେବା ଏକ ନୂତନ ଉଦ୍ୟମ ଥିଲା ଏବଂ ସବୁ ପ୍ରକାର ପ୍ରଚେଷ୍ଟା ସତ୍ତ୍ୱେ ଏହା ଫଳପ୍ରଦ ହୋଇପାରିନଥିଲା ।

### *ଜଳ ପରିବହନ (ନୌକା)ର ପ୍ରଦର୍ଶନ*

**2.1.45** ଓଟିଡିସି, ପର୍ଯ୍ୟଟକମାନଙ୍କୁ ଚିଲିକା ପାଖରେ ଏବଂ ସମୁଦ୍ର ମୁହାଣରେ (ଚାନ୍ଦବାଲି) ଅବସ୍ଥିତ ଚାରୋଟି ପାନ୍ଥନିବାସ[36]ରେ, ନୌଚାଳନା ସୁବିଧା ଯୋଗାଇ ଥାଏ । ଏହି ୟୁନିଟ୍ ଗୁଡ଼ିକରେ ବିଭିନ୍ନ କ୍ଷମତା[37] ବିଶିଷ୍ଟ 26 ଟି ମୋଟର ଚାଳିତ ନୌକା ଥିଲା ଏବଂ ଏଥିରେ ବରକୁଳଠାରେ ଥିବା 50 ଟି ସିଟ୍ ବିଶିଷ୍ଟ ଗୋଟିଏ ଭାସମାନ ଭୋଜନାଳୟ ସାମିଲ୍ ଥିଲା । 2009-14 ବର୍ଷ ମଧ୍ୟରେ ଓଟିଡିସି 1.34 କୋଟି ଟଙ୍କାର ନୌଚାଳନା ପରିଚାଳନାଗତ ଲାଭ ଅର୍ଜନ କରିଥିଲା ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଜଣା ପଡ଼ିଥିଲା:

- ବରକୁଳଠାରେ ବଡ଼ ନୌକାର ବ୍ୟବହାର 2009-14 ବର୍ଷ ମଧ୍ୟରେ 48.60 ପ୍ରତିଶତରୁ 50.41 ପ୍ରତିଶତ ଥିଲା । ଭାସମାନ ଭୋଜନାଳୟ ଏହି ସମୟରେ 1,825 ଦିନ (365 ଦିନ x 5 ବର୍ଷ) ଉପଲବ୍ଧ ଥିବା ସ୍ଥଳେ ମାତ୍ର 82 ଦିନ ଚାଲୁ ରହିଥିଲା, ଫଳରେ ମାତ୍ର 4.49 ପ୍ରତିଶତ ଉପଯୋଗ ହୋଇ ପାରିଥିଲା । ମଧ୍ୟମ ଏବଂ ସାନ ନୌକାଗୁଡ଼ିକର ଉପଯୋଗ ଯଥାକ୍ରମେ 36.85 ପ୍ରତିଶତରୁ 63.97 ପ୍ରତିଶତ ଏବଂ 29.66 ପ୍ରତିଶତରୁ 62.88 ପ୍ରତିଶତ ଥିଲା ।

ସରକାର କହିଲେ ଯେ ସ୍ଥାନୀୟ ନୌକାଚାଳକମାନଙ୍କର ପ୍ରତିବାଦ ଯୋଗୁଁ ଭାସମାନ ଭୋଜନାଳୟର ଉପଯୋଗ କମ୍ ହୋଇଥିଲା । ଅନ୍ୟ ନୌକାଗୁଡ଼ିକ ପର୍ଯ୍ୟଟନ ଋତୁ ଉପରେ ନିର୍ଭରଶୀଳ ଥିବାରୁ ଉପଯୋଗ କମ୍ ହୋଇଥିଲା । ପରନ୍ତୁ, ଭାସମାନ ରେଷ୍ଟୁରାଣ୍ଟ/ଅନ୍ୟାନ୍ୟ ନୌକାର ଉତ୍ତମ ବ୍ୟବହାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

- ଡିସେମ୍ବର 2009 ରେ 38.24 ଲକ୍ଷ ଟଙ୍କା ବ୍ୟୟରେ ବରକୁଳଠାରେ ଏକ ଗୃହ ନୌକା ନିର୍ମାଣ ଏବଂ ପରିଚାଳନା ହୋଇଥିଲା ଏବଂ ଏହା ଅକ୍ଟୋବର 2013 ରେ ବାତ୍ୟା (ଫାଇଲିନ୍) ରେ ନଷ୍ଟ ହେବା ପର୍ଯ୍ୟନ୍ତ ମାତ୍ର 1.09 ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିପାରିଥିଲା । ଏହି ନୌକା ପାଇଁ ପର୍ଯ୍ୟାପ୍ତ ବୀମାକରଣ କରାଯାଇ ନଥିଲା ।


ବରକୁଳ ଠାରେ ନଷ୍ଟ ଗୃହ ନୌକା

ନୌକାଟି ବୀମା କରାଯାଇନଥିବା ତଥ୍ୟକୁ ଗ୍ରହଣ କରି ସରକାର କହିଥିଲେ ଯେ, ଚିଲିକା ହ୍ରଦରେ ଗୃହ ନୌକା ପରିଚାଳନା ଉପଯୁକ୍ତ ନଥିଲା । ଏହି ଉତ୍ତରରୁ ଜଣାପଡୁଛି ଯେ ଏହି ପ୍ରକଳ୍ପ ଆରମ୍ଭ କରିବା ପୂର୍ବରୁ ସମ୍ଭାବ୍ୟତା ଅଧ୍ୟୟନ ହୋଇ ନଥିଲା ।

---

[35] ରୋଜଗାର : 0.47 କୋଟି ଟଙ୍କା (ବ୍ରାଣ୍ଡିଙ୍ଗରୁ 0.40 କୋଟି ଟଙ୍କା ସହିତ) ଏବଂ ଖର୍ଚ୍ଚ : 1.52 କୋଟି ଟଙ୍କା (ଦେବାକୁ ଥିବା ବାର୍ଷିକ ଭଡ଼ାକୁ ବାଦ୍ ଦେଇ ଯାହା ସ୍ଥିର କରାଯାଇନଥିଲା ଏବଂ ଡିଓଟି ଦ୍ୱାରା ଦାବି କରାଯାଇ ନଥିଲା)

[36] ବରକୁଳ : 12, ଚାନ୍ଦବାଲି : 02, ରମ୍ଭା : 05 ଏବଂ ସାତପଡ଼ା : 07

[37] ବୃହତ୍ ଡଙ୍ଗା :20, ମଧ୍ୟମ ଡଙ୍ଗା : 11 ରୁ 20 ଏବଂ କ୍ଷୁଦ୍ର ଡଙ୍ଗା : 10 ବସିବା କ୍ଷମତା ପର୍ଯ୍ୟନ୍ତ

- ନୌକା ଗୁଡ଼ିକରେ ପଞ୍ଜିକରଣ ନମ୍ବର ଏବଂ ବହନ କରିବାର ସର୍ବାଧିକ କ୍ଷମତାର ପ୍ରଦର୍ଶନ, ସର୍ବନିମ୍ନ ନାବିକଙ୍କ ନିଯୁକ୍ତି, ଅଗ୍ନିନିର୍ବାପକ ଯନ୍ତ୍ର, ଲାଇଫ୍ ଜ୍ୟାକେଟ୍ / ଇନସୁଲେଟେଡ୍ ରବର ଟ୍ୟୁବ୍ ଉପଲବ୍ଧି ପରି, ଓଡ଼ିଶା ବୋଟ୍ ନିୟମ, 2004 ର ପ୍ରାବଧାନଗୁଡ଼ିକର ଅନୁପାଳନ ହୋଇନଥିଲା ।

ସରକାର କହିଲେ ଯେ ଓଡ଼ିଶା ବୋଟ ନିୟମ, 2004 ର ପ୍ରାବଧାନ ଗୁଡ଼ିକର ଅନୁପାଳନ ପାଇଁ ପ୍ରଚେଷ୍ଟା କରାଯାଉଅଛି ।

## ବିପଣନ କୌଶଳ ଏବଂ ବାଣିଜ୍ୟିକ ପ୍ରଚାର

### *ପର୍ଯ୍ୟଟନର ବିଜ୍ଞାପନ ଏବଂ ପ୍ରଚାର*

**2.1.46** ଓଡ଼ିଶାକୁ ଏକ ପର୍ଯ୍ୟଟନସ୍ଥଳ ରୂପରେ ପ୍ରଚାର ପାଇଁ ପର୍ଯ୍ୟଟନ ବିଭାଗ ଖବର କାଗଜ ଓ ଇଲେକଟ୍ରୋନିକ୍ ଖବର ସରବରାହ, ମେଳା ଓ ଯାନିଯାତ୍ରା ଇତ୍ୟାଦି ବିଜ୍ଞାପନ ଜରିଆରେ ପ୍ରଚାର କରିଥିଲେ । 2009-14 ମଧ୍ୟରେ ପର୍ଯ୍ୟଟନ ବିଭାଗ ବିଜ୍ଞାପନ ଓ ପ୍ରଚାର ପାଇଁ 89.03 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ତା'ମଧ୍ୟରୁ ଏସବୁ ପାଇଁ 34.79 କୋଟି ଟଙ୍କା ଓଟିଡିସିକୁ ପ୍ରଦାନ କରିଥିଲେ । ଘରୋଇ ହୋଟେଲଗୁଡ଼ିକ ସହିତ ପ୍ରତିଯୋଗିତା କରିବା ପାଇଁ ଓଟିଡିସିର ଗୋଟିଏ ବିପଣନ ଡିଭିଜନ ଥିଲା ଏବଂ ଏହା ବିକ୍ରି, ବିପଣନ ଏବଂ ଜନ ସଂପର୍କ ପରି କାର୍ଯ୍ୟ ଗୁଡ଼ିକର ପ୍ରଚାର କରିଥାଏ ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଜଣାପଡ଼ିଥିଲା:

- ଓଟିଡିସିକୁ କାର୍ଯ୍ୟାନ୍ୱୟନ ଏଜେନ୍ସି ଭାବରେ ନିଯୁକ୍ତ ନ କରି ଏବଂ ବିନା କାର୍ଯ୍ୟାଦେଶରେ ପର୍ଯ୍ୟଟନ ବିଭାଗ, ଓଟିଡିସିକୁ 34.79 କୋଟି ଟଙ୍କା ପ୍ରଦାନ କରିଥିଲା । ପର୍ଯ୍ୟଟନ ବିଭାଗ କିମ୍ବା ଓଟିଡିସି ଘଟଣାଓ୍ୱାରୀ ଖର୍ଚ୍ଚର ନଥି ଅନୁରକ୍ଷଣ କରିନଥିଲେ । ପର୍ଯ୍ୟଟନ ବିଭାଗ ବିଭିନ୍ନ ପ୍ରକାର ଯାନିଯାତ୍ରା ଆୟୋଜନ ପାଇଁ ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ 5,000 ଟଙ୍କାରୁ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ 1.70 କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ୍ୟ ଏଥିପାଇଁ କୌଣସି ଦିଶାନିର୍ଦ୍ଦେଶ ଜାରି କରିନଥିଲେ ।

ସରକାର କହିଲେ ଯେ ଯେହେତୁ ଓଟିଡିସି କାର୍ଯ୍ୟନିର୍ବାହକ ତେଣୁ ଘଟଣାଗୁଡ଼ିକର ସମ୍ପାଦନ ପରେ ଘଟଣାଓ୍ୱାରୀ ବିଲ୍‌ଗୁଡ଼ିକର ପ୍ରଦାନ/ ସମାୟୋଜନ ପାଇଁ ଉପସ୍ଥାପନ କରିଥାଏ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ସମୀକ୍ଷାରେ ଘଟଣାଓ୍ୱାରୀ ଖର୍ଚ୍ଚ ଗୁଡ଼ିକର ବିବରଣ ମଗାଯାଇଥିଲେ ମଧ୍ୟ ଲଭ୍ୟ ହୋଇନଥିଲା ଏବଂ ଘଟଣାଗୁଡ଼ିକର ଆରମ୍ଭ ପୂର୍ବରୁ ବିଲ୍ ପ୍ରଦାନ କରି ଓଟିଡିସିକୁ ଅର୍ଥ ପ୍ରଦାନ କରାଯାଇଥିଲା ।

**ଆନ୍ତର୍ଜାତୀୟ ସ୍ତରରେ ପର୍ଯ୍ୟଟନର ପ୍ରସାର ପାଇଁ 17.87 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ରାଜ୍ୟ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିନଥିଲା ।**

- 2009-14 ବର୍ଷ ମଧ୍ୟରେ ଆନ୍ତର୍ଜାତିକ ଇଲେକ୍‌ଟ୍ରୋନିକ୍ ସରବରାହରେ ବିଜ୍ଞାପନ (14.66 କୋଟି ଟଙ୍କା ) ଏବଂ ଆନ୍ତର୍ଜାତିକ ଘଟଣା ଓ ରୋଡ ଶୋ (3.21 କୋଟି ଟଙ୍କା) ପାଇଁ 17.87 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ସୁଦ୍ଧା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ହୋଇନଥିଲା । ଏହା **ଅନୁଚ୍ଛେଦ 2.1.13** ରେ ଚର୍ଚ୍ଚା କରାଯାଇଅଛି ।
- ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦିଷ୍ଟ ଭାବରେ କୌଣସି ବ୍ୟାପକ ପ୍ରଚାର ଯୋଜନା/ ଦିଶାନିର୍ଦ୍ଦେଶିକା ନଥିବାରୁ ପ୍ରତ୍ୟେକ ପ୍ରକାର ପ୍ରଚାର ପାଇଁ ଅଲଗା ଭାବରେ ନିଷ୍ପତ୍ତି ନିଆଯାଇଥିଲା ଏବଂ ପର୍ଯ୍ୟାପ୍ତ ବଜାର ସ୍ରୋତର ଅନୁସନ୍ଧାନ ହୋଇ ନଥିଲା ।
- 2009-14 ବର୍ଷ ମଧ୍ୟରେ ଓଟିଡିସି ଏହାର ସମୁଦାୟ ବଜେଟ୍ 108.58 କୋଟି ଟଙ୍କା ମଧ୍ୟରୁ ମାତ୍ର 1.28 କୋଟି ଟଙ୍କା (1.18 ପ୍ରତିଶତ) ପ୍ରଚାର ଓ ପ୍ରସାର ପାଇଁ ରଖିଥିଲା ଏବଂ ତା'ମଧ୍ୟରୁ ଟେଣ୍ଡର ବିଜ୍ଞାପନ ପାଇଁ 0.69 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏତଦ୍ ବ୍ୟତୀତ ଓଟିଡିସି କରିଥିବା ପ୍ୟାକେଜ୍ ଟୁର୍ ବିଜ୍ଞାପନ ପାଇଁ ପର୍ଯ୍ୟଟନ ବିଭାଗ 35.72 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା ।

ଏହି ତଥ୍ୟକୁ ଗ୍ରହଣ କରିବା ସହିତ ସରକାର କହିଲେ ଯେ ସମୀକ୍ଷାରେ ଅବଲୋକନଗୁଡ଼ିକର ଅନୁପାଳନ ପାଇଁ ଧ୍ୟାନ ଦିଆଯିବ ।

### *ଓଡ଼ିଶା ପାଇଁ ମହାପରିନିର୍ବାଣ ଏକ୍ସପ୍ରେସର ସ୍ୱତନ୍ତ୍ର ଟୁର୍*

**2.1.47** ରାଜ୍ୟରେ ଥିବା ବୌଦ୍ଧସ୍ଥଳିଗୁଡ଼ିକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନ ବିଭାଗ ମଇ 2012 ରେ ମହାପରିନିର୍ବାଣ ଏକ୍ସପ୍ରେସ୍ ଟ୍ରେନରେ ଏହି ସବୁ ସ୍ଥାନକୁ ସଂଯୋଗ କରିବା ପାଇଁ ଇଣ୍ଡିଆନ୍ ରେଲୱେ କ୍ୟାଟରିଙ୍ଗ୍ ଓ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) କୁ ଅନୁରୋଧ କରିଥିଲେ । ଆଇଆର୍‌ସିଟିସି ମଇ 2012 ରେ ସମଗ୍ର ଟ୍ରେନ୍ ଅଧିକାରର 60 ପ୍ରତିଶତ ଲକ୍ ଇନ୍ ମିନିମମ୍ ଗ୍ୟାରେଣ୍ଟି ହିସାବରେ ପ୍ରଦାନ କରିବା ପାଇଁ ଏବଂ ଏହି ପ୍ୟାକେଜ୍ ଟୁର୍‌ର ସାଧନ ଯୋଗ୍ୟତା ନିର୍ଦ୍ଧାରଣ କରିବା ପାଇଁ ଅବଗତ କରିଥିଲେ । ପର୍ଯ୍ୟଟନ ବିଭାଗ 20 ଡିସେମ୍ବର 2012 ଏବଂ 20 ଜାନୁଆରୀ 2013 ରେ ଦୁଇଟି ଯାତ୍ରା ପାଇଁ ନିଷ୍ପତ୍ତି ନେଇଥିବାରୁ ଆଇଆର୍‌ସିଟିସି ଏହାର ପ୍ରତିଶ୍ରୁତି ଫିସ୍ ବାବଦରେ ଯଥାକ୍ରମେ 0.95 କୋଟି ଟଙ୍କା ଏବଂ 0.89 କୋଟି ଟଙ୍କା ଜମା କରିବା ପାଇଁ ଅନୁରୋଧ କରିଥିଲେ (ଅକ୍ଟୋବର/ ଡିସେମ୍ବର 2012) । ଯେହେତୁ ପ୍ରଥମ ଯାତ୍ରା ପାଇଁ କୌଣସି ଟିକେଟ୍ ବିକ୍ରି ହେଲା ନାହିଁ, ପର୍ଯ୍ୟଟନ ବିଭାଗ ଏହି ଯାତ୍ରାକୁ ରଦ୍ଦ (18 ଡିସେମ୍ବର 2012) କରିଥିଲେ ଏବଂ ଦ୍ୱିତୀୟ ଯାତ୍ରାକୁ ସଫଳ କରିବା ପାଇଁ ଥାଇଲାଣ୍ଡ ଓ କାମ୍ବୋଡିଆଠାରେ 0.25 କୋଟି ଟଙ୍କା ଖର୍ଚ୍ଚରେ ରୋଡ ସୋ କରିଥିଲେ । ରୋଡ୍ ସୋ ସତ୍ତ୍ୱେ, ଦ୍ୱିତୀୟ ଯାତ୍ରା ବାବଦରେ ପର୍ଯ୍ୟଟନ ବିଭାଗ ପ୍ରତିଶ୍ରୁତି ଫିସ୍ ବାବଦକୁ 0.87 କୋଟି ଟଙ୍କା ପ୍ରଦାନ (ଜାନୁଆରୀ 2013) କରିଥିଲେ ମଧ ମାତ୍ର 14 ଜଣ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଥିଲେ ।

ପରବର୍ତ୍ତୀ କାଳରେ ଡିସେମ୍ବର 2013 ରେ ଆଉ ଗୋଟିଏ ଯାତ୍ରା ପାଇଁ ପର୍ଯ୍ୟଟନ ବିଭାଗ ଆଇଆର୍‌ସିଟିସିକୁ 1.25 କୋଟି ଟଙ୍କା ପ୍ରଦାନ କରିଥିଲେ (ଅଗଷ୍ଟ/ନଭେମ୍ବର 2013) । ଯେହେତୁ ଏଥିପାଇଁ ମାତ୍ର ଚାରୋଟି ଟିକେଟ୍ ବିକ୍ରି ହୋଇପାରିଥିଲା, ପର୍ଯ୍ୟଟନ ବିଭାଗ ଏହି ଯାତ୍ରାକୁ ରଦ୍ଦ କରିବା ପାଇଁ ଆଇଆରସିଟିସିକୁ ଅନୁରୋଧ (ଡିସେମ୍ବର 2013) କରିଥିଲେ । ଆଇଆରସିଟିସି ଅପ୍ରେଲ୍ 2014 ରେ ରଦ୍ଦ ବାବଦ ଖର୍ଚ୍ଚ 39.63 ଲକ୍ଷ ଟଙ୍କା କାଟି ଫେରସ୍ତ କିମ୍ବା ପରବର୍ତ୍ତୀ ସମୟରେ ଯାତ୍ରା କଲେ ମାତ୍ର 12.53 ଲକ୍ଷ ଟଙ୍କା ରଦ୍ଦ କରିବା ପାଇଁ ବିକଳ୍ପ ଦେଇଥିଲେ । କିନ୍ତୁ ପର୍ଯ୍ୟଟନ ବିଭାଗ ଏପର୍ଯ୍ୟନ୍ତ (ଅକ୍ଟୋବର 2014) ଅର୍ଥ ଫେରସ୍ତ ପାଇନାହିଁ କିମ୍ବା କୌଣସି ଯାତ୍ରା ସଞ୍ଚାଳନ କରିନାହିଁ ।

ତେଣୁ, ଏହି ପ୍ୟାକେଜ୍ ଟୁର୍‌ର ସାଧନ ଯୋଗ୍ୟତା ନିର୍ଦ୍ଧାରଣ ହୋଇ ନଥିବାରୁ ଏବଂ ରୋଡ୍ ସୋ କରାଯାଇଥିଲେ ମଧ ଏହି ପ୍ୟାକେଜ୍ ଟୁର୍‌ର ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା । ଏହିପରି ଭାବରେ ପର୍ଯ୍ୟଟନ ବିଭାଗର 1.12 କୋଟି ଟଙ୍କାର ଅପବ୍ୟୟ ହେବା ସହ ଆଇଆର୍‌ସିଟିସି ପାଖରେ 1.25 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି ।

ସରକାର ସମୀକ୍ଷା ଅବଲୋକନକୁ ପ୍ରସ୍ଥାନ ସମ୍ମିଳନୀରେ ଗ୍ରହଣ କରିବା ସହିତ ଏହି ବିଷୟରେ ଅନୁଧ୍ୟାନ କରିବା ପାଇଁ ରାଜି ହୋଇଥିଲେ ।

### *ପର୍ଯ୍ୟଟନ ବସ୍ ଗୁଡ଼ିକର ବ୍ରାଣ୍ଡିଙ୍ଗ୍*

**2.1.48** ଓଟିଡିସି ପରିଚାଳନା କରୁଥିବା 28 ଟି ବସ୍ ମଧ୍ୟରୁ 23 ଟି ବସ୍ ସରକାରଙ୍କ ମାଲିକାନାରେ ଥିଲା । ଏହି ବସ୍‌ଗୁଡ଼ିକର ବ୍ରାଣ୍ଡିଙ୍ଗ୍ ଅଧିକାର ପାଇଁ ଓଟିଡିସି 40 ଲକ୍ଷ ଟଙ୍କା ବାର୍ଷିକ ଭଡ଼ା ଆକାରରେ ଦୁଇ ବର୍ଷ ଅବଧି ପାଇଁ ଦେବା ସକାଶେ ପର୍ଯ୍ୟଟନ ବିଭାଗକୁ ଜଣାଇ ଥିଲେ (ଡିସେମ୍ବର 2011) । ସରକାର ବସ୍‌ଗୁଡ଼ିକରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପାଇଁ 80 ଲକ୍ଷ ଟଙ୍କା ଓଟିଡିସିକୁ ପ୍ରଦାନ କରିଥିଲେ (ମାର୍ଚ୍ଚ 2013/ମାର୍ଚ୍ଚ 2014) । ଓଟିଡିସି ନିଲାମ ଜରିଆରେ ପ୍ରତି ବର୍ଗ ଫୁଟ୍ ପାଇଁ 70 ଟଙ୍କା ଲେଖାଏଁ ଏବଂ ଦୁଇ ବର୍ଷ ପ୍ରତିଶ୍ରୁତି ସହିତ ଏହି ବ୍ରାଣ୍ଡିଙ୍ଗ୍ କାର୍ଯ୍ୟକୁ ଗୋଟିଏ ପାର୍ଟିକୁ ପ୍ରଦାନ କରିଥିଲା (ଅକ୍ଟୋବର 2012) । ଏହି କାର୍ଯ୍ୟ 1.81 ଲକ୍ଷ ଟଙ୍କା ବ୍ୟୟରେ ମାର୍ଚ୍ଚ 2013 ରେ ସମ୍ପୂର୍ଣ୍ଣ ହୋଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ ବସ୍‌ଗୁଡ଼ିକର ମାଲିକାନା ପର୍ଯ୍ୟଟନ ବିଭାଗ ପାଖରେ ଥିବା ସତ୍ତ୍ୱେ ଓଟିଡିସିର ବ୍ରାଣ୍ଡିଙ୍ଗ୍ ଅଧିକାର ଅର୍ପଣକୁ ଗ୍ରହଣ କରାଯାଇଥିଲା । ଏହି ପ୍ରସ୍ତାବ ଗ୍ରହଣ କରିବା ଏବଂ ଅର୍ଥ ପ୍ରଦାନ ପୂର୍ବରୁ ପର୍ଯ୍ୟଟନ ବିଭାଗ ପରିଚାଳନା ଖର୍ଚ୍ଚର ହିତସାଧନ ବିଶ୍ଳେଷଣ କରିନଥିଲେ କିମ୍ବା ବିଜ୍ଞାପନ ବାବଦକୁ ଆନୁମାନିକ ଖର୍ଚ୍ଚର ହିସାବ ଓଟିଡିସିଠାରୁ ପ୍ରାପ୍ତ କରିନଥିଲେ । ଓଟିଡିସି ଏହି ବିଜ୍ଞାପନ ପାଇଁ ମାତ୍ର 1.81 ଲକ୍ଷ ଖର୍ଚ୍ଚ କରିଥିବା ବେଳେ ପର୍ଯ୍ୟଟନ ବିଭାଗ ଏବାବଦରେ ଓଟିଡିସି କୁ 80 ଲକ୍ଷ ଟଙ୍କା ପ୍ରଦାନ କରିବାରେ ଯଥାର୍ଥତାର ଅଭାବ ପରିଲକ୍ଷିତ ହୋଇଥିଲା ।

ସରକାର କହିଲେ ଯେ ଯେହେତୁ ଏହି ବସ୍‌ଗୁଡ଼ିକର ପରିଚାଳନା ଖର୍ଚ୍ଚ ଓଟିଡିସି ବହନ କରୁଅଛି, ତେଣୁ ବସ୍ ଗୁଡ଼ିକର ମାଲିକାନା ପର୍ଯ୍ୟଟନ ବିଭାଗ ପାଖରେ ଥିଲେ ମଧ ଓଟିଡିସିର ରୟାଲ୍‌ଟି ଦାବି କରିବା ଅଧିକାର ଅଛି । ଏହା ସତ୍ୟ ଯେ ବାଣ୍ଡିଙ୍ଗ୍ ଅଧିକାର ପ୍ରସ୍ତାବ ଗ୍ରହଣ କରିବା ପୂର୍ବରୁ ପର୍ଯ୍ୟଟନ ବିଭାଗ ଦ୍ୱାରା ପରିଚାଳନା ବ୍ୟୟ ହିତସାଧନ ବିଶ୍ଳେଷଣ କରାଯାଇନଥିଲା କିମ୍ବା ଓଟିଡିସିଠାରୁ ଆକଳନ ବିଜ୍ଞାପନ ଖର୍ଚ୍ଚର ହିସାବ ପ୍ରାପ୍ତ କରାଯାଇନଥିଲା ।

### *ଭ୍ରମଣ ପ୍ରତିନିଧିମାନଙ୍କ ଦ୍ୱାରା ବ୍ୟବସାୟ*

**2.1.49** ଭ୍ରମଣ ପ୍ରତିନିଧିମାନେ ପର୍ଯ୍ୟଟକଙ୍କ ରହିବା ପାଇଁ ସଂରକ୍ଷଣ ଏବଂ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଅନ୍ୟାନ୍ୟ ଯାତାୟତ ସୁବିଧା ଯୋଗାଇ ପର୍ଯ୍ୟଟନ ବିକାଶ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଓଟିଡିସି ହୋଟେଲ ଗୁଡ଼ିକରେ ରହିବା ପାଇଁ ବୁକିଙ୍ଗ୍ କରିବାକୁ ଆଗ୍ରହ ପ୍ରକାଶ ମାଧମରେ ଆହ୍ୱାନ କରି ଭ୍ରମଣ ପ୍ରତିନିଧିମାନଙ୍କ ସହିତ ରାଜିନାମା କରିଥାଏ । ମାର୍ଚ୍ଚ 2014 ସୁଦ୍ଧା ଓଟିଡିସି ପାଖରେ 16 ଟି ପ୍ରାଧିକୃତ ବୁକିଂ ପ୍ରତିନିଧି (ରାଜ୍ୟ ବାହାରର 14 ଟିକୁ ସାମିଲ୍ କରି) ଥିଲା ବେଳେ ଏହା 2009-10 ରେ 17 ଟି ଥିଲା (ରାଜ୍ୟ ବାହରର 15 ଟିକୁ ସାମିଲ କରି) । ରାଜିନାମାର ସର୍ତ୍ତାବଳୀ ଅନୁସାରେ ପ୍ରତ୍ୟେକ ବୁକିଂ ପ୍ରତିନିଧିମାନଙ୍କ ପାଇଁ ବାଣିଜ୍ୟିକ ଧାର୍ଯ୍ୟ ଲକ୍ଷ୍ୟ 50,000 ଟଙ୍କା ରଖାଯାଇଥିଲା । 2009-14 ମଧରେ ଓଟିଡିସିର ସାମଗ୍ରିକ 36.93 କୋଟି ଟଙ୍କା ଆବାସିକ ବିକ୍ରି ମଧରୁ  ଭ୍ରମଣ ପ୍ରତିନିଧିମାନଙ୍କ ଦ୍ୱାରା ମାତ୍ର 1.52 କୋଟି ଟଙ୍କାର (4.12 ପ୍ରତିଶତ) କାରବାର କରାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ 2009-10 ବର୍ଷରେ ରାଜ୍ୟ ବାହାରର 15 ଟି ଭ୍ରମଣ ପ୍ରତିନିଧିମାନଙ୍କ ମଧରୁ 5 ଟି ସଂସ୍ଥା କୌଣସି ବୁକିଂ ଦେଇପାରିନଥିବାରୁ ସେମାନଙ୍କର ମାନ୍ୟତା ରଦ୍ଦ କରାଯାଇଥିଲା । ଆହୁରି ମଧ ଦେଖାଗଲା ଯେ 2009-14 ମଧରେ 4 ଟି ସଂସ୍ଥା ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ 50,000 ଟଙ୍କା ହାସଲ କରିପାରି ନଥିଲେ । ଓଟିଡିସି ଭ୍ରମଣ ପ୍ରତିନିଧିମାନଙ୍କର ପ୍ରଦର୍ଶନକୁ ବିଶ୍ଳେଷଣ କରି ନଥିଲେ କିମ୍ବା ସେମାନଙ୍କ ସହିତ କମ୍ ପରିମାଣ ବାଣିଜ୍ୟର କାରଣ ଗୁଡ଼ିକ ଆଲୋଚନା କରି ସଂଶୋଧକ ଉପାୟ ସ୍ଥିର କରିନଥିଲେ ।

ସରକାର କହିଥିଲେ ଯେ ଓଟିଡିସି ନିଜସ୍ୱ ଅନ୍‌ଲାଇନ୍ ବୁକିଂ ପଦ୍ଧତି ପ୍ରଚଳିତ କରିଥିବା ଯୋଗୁଁ ଏବଂ ବ୍ୟକ୍ତିଗତ ହୋଟେଲ ଗୁଡ଼ିକର କମିଶନ ଓ ଶୁଳ୍କ ସୂଚୀରେ ଅଧିକ ନମନୀୟତା ଥିବାରୁ ଭ୍ରମଣ ପ୍ରତିନିଧିମାନଙ୍କ ଦ୍ୱାରା କମ୍ ପରିମାଣର ବାଣିଜ୍ୟ ହୋଇଥିଲା ।

### *ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ରଚାର ଅଧିକାରୀ*

**2.1.50** ରାଜ୍ୟକୁ  ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଡିଶା ସରକାର ଫେବୃଆରୀ 2009 ରେ ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ରଚାର ଅଧିକାରୀ (ଏସଟିପିଓ) ପରିକଳ୍ପନାର ପ୍ରଚଳନ କରିଥିଲେ । ଏହି ପରିକଳ୍ପନାରେ ରାଜ୍ୟ/ଦେଶ ବାହାରେ ରହୁଥିବା ମୂଳ ଭାରତୀୟ/ନନ୍ ରେସିଡେଣ୍ଟ ଓଡିଆ ଏବଂ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଏସ୍‌ଟିପିଓ ଭାବରେ ତାଲିକାଭୁକ୍ତ କରିବା ଲକ୍ଷ୍ୟ ଥିଲା । ସେମାନେ ଓଡିଶା ରାଜ୍ୟର ପର୍ଯ୍ୟଟନ ଦ୍ରବ୍ୟ ଏବଂ ଆକର୍ଷଣଗୁଡିକର ସୂଚନା ବିକିରଣ କରିବେ ଏବଂ ତା'ବଦଳରେ ବୁକିଂ ଉପରେ 5 ପ୍ରତିଶତ ପ୍ରୋତ୍ସାହନ କମିଶନ ପାଇବାର ପ୍ରାବଧାନ ଥିଲା । ଏହି ପରିକଳ୍ପନାର କାର୍ଯ୍ୟାନ୍ୱୟନ ପାଇଁ ଓଟିଡିସିକୁ ନୋଡାଲ୍ ଏଜେନ୍‌ସୀ ଭାବରେ ମନୋନୀତ କରାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ ଏହି ପରିକଳ୍ପନା ପ୍ରଚଳନଠାରୁ ଏପ୍ରିଲ 2010 ମଧ୍ୟରେ ଓଟିଡିସି ମାତ୍ର ଚାରିଜଣଙ୍କୁ ଏଥିପାଇଁ ତାଲିକା ଭୁକ୍ତ କରିପାରିଥିଲେ । ପରବର୍ତ୍ତୀ ସମୟରେ ଏହି ପରିକଳ୍ପନାକୁ ଜନପ୍ରିୟ କରିବା ପାଇଁ ସରକାର କିମ୍ବା ଓଟିଡିସି କୌଣସି ଉଦ୍ୟମ କରିନଥିବାରୁ ଏହି ପରିକଳ୍ପନା ଫଳପ୍ରସୁ ହୋଇନଥିଲା ।

ସରକାର ଏହି ତଥ୍ୟକୁ ଗ୍ରହଣ କରିବା ସହିତ କହିଲେ ଯେ ଯୋଗ୍ୟ ବ୍ୟକ୍ତିଙ୍କ ଠାରୁ ଦରଖାସ୍ତ ମିଳିଲେ ପରବର୍ତ୍ତୀ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ । କିନ୍ତୁ ଏହି ଉତ୍ତର ପରିକଳ୍ପନା ଲୋକପ୍ରିୟ ହୋଇନପାରିବାର କାରଣ ଗୁଡିକ ବିଷୟରେ ନୀରବ ଥିଲା ।

### *ପାନ୍ଥନିବାସ ଗୁଡିକର ତାରକାଯୁକ୍ତ ହୋଟେଲକୁ ପାହ୍ୟାବୃଦ୍ଧି*

**2.1.51** ଓଟିଡିସିର ତିନୋଟି[38] ପାନ୍ଥନିବାସକୁ ତିନି ତାରକାଯୁକ୍ତ ହୋଟେଲକୁ ପାହ୍ୟାବୃଦ୍ଧି ପାଇଁ ନିର୍ଦ୍ଦେଶକ ମଣ୍ଡଳୀ ନିଷ୍ପତି (ଡିସେମ୍ବର 2009/ ଜୁନ 2010) ନେଇଥିଲେ ଏବଂ ତାରକା ମାନ୍ୟତା ପାଇଁ ଦରକାର ଥିବା ଭିତ୍ତି ସଂରଚନା ବିକାଶ ପାଇଁ ସବ୍‌କମିଟି ଗଠନ କରିଥିଲେ । ପର୍ଯ୍ୟବେକ୍ଷଣୀ କର୍ମୀ ଓ କୁଶଳୀ କର୍ମଚାରୀ ସଂଖ୍ୟା 40:30 ଅନୁପାତରେ ନିଯୁକ୍ତ, କୁଶଳୀ କର୍ମଚାରୀଙ୍କ ଦକ୍ଷତାରେ ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦେବା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସଂରଚନାର ବିକାଶ ପାଇଁ ସବ୍ କମିଟି ପ୍ରସ୍ତାବ ଦେଇଥିଲେ । ଏହିସବୁ କାର୍ଯ୍ୟଗୁଡିକ ତିନି ତାରକା ମାନ୍ୟତା ପାହ୍ୟା ପାଇଁ ଦରଖାସ୍ତ ଆବେଦନର ଛଅମାସ ମଧ୍ୟରେ ସମାପ୍ତ କରିବାର ଥିଲା । ଓଟିଡିସି ବିଶଦ ଯୋଜନା ଏବଂ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବା ପାଇଁ ଏହାର ବିଲଡିଙ୍ଗ ପ୍ରୋଜେକଟ୍ ଡିଭିଜନକୁ ସେପ୍ଟେମ୍ବର 2010 ରେ ଅନୁଦେଶ ଦେଇଥିଲେ । ଏ ବିଷୟରେ ଏପର୍ଯ୍ୟନ୍ତ (ଅକ୍ଟୋବର 2014) କୌଣସି ଅଗ୍ରଗତି ହୋଇନାହିଁ ।

ସରକାର ଏହି ତଥ୍ୟକୁ ଗ୍ରହଣ କରିବା ସହିତ କହିଲେ ଯେ ଓଟିଡିସିର ବାଣିଜ୍ୟିକ ଯୋଜନା ଚୂଡାନ୍ତ ହେଲାପରେ ଏହି ହୋଟେଲ ଗୁଡ଼ିକର ତାରକାଯୁକ୍ତ ପାହ୍ୟାକୁ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯିବ । ତଥ୍ୟ ଏହିକି ଯେ ଚାରି ବର୍ଷ ବିତି ଯାଇଥିଲେ ମଧ ଓଡ଼ିଶା ସରକାର/ ଓଟିଡିସି ଏହି ତିନୋଟି ହୋଟେଲକୁ ତାରକୁଯୁକ୍ତ ପାହ୍ୟାକୁ ବୃଦ୍ଧି କରିପାରି ନାହାନ୍ତି ।

### *ଗୋଲ୍ଡ କାର୍ଡ ଯୋଜନା*

**2.1.52** ଓଟିଡିସି ନିଜର ବାଣିଜ୍ୟର ପ୍ରଚାର ନିମନ୍ତେ ନିୟମିତ ଗ୍ରାହକ/ ବାରମ୍ବାର ଆସୁଥିବା ପରିଦର୍ଶକମାନଙ୍କ ପାଇଁ ଗୋଲ୍ଡ କାର୍ଡ (ଜିସି) ଯୋଜନା ଆରମ୍ଭ କରିଥିଲା (ସେପ୍ଟେମ୍ବର 1999) । ଗୋଲ୍ଡ କାର୍ଡଧାରୀ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଓ ରିହାତି ଦିଆଯାଇଥାଏ । ଗୋଲ୍ଡ କାର୍ଡଗୁଡ଼ିକ 650 ଟଙ୍କାରେ ଜାରି କରାଯାଇଥାଏ । ଏହା ତିନି ବର୍ଷ ପାଇଁ ବୈଧ୍ୟ ଥାଏ ଏବଂ ପରବର୍ତ୍ତୀ କାଳରେ 150 ଟଙ୍କା ଦେୟ କରି ନବୀକରଣ କରାଯାଇଥାଏ । ଗୋଲ୍ଡକାର୍ଡଧାରୀ ଗ୍ରାହକମାନଙ୍କୁ କୋଠରୀ ଭଡ଼ା, ଖାଦ୍ୟ ବିଲ୍ ଏବଂ ପରିବହନ ସୁବିଧାରେ 10 ପ୍ରତିଶତ ରିହାତି ଦିଆଯାଏ ଏବଂ ଗୋଲ୍ଡ କାର୍ଡ ବୈଧ୍ୟ ସମୟ ମଧରେ 50,000 ଟଙ୍କାର ଆକସ୍ମିକ ଦୁର୍ଘଟଣା ବୀମା ପରିମାଣ ଥିଲା ।

ସମୀକ୍ଷାରେ ଦେଖାଗଲା ଯେ :

- 2009-14 ବର୍ଷ ମଧରେ ଓଟିଡିସି 410 ଟି ଗ୍ରାହକଙ୍କୁ ନୂତନ ଭାବରେ ଗୋଲ୍ଡ କାର୍ଡ ପରିକଳ୍ପନାରେ ସାମିଲ୍ କରିଥିଲେ ଏବଂ 168 ଟି ଗୋଲ୍ଡ କାର୍ଡର ନବୀକରଣ କରିଥିଲେ ମଧ ଏପର୍ଯ୍ୟନ୍ତ କେତେ ବିଧିମାନ୍ୟ ଗୋଲ୍ଡ କାର୍ଡ ଗ୍ରାହକ ଅଛନ୍ତି ତାହା ନଥିଭୁକ୍ତ କରିନଥିଲେ ।
- ଗୋଲ୍ଡ କାର୍ଡ ଗୁଡ଼ିକ ଅନ୍ତରଣୀୟ ହୋଇନଥିଲେ ମଧ୍ୟ ଏହା କେତେଜଣଙ୍କ ପାଇଁ ଯୋଗ୍ୟ ତାହା ଉଲ୍ଲେଖ କରାଯାଇନଥିଲା । ଗୋଲ୍ଡ କାର୍ଡର ବୈଧ୍ୟତା ସମାପ୍ତି ପରେ କେତେ ଦିନ ମଧରେ ନବୀକରଣ ହେବ

[38] ଭୁବନେଶ୍ୱର, ଚାନ୍ଦିପୁର ଏବଂ ପୁରୀ

ତାହା ମଧ୍ୟ ଉଲ୍ଲେଖିତ ହୋଇନଥିଲା ଏବଂ ନବୀକରଣ ହେଉନଥିବାର କାରଣଗୁଡ଼ିକୁ ମଧ୍ୟ ବିଶ୍ଳେଷଣ କରାଯାଇନଥିଲା ।

- ଏହି ପରିକଳ୍ପନାର ପ୍ରଦର୍ଶନ ଏବଂ ଏହାର ସଂଶୋଧନ ପ୍ରକ୍ରିୟା ପାଇଁ ଗୋଲ୍ଡ କାର୍ଡ ଗ୍ରାହକମାନଙ୍କ ଦ୍ୱାରା ବାଣିଜ୍ୟର ପରିମାଣ ନିର୍ଦ୍ଧାରଣ ହୋଇନଥିଲା ।

ସରକାର କହିଲେ ଯେ ଯେହେତୁ ଗୋଲ୍ଡ କାର୍ଡଧାରୀ ଗ୍ରାହକମାନଙ୍କୁ ମାତ୍ର 10 ପ୍ରତିଶତ ରିହାତି ଦିଆଯାଇଥାଏ, ତେଣୁ ଅଧିକତମ ବ୍ୟକ୍ତିଙ୍କୁ ଏହି ରିହାତିର ସୀମା ସ୍ୱେଚ୍ଛାକୃତ ଭାବରେ ରଖାଯାଇ ନାହିଁ । କିନ୍ତୁ, ଏହି ଉତ୍ତର ସମୀକ୍ଷା ଅବଲୋକନର ବିନିର୍ଦ୍ଦିଷ୍ଟ ନଥିଲା ।

**ପ୍ରକଳ୍ପ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ**

**2.1.53** ପ୍ରକଳ୍ପଗୁଡ଼ିକ ସ୍ୱଳ୍ପ ଖର୍ଚ୍ଚରେ ଓ ଦକ୍ଷ ଭାବରେ ସଂପାଦନ ପାଇଁ ଏବଂ ଏଗୁଡ଼ିକର ଭୌତିକ ଏବଂ ଆର୍ଥିକ ପ୍ରଗତିର ନଜର ରଖିବା ପାଇଁ ଗୋଟିଏ ପ୍ରଭାବଶାଳୀ ନିୟନ୍ତ୍ରଣ ଆନୁଷଙ୍ଗିକ ବିଷୟ ରୂପେ ମୂଳରୁ ଆବଶ୍ୟକ । ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ମଞ୍ଜୁର ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ନିୟନ୍ତ୍ରଣରେ ଥିବା ଅଭାବଗୁଡ଼ିକ ନିମ୍ନରେ ଦିଆଗଲା ।

***ରାଜ୍ୟ ସ୍ତରୀୟ ନିୟନ୍ତ୍ରଣ କମିଟି***

**2.1.54** ପର୍ଯ୍ୟଟନ ବିଭାଗର ସଚିବଙ୍କ ଅଧକ୍ଷତାରେ ଏବଂ ଏମ୍‌ଓଟିର ସଦସ୍ୟ, କାର୍ଯ୍ୟାନ୍ୱୟନ ପ୍ରତିନିଧି ଏବଂ ବେସରକାରୀ ସଂସ୍ଥା (ଏନ୍‌ଜିଓ), ନଗରୀୟ କର୍ତ୍ତୃପକ୍ଷ, ଇଚ୍ଛାକୃତ ଜନସାଧାରଣବର୍ଗରୁ ସଦସ୍ୟ ନେଇ ଏକ ରାଜ୍ୟ ସ୍ତରୀୟ ନିୟନ୍ତ୍ରଣ କମିଟି (ଏସ୍‌ଏଲ୍‌ଏମ୍‌ସି) ଗଠନ କରିବା ପାଇଁ ଏମ୍‌ଓଟି, ଓଡ଼ିଶା ସରକାରଙ୍କୁ ଅନୁଦେଶ (ଅଗଷ୍ଟ 2009) ଦେଇଥିଲା । ମଞ୍ଜୁର ହୋଇଥିବା ସିଏସ୍‌ପି ପ୍ରକଳ୍ପଗୁଡ଼ିକର ଭୌତିକ ଏବଂ ଆର୍ଥିକ ପ୍ରଗତିର ନିରୀକ୍ଷଣ ଓ ନିୟନ୍ତ୍ରଣ କରି ନିୟନ୍ତ୍ରିତ ଭାବରେ ଏହାର ରିପୋର୍ଟ ଏମ୍‌ଓଟିକୁ ପ୍ରେରଣ କରିବା ଏହି କମିଟିର କାର୍ଯ୍ୟ ଥିଲା । ଏସ୍‌ଏଲ୍‌ଏମ୍‌ସିର ପ୍ରତି ଚାରି ମାସରେ ଥରେ ବୈଠକ ହେବାର ପ୍ରାବଧାନ ଥିଲା । ଓଡ଼ିଶା ସରକାରଙ୍କର ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଅନ୍ୟାନ୍ୟ ବିଭାଗର 15 ଜଣ ସଦସ୍ୟ ଏବଂ ଓଟିଡିସି କୁ ନେଇ ପର୍ଯ୍ୟଟନବିଭାଗ ଡିସେମ୍ବର 2009 ରେ ଏସ୍‌ଏଲ୍‌ଏମ୍‌ସି ଗଠନ କରିଥିଲେ । ତା'ପରେ ଅପ୍ରେଲ୍ 2010 ରେ ପର୍ଯ୍ୟଟନବିଭାଗର କମିଶନର-ତଥା-ସଚିବଙ୍କ ଅଧକ୍ଷତାରେ ଓ ପର୍ଯ୍ୟଟନ ବିଭାଗ, ଓଟିଡିସି ଏବଂ ଏମ୍‌ଓଟିର ନଅ ଜଣ ଅନ୍ୟ ସଦସ୍ୟଙ୍କୁ ନେଇ ଏସ୍‌ଏଲ୍‌ଏମ୍‌ସି ପୁନର୍ଗଠନ କରାଯାଇଥିଲା ।

ସମୀକ୍ଷାରୁ ନିମ୍ନଲିଖିତ ତଥ୍ୟଗୁଡ଼ିକ ଦେଖାଗଲା :

- 2009-14 ବର୍ଷ ମଧ୍ୟରେ ଆବଶ୍ୟକ ଥିବା 18 ଟି ବୈଠକ ମଧ୍ୟରୁ ମାତ୍ର ପାଞ୍ଚଟି ବୈଠକ ହୋଇପାରିଥିଲା ଏବଂ 2009-10 ଏବଂ 2011-12 ବର୍ଷ ମଧ୍ୟରେ କୌଣସି ବୈଠକ ହୋଇନଥିଲା ।

- ପ୍ରକଳ୍ପଗୁଡ଼ିକର ଅସମ୍ପାଦନ ଏବଂ ସମ୍ପାଦନରେ ବିଳମ୍ବ ପାଇଁ ସରକାରୀ ଜମିର ଅଲଭ୍ୟତା ଏବଂ ଜଙ୍ଗଲ ଜମିର ମଞ୍ଜୁରୀର ଆବଶ୍ୟକତାଗୁଡ଼ିକ ମୁଖ୍ୟ କାରଣ ହୋଇଥିଲେ ମଧ୍ୟ ପୁନର୍ଗଠିତ ଏସ୍‌ଏଲ୍‌ଏମ୍‌ସି କମିଟିରେ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର କୌଣସି ସଦସ୍ୟଙ୍କୁ ସାମିଲ୍ କରାଯାଇନଥିଲା । ପୁନଶ୍ଚ, ଏନ୍‌ଜିଓ, ନଗରୀୟ କର୍ତ୍ତୃପକ୍ଷ, ଇଚ୍ଛାକୃତ ଜନସାଧାରଣବର୍ଗରୁ କୌଣସି ସଦସ୍ୟଙ୍କୁ ସାମିଲ କରାଯାଇନଥିଲା ।

- ଏସ୍‌ଏଲ୍‌ଏମ୍‌ସି ମଇ 2010 ରେ ଗୋଟିଏ ସବ୍-କମିଟି ଗଠନ କରି ପ୍ରତି ମାସରେ ଅତିକମ୍‌ରେ ଦୁଇଟି ପ୍ରକଳ୍ପ ପରିଦର୍ଶନ କରି ଏହି ଅନୁସନ୍ଧାନର ସିଦ୍ଧାନ୍ତ ଓ ସୁପାରିଶ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ମଇ 2012 ରେ ଏହି ସବ୍-କମିଟି ଗଠନ ହୋଇଥିଲେ ମଧ୍ୟ ଏଯାଏଁ କୌଣସି କ୍ଷେତ୍ର ନିରୀକ୍ଷଣ କରିନାହାନ୍ତି ।

ସରକାର କହିଲେ ଯେ 2014-15 ବର୍ଷରୁ ନିୟମିତ ଭାବରେ ଏସ୍‌ଏଲ୍‌ଏମ୍‌ସି ବୈଠକ ହୋଇ ଆସୁଅଛି ।

***ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଜନାର ଅଭାବ***

**2.1.55** ପ୍ରକଳ୍ପର ବିଭିନ୍ନ ଉପାଦାନଗୁଡ଼ିକର ସମାପ୍ତିର ମାଇଲଖୁଣ୍ଟ ଯୋଜନା କରି ପିଇଆର୍‌ଟି ଏବଂ ସିପିଏମ୍‌ର ପ୍ରୟୋଗରେ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ଅବଧି ପ୍ରସ୍ତୁତ କରିବା ପାଇଁ ଓଡ଼ିଶା ସରକାର ସେପ୍ଟେମ୍ବର 2005 ରେ ନିର୍ଦ୍ଧାରଣ କରିଥିଲେ । ପ୍ରକଳ୍ପଗୁଡ଼ିକର ଠିକ୍ ସମୟରେ ସଂପାଦନ ପାଇଁ ଗୋଟିଏ ଉତ୍ତମ ଚୁକ୍ତି ପରିଚାଳନା ପାଇଁ ଏଥିରେ ଅନୁବନ୍ଧ ଥିଲା ।

ସମୀକ୍ଷାରେ ଦେଖାଗଲା ଯେ ଓଡ଼ିଶା ସରକାର କୌଣସି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଜନା (ପିଆଇପି) ପ୍ରସ୍ତୁତ କରିନଥିଲେ କିମ୍ବା ଓଟିଡିସି କୁ ଏହା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇନଥିଲେ । ରାଜ୍ୟ ପ୍ରାୟୋଜିତ ପ୍ରକଳ୍ପଗୁଡ଼ିକ ପାଇଁ ସରକାର କାର୍ଯ୍ୟ ସମ୍ପାଦନ ଅବଧି ନିର୍ଦ୍ଧାରଣ କରିନଥିଲେ ।

ସରକାର କହିଲେ ଯେ, ପିଆଇପି ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯିବ ଏବଂ କାର୍ଯ୍ୟାନ୍ୱୟନ ପାଇଁ ପିଇଆରଟି ଓ ସିପିଏମ୍‌ର ଅନୁକରଣ କରାଯିବ ।

***ଭୌତିକ ଏବଂ ଆର୍ଥିକ ପ୍ରଗତି ରିପୋର୍ଟର ଅପ୍ରସ୍ତୁତ***

**2.1.56** ପ୍ରକଳ୍ପଗୁଡ଼ିକର ନିୟନ୍ତ୍ରଣ ପାଇଁ କାର୍ଯ୍ୟଗୁଡ଼ିକର ନାମ, ମଞ୍ଜୁର ହୋଇଥିବା ବର୍ଷ, ପ୍ରକଳ୍ପ ଦାମ୍, ପ୍ରାରମ୍ଭ ତାରିଖ ଏବଂ କାର୍ଯ୍ୟ ସଂପାଦନର ଅବଧି ପରି ବିବରଣ ଥିବା ମାସିକ ଭୌତିକ ଏବଂ ଆର୍ଥିକ ପ୍ରଗତି ରିପୋର୍ଟ ବିଭାଗ କିମ୍ବା ଓଟିଡିସି ପ୍ରସ୍ତୁତ କରୁନଥିଲେ । ଭୌତିକ ଏବଂ ଆର୍ଥିକ ପ୍ରଗତି ରିପୋର୍ଟ ନିର୍ଦ୍ଦେଶକ ମଣ୍ଡଳୀକୁ ଜଣାଯାଇନଥିଲା କିମ୍ବା ନିର୍ଦ୍ଦେଶକ ମଣ୍ଡଳୀ ଏଥିପାଇଁ ଦାବି କରିନଥିଲେ । ଏପରି କି ଏସ୍‌ଏସ୍‌ପିଗୁଡ଼ିକର ପ୍ରକଳ୍ପୱାରୀ ଖର୍ଚ୍ଚ ଅନୁରକ୍ଷଣ କରାଯାଇନଥିଲା ।

ସରକାର କହିଲେ ଯେ ପ୍ରକଳ୍ପର ଭୌତିକ ଏବଂ ଆର୍ଥିକ ଉନ୍ନତି ପର୍ଯ୍ୟାଲୋଚନା ହେଉଛି । ପରନ୍ତୁ ଯଦିଓ ସମୀକ୍ଷା ଦ୍ୱାରା ନିରୀକ୍ଷଣ ପରେ ଭୌତିକ ଏବଂ ଆର୍ଥିକ ଉନ୍ନତିର ରିପୋର୍ଟ ପ୍ରସ୍ତୁତ ହେଉଛି, ତାହା ଆବଶ୍ୟକ ବିବରଣୀ ସହ ଠିକ୍ ଭାବରେ ପ୍ରସ୍ତୁତ ହେଉନାହିଁ ।

## ସ୍ୱୀକାରୋକ୍ତି

ସମ୍ପାଦନା ସମୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ, ପ୍ରବେଶ ସମ୍ମିଳନୀ ଏବଂ ପ୍ରସ୍ଥାନ ସମ୍ମିଳନୀରେ ଡିଓଟି ଏବଂ ଓଟିଡିସିର ସହଯୋଗ ଏବଂ ସହାୟତା ପ୍ରାପ୍ତ ହୋଇଥିଲା ।

## ଉପସଂହାର

**ରାଜ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶା ସରକାର ଓ ଓଟିଡିସି ଓଡ଼ିଶା ପର୍ଯ୍ୟଟନ ନୀତି ଏବଂ ନିଗମ ପ୍ରଶାସନ ପୁସ୍ତିକା ଅନୁଯାୟୀ କୌଣସି ଦୀର୍ଘକାଳୀନ ଯୋଜନା ଏବଂ ନିଗମ ସଞ୍ଚାଳନ ଯୋଜନା ପ୍ରସ୍ତୁତ କରିନଥିଲେ ।**

**ମାର୍ଚ୍ଚ 2014 ସୁଦ୍ଧା ଓଟିଡିସି 74.95 କୋଟି ଟଙ୍କା (49 ପ୍ରତିଶତ) ର କାର୍ଯ୍ୟ ସଂପାଦନ କରିପାରିଥିଲା । ଏକାଦଶତମ ଯୋଜନା କାଳ ପାଇଁ ମଞ୍ଜୁର ହୋଇଥିବା 21 ଟି ପ୍ରକଳ୍ପ ମଧ୍ୟରୁ କେବଳ ତିନୋଟି ପ୍ରକଳ୍ପ 41 ରୁ 68 ମାସ ବିଳମ୍ବରେ ସମ୍ପାଦିତ କରିପାରିଥିଲା ଏବଂ ଜାରିଥିବା କାର୍ଯ୍ୟଗୁଡ଼ିକ ସମ୍ପାଦନରେ ମଧ 71 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ଉପଯୁକ୍ତ ଭୂମିର ଅଲଭ୍ୟତା ଏବଂ କାର୍ଯ୍ୟସଂପାଦନର ବିଳମ୍ବ ହେତୁ ଓଡ଼ିଶା ସରକାରଙ୍କୁ 77.33 କୋଟି ଟଙ୍କାର କେନ୍ଦ୍ରିୟ ସହାୟତା ହରାଇବାକୁ ପଡ଼ିଥିଲା । ଏଥିରେ 15.32 କୋଟି ଟଙ୍କାର ପ୍ରକଳ୍ପ ଉପାଦାନ ହ୍ରାସ, 24.59 କୋଟି ଟଙ୍କାର ଅନୁପଯୋଗ କେନ୍ଦ୍ରିୟ ସହାୟତାର ଫେରସ୍ତ ଏବଂ 2012-13 ପାଇଁ ଅଗ୍ରାଧିକାର ଦିଆଯାଇଥିବା ପ୍ରକଳ୍ପ ପାଇଁ 37.42 କୋଟି ଟଙ୍କାର କେନ୍ଦ୍ରିୟ ସହାୟତାରୁ**

ବଞ୍ଚିତ ସାମିଲ୍ ଥିଲା । ମାର୍ଚ୍ଚ **2014** ସୁଦ୍ଧା ମଞ୍ଜୁର ହୋଇଥିବା **98** ଟି (**54.38** କୋଟି ଟଙ୍କା) ଏସ୍ଏସ୍ପି ମଧ୍ୟରୁ ମାତ୍ର **9.29** କୋଟି ଟଙ୍କା ମୂଲ୍ୟର **23** ଟି ପ୍ରକଳ୍ପ (**23** ପ୍ରତିଶତ) କାର୍ଯ୍ୟ ସଂପାଦନ ହୋଇଥିଲାବେଳେ ଉପଯୁକ୍ତ ଜମିର ଅଲଭ୍ୟତା ଏବଂ କାର୍ଯ୍ୟ ସଂପୂର୍ଣ୍ଣ ସମୟ ସୀମା ଅବଧିର ଅଭାବ ଯୋଗୁଁ **43** ଟି ( **29.30** କୋଟି ଟଙ୍କାର ) ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇପାରିନାହିଁ । ପ୍ରକଳ୍ପ ସମ୍ବଳରୁ ଲବ୍ଧ ସୁଧରୁ ଓଟିଡିସି **26.02** କୋଟି ଟଙ୍କା ଅନିୟମିତ ଭାବରେ ଉପଯୋଗ କରିଥିଲେ ।

ରାଜ୍ୟରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ପିପିପି ଭିତ୍ତିରେ ବିକାଶ ବାଣିଜ୍ୟିକ ସମ୍ଭାବ୍ୟତା ଅଧ୍ୟୟନ ଅଭାବରୁ ଏଗୁଡ଼ିକ ଫଳପ୍ରସୂ ହୋଇପାରି ନଥିଲା । ଡିଓଟି ଦ୍ୱାରା ପରିଚାଳିତ ପାନ୍ଥଶାଳାଗୁଡ଼ିକ **7.90** କୋଟି ଟଙ୍କାର କ୍ଷତି କରିଥିଲେ । ଓଟିଡିସିର ତିନୋଟି ହୋଟେଲ କ୍ରମାନ୍ୱୟ ଭାବରେ କ୍ଷତି କରିଥିଲେ । ପର୍ଯ୍ୟଟନ ବସ୍ ଗୁଡ଼ିକର ପରିଚାଳନାରେ ଓଟିଡିସିର **4.35** କୋଟି ଟଙ୍କା କ୍ଷତି ହୋଇଥିଲା । ଅନ୍ତର୍ଜାତିକ ସ୍ତରରେ ପର୍ଯ୍ୟଟନ ପ୍ରଚାର ଏବଂ ପ୍ରସାର ପାଇଁ **2009-14** ମଧ୍ୟରେ ସରକାର **17.87** କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ହୋଇ ନଥିଲା । ଭାରତ ସରକାରଙ୍କ ଦ୍ୱାରା ପ୍ରାରମ୍ଭ ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଯୋଜନାରେ ଓଡ଼ିଶା ସରକାର ଧାର୍ଯ୍ୟ ଲକ୍ଷ୍ୟର **53** ପ୍ରତିଶତ ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରିପାରିଥିଲେ ଏବଂ **3.29** କୋଟି ଟଙ୍କାର କେନ୍ଦ୍ରିୟ ସହାୟତାରୁ ବଞ୍ଚିତ ହୋଇଥିଲେ । ଓଟିଡିସି ଏବଂ ଡିଓଟି ରେ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଅଭାବ ପରିଲକ୍ଷିତ ହୋଇଥିଲା ।

## ସୁପାରିଶ

ନିମ୍ନୋକ୍ତ ସୁପାରିଶଗୁଡ଼ିକ ଡିଓଟି ଓ ଓଟିଡିସି ବିଚାର କରିବା ପାଇଁ ଦିଆଗଲା:

- ପର୍ଯ୍ୟଟନ ନୀତି ଅନୁସାରେ ନିଜର ଭୂମିକା ଓ କାର୍ଯ୍ୟକଳାପ ନିର୍ଦ୍ଦିଷ୍ଟ କରି ରଣନୀତିକ ନିଗମ ଯୋଜନା ପ୍ରସ୍ତୁତ କରିବା ।
- ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ପ୍ରତ୍ୟାଗମ ଆକଳନ ପାଇଁ ଏକ ବିଶ୍ୱାସନୀୟ ଡାଟାବେସ୍ ସୃଷ୍ଟି କରିବା ।
- ପ୍ରକଳ୍ପଗୁଡ଼ିକୁ ସମୟବଦ୍ଧ ଭାବରେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ଉପଯୁକ୍ତ ନିୟନ୍ତ୍ରଣର ବିକାଶ କରିବା ଏବଂ କେନ୍ଦ୍ରୀୟ ଓ ରାଜ୍ୟ ସହାୟତାର ଉପଯୁକ୍ତ ବିନିଯୋଗ କରିବା ।
- ରାଷ୍ଟ୍ରୀୟ ସ୍ତରରେ ରାଜ୍ୟରେ ପର୍ଯ୍ୟଟକ ଆକର୍ଷଣ ମାନ୍ୟତାରେ ବୃଦ୍ଧି ପାଇଁ ଗୋଟିଏ ପ୍ରଭାବୀ ବିପଣନ ଏବଂ ପ୍ରଚାର ପ୍ରଥା ଗ୍ରହଣ କରିବା ।

ସରକାର ଉପରୋକ୍ତ ସମସ୍ତ ସୁପାରିଶକୁ ଗ୍ରହଣ କରିଥିଲେ ।

## 2.2 ରାଜ୍ୟରେ ମତ୍ସ୍ୟ ସେକ୍ଟରର ବିକାଶ କ୍ଷେତ୍ରରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ ଓ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗର କାର୍ଯ୍ୟକଳାପ

### କାର୍ଯ୍ୟନିର୍ବାହୀ ସଂକ୍ଷିପ୍ତ ବିବରଣ

*ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ (ଓପିଡିସି) ମଇ **1998** ରେ ସଂପୂର୍ଣ୍ଣ ସରକାରୀ ମାଲିକାନା ସତ୍ତ୍ୱରେ ଉନ୍ନତମାନର ଯାଆଁଳ/ଅଙ୍ଗୁଳିକାର ଉତ୍ପାଦନ, ବିକ୍ରି ଏବଂ ମତ୍ସ୍ୟ ଚାଷର ବିକାଶ, ମାଛଧରା ଜାଲର ଉତ୍ପାଦନ ଏବଂ ବ୍ୟବସାୟ, ହାଇସ୍ପିଡ୍ ଡିଜେଲ, ମୋଟର ସ୍ପିରିଟ୍ ଏବଂ ଲୁବ୍ରିକାଣ୍ଟର ଖୁଚୁରା ବ୍ୟବସାୟର ମୁଖ୍ୟ ଉଦ୍ଦେଶ୍ୟ ନେଇ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶାରେ ଭୂପୃଷ୍ଠ ଜଳାଶୟର ମତ୍ସ୍ୟ ସଂଭାବ୍ୟ **6.61** ଲକ୍ଷ ମେଟ୍ରିକ୍ ଟନ୍ (ମଧୁର ଜଳ **4.33** ଲକ୍ଷ ମେଟ୍ରିକ ଟନ୍, କ୍ଷାରୀୟ ଜଳ **0.67** ଲକ୍ଷ ମେଟ୍ରିକ ଟନ) ଏବଂ ସାମୁଦ୍ରିକ ସେକ୍ଟର (**1.61** ଲକ୍ଷ ମେଟ୍ରିକ୍ ଟନ୍) । ପାଖାପାଖି **10.84** ଲକ୍ଷ ଜନ ସଂଖ୍ୟା (**2.95** ପ୍ରତିଶତ) ଜୀବିକା ନିର୍ବାହ ପାଇଁ ମତ୍ସ୍ୟ ସଂପଦ ଉପରେ ନିର୍ଭର କରନ୍ତି ।*

*ଯୋଜନା*

***2009-14** ମଧ୍ୟରେ ମତ୍ସ୍ୟ ସେକ୍ଟର ପାଇଁ ରାଜ୍ୟ ଯୋଜନା (**178.56** କୋଟି ଟଙ୍କା), କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା(**150.81** କୋଟି ଟଙ୍କା) ଏବଂ କେନ୍ଦ୍ରୀୟ ଯୋଜନା (**12.88** କୋଟି ଟଙ୍କା) ଅଧିନରେ ଓଡ଼ିଶା ସରକାରଙ୍କର **342.25** କୋଟି ଟଙ୍କାର ବଜେଟ ଆବଣ୍ଟନ ତୁଳନାରେ ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗ (ଏଫ୍ଏଆରଡି) **188.75** କୋଟି ଟଙ୍କା (**55** ପ୍ରତିଶତ) ଫେରସ୍ତ କରିଥିଲେ ଯାହା ଏହି ଅବଧି ମଧ୍ୟରେ **17** ରୁ **78** ପ୍ରତିଶତ ଥିଲା । ଏହି ଫେରସ୍ତ ମୁଖ୍ୟତଃ ପରିକଳ୍ପନା କାର୍ଯ୍ୟ ଆଂଶିକ ପ୍ରଣୟନ ବା ପ୍ରଣୟନ ନ କରିବା ହେତୁ ଘଟିଥିଲା ।*

*ଯୋଜନା / ପରିକଳ୍ପନାର ପ୍ରଣୟନ*

*ବିଭିନ୍ନ କେନ୍ଦ୍ରୀୟ ଯୋଜନା ସଂପାଦନା ନ କରିବା ବା ଆଂଶିକ ଭାବେ ସଂପାଦନା କରିବା ହେତୁ, ଏଫ୍ଏଆରଡି **14.59** କୋଟି ଟଙ୍କା ଫେରସ୍ତ କରିଥିଲା ଏବଂ **92.10** କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମଧ୍ୟ ପ୍ରାପ୍ତ କରିପାରିନଥିଲା ।*

*ମାଛ ମଞ୍ଜି ଉତ୍ପାଦନ*

***17,110** ଲକ୍ଷ ଗୁଣ୍ଡ ଯାଆଁଳ ଏବଂ **5,245** ଲକ୍ଷ ଯାଆଁଳର କମ୍ ଉତ୍ପାଦନ ହେତୁ ଓପିଡିସି **11.60** କୋଟି ଟଙ୍କା ରାଜସ୍ୱ କ୍ଷତି ସହିଥିଲା । କ୍ଷାରୀୟ ଜଳ ମାଛ ଚାଷ ପାଇଁ **4,330** ହେକ୍ଟର ଜମିର ବିକାଶ ଲକ୍ଷ୍ୟ ତୁଳନାରେ କେବଳ **2,313** ହେକ୍ଟର ବିକାଶ ହୋଇଥିଲା ।**2009-14** ମଧ୍ୟରେ **163.32** କୋଟି ଟଙ୍କା ମୂଲ୍ୟର **7,580** ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି ଏବଂ **202.06** କୋଟି ଟଙ୍କା ମୂଲ୍ୟର **0.38** ଲକ୍ଷ ମେଟ୍ରିକ୍ ଟନ୍ କମ୍ ସାମୁଦ୍ରିକ ମାଛ ଉତ୍ପାଦନ ହୋଇଥିଲା ।*

*ମତ୍ସ୍ୟଜୀବିଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମ*

***2009-14** ମଧ୍ୟରେ ଯଦିଓ ସଂଚୟ ସହିତ ସହାୟତା ପରିକଳ୍ପନା ଯୋଜନାରେ **78,000** ମତ୍ସ୍ୟଜୀବିଙ୍କୁ ତିରୋଟ ଅବଧିରେ ଜୀବିକା ନିର୍ବାହ ପାଇଁ ସହାୟତା ପାଇଁ **6.63** କୋଟି ଟଙ୍କା ଲକ୍ଷ ଥିଲା, ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଅଭାବରୁ **3.21** କୋଟି ଟଙ୍କା ଉପଯୋଗ ବିନା ପଡ଼ିରହିଥିଲା । ପୁନଶ୍ଚ, **2009-13** ମଧ୍ୟରେ ସ୍ୱଳ୍ପ ମୂଲ୍ୟ ବାସଗୃହ ସଂପୂର୍ଣ୍ଣ କରିବାରେ ବିଫଳତା ପାଇଁ **5,634** ମତ୍ସ୍ୟଜୀବି **28.65** କୋଟି ଟଙ୍କା ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିଲେ ।*

*ଭିତ୍ତିଭୂମି*

*ଯଦିଓ ମତ୍ସ୍ୟ ପୋତାଶ୍ରୟ / ମତ୍ସ୍ୟ ଅବତରଣ କେନ୍ଦ୍ର ଉନ୍ନତିକରଣ ଏବଂ ଆଧୁନିକୀକରଣ ପାଇଁ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ **11.65** କୋଟି ଟଙ୍କା ଆବଣ୍ଟନ କରିଥିଲେ, ସେଥିରୁ କେବଳ ଗୋଟିଏ ସଂପୂର୍ଣ୍ଣ ହୋଇ ପାରିଥିଲା । **11** ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ବାଲୁଗାଁ ଠାରେ ଏଫ୍ଏଲସିର ନିର୍ମାଣ ଅସଂପୂର୍ଣ୍ଣ ଥିଲା ଯେଉଁଥିରେ **2.83** କୋଟି ଟଙ୍କା (**120** ପ୍ରତିଶତ) ଅଧିକ ମୂଲ୍ୟ ବଢ଼ିଯାଇଥିଲା । ପୁନଶ୍ଚ, ଜମି ଚୂଡାନ୍ତ ନହେବା ହେତୁ ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟ ପୋତାଶ୍ରୟ କାର୍ଯ୍ୟ ଆରମ୍ଭ ହୋଇ ନଥିଲା । ମେସିନ୍ ଚାଲିବା ସମୟ ଉପଯୋଗ ନକରିବା, କର୍ମଚାରୀ/ବିଜୁଳି/କାର୍ଯ୍ୟପୁଞ୍ଜିର ଅଭାବ ହେତୁ ମତ୍ସ୍ୟ ଧରା ଜାଲ ଉତ୍ପାଦନ କମ୍ ହୋଇଥିଲା, ଯେଉଁଥିପାଇଁ ଓପିଡିସିର **7.03** କୋଟି ଟଙ୍କା ସଂଭାବ୍ୟ ରାଜସ୍ୱ କ୍ଷତି ଘଟିଥିଲା । ମତ୍ସ୍ୟ କ୍ଷେତ୍ରର ପୁନଃନିର୍ମାଣ/ନବୀକରଣର ଅଟକଳ ଅଭାବରୁ ସ୍ୱତନ୍ତ୍ର ସହାୟତା କମିଶନରଙ୍କଠାରୁ ପ୍ରାପ୍ତ **10** କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।*

***ଆର୍ଥିକ ପରିଚାଳନା***

***ଲିଜ୍ ମୂଲ୍ୟ ଏବଂ ରୟାଲଟି ବାବଦକୁ ଧାର୍ଯ୍ୟ ଲକ୍ଷ୍ୟ 5.32 କୋଟି ଟଙ୍କା ତୁଳନାରେ ଏଫ୍ଏଆରଡି 2009-14 ମଧ୍ୟରେ ମତ୍ସ୍ୟଜୀବି ସମବାୟ ସମିତି ଠାରୁ 1.85 କୋଟି ଟଙ୍କା ଆଦାୟ କରିଥିଲା । ବିଭିନ୍ନ ପରିକଳ୍ପନା ପାଣ୍ଠିରୁ ଉପାର୍ଜିତ ସୁଧ 1.85 କୋଟି ଟଙ୍କା ଫେରସ୍ତ ବା ସମାୟୋଜନ ନହୋଇ ପଡ଼ି ରହିଥିଲା ।***

***ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ***

***ଏଫ୍ଏଆର୍ଡି / ଓପିଡିସିର ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ତ୍ରୁଟି ରହିଥିଲା ।***

***ସୁପାରିଶ***

***ଆବଣ୍ଟନର ଫେରସ୍ତ ଏଡ଼ାଇବା ପାଇଁ ବାସ୍ତବବାଦୀ ବଜେଟ୍ ପ୍ରସ୍ତୁତି, ମତ୍ସ୍ୟଚାଷର ଉନ୍ନତି ପାଇଁ କେନ୍ଦ୍ରୀୟ ପରିକଳ୍ପନା/ଯୋଜନାର ସମୟାନୁଯାୟୀ କାର୍ଯ୍ୟାନ୍ୱୟନ, ମତ୍ସ୍ୟଜୀବିଙ୍କ ସାମାଜିକ ବିକାଶ ପାଇଁ କଲ୍ୟାଣମୂଳକ ପରିକଳ୍ପନା/ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥା ସୁଦୃଢ଼ କରିବାର ଆବଶ୍ୟକତା ଥିବା ଦର୍ଶାଇ କାର୍ଯ୍ୟ ସଂପାଦନା ସମୀକ୍ଷାରେ ଚାରୋଟି ସୁପାରିଶ କରାଯାଇଛି ।***

## ଉପକ୍ରମ

**2.2.1** ଦୀର୍ଘ ମିଆଦି ପରିପ୍ରେକ୍ଷଣ ଯୋଜନା ଅନୁଯାୟୀ ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ (ଏଫ୍ଏଆର୍ଡି)ର ମତ୍ସ୍ୟ ସେକ୍ଟର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏହି ସେକ୍ଟର ଅଧିକ ଆୟ ଏବଂ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଭାବେ ଗୁରୁତ୍ୱ ବହନ କରିଛି, ଯେହେତୁ ଏହାର ଅନେକଗୁଡ଼ିଏ ସହଭାଗିତା ଶିଳ୍ପ ରହିଛି ଏବଂ ଏହା ପୁଷ୍ଟିକର ଖାଦ୍ୟର ଏକ ଶସ୍ତା ଉତ୍ସ ଭାବରେ ପରିଗଣିତ ହୋଇଥାଏ ।

**2.2.2** ଓଡ଼ିଶା, ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ଏହା 480 କିଲୋମିଟର ଉପକୂଳ ବ୍ୟାପି ସହିତ ଏଥିରେ ଭୂପୃଷ୍ଠ ଜଳାଶୟ ଏବଂ ସାମୁଦ୍ରିକ ମତ୍ସ୍ୟ ଶିଳ୍ପର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଭରି ରହିଛି । ଓଡ଼ିଶାର ମତ୍ସ୍ୟ ସମ୍ଭାବ୍ୟ ଭୂପୃଷ୍ଠ ସେକ୍ଟର (ମଧୁର ଜଳ 4.33 ଲକ୍ଷ ଟନ୍ ଏବଂ ଖାରିଆ ଜଳ 0.67 ଲକ୍ଷ ମେଟ୍ରିକ ଟନ୍) ଏବଂ ସାମୁଦ୍ରିକ ସେକ୍ଟର (1.61 ଲକ୍ଷ ମେଟ୍ରିକ୍ ଟନ୍) ରୁ ବାର୍ଷିକ 6.61 ଲକ୍ଷ ମେଟ୍ରିକ୍ ଟନ୍ । ପାଖାପାଖି 10.84 ଲକ୍ଷ ଜନସଂଖ୍ୟା (2.95 ପ୍ରତିଶତ) ନିଜର ଜୀବିକା ନିର୍ବାହ ପାଇଁ ମତ୍ସ୍ୟ ବିଭାଗ ଉପରେ ନିର୍ଭର କରିଥାଆନ୍ତି ।

**2.2.3** ଓଡ଼ିଶା ମତ୍ସ୍ୟ ଚାଷ ଉନ୍ନୟନ ନିଗମ ଲିମିଟେଡ୍ (ଓପିଡିସି) କୁ ସଂପୂର୍ଣ୍ଣ ମାଲିକାନା ସତ୍ତ୍ୱ ସରକାରୀ କମ୍ପାନୀ ଭାବରେ 2[39] ଟି କମ୍ପାନୀର ମିଶ୍ରଣରେ ଗୁଣାତ୍ମକ ମାନର ମାଛ ଯାଆଁଳ ଉତ୍ପାଦନ ଏବଂ ବିକ୍ରି ଏବଂ ମତ୍ସ୍ୟ ସମ୍ପଦର ବିକାଶ, ମତ୍ସ୍ୟଧରା ଜାଲର ଉତ୍ପାଦନ ଏବଂ ବ୍ୟବସାୟ, ହାଇ ସ୍ପିଡ୍ ଡିଜେଲ (ଏଚ୍ଏସ୍ଡି), ମୋଟର ସ୍ପିରିଟ୍ (ଏମ୍ଏସ୍) ଏବଂ ଲୁବ୍ରିକାଣ୍ଟର ଖୁଚୁରା ବ୍ୟବସାୟର ମୂଳ ଲକ୍ଷ୍ୟ ନେଇ (ମଇ 1998) ରେ ପ୍ରତିଷ୍ଠା କରାଯାଇଥିଲା । ଓପିଡିସି ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ଉନ୍ନୟନ ବିଭାଗ (ଏଫ୍ଏଆର୍ଡି) ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରୁଅଛି । ଓପିଡିସିର ପରିଚାଳନାକୁ ଏକ ନିର୍ଦ୍ଦେଶକମଣ୍ଡଳୀ ହାତରେ ନ୍ୟସ୍ତ କରାଯାଇଅଛି । ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ଓପିଡିସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଟନ୍ତି, ଯାହାଙ୍କୁ ଏକ ସାଧାରଣ ପରିଚାଳକ, ଏକ ଆର୍ଥିକ ପରାମର୍ଶଦାତା ଏବଂ ମୁଖ୍ୟ ହିସାବ ରକ୍ଷକ (ଏଫ୍ଏ ଆଣ୍ଡ ସିଏଓ) ଏବଂ ଦୁଇଜଣ ପରିଚାଳକ ସହାୟତା ପ୍ରଦାନ କରନ୍ତି । ଓପିଡିସି ଅଧିନରେ ପାଞ୍ଚୋଟି ମତ୍ସ୍ୟ ବିହନ ଫାର୍ମ ଏବଂ ଗୋଟିଏ ମତ୍ସ୍ୟ ଜାଲ ଉତ୍ପାଦନ କେନ୍ଦ୍ର ଏବଂ ସାତୋଟି ଡିଜେଲ ବିକ୍ରୟ କେନ୍ଦ୍ର ସହ 22 ଟି ମତ୍ସ୍ୟ କ୍ଷେତ୍ର ଯାହାକି ଜୁନ୍ 2010 ରୁ ଓଡ଼ିଶା ସରକାରଙ୍କ ଦ୍ୱାରା ଲିଜ୍ ଭିତ୍ତିରେ ଦିଆଯାଇଛି । ଏଫ୍ଏଆର୍ଡି ଅଧିନରେ ଚାରୋଟି ମତ୍ସ୍ୟ

[39] ଓଡ଼ିଶା ମତ୍ସ୍ୟ ବିହନ ବିକାଶ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ମାରିଟାଇମ୍ ଏବଂ ଚିଲିକା କ୍ଷେତ୍ର ବିକାଶ ନିଗମ ଲିମିଟେଡ୍

ହାର୍ବର, ଆଠଟି ଜେଟି ଏବଂ 51 ଟି ମତ୍ସ୍ୟ ଅବତରଣ କେନ୍ଦ୍ର ରହିଛି । ଏଫ୍‌ଏଆର୍‌ଡି ମତ୍ସ୍ୟ ସଂପଦର ବିକାଶ ଏବଂ କାର୍ଯ୍ୟାନ୍ୱୟନ, ଯୋଜନା ପ୍ରଣୟନ ଓ ନୀତି ନିର୍ଦ୍ଧାରଣ କରିବାର ପ୍ରମୁଖ ସଂସ୍ଥା ।

## ସମୀକ୍ଷା ପରିସର ଏବଂ ପଦ୍ଧତି

**2.2.4** ଅପ୍ରେଲ୍ ରୁ ଅଗଷ୍ଟ 2014 ମଧ୍ୟରେ କରାଯାଇଥିବା କାର୍ଯ୍ୟ ସଂପାଦନ ସମୀକ୍ଷାରେ 2009-14 ମଧ୍ୟରେ ଓପିଡିସିର ଏବଂ ଏଫ୍‌ଏଆର୍‌ଡିର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଅଟେ । ସମୀକ୍ଷାର ଫଳାଫଳ ଓପିଡିସିର ମୁଖ୍ୟ କାର୍ଯ୍ୟାଳୟ ରେକର୍ଡର ନମୁନା ଯାଞ୍ଚ, ପାଞ୍ଚୋଟି ମତ୍ସ୍ୟ ମଞ୍ଜି ଉତ୍ପାଦନ କେନ୍ଦ୍ରରୁ ଦୁଇଟି[40], ସାତୋଟି ଡିଜେଲ୍ ବିକ୍ରୟ କେନ୍ଦ୍ରରୁ ଦୁଇଟି[41] ଏବଂ ମତ୍ସ୍ୟ ଜାଲ ଉତ୍ପାଦନ କେନ୍ଦ୍ର ଏବଂ ଏଫ୍‌ଏଆରଡିର ମତ୍ସ୍ୟ ସେକ୍ଟର/ ମତ୍ସ୍ୟ ନିର୍ଦ୍ଦେଶକ (ଡିଓଏଫ୍), 30 ଟି ଜିଲ୍ଲାର ମତ୍ସ୍ୟ ଚାଷ କାର୍ଯ୍ୟାଳୟ ମଧ୍ୟରୁ ଆଠଟି[42] ଏବଂ ସମସ୍ତ ତିନୋଟି ଆଞ୍ଚଳିକ କାର୍ଯ୍ୟାଳୟ ସାମିଲ୍ ଥିଲା । ଓପିଡିସିର ୟୁନିଟ୍‌ଗୁଡ଼ିକ ଏବଂ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟଗୁଡ଼ିକ (ଡିଏଫ୍‌ଓ) କାରବାର ଭିତ୍ତିରେ ଏବଂ ସ୍ତରୀୟ ଅନିୟତ ନମୁନା ପଦ୍ଧତି ଅନୁସରଣ କରି ବଛାଯାଇଥିଲା ।

ସମୀକ୍ଷା ଉଦ୍ଦେଶ୍ୟ ହାସଲ କରିବା ପାଇଁ ସମୀକ୍ଷା ମାନଦଣ୍ଡକୁ ଆଧାର କରି ମୁଖ୍ୟ କାର୍ଯ୍ୟାଳୟର ଏବଂ ବଛା ହୋଇଥିବା ୟୁନିଟ୍‌ଗୁଡ଼ିକର ରେକର୍ଡ ଯାଞ୍ଚ, ସମୀକ୍ଷା ମାନଦଣ୍ଡକୁ ଆଧାର କରି ତଥ୍ୟର ବିଶ୍ଳେଷଣ ଏବଂ ସମୀକ୍ଷା ପ୍ରଶ୍ନ ଜାରି ପରି ପଦ୍ଧତି ଅନୁସରଣ କରାଯାଇଥିଲା ।

ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି 13 ମେ 2014 ରେ ହୋଇଥିବା ପ୍ରବେଶ ସମ୍ମିଳନୀରେ ଏଫ୍‌ଏଆର୍‌ଡି/ଓପିଡିସିକୁ ଅବଗତ କରାଯାଇଥିଲା । ପରବର୍ତ୍ତୀ କାଳରେ ସମୀକ୍ଷାର ଫଳାଫଳ ଏଫ୍‌ଏଆର୍‌ଡି/ ଓପିଡିସିକୁ 8 ସେପ୍ଟେମ୍ବର 2014ରେ ଅବଗତ କରାଯାଇଥିଲା ଏବଂ 18 ନଭେମ୍ବର 2014 ରେ ପ୍ରସ୍ଥାନ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଉଭୟ ପ୍ରବେଶ ଏବଂ ପ୍ରସ୍ଥାନ ସମ୍ମିଳନୀରେ ଏଫଏଆରଡିର କମିଶନର ତଥା ସଚିବ ଏବଂ ଓପିଡିସିର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ରିପୋର୍ଟ ଚୂଡାନ୍ତ କଲା ସମୟରେ ସେମାନଙ୍କ ଉତ୍ତର (12 ନଭେମ୍ବର 2014) ଏବଂ ମତାମତକୁ ବିଚାର କରାଯାଇଛି ।

## ସମୀକ୍ଷା ଉଦ୍ଦେଶ୍ୟ

**2.2.5** ନିମ୍ନୋକ୍ତ ବିଷୟ ନର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଓପିଡିସି ଏବଂ ଏଫ୍‌ଏଆରଡି ର କାର୍ଯ୍ୟ ସଂପାଦନ ସମୀକ୍ଷାରେ ମତ୍ସ୍ୟ ଚାଷ ସଂକ୍ରାନ୍ତୀୟ କାର୍ଯ୍ୟାବଳୀକୁ ଆକଳନ କରାଯାଇଥିଲା:-

- ଆର୍ଥିକ ପରିଚାଳନା ପ୍ରଭାବୀ ଏବଂ ଦକ୍ଷ ଥିଲା ;
- ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଇଥିବା ପରିକଳ୍ପନା ଏବଂ କାର୍ଯ୍ୟକ୍ରମ ପ୍ରଭାବୀ ଏବଂ ମିତବ୍ୟୟୀ ଭିତ୍ତିରେ ପ୍ରଣୟନ କରାଯାଇଥିଲା ଏବଂ ସ୍ଥିରୀକୃତ ଲକ୍ଷ୍ୟ ସାଧିତ ହୋଇଥିଲା ;
- ମତ୍ସ୍ୟଜୀବିମାନଙ୍କ ନିମନ୍ତେ ନିଆଯାଉଥିବା କଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକ ପ୍ରଭାବୀ ଏବଂ ଦକ୍ଷ ଥିଲା; ଏବଂ
- ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ପର୍ଯ୍ୟାଲୋଚନା ବ୍ୟବସ୍ଥା କର୍ମ ସଂପାଦନ ଏବଂ ଆର୍ଥିକ ଅନିୟମିତତା ବିରୁଦ୍ଧରେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଥିଲା ।

---

[40] ଭଞ୍ଜନଗର ଏବଂ ଚିପିଲିମା

[41] ବାରିପଦା ଏବଂ ଧାମରା

[42] ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ମୟୁରଭଞ୍ଜ, ପୁରୀ ଏବଂ ସମ୍ବଲପୁର

## ସମୀକ୍ଷା ମାନଦଣ୍ଡ

**2.2.6** ସମୀକ୍ଷା ଉଦ୍ଦେଶ୍ୟ ହାସଲ କରିବା ପାଇଁ ନିମ୍ନୋକ୍ତ ସୂତ୍ରରୁ ସମୀକ୍ଷା ମାନଦଣ୍ଡକୁ ଆଧାର କରାଯାଇଥିଲା :

- ଓଡିଶା ମାରାଇନ୍ ଫିସିଂ ନିୟାମକ ଆଇନ୍, ଉପକୂଳ ଆକ୍ୱାକଲ୍‌ଚର କର୍ତ୍ତୃପକ୍ଷ ଆଇନ୍ 2005 ଏବଂ ତତ୍‌ସମ୍ବନ୍ଧୀୟ ଭାରତ ସରକାର / ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଧି ଓ ନିୟମ ;
- ଭାରତ ସରକାର/ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ/ ପରିକଳ୍ପନା ନିମିତ୍ତ ଜାରି କରାଯାଇଥିବା ନୀତି, ମତ୍ସ୍ୟ ଉତ୍ପାଦନ ଏବଂ ସମ୍ବଳର ମଞ୍ଜୁରୀ ପାଇଁ ଅନୁସୃତ ମାନଦଣ୍ଡ;
- ବଜେଟ୍ କାଗଜ ପତ୍ର, କାର୍ଯ୍ୟ ସଂପାଦନ ବଜେଟ୍, ପରିସଂଖ୍ୟା ବୁଲେଟିନ୍ ଏବଂ ଏଫ୍‌ଏଆର୍‌ଡି ର ବାର୍ଷିକ କାର୍ଯ୍ୟାବଳୀ ବିବରଣୀ ; ଏବଂ
- ବିପଣନ ନୀତି ଏବଂ ନିର୍ଦ୍ଦେଶକ ମଣ୍ଡଳୀର ନିଷ୍ପତ୍ତି ।

## ସମୀକ୍ଷା ଫଳାଫଳ

## ଯୋଜନା

**2.2.7** ମତ୍ସ୍ୟ ସେକ୍ଟରରେ ଏଫ୍‌ଏଆର୍‌ଡି ପଞ୍ଚବାର୍ଷିକ (ଏକାଦଶ ଏବଂ ଦ୍ୱାଦଶ) ଯୋଜନା ଅନୁସାରେ ନିଜର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲା । ବାର୍ଷିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଥିଲା ଯେଉଁଥିରେ ବିଭିନ୍ନ କାର୍ଯ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଥିଲା ଏବଂ ସରକାରଙ୍କ ଠାରୁ ବଜେଟ୍ ଆବଣ୍ଟନ ମଗା ଯାଉଥିଲା ।

### *ମତ୍ସ୍ୟ ସଂପଦର ବିକାଶ ଏବଂ ପରିଚାଳନା ପାଇଁ ପରିପ୍ରେକ୍ଷଣ ଯୋଜନା*

**2.2.8** 2008-09 ବର୍ଷରେ ରାଜ୍ୟର ମତ୍ସ୍ୟ ଉତ୍ପାଦନ 3.75 ଲକ୍ଷ ମେଟ୍ରିକ୍ ଟନ୍ ଥିଲା (ସାମୁଦ୍ରିକ 1.31 ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଭୂପୃଷ୍ଠ 2.44 ଲକ୍ଷ ମେଟ୍ରିକ୍ ଟନ୍) ଯାହାକି ସମୁଦାୟ ମତ୍ସ୍ୟ ଚାଷ ସଂଭାବ୍ୟ 5.14 ଲକ୍ଷ ଟନର 73 ପ୍ରତିଶତ ଥିଲା । ମତ୍ସ୍ୟ ସଂପଦର ବିକାଶ ଏବଂ ପରିଚାଳନା ପାଇଁ ଏଫ୍‌ଏଆର୍‌ଡି (ନଭେମ୍ବର 2009) ରେ 2010-11 ପାଇଁ ଏକ ଦୀର୍ଘ ମିଆଦୀ ପରିପ୍ରେକ୍ଷଣ ଯୋଜନା(ପିପି) 2010-20 ଓଡିଶାରେ ମତ୍ସ୍ୟ ସେକ୍ଟର ପାଇଁ ପ୍ରଣୟନ କରିଥିଲା । ପରିପ୍ରେକ୍ଷଣ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ ଥିଲା :

- ଭୂପୃଷ୍ଠ ଜଳାଶୟ ଏବଂ ସାମୁଦ୍ରିକ ଜଳ ଉତ୍ସରେ ମାଛର ଉତ୍ପାଦନ ଏବଂ ଉତ୍ପାଦିକା ବୃଦ୍ଧି କରିବା;
- କ୍ଷମତା ବୃଦ୍ଧି, ବୈଷୟିକ ଜ୍ଞାନ କୌଶଳର ଉପଯୋଗ, ମାନବ ସମ୍ବଳର ବିକାଶ, ସଚେତନତା ବୃଦ୍ଧି ଏବଂ ମତ୍ସ୍ୟଜୀବି ସମୂହ ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଶିକ୍ଷା ପ୍ରଦାନ କରିବା ;ଏବଂ
- ମତ୍ସ୍ୟ ସେକ୍ଟରର ଭିତ୍ତିଭୂମିର ମାନ ବୃଦ୍ଧି କରିବା ।

**ଏଫ୍‌ଏଆରଡିର ପିପି ଭଳି ଓପିଡିସି କୌଣସି ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିନଥିଲା ।**

ଯଦିଓ ଏଫ୍‌ଏଆର୍‌ଡିର ପରିପ୍ରେକ୍ଷଣ ଯୋଜନାରେ ମତ୍ସ୍ୟ ଚାଷର ବିକାଶ ଦିଗରେ ଓପିଡିସି ର ଭୂମିକା ବିଷୟରେ ଉଲ୍ଲେଖ ଥିଲା, ଓପିଡିସି ଏହାର ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବା ବ୍ୟତୀତ ଏଫ୍‌ଏଆର୍‌ଡିର ପିପି ଭଳି କୌଣସି ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିନଥିଲା ।

*ବଜେଟ୍ ନିୟନ୍ତ୍ରଣ*

**2.2.9** ଏକ ସୁଗଠିତ ବଜେଟ ଲକ୍ଷ୍ୟ ତୁଳନାରେ ବ୍ୟୟର ପ୍ରଗତି ପର୍ଯ୍ୟାଲୋଚନା କରିବା ପରିଚାଳନା ବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

**ପରିକଳ୍ପନାର କାର୍ଯ୍ୟାନ୍ୱୟନ ନକରିବା/ ଆଂଶିକ କରିବା ଏବଂ ୟୁସିଗୁଡିକ ପଇଠ ନକରିବା/ ବିଳମ୍ବରେ ପଇଠ କରିବା ଯୋଗୁଁ ବଜେଟର 55 ପ୍ରତିଶତ ସମର୍ପଣ କରାଯାଇ ଥିଲା ।**

ଏଫ୍‌ଏଆର୍‌ଡି ଅଧିନରେ ଥିବା ମତ୍ସ୍ୟ ସେକ୍ଟର୍ ପାଇଁ 2009-14 ରେ 342.25 କୋଟି ଟଙ୍କାର ରାଜ୍ୟ ଯୋଜନା (178.56 କୋଟି ଟଙ୍କା), କେନ୍ଦ୍ର ପ୍ରାୟୋଜିତ ଯୋଜନା (150.81 କୋଟି ଟଙ୍କା) ଏବଂ କେନ୍ଦ୍ରିୟ ଯୋଜନା (12.88 କୋଟି ଟଙ୍କା)ର ପ୍ରାବଧାନ ଥିବା ସତ୍ତ୍ୱେ ଏଫ୍‌ଏଆର୍‌ଡି 153.50 କୋଟି ଟଙ୍କା (45 ପ୍ରତିଶତ) ଉପଯୋଗ କରି ପାରିଥିଲା ଏବଂ 188.75 କୋଟି ଟଙ୍କା (55 ପ୍ରତିଶତ) ସମର୍ପଣ କରିଥିଲା । ମୋଟ ପ୍ରାବଧାନ ତୁଳନାରେ ସମର୍ପଣ 17 ରୁ 78 ପ୍ରତିଶତ ମଧ୍ୟରେ ଥିଲା, ଯାହା **ପରିଶିଷ୍ଟ 10** ରେ ଦର୍ଶାଯାଇଛି । ମୁଖ୍ୟତଃ ବିଭିନ୍ନ ପରିକଳ୍ପନାର ଆଂଶିକ ଏବଂ ସମ୍ପୂର୍ଣ୍ଣ ସଂପାଦନ ନହେବା, ଉପଯୋଗ ପ୍ରମାଣପତ୍ର (ୟୁସି)କୁ ବିଳମ୍ବରେ ପଇଠ କରିବା ବା ପଇଠ ନକରିବା ପାଇଁ ସମର୍ପଣ ହୋଇଥିଲା, ଯାହା ଅନୁଚ୍ଛେଦ **2.2.14** ରୁ **2.2.17, 2.2.22, 2.2.23, 2.2.35, 2.2.37, 2.2.38, 2.2.45** ଏବଂ **2.2.46** ରେ ଆଲୋଚନା କରାଯାଇଛି ।

*ବଜେଟୀୟ ଆୟ/ବ୍ୟୟ ପ୍ରାପ୍ତ ନହେବା*

**2.2.10** ଓପିଡିସି ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟର ଉତ୍ପାଦକ ଏବଂ ପ୍ରାପ୍ତି ଭିତ୍ତିରେ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିଥିଲା । ନିମ୍ନଲିଖିତ ସାରଣୀରେ 2009-14 ମଧ୍ୟରେ ବଜେଟୀୟ ଆୟ ଏବଂ ବ୍ୟୟ ଏବଂ ତାହା ତୁଳନାରେ ପ୍ରାପ୍ତି ଦର୍ଶାଯାଇଛି ।

*(କୋଟି ଟଙ୍କାରେ)*

| ବର୍ଷ | ବଜେଟୀୟ ଆୟ | ବଜେଟୀୟ ବ୍ୟୟ | ବଳକା / (ନିଅଣ୍ଟ) | ପ୍ରକୃତ ଆୟ | ପ୍ରକୃତ ବ୍ୟୟ | ବଳକା / (ନିଅଣ୍ଟ) |
|---|---|---|---|---|---|---|
| 2009-10 | 56.89 | 56.02 | 0.87 | 63.61 | 63.73 | (-)0.12 |
| 2010-11 | 80.59 | 80.00 | 0.59 | 76.94 | 76.16 | 0.78 |
| 2011-12 | 93.62 | 92.41 | 1.21 | 74.88 | 74.82 | 0.06 |
| 2012-13 | 110.63 | 109.08 | 1.55 | 83.93 | 82.96 | 0.97 |
| 2013-14 | 124.24 | 122.46 | 1.78 | 82.23 | 81.94 | 0.29 |
| **ମୋଟ** | **465.97** | **459.97** | **6.00** | **381.59** | **379.61** | **1.98** |

*(ଉତ୍ସ: ଓପିଡିସିର ବଜେଟ୍)*

ପ୍ରକୃତ ଆୟ 2010 ପରଠାରୁ ବଜେଟୀୟ ସହିତ ମେଳ ନଥିଲା । 2009-14 ମଧ୍ୟରେ ବଜେଟୀୟ 465.97 କୋଟି ଟଙ୍କାର ଆୟ ଏବଂ 459.97 କୋଟି ଟଙ୍କାର ବ୍ୟୟ ତୁଳନାରେ ପ୍ରକୃତ ପ୍ରାପ୍ତି ଯଥାକ୍ରମେ 381.59 କୋଟି ଟଙ୍କା (82 ପ୍ରତିଶତ) ଏବଂ 379.61 କୋଟି ଟଙ୍କା (83 ପ୍ରତିଶତ) ଥିଲା । ହ୍ୟାଚେରୀଗୁଡ଼ିକର ଜାଲ ଉତ୍ପାଦନ ୟୁନିଟର ଏବଂ ଡିଜେଲ ବିକ୍ରୟ କେନ୍ଦ୍ରଗୁଡ଼ିକର ନିମ୍ନ କାର୍ଯ୍ୟ ସଂପାଦନ କମ୍‌ତିର କାରଣ ବୋଲି ଦର୍ଶାଯାଇଥିଲା ଯାହା ଅନୁଚ୍ଛେଦ **2.2.25, 2.2.47** ଏବଂ **2.2.48** ରେ ଆଲୋଚନା କରାଯାଇଅଛି ।

## କାର୍ଯ୍ୟକ୍ରମ ଏବଂ ପରିକଳ୍ପନାର କାର୍ଯ୍ୟାନ୍ୱୟନ

**2.2.11** ମତ୍ସ୍ୟ ସେକ୍ଟରକୁ ବିଶେଷତଃ ଭୂପୃଷ୍ଠ ଜଳାଶୟ ସେକ୍ଟର ଯାହା ମଧୁର ଜଳ ଏବଂ କ୍ଷାରୀୟ ଜଳ ମତ୍ସ୍ୟ ଚାଷକୁନେଇ ଗଠିତ ଏବଂ ସାମୁଦ୍ରିକ ସେକ୍ଟରରେ ଶ୍ରେଣୀ ବିଭାଗ କରାଯାଇଛି । ଏଫ୍‌ଏଆର୍‌ଡି, ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ/ ପରିକଳ୍ପନାକୁ (**ପରିଶିଷ୍ଟ 11**) ପୋଷଣୀୟ ମତ୍ସ୍ୟ ଉତ୍ପାଦନ ଏବଂ ଭିତ୍ତିଭୂମି ସୁଦୃଢ଼ କରି ମତ୍ସ୍ୟ ଧରା ସ୍ଥାନ ଏବଂ ବ୍ୟବସାୟକୁ ସୁନିଶ୍ଚିତ କରି ମତ୍ସ୍ୟଜୀବିମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ କରିବା ପାଇଁ କାର୍ଯ୍ୟକାରୀ କରିଥାଏ । ଓଡ଼ିଶାରେ ବିଗତ ପାଞ୍ଚ ବର୍ଷରେ ମତ୍ସ୍ୟ ଉତ୍ପାଦନ ନିମ୍ନରେ ପ୍ରଦାନ କରାଗଲା :

(ଏମ୍‌ଟିରେ)

| ବର୍ଷ | ଭୂପୃଷ୍ଠ ଜଳ | | | ସାମୁଦ୍ରିକ ଜଳ | | |
|---|---|---|---|---|---|---|
| | ସମ୍ଭାବ୍ୟତା | ପ୍ରକୃତ | ସଫଳତାର ପ୍ରତିଶତ | ସମ୍ଭାବ୍ୟତା | ପ୍ରକୃତ | ସଫଳତାର ପ୍ରତିଶତ |
| 2009-10 | 503945 | 241311 | 48 | 160931 | 129332 | 80 |
| 2010-11 | 505441 | 252706 | 50 | 160931 | 133479 | 83 |
| 2011-12 | 507638 | 267532 | 53 | 160931 | 114296 | 71 |
| 2012-13 | 511390 | 291832 | 57 | 160931 | 118311 | 73 |
| 2013-14 | 515440 | 285532 | 55 | 160931 | 120020 | 75 |
| **ମୋଟ** | | **1338913** | | | **615438** | |

*(ଉତ୍ସ: ଡିଓଏଫ୍ ଦ୍ୱାରା ପ୍ରଦତ୍ତ ବିବରଣୀରୁ)*

ଭୂପୃଷ୍ଠ ଜଳାଶୟ ସେକ୍ଟରରେ ମତ୍ସ୍ୟ ଉତ୍ପାଦନ ସମ୍ଭାବ୍ୟ 5.04 ରୁ 5.15 ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ 48 ରୁ 57 ପ୍ରତିଶତ ହୋଇଥିଲା ଏବଂ ସାମୁଦ୍ରିକ ବିଭାଗରୁ 2009-14 ମଧ୍ୟରେ 1.61 ଲକ୍ଷ ମେଟ୍ରିକ୍ ଟନ୍ ସ୍ଥଳେ 71 ରୁ 83 ପ୍ରତିଶତ ହୋଇଥିଲା । ସମୀକ୍ଷାରେ ଭୂପୃଷ୍ଠ ଏବଂ ସାମୁଦ୍ରିକ ସେକ୍ଟରରେ ଅନେକ ଅନିୟମିତତା ଦେଖାଯାଇଥିଲା ଯାହାକି ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

## ଭୂପୃଷ୍ଠ ଜଳାଶୟ ସେକ୍ଟର

### *ମଧୁର ଜଳ ମାଛ ଚାଷ*

**2.2.12** ମାର୍ଚ୍ଚ 2009 ସୁଦ୍ଧା ଓଡ଼ିଶାରେ 1.21 ଲକ୍ଷ ହେକ୍ଟରର ଗାଡ଼ିଆ ଓ ପୁଷ୍କରିଣୀ, 1.97 ଲକ୍ଷ ହେକ୍ଟରର ଜଳଭଣ୍ଡାର, 1.80 ଲକ୍ଷ ହେକ୍ଟରର ପାଟ ଏବଂ ଗହୀର ଏବଂ 1.71 ଲକ୍ଷ ହେକ୍ଟର ନଦୀ ଏବଂ କେନାଲକୁ ମିଶାଇ ମୋଟ 6.69 ଲକ୍ଷ ହେକ୍ଟର ମଧୁର ଜଳସମ୍ପଦ ଆକଳନ ହୋଇଛି । ରାଜ୍ୟରେ ସମ୍ଭାବ୍ୟ ମଧୁର ମାଛ ଉତ୍ପାଦନ ବର୍ଷକୁ 4.39 ଲକ୍ଷ ମେଟ୍ରିକ୍ ଟନ୍ ଅଟେ ।

ନଭେମ୍ବର 2009 ର ପରିପ୍ରେକ୍ଷଣ ଯୋଜନା 2010-20 ମଧ୍ୟରେ ମଧୁର ମାଛର ଉତ୍ପାଦନକୁ ଦୁଇଗୁଣା କରିବା ପାଇଁ ମଧୁର ମାଛ ଚାଷକୁ ବିସ୍ତୃତ କୃଷି ପ୍ରଣାଳୀ ଦ୍ୱାରା ହେକ୍ଟର ପ୍ରତି 1.76 ଏମଟିରୁ 3.00 ଏମ୍‌ଟି ଏବଂ ସହ ବିସ୍ତୃତ କୃଷି ପ୍ରଣାଳୀ ଦ୍ୱାରା 2.60 ଏମ୍‌ଟିରୁ 5 ଏମ୍‌ଟି, ଜଳ ଭଣ୍ଡାରରେ ହେକ୍ଟର ପ୍ରତି ହାରାହାରି 10 କିଗ୍ରା/80 କିଗ୍ରାର ଉତ୍ପାଦନରେ ବୃଦ୍ଧି, ବର୍ତ୍ତମାନର 335 ମିଲିଅନ୍ ଯାଆଁଳରୁ ଉନ୍ନତମାନର ମାଛ ବିହନ ଉତ୍ପାଦନରେ ବୃଦ୍ଧି କରି 947.5 ମିଲିଅନ ବଡ଼ ଯାଆଁଳ ଉତ୍ପାଦନ କରିବା ପାଇଁ ଲକ୍ଷ ରଖାଯାଇଥିଲା । ନିମ୍ନୋକ୍ତ ଅନୁଚ୍ଛେଦଗୁଡ଼ିକରେ ମଧୁର ଜଳ ମାଛ ଚାଷରେ ପରିଲକ୍ଷିତ ଅଭାବଗୁଡ଼ିକ ଆଲୋଚନା କରାଯାଇଛି ।

### *ମଧୁର ଜଳ ମାଛ ଚାଷର ଉନ୍ନତୀକରଣ*

**2.2.13** 2009 ମାର୍ଚ୍ଚ ସୁଦ୍ଧା ଲଭ୍ୟ 1.21 ଲକ୍ଷ ହେକ୍ଟର ଗାଡ଼ିଆ ଓ ପୁଷ୍କରିଣୀ ମଧ୍ୟରୁ 0.80 ଲକ୍ଷ ହେକ୍ଟର ମାତ୍ର ଉପଯୋଗ କରାଯାଇଥିଲା । ପରିପ୍ରେକ୍ଷଣ ଯୋଜନା ଅନୁସାରେ 2013-14 ସୁଦ୍ଧା 1.39 ଲକ୍ଷ[43] ହେକ୍ଟରର ଜଳ ସମ୍ପଦ ମାଛ ଚାଷ ପାଇଁ ଲଭ୍ୟ ଥିବାବେଳେ 1.12 ଲକ୍ଷ[44] ହେକ୍ଟର ମତ୍ସ୍ୟଚାଷ ପାଇଁ ଉପଯୋଗ ହୋଇଥିଲା, ଯେଉଁଥିରେ 2010-14 ମଧ୍ୟରେ ବର୍ଷକୁ 3,500 ହେକ୍ଟର ସହ 8,000 ହେକ୍ଟର ଜଳାଶୟ କ୍ଷେତ୍ରର ଉନ୍ନତିକରଣ କରାଯାଇଥିଲା । ବିଭିନ୍ନ ପରିକଳ୍ପନା ଅନୁସାରେ ଜଳାଶୟ କ୍ଷେତ୍ରର ଯୋଜନା ମୁତାବକ ଉନ୍ନତିକରଣ ତୁଳନାରେ ଲକ୍ଷ୍ୟ ସାଧନ ନିମ୍ନରେ ବିସ୍ତୃତ ଭାବେ ଦିଆଗଲା:

[43] 1.21 ଲକ୍ଷ ହେକ୍ଟର ଯୁକ୍ତ ବାର୍ଷିକ 4,500 ହେକ୍ଟର ହିସାବରେ ଚାରି ବର୍ଷରେ ଖନନ

[44] 0.80 ଲକ୍ଷ ହେକ୍ଟର ଯୁକ୍ତ ବାର୍ଷିକ 8,000 ହେକ୍ଟର ହିସାବରେ ଚାରି ବର୍ଷରେ ବିକାଶ

**(ହେକ୍ଟରରେ)**

| ଅବଧି | ବିକାଶ ପାଇଁ ଲକ୍ଷ୍ୟ | | ପିପି ତୁଳନାରେ ଏଏପି ଲକ୍ଷ୍ୟର ପ୍ରତିଶତ | ପ୍ରାପ୍ତ ବିକାଶ | ଏଏପି ତୁଳନାରେ ସ୍ୱାପ୍ତିର ପ୍ରତିଶତ | ଉପଲବ୍ଧ ଜଳକ୍ଷେତ୍ର | ମତ୍ସ୍ୟଚାଷ ପାଇଁ ବ୍ୟବହୃତ ଜଳକ୍ଷେତ୍ର | ବ୍ୟବହୃତ ପ୍ରତିଶତ |
|---|---|---|---|---|---|---|---|---|
| | ପିପି ଅନୁଯାୟୀ | ଏଏପି ଅନୁଯାୟୀ | | | | | | |
| **1** | **2** | **3** | **4** | **5** | **6** | **7** | **8** | **9** |
| 2009-10 | -- | 1500 | -- | 820.33 | 55 | 121841.72 | 77116.73 | 63 |
| 2010-11 | 8000 | 7440 | 7 | 754.18 | 10 | 122536.84 | 76346.32 | 62 |
| 2011-12 | 8000 | 3702 | 54 | 875.24 | 24 | 123384.96 | 81395.44 | 66 |
| 2012-13 | 8000 | 3595 | 55 | 958.66 | 27 | 124306.28 | 74797.63 | 60 |
| 2013-14 | 8000 | 4070 | 49 | 1441.17 | 35 | 125665.92 | 72317.39 | 58 |

***(ଉତ୍ସ: ଡିଓଏଫ୍ ଦ୍ୱାରା ପ୍ରଦତ୍ତ ଲକ୍ଷ୍ୟ ଏବଂ ପ୍ରାପ୍ତି ଏବଂ ପରିପ୍ରେକ୍ଷଣ ଯୋଜନା)***

ଉପରୋକ୍ତ ସାରଣୀରୁ ସମୀକ୍ଷାରେ ଦେଖାଗଲା ଯେ:

- ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ରେ 2010-14 ମଧ୍ୟରେ ଗଡ଼ିଆ ଏବଂ ପୁଷ୍କରିଣୀର ବିକାଶ ପାଇଁ 18,807 ହେକ୍ଟର ଧାର୍ଯ୍ୟ କରାଯାଇଥିଲା ଯାହା ପରିପ୍ରେକ୍ଷଣ ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟର (32,800 ହେକ୍ଟର) 7 ରୁ 55 ପ୍ରତିଶତ ଥିଲା । ଯଦିଓ ବାର୍ଷିକ କାର୍ଯ୍ୟ ଯୋଜନାର ପରିପ୍ରେକ୍ଷଣ ଯୋଜନା ଧାର୍ଯ୍ୟ ଠାରୁ କମ୍ ଥିଲା । ପ୍ରାପ୍ତି ମଧ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ର ଧାର୍ଯ୍ୟ ତୁଳନାରେ 10 ରୁ 35 ପ୍ରତିଶତ କମ୍ ରହିଥିଲା ।

- ବିଳମ୍ବରେ ପ୍ରକଳ୍ପ କାର୍ଯ୍ୟନିର୍ବାହ, ବିଳମ୍ବରେ ଉପଯୋଗ ପ୍ରମାଣପତ୍ରର ପଇଠ ଏବଂ ଅଯୋଗ୍ୟ ମତ୍ସ୍ୟଜୀବିଙ୍କୁ ପାଣ୍ଠି ପ୍ରଦାନ ଯୋଗୁଁ ଏଫ୍ଏଆର୍‌ଡି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜଳାଶୟ କ୍ଷେତ୍ର ବିକାଶ କରିବାରେ ବିଫଳ ହୋଇଥିଲା, ଯାହାଫଳରେ ବିଭିନ୍ନ ପରିକଳ୍ପନାରେ ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ମଞ୍ଜୁର ହୋଇ ନଥିଲା, ଯାହା ଅନୁଚ୍ଛେଦ **2.2.14** ରୁ **2.2.17** ରେ ଆଲୋଚନା କରାଯାଇଛି ।

- ଯଦିଓ ମଧୁର ଜଳ ଉତ୍ସ ଓଡ଼ିଶାରେ 2009-10 ରେ ଥିବା 1.22 ଲକ୍ଷ ହେକ୍ଟରରୁ 2013-14 ରେ 1.26 ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଥିଲା, ଲଭ୍ୟ ସମୁଦାୟ ମତ୍ସ୍ୟ ଚାଷ କ୍ଷେତ୍ର 2011-12 ରେ 0.81 ଲକ୍ଷ ହେକ୍ଟରକୁ ବୃଦ୍ଧି ହେବା ବ୍ୟତୀତ 0.77 ଲକ୍ଷ ହେକ୍ଟର (63 ପ୍ରତିଶତ) ରୁ 0.72 ଲକ୍ଷ ହେକ୍ଟର (58 ପ୍ରତିଶତ) କୁ କମି ଯାଇଥିଲା । ଚାଷ କ୍ଷେତ୍ର କମିବାର କାରଣ ରେକର୍ଡ ଭୁକ୍ତ ହୋଇନଥିଲା ବା ଏଫ୍ଏଆରଡି ଦ୍ୱାରା ବିଶ୍ଳେଷଣ କରାଯାଇ ନଥିଲା ।

ତଥ୍ୟକୁ ଗ୍ରହଣ କରି ସରକାର କହିଲେ ଯେ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ଏବଂ ଲଭ୍ୟ ସଂପଦର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଉଛି ।

### *ଏଫ୍ଏଫ୍‌ଡିଏ ଅଧୀନରେ ଧାର୍ଯ୍ୟ ଜଳକ୍ଷେତ୍ରର ପ୍ରାପ୍ତ ନ ହେବା*

**2.2.14** ଭାରତ ସରକାର ଏବଂ ଓଡ଼ିଶା ସରକାର ମତ୍ସ୍ୟ ଚାଷୀ ବିକାଶ ସଂସ୍ଥା (ଏଫ୍ଏଫ୍‌ଡିଏ) ମାଧ୍ୟମରେ 75:25 ଅଂଶ ଭିତ୍ତିରେ ମଧୁର ଜଳ ମତ୍ସ୍ୟ ଚାଷ ପାଇଁ ଗଡ଼ିଆ ଏବଂ ପୁଷ୍କରିଣୀର ବିକାଶ ପାଇଁ ସବ୍‌ସିଡି ପ୍ରଦାନ କରୁଥିଲେ ।

ସମୀକ୍ଷାରୁ ଦେଖାଗଲା ଯେ 6250 ହେକ୍ଟର ଧାର୍ଯ୍ୟ ଜଳକ୍ଷେତ୍ରର ବିକାଶ ପାଇଁ ବଜେଟୀୟ ସବ୍‌ସିଡି ପ୍ରୋତ୍ସାହନ 34.02 କୋଟି ଟଙ୍କାରୁ ଏଫ୍ଏଆର୍‌ଡି 2009-14 ମଧ୍ୟରେ ଭାରତ ସରକାର/ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରୁ (ପ୍ରଥମ କିସ୍ତି) ମାତ୍ର 9.89 କୋଟି ଟଙ୍କା (29.07 ପ୍ରତିଶତ) ଖର୍ଚ୍ଚ କରି 3,204.70 ହେକ୍ଟର ଗଣ୍ଡ ଏବଂ ପୁଷ୍କରିଣୀ ଖନନ ଏବଂ ନବୀକରଣରେ ଖର୍ଚ୍ଚ କରିପାରିଥିଲା । ପ୍ରାପ୍ତିରେ କମ୍‌ତି ମୁଖ୍ୟତଃ ଭାରତ ସରକାରଙ୍କ ଦ୍ୱାରା ପରବର୍ତ୍ତୀ କିସ୍ତି ନଦେବା (24.13 କୋଟି ଟଙ୍କା), ଯାହାକି ଏଫ୍ଆରଡି ଦ୍ୱାରା ଉପଯୋଗ ପ୍ରମାଣ ପତ୍ର ବିଳମ୍ବରେ

ପଇଠ ପାଇଁ ହୋଇଥିଲା । ପୁନଶ୍ଚ, ମତ୍ସ୍ୟ ଉତ୍ପାଦନରେ ଧାର୍ଯ୍ୟ ଲକ୍ଷ୍ୟ 2012-13 ବ୍ୟତୀତ ସମାନୁପାତିକ ଭାବେ 2009-14 ରେ ଜଳକ୍ଷେତ୍ରର ବୃଦ୍ଧି ସତ୍ତ୍ୱେ ସଂଶୋଧିତ ହୋଇ ନଥିଲା ।

ତଥ୍ୟକୁ ସ୍ୱୀକାର କରି ସରକାର କହିଲେ ଯେ ସୀମିତ କର୍ମଚାରୀଙ୍କୁ ନେଇ ଲକ୍ଷ୍ୟ ହାସଲ ନିମନ୍ତେ ଏକ ସତନ୍ତ୍ର ଯୋଜନା ପ୍ରଣୟନ କରାଯାଉଛି ।

*ଏନ୍ଏଫ୍‌ଡିବି ଅଧିନରେ ଜଳ କ୍ଷେତ୍ରର ସ୍ୱଳ୍ପ ବିକାଶ*

**2.2.15** ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନ୍ଏଫ୍‌ଡିବି) ଗଡ଼ିଆ ଏବଂ ପୁଷ୍କରିଣୀରେ ମଧୁର ଜଳ ମତ୍ସ୍ୟ ଚାଷର ବିକାଶ ପାଇଁ 2010-11 ଠାରୁ ହେକ୍ଟର ପିଛା 20/25[45] ପ୍ରତିଶତ ସବ୍‌ସିଡି ମତ୍ସ୍ୟଚାଷୀମାନଙ୍କୁ ପ୍ରଦାନ କରୁଥିଲା । ଏନ୍ଏଫ୍‌ଡିବିର ଦିଶାଦର୍ଶୀକା ଅନୁସାରେ ଏଫ୍ଏଆରଡି ବ୍ୟାଙ୍କ୍‌ମାନଙ୍କଠାରୁ ଚାଷୀମାନଙ୍କୁ ଋଣ ପ୍ରଦାନ/ ଚାଷୀମାନଙ୍କଠାରୁ ନିଜସ୍ୱ ସମ୍ବଳର ଘୋଷଣା ପତ୍ର ପ୍ରାପ୍ତ ପରେ ଦରଖାସ୍ତକାରୀଙ୍କୁ ସବ୍‌ସିଡି ପ୍ରଦାନ ପାଇଁ ଏନ୍ଏଫ୍‌ଡିବିକୁ ପ୍ରସ୍ତାବ ପଠାଉ ଥିଲା ।

**ଏନ୍ଏଫ୍‌ଡିବି ଅଧିନରେ କମ୍ ଜଳକ୍ଷେତ୍ର ବିକାଶ ଯୋଗୁଁ 9.34 କୋଟି ଟଙ୍କାର ସବ୍‌ସିଡି ଲଭ୍ୟ ନହେବା ସହିତ 10,646.20 ଏମ୍‌ଟିର ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନରେ କ୍ଷତି ହେଲା ।**

ସମୀକ୍ଷାରୁ ଦେଖାଗଲା ଯେ, ଏନ୍ଏଫ୍‌ଡିବି ଅଧିନରେ ପୁଷ୍କରିଣୀ ଏବଂ ଗଡ଼ିଆରେ 1,600 ହେକ୍ଟର ଜଳକ୍ଷେତ୍ରରେ ସଘନ ମତ୍ସ୍ୟ ଚାଷର ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ 2010-14 ମଧ୍ୟରେ ବାସ୍ତବ ସିଦ୍ଧି 387.69 ହେକ୍ଟର (24.23 ପ୍ରତିଶତ) ଥିଲା । ଧାର୍ଯ୍ୟ ପୂରଣ ନହେବାର ମୁଖ୍ୟ କାରଣ ଥିଲା ହିତାଧିକାରୀଙ୍କ ତଥ୍ୟ ପଇଠ ନକରିବା, ଅନୁପଯୁକ୍ତ ଚାଷୀଙ୍କୁ ପାଣ୍ଠି ପ୍ରଦାନ ଏବଂ ବିଳମ୍ବିତ ଭାବେ ଉପଯୋଗ ପ୍ରମାଣ ପତ୍ର ପଇଠ କରିବା । ଏଥିପାଇଁ ଏଫ୍ଏଆରଡି 9.34 କୋଟି ଟଙ୍କାର ସବ୍‌ସିଡି ପାଇପାରି ନଥିଲା ଯାହା 2010-14 ମଧ୍ୟରେ 1,212.31ହେକ୍ଟର ଜଳକ୍ଷେତ୍ର ବିକାଶ ପାଇଁ ମତ୍ସ୍ୟ ଚାଷୀଙ୍କୁ ପ୍ରଦାନ କରିପାରିଥାନ୍ତା । ଯାହାଫଳରେ 2011-14 ମଧ୍ୟରେ 92.65 କୋଟି ଟଙ୍କାର 10,646.20 ମେଟ୍ରିକ୍ ଟନ୍ ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନ କ୍ଷତି ହୋଇଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ, ହିତାଧିକାରୀଙ୍କ ତଥ୍ୟ ଅଗ୍ରିମ ଭାବେ ପ୍ରସ୍ତୁତ କରାଯାଇ ଅଧିକ ଜଳକ୍ଷେତ୍ରର ବିକାଶ ପାଇଁ ପାଣ୍ଠି ଯୋଗାଣ ପାଇଁ ଏନ୍ଏଫ୍‌ଡିବିକୁ ପ୍ରେରଣ କରାଯିବ ।

*ଏନ୍ଏମ୍‌ପିଏସ୍ ଅଧିନରେ ଧାର୍ଯ୍ୟ ଜଳକ୍ଷେତ୍ର ବିକାଶରେ କମ୍‌ତି*

**2.2.16** ଭାରତ ସରକାର ମତ୍ସ୍ୟ ସଂପଦର ବିକାଶ ପାଇଁ ଜଳାଶୟ ମତ୍ସ୍ୟ ବିକାଶ ଏବଂ ଗଡିଆ ଏବଂ ପୁଷ୍କରିଣୀରେ ସଘନ ମତ୍ସ୍ୟ ଚାଷ କରିବା ପାଇଁ ଏକ ଜାତୀୟ ପୁଷ୍ଟି ପରିପୂରକ ମିଶନ (ଏନ୍ଏମ୍‌ପିଏସ୍) ପ୍ରବର୍ତ୍ତନ (2011-12) କରିଥିଲେ । ପରିକଳ୍ପନାର ପ୍ରାବଧାନ ଅନୁସାରେ ବାର୍ଷିକ 500 ହେକ୍ଟର ଜଳ କ୍ଷେତ୍ରକୁ ବିକଶିତ କରାଯିବ ଯେଉଁଥିରେ ହେକ୍ଟର ପିଛା ୟୁନିଟ୍ ମୂଲ୍ୟର (4 ଲକ୍ଷ ଟଙ୍କା) 40 ପ୍ରତିଶତ ସବସିଡ଼ି ଚାଷୀମାନଙ୍କୁ ପ୍ରଦାନ କରାଯିବ, ଯିଏ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ କରିବା ପାଇଁ କ୍ଷମତା ବୃଦ୍ଧି ମାଧ୍ୟମରେ ପ୍ରଶିକ୍ଷଣ ପାଇଥିବେ । ପ୍ରତି ହେକ୍ଟର ପିଛା ହାରାହାରି 5 ମେଟ୍ରିକ୍ ଟନ ଉତ୍ପାଦିକା ପାଇଁ ଆଶା କରାଯାଇଥିଲା । 2011-14 ମଧ୍ୟରେ ବର୍ଷଓ୍ୱାରୀ ବିକଶିତ କ୍ଷେତ୍ରର ଧାର୍ଯ୍ୟ ଲକ୍ଷ୍ୟ ଏବଂ ପ୍ରାପ୍ତି ସହିତ ପାଣ୍ଠିର ବିନିଯୋଗ ନିମ୍ନୋକ୍ତ ସାରଣୀରେ ପ୍ରଦାନ କରାଗଲା ।

| ବର୍ଷ | ପ୍ରାପ୍ତ ପାଣ୍ଠି (କୋଟି ଟଙ୍କାରେ) | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ପ୍ରାପ୍ତି (ହେକ୍ଟରରେ) | ପ୍ରାପ୍ତିର ପ୍ରତିଶତ | କମ୍‌ତି (ହେକ୍ଟରରେ) | ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନରେ କ୍ଷତି (ଏମ୍‌ଟିରେ) | ରାଜସ୍ୱ କ୍ଷତି (କୋଟି ଟଙ୍କାରେ) |
|---|---|---|---|---|---|---|---|
| 2011-12 | 5.70 | 380 | 63.64 | 16.75 | 316.36 | * | * |
| 2012-13 | 5.84 | 475 | 203.37 | 42.81 | 271.63 | 1581.80 | 14.24 |
| 2013-14 | -- | 700 | 401.32 | 57.33 | 298.68 | 2939.95 | 26.46 |
| ମୋଟ | **11.54** | **1555.00** | **668.33** | **42.98** | **886.67** | **4521.75** | **40.70** |

***(ଉତ୍ସ: ଡିଓଏଫ୍ ପ୍ରଦତ୍ତ ଧାର୍ଯ୍ୟ ଲକ୍ଷ୍ୟ ଏବଂ ପ୍ରାପ୍ତି)***

45 ସମସ୍ତ ଚାଷୀଙ୍କ ପାଇଁ 20 ପ୍ରତିଶତ ଏବଂ ଏସ୍‌ସି /ଏସ୍‌ଟି ଏବଂ ଏନ୍ଇ ରାଜ୍ୟ ଚାଷୀଙ୍କ ପାଇଁ 25 ପ୍ରତିଶତ

* ଏହି ବର୍ଷ ବିକଶିତ ହୋଇଥିବା କ୍ଷେତ୍ର ପରବର୍ତ୍ତୀ ବର୍ଷରେ ମତ୍ସ୍ୟ ଉତ୍ପାଦନ କରିବ

**ଏନ୍‌ଏମ୍‌ପିଏସ୍ ଅଧିନରେ ଧାର୍ଯ୍ୟ ଜଳକ୍ଷେତ୍ର ବିକାଶରେ ସ୍ୱଳ୍ପତା ଯୋଗୁଁ ଆଠ କୋଟି ଟଙ୍କାର ସିଏଫ୍‌ଏ ଲଭ୍ୟ ହୋଇନଥିଲା ।**

2011-14 ମଧ୍ୟରେ ଧାର୍ଯ୍ୟ 1,555 ହେକ୍ଟର ବିକାଶ ତୁଳନାରେ ବାସ୍ତବ ପ୍ରାପ୍ତି 668.33 ହେକ୍ଟର (43 ପ୍ରତିଶତ) ଥିଲା । ସ୍ୱଳ୍ପ ସଂପାଦନାର କାରଣ ଥିଲା ମୁଖ୍ୟତଃ ପାଣ୍ଠି ପ୍ରାପ୍ତ କରିବା ପାଇଁ ବ୍ୟାଙ୍କକୁ ସ୍ୱଳ୍ପ ଅନୁମୋଦନ ପଠାଇବା ବା ନ ପଠାଇବା, ଲଭ୍ୟ ପାଣ୍ଠିର ବିଳମ୍ବିତ ଉପଯୋଗ (7.64 କୋଟି ଟଙ୍କା ମାର୍ଚ୍ଚ 2013 ସୁଦ୍ଧା ) ଏବଂ ଉପଯୋଗ ପ୍ରମାଣ ପତ୍ର ପଇଠ ନ କରିବା । ଫଳତଃ ଏଫଏଆରଡି 2013-14 ରେ ମତ୍ସ୍ୟଚାଷୀଙ୍କୁ ପ୍ରଦାନ କରିବା ପାଇଁ 8 କୋଟି ଟଙ୍କାର କେନ୍ଦ୍ରୀୟ ବିତ୍ତୀୟ ସହାୟତା (ସିଏଫ୍‌ଏ) ପାଇବାରେ ବିଫଳ ହୋଇଥିଲା । ଧାର୍ଯ୍ୟ କରାଯାଇଥିବା ବିକଶିତ କ୍ଷେତ୍ରର ସ୍ୱଳ୍ପତା ପାଇଁ 4522 ମେଟ୍ରିକ୍ ଟନ୍ ମତ୍ସ୍ୟ ଉତ୍ପାଦନ କମ୍ ହେବା ସହ 40.70 କୋଟି ଟଙ୍କା ସମ୍ଭାବ୍ୟ କ୍ଷତି ଘଟିଥିଲା ।

ସରକାର କହିଲେ ଯେ ଏହି ବିଷୟ ବର୍ତ୍ତମାନ ସଠିକ୍ ହୋଇପାରିଛି ଏବଂ ଭବିଷ୍ୟତରେ ଯତ୍ନ ନିଆଯିବ ।

### *ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଦୁର୍ବଳ ସଂପାଦନ*

**2.2.17** ଓଡ଼ିଶା ସରକାର (ଜାନୁଆରୀ 2010) ରେ ଏଫ୍‌ଏଆରଡି ମାଧ୍ୟମରେ ମତ୍ସ୍ୟ ଚାଷ ଜନିତ କ୍ରିୟାକଳାପ ପାଇଁ ପ୍ରତିବ୍ଲକରେ ହରିଜନ/ଆଦିବାସୀ/କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ଜମିରେ 0.20 ହେକ୍ଟର ପରିମିତ ଜାଗାରେ 50[46] ଟି ବହୁମୁଖୀ ମତ୍ସ୍ୟ ଚାଷ ପୋଖରୀ ଖନନ କରି ଗ୍ରାମୀଣ ଲୋକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ପରିକଳ୍ପନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସଂପାଦନା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲା । ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଡିପିସିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ହିତାଧିକାରୀ ଚିହ୍ନଟ ହୋଇ 1.50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିତ୍ତୀୟ ଅନୁଦାନ ପ୍ରଦାନ କରିବାର ଥିଲା ।

ସମୀକ୍ଷାରେ ଦେଖାଗଲା ଯେ:

- 2010-14 ମଧ୍ୟରେ 7850 ହେକ୍ଟର ପରିମିତ ଜାଗାରେ 39,250 ଟି ପୋଖରୀ ବିକାଶ ପାଇଁ ଆନୁମାନିକ 375.61 କୋଟି ଟଙ୍କା ପାଇଁ 33,211 ହିତାଧିକାରୀ ଚିହ୍ନଟ କରାଯାଇଥିଲା । ସେଥିରେ 2011-14 ରେ 23 ଟି ବ୍ଲକରେ ହିତାଧିକାରୀ ଚିହ୍ନଟ ହୋଇପାରି ନ ଥିବାରୁ 6,039 ଟି କମ୍ ରହିଥିଲା । ଚିହ୍ନଟ ହୋଇଥିବା ହିତାଧିକାରୀ ମଧ୍ୟରୁ 26,088 ଟି ଅନୁମୋଦନ ଲାଭ କରିଥିଲା ଏବଂ 7123 ଜଣ ବିଭିନ୍ନ ଆବଶ୍ୟକ ମାନଦଣ୍ଡ ପୂରଣ ନ କରିବା ହେତୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ନାକଚ ହୋଇଥିଲା ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ର ଦୁର୍ବଳ କାର୍ଯ୍ୟାନ୍ୱୟନ ଯୋଗୁଁ ପୁଷ୍କରିଣୀ ଖନନ କାର୍ଯ୍ୟର ମାତ୍ର 16.86 ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିଲା ।**

- ଅନୁମୋଦିତ 26,088 ହିତାଧିକାରୀ ମଧ୍ୟରୁ 17,482 ଜଣଙ୍କୁ କାର୍ଯ୍ୟାଦେଶ ଜାରି କରାଯାଇଥିଲା ଏବଂ ବାକି ଦରଖାସ୍ତ ଏଫ୍‌ଏଆରଡି ନିକଟରେ ପଡ଼ି ରହିଥିଲା । କାର୍ଯ୍ୟାଦେଶ ଜାରି କରାଯାଇଥିବା କାର୍ଯ୍ୟ ମଧ୍ୟରୁ 589 ହେକ୍ଟର ଜଳକ୍ଷେତ୍ର ପରିମିତ (7.50 ପ୍ରତିଶତ) 2947 ଟି ପୋଖରୀ ସଂପୂର୍ଣ୍ଣ ହୋଇ ପାରିଥିଲା (16.86 ପ୍ରତିଶତ), 14535 ଟି କାର୍ଯ୍ୟ ହିତାଧିକାରୀ ଚିହ୍ନଟରେ ବିଳମ୍ବ, ଶ୍ରମଜୀବିଙ୍କ ଅଭାବ ଏବଂ କାର୍ଯ୍ୟ ପରିମାଣ ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ନିଯୁକ୍ତି ନହେବା ଯୋଗୁଁ ଆରମ୍ଭ ହୋଇନଥିଲା କିମ୍ବା ଚାଲୁରହିଥିଲା । ଯଦ୍ୱାରା 2010-14 ମଧ୍ୟରେ ଏଫ୍‌ଆରଡି ଆନୁମାନିକ ମୂଲ୍ୟ 375.61 କୋଟି ଟଙ୍କାରୁ କେବଳ 46.60 କୋଟି ଟଙ୍କା (12.41 ପ୍ରତିଶତ) ଉପଯୋଗ ହୋଇପାରିଥିଲା ।

ତେଣୁ ଦୁର୍ବଳ ସଂପାଦନ ହେତୁ ପରିକଳ୍ପନାର ଉଦ୍ଦିଷ୍ଟ ଲାଭ ଗ୍ରାମୀଣ ଲୋକଙ୍କୁ ପ୍ରଦାନ କରାଯାଇ ପାରିନଥିଲା ।

---

[46] 2012-13 ଠାରୁ 25 କୁ ହ୍ରାସ

ତଥ୍ୟକୁ ମାନ୍ୟ କରି ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ ଭବିଷ୍ୟତରେ ଅଧିକ ହିତାଧିକାରୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯିବ ।

### *ମତ୍ସ୍ୟ ଫାର୍ମର ଉପଯୋଗ*

**2.2.18** ମତ୍ସ୍ୟ ନିର୍ଦ୍ଦେଶକଙ୍କ ଅଧିନରେ ସମୁଦାୟ 692 ହେକ୍ଟର ଏବଂ 328 ହେକ୍ଟର ଜଳକ୍ଷେତ୍ର ପରିମିତ 106[47] ଟି ମତ୍ସ୍ୟ ଫାର୍ମ (ଏଫ୍‌ଏଫ୍) ରହିଛି । ମତ୍ସ୍ୟ ନିର୍ଦ୍ଦେଶକଙ୍କ ମାନକ ଅନୁସାରେ ପ୍ରତି ହେକ୍ଟର ଜଳକ୍ଷେତ୍ର ପିଛା 22.50 ଲକ୍ଷ ଯାଆଁଳ ସୃଷ୍ଟି ପାଇଁ 75 ଲକ୍ଷ ମାଛ ଡିମ୍ବ ଚାଷ କରିବାର ଥିଲା ।

ସମୀକ୍ଷାରୁ ଦେଖାଗଲା ଯେ 2009-14 ମଧ୍ୟରେ ଆଠୋଟି ନମୁନା ଯାଞ୍ଚ୍ ଜିଲ୍ଲାରେ 103 ହେକ୍ଟର ଜଳକ୍ଷେତ୍ର ପରିମିତ 45 ଟି ଏଫ୍‌ଏଫ୍‌ରେ ଦୁର୍ବଳ ପୋଖରୀ ପରିଚାଳନା ଏବଂ ଦଳ ପର୍ଯ୍ୟାକ୍ରମଣ ହେତୁ 37.47 ହେକ୍ଟରରୁ 46.80 ହେକ୍ଟର ପରିମିତ କ୍ଷେତ୍ର ଉପଯୋଗ ହୋଇ ପାରିନଥିଲା । ଏହାଦ୍ୱାରା 47.88 କୋଟି ମାଛ ଜାଆଁଳ ଉତ୍ପାଦନ ନ ହୋଇ ପାରିବା ହେତୁ 3.17 କୋଟି ଟଙ୍କା କ୍ଷତି ହୋଇଥିଲା । ଆଠଟି ନମୁନା ଯାଞ୍ଚ୍ ଜିଲ୍ଲାରୁ 4[48]ଟି ଜିଲ୍ଲାରେ ଜଳକ୍ଷେତ୍ର ଅନଧିକାର ଅଧିକୃତ ହୋଇଥିଲା ଯାହା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ବାର୍ଷିକ ଅବଲୋକନ ସମ୍ମେଳନରେ ଆଲୋଚନା ହୋଇନଥିଲା । ପୁନଶ୍ଚ, ସ୍ୱର୍ଣ୍ଣ ଜୟନ୍ତି ଗ୍ରାମ ସ୍ୱରୋଜଗାର ଯୋଜନା(ଏସ୍‌ଜିଏସ୍‌ୱାଇ) ଅଧିନରେ ଯଦିଓ ଆଠଟି ଜିଲ୍ଲାରେ 12 ଟି କ୍ଷେତ୍ରକୁ ଭିତ୍ତିଭୂମିର ବିକାଶ ପାଇଁ 2.23 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଖନନ/ ପୁନଃ ନବୀକରଣ କ୍ଷେତ୍ରର ବିବରଣ ମିଳିନଥିଲା/ରଖାଯାଉନଥିଲା ।



ଦିଘି ରାହାଣିଆ ଏଫ୍‌ଏଫ୍ ବାଲେଶ୍ୱରରେ ଦଳ ପର୍ଯ୍ୟାକ୍ରମଣ

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ମାଛ ଡିମ୍ବ ଚାଷ କରିବା ପାଇଁ ଅଧିକୃତ ଜଳକ୍ଷେତ୍ର ସୃଷ୍ଟି କରିବା ଦିଗରେ ପଦକ୍ଷେପ ନିଆଯିବ

### *ଆରକେଭିୱାଇ ମାଧ୍ୟମରେ ମତ୍ସ୍ୟ ଫାର୍ମର ଉନ୍ନୟନ ଏବଂ ଆଧୁନିକୀକରଣ*

**2.2.19** ଭାରତ ସରକାର 2007-08 ରୁ କୃଷି ଏବଂ ଅନ୍ୟାନ୍ୟ ବିଭାଗ ସହିତ ମତ୍ସ୍ୟ ସେକ୍ଟରର ସାମୁହିକ ବିକାଶ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ପ୍ରଣୟନ କରିଥିଲେ । ନିୟମାନୁସାରେ ଆରକେଭିୱାଇ ଏକ ରାଜ୍ୟ ଯୋଜନା ପରିକଳ୍ପନା ଯେଉଁଥିରେ ରାଜ୍ୟକୁ ଭାରତ ସରକାରଙ୍କ ଦ୍ୱାରା ଅନୁଦାନ ବାବଦରେ ଶତ ପ୍ରତିଶତ ପାଣ୍ଠି ପ୍ରଦାନ କରାଯାଇଥାଏ ।

ବାର୍ଷିକ 140 ଲକ୍ଷ ଛୋଟ ମାଛ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶା ସରକାର ଅକ୍ଟୋବର 2008 ର ଆରକେଭିୱାଇ ଅଧିନରେ 23 ହେକ୍ଟର ପରିମିତ ଜଳକ୍ଷେତ୍ର ସମେତ ମତ୍ସ୍ୟ ଡିମ୍ବ ଫାର୍ମର ଉନ୍ନୟନ ଏବଂ ଆଧୁନିକୀକରଣ, ଦୁଇଟି ମାଗୁର ମାଛ ଚାଷ କ୍ଷେତ୍ର, ଆଠଟି ମାଛ କ୍ଷେତ୍ରର ବିଦ୍ୟୁତକରଣ/ ଜଳ ଯୋଗାଣ, ପ୍ରାଚୀର ନିର୍ମାଣ ପାଇଁ 1.96 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହି କାର୍ଯ୍ୟ ମଧ୍ୟରୁ ଓପିଡିସି(ନଭେମ୍ବର 2008) ରେ 10 ହେକ୍ଟର ପରିମିତ ଦୁଇଟି ମାଛ ଚାଷ କ୍ଷେତ୍ରର ବିକାଶ ନ୍ୟସ୍ତ କରାଯାଇଥିଲା, ଯେଉଁଥିରେ ଗୋଟିଏ 84.29 ଲକ୍ଷ ଟଙ୍କା ମୂଲ୍ୟର ମାଗୁର ମାଛ ଚାଷ କ୍ଷେତ୍ରର ବିକାଶ ଅନ୍ତର୍ଭୁକ୍ତ ଥିଲା ।

---

[47] ଓପିଡିସି କୁ ହସ୍ତାନ୍ତର ହୋଇଥିବା 22 ଟି ଏବଂ ଘରୋଇ ସଂସ୍ଥାକୁ ଲିଜ୍‌ରେ ଦିଆଯାଇଥିବା 57 ଟି ଏଫ୍‌ଏଫ୍ ଅନ୍ତର୍ଭୁକ୍ତ

[48] ଭଦ୍ରକ, ଦେବଗଡ଼, ଜଗତସିଂହପୁର ଏବଂ ସମ୍ବଲପୁର


ଚିପିଲିମାଠାରେ ଅସଂପୂର୍ଣ୍ଣ ମାଗୁର ହ୍ୟାଚେରୀ

ଓପିଡିସି ମଇ 2009 ରେ ଚିପିଲିମା ଠାରେ ଗାଡିଆର ବିକାଶ, ବିଦ୍ୟୁତକରଣ/ ପ୍ରାଚୀର ନିର୍ମାଣ (20.82 ଲକ୍ଷ ଟଙ୍କା) ଏବଂ ମାଗୁର ମାଛ ଚାଷ କ୍ଷେତ୍ର (32.93 ଲକ୍ଷ ଟଙ୍କା) ପାଇଁ ଏକ ଠିକାଦାରକୁ 53.75 ଲକ୍ଷ ଟଙ୍କାର କାର୍ଯ୍ୟ ପ୍ରଦାନ କରିଥିଲା, ଯାହା 90 ଦିନ ମଧ୍ୟରେ ସମାପ୍ତ ହେବାର ଥିଲା । ସମୀକ୍ଷାରେ ଦେଖାଗଲା ଯେ 5 ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା କେବଳ 27.06 ଲକ୍ଷ[49] ଟଙ୍କାର କାମ ସମ୍ପୂର୍ଣ୍ଣ ହୋଇ ପାରିଥିଲା । ସେହିପରି ଭଞ୍ଜନଗରଠାରେ ଗାଡ଼ିଆର ବିକାଶ, ବିଦ୍ୟୁତକରଣ, ପ୍ରାଚୀର ନିର୍ମାଣ ପାଇଁ ଅନ୍ୟ ଏକ ଠିକାଦାରକୁ 19.30 ଲକ୍ଷ ଟଙ୍କାର କାର୍ଯ୍ୟ ନଭେମ୍ବର 2009 ରେ ନ୍ୟସ୍ତ ହୋଇଥିଲା ଯାହା 90 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଥିଲା । ଅଗଷ୍ଟ 2014 ସୁଦ୍ଧା 16.72 ଲକ୍ଷ ଟଙ୍କାର ପ୍ରାଚୀର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା । ଏହି କାର୍ଯ୍ୟର ଅସମ୍ପୂର୍ଣ୍ଣ ସତ୍ତ୍ୱେ ଓପିଡିସି ଠିକାଦାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ଏହା ମଧ୍ୟ ଦେଖାଗଲା ଯେ, ଯଦିଓ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରି ନଥିଲା, ଓପିଡିସି ସମୁଦାୟ ରାଶିର ଉପଯୋଗ ପ୍ରମାଣ ପତ୍ର ପଇଠ କରିଥିଲା । ତେଣୁ, ଏହି କାର୍ଯ୍ୟ ପୂରଣ ନହେବା ହେତୁ 2010-14 ମଧ୍ୟରେ ଓପିଡିସି 1.21 କୋଟି ଟଙ୍କାର ଅତିରିକ୍ତ 1500 ଲକ୍ଷ ମତ୍ସ୍ୟ ଡିମ୍ବ, 225 ଲକ୍ଷ ଯାଆଁଳ ଏବଂ 81 ଲକ୍ଷ ଛୋଟ ମାଛ ଉତ୍ପାଦନ କରିବାରେ ଅସଫଳ ହୋଇଥିଲା ।

ପୁନଶ୍ଚ, ଯଦିଓ ମତ୍ସ୍ୟ ନିର୍ଦ୍ଦେଶକ 2010-12 ରେ 13 ହେକ୍ଟର ଜଳକ୍ଷେତ୍ର ବିକାଶ କରିଥିଲେ, ଏହା ବର୍ଦ୍ଧିତ ଛୋଟ ମାଛ ପାଇବା ପାଇଁ ମାଛ ଡିମ୍ବର ଉତ୍ପାଦନ ଧାର୍ଯ୍ୟ ସଂଶୋଧିତ କରିନଥିଲେ, ଯଦ୍ୱାରା ମତ୍ସ୍ୟ କ୍ଷେତ୍ର ବିକାଶରେ 36.29 ଲକ୍ଷ ଟଙ୍କାର ଅଣଫଳପ୍ରଦ ବ୍ୟୟ ହୋଇଥିଲା, ଯାହାକି 2010-14 ମଧ୍ୟରେ 0.60 କୋଟି ଟଙ୍କାର 750 ଲକ୍ଷ ମାଛ ଡିମ୍ବ, 112.50 ଲକ୍ଷ ଜାଆଁଳ ଏବଂ 40.50 ଲକ୍ଷର ଛୋଟ ମାଛ ଉତ୍ପାଦନ କରିପାରିଥାଆନ୍ତା ।

ଉପରୋକ୍ତ ତଥ୍ୟକୁ ଗ୍ରହଣ କରି ସରକାର କହିଲେ ଯେ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ବାକିଆ କାମ ଚାଲୁ ରହିଛି ।

***ଲଭ୍ୟ ଜଳ କ୍ଷେତ୍ରର କମ୍ ଉପଯୋଗ***

**2.2.20** ଓପିଡିସିର 103.60 ହେକ୍ଟର ପରିମିତ ପାଞ୍ଚୋଟି[50] ନିଜସ୍ୱ ହ୍ୟାଚେରୀ ଅଛି ଯାହା ନର୍ସରୀ ଗାଡିଆ (82.63 ହେକ୍ଟର) ଏବଂ ବୃହର ଗାଡିଆ (20.50 ହେକ୍ଟର) କୁ ନେଇ ଗଠିତ ।

ସମୀକ୍ଷାରେ ଦେଖାଗଲା ଯେ ଭଞ୍ଜନଗରରେ ଥିବା 35 ଟି ଗାଡିଆ ମଧ୍ୟରୁ 2 ହେକ୍ଟର ପରିମିତ 6ଟି ଗାଡିଆ ଆଂଶିକ ଏବଂ ବହୁଳ ଅଧା ବୁଡ଼ି ଥିବା/ଭାସମାନ ଦଳର ପର୍ଯ୍ୟାୟ କ୍ରମ ହେତୁ ଉତ୍ପାଦନରେ ବାଧା ସୃଷ୍ଟିକରୁଥିଲା । ସେହିପରି ଚିପିଲିମାରେ ସମୁଦାୟ 32 ହେକ୍ଟର ଜଳକ୍ଷେତ୍ରରୁ, ପାଞ୍ଚ ହେକ୍ଟର (11 କ୍ଷୁଦ୍ର ଗାଡିଆ) ଜଳ ଉତ୍ସର ଅଭାବ ହେତୁ 11 ବର୍ଷ ହେଲା ବିନା ଉପଯୋଗରେ ପଡ଼ି ରହିଥିଲା । ଯଦିଓ ଜଳକ୍ଷେତ୍ରର ଉପଯୋଗ ବୃଦ୍ଧି ପାଇଁ ପ୍ରକଳ୍ପ ପ୍ରସ୍ତାବ ଏବଂ ବ୍ୟୟ ଆକଳନ ଉପସ୍ଥାପନ କରାଯାଇଥିଲା, ଓପିଡିସି ସେହି ଗାଡିଆଗୁଡିକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଆରକେଭିୱାଇ/ଏସଜିଏସ୍ୱାଇ ଯୋଜନା ମାଧ୍ୟମରେ ଏଫଏଆରଡିଠାରୁ ପାଣି ଯୋଗାଣ ସୁନିଶ୍ଚିତ କରି ପୋଖରୀର ପୁନରୁଦ୍ଧାର/ ଆଧୁନିକୀକରଣ କରି ଅତ୍ୟୁତ୍ତମ ଉପଯୋଗ ଏବଂ ବର୍ଦ୍ଧିତ ଉତ୍ପାଦନ ପାଇଁ ସମୟ ସୀମା ଭିତ୍ତିକ ଯୋଜନା ପ୍ରସ୍ତୁତ କରିନଥିଲା ।

---

[49] ପୁଷ୍କରିଣୀ ବିକାଶ ପାଇଁ 3.08 ଲକ୍ଷ ଟଙ୍କା ଏବଂ ମାଗୁର ହ୍ୟାଚେରୀ ପାଇଁ 23.98 ଲକ୍ଷ ଟଙ୍କା

[50] ବାଣ୍ଡାସାଗର, ଭଞ୍ଜନଗର, ବିନିକା, ଚିପିଲିମା ଏବଂ ସରମଙ୍ଗ

ତେଣୁ, ଏତେ ସମୟ ଧରି 7 ହେକ୍ଟର ଜଳକ୍ଷେତ୍ରର କମ୍ ଉପଯୋଗ ହେତୁ 2009-14 ମଧ୍ୟରେ 10.50 କୋଟି ମାଛ ଯାଆଁଳର କମ୍ ଉତ୍ପାଦନ ସହିତ 0.95 କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ଘଟିଥିଲା ।

ସରକାର କହିଲେ ଯେ ପୋଖରୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି ।

**ଜଳାଶୟ**

**2.2.21** ଭାରତରେ ଜଳାଶୟ ଭୂପୃଷ୍ଠ ମତ୍ସ୍ୟ ଉତ୍ପାଦନରେ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ବ୍ୟବହାର ହୋଇନଥିବା / କମ୍ ବ୍ୟବହୃତ ଜଳାଶୟରୁ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରି ମତ୍ସ୍ୟ ଚାଷୀ ସମୂହ ଜରିଆରେ ଗ୍ରାମୀଣ ନିଯୁକ୍ତି ଏବଂ ରାଜ୍ୟକୁ ପ୍ରଚୁର ରାଜସ୍ୱ ଦେବା ଲକ୍ଷ୍ୟରେ ଏଫ୍ଏଆରଡି 2003 ରେ ରାଜ୍ୟ ଜଳାଶୟ ମତ୍ସ୍ୟ ନୀତି ପ୍ରଣୟନ କରିଥିଲା (2012 ରେ ସଂଶୋଧିତ) ।

***ଏନ୍ଏଫ୍ଡିବି ସମ୍ଭାବ୍ୟର ସିଦ୍ଧି ନହେବା***

**2.2.22** ରାଷ୍ଟ୍ରୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନ୍ଏଫ୍ଡିବି)ର ଦିଶାନିର୍ଦ୍ଦେଶାବଳୀ ଅନୁସାରେ କ୍ଷୁଦ୍ର ଜଳାଶୟରେ ପ୍ରତି ହେକ୍ଟର ପିଛା 2000, ମଧ୍ୟମ ଜଳାଶୟରେ ହେକ୍ଟର ପିଛା 1000 ଏବଂ ବୃହତ ଜଳାଶୟରେ ହେକ୍ଟର ପିଛା 500 ଛୋଟ ମାଛ ରହିବା ଉଚିତ୍ ଏବଂ ଏନ୍ଏଫ୍ଡିବି ପ୍ରତି ଛୋଟ ମାଛ ପିଛା ଏକ ଟଙ୍କା ଯୋଗାଇଦେବାର ପ୍ରାବଧାନ ରହିଛି । ଦିଶା ନିର୍ଦ୍ଦେଶାବଳୀ ମୁତାବକ ସଠିକ୍ ଛୋଟ ମାଛ ଗଚ୍ଛିତ କାର୍ଯ୍ୟକ୍ରମ ମାଧ୍ୟମରେ ଜଳାଶୟରେ ପ୍ରତି ହେକ୍ଟର ପିଛା ବାର୍ଷିକ ହାରାହାରି ଉତ୍ପାଦନ ପ୍ରତି ହେକ୍ଟର ପିଛା ଆକାର[51] ଅନୁସାରେ 100 ରୁ 500 କିଗ୍ରା ହେବାର ଥିଲା ।

**ଛୋଟ ମାଛ ଗଚ୍ଛିତ କରିବାରେ କମ୍ତି ଯୋଗୁଁ ଏନ୍ଏଫ୍ଡିବି ଠାରୁ 8.33 କୋଟି ଟଙ୍କା ଲଭ୍ୟ ହୋଇନଥିବା ଏବଂ 2.69 କୋଟି ଟଙ୍କା ଫେରସ୍ତ ହୋଇଥିଲା**

ସମୀକ୍ଷାରେ ଦେଖାଗଲା ଯେ ଏନ୍ଏଫ୍ଡିବି ଏବଂ ଆଦିବାସୀ/ ହରିଜନ ପରିକଳ୍ପନା ଅଧିନରେ 22.93 କୋଟି ଟଙ୍କାର ମଞ୍ଜୁରୀରେ 2009-14 ମଧ୍ୟରେ 22.93 କୋଟି ଛୋଟ ମାଛର ଗଚ୍ଛିତ (ଓପିଡିସି ଦ୍ୱାରା 9.52 କୋଟି ସମେତ) ହେବା ସ୍ଥଳେ, ଏଫ୍ଏଆର୍ଡି ବିଭିନ୍ନ ଜଳାଶୟରେ 11.91 କୋଟି ଛୋଟ ମାଛ (ଓପିଡିସି ଦ୍ୱାରା 6.74 କୋଟି) ଗଚ୍ଛିତ କରିପାରିଥିଲା । ଏହି ସଂରକ୍ଷଣରେ କମ୍ ନିଜସ୍ୱ ନର୍ସରୀ ଏବଂ ନିଜସ୍ୱ ମାଛ ଉତ୍ପାଦନ କ୍ଷେତ୍ରର ନିର୍ମାଣରେ ବିଳମ୍ବ ଏବଂ ଅସମ୍ପୂର୍ଣ୍ଣତା ପାଇଁ ହୋଇଥିଲା । ଯଦ୍ୱାରା 11.02 କୋଟି ଛୋଟ ମାଛର କମ୍ ଯୋଗାଣ ସହିତ ଲଭ୍ୟ ରାଶିରୁ 2.69 କୋଟି ଟଙ୍କାର ଫେରସ୍ତ ଏବଂ 2009-14 ମଧ୍ୟରେ ଏନ୍ଏଫ୍ଡିବି ସମ୍ଭାବ୍ୟରୁ 92,169 ମେଟ୍ରିକ୍ ଟନ୍ ସ୍ୱଳ୍ପତା (33,881 ମେଟ୍ରିକ୍ ଟନ୍ ବାର୍ଷିକ) ସହିତ 8.33 କୋଟି ଟଙ୍କାର ଅନୁଦାନ ଲଭ୍ୟ ହୋଇପାରି ନଥିଲା ।

ଉପରୋକ୍ତ ତଥ୍ୟକୁ ଗ୍ରହଣ କରି ସରକାର କହିଲେ ଯେ ଏହି ପରିକଳ୍ପନାର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି ।

***ନିଜସ୍ୱ ହ୍ୟାଚେରୀ / ନର୍ସରୀ ଏବଂ ଯାଆଁଳ ଉତ୍ପାଦନ କେନ୍ଦ୍ର ନିର୍ମାଣ ନହେବା***

**2.2.23** ମତ୍ସ୍ୟ ନିର୍ଦ୍ଦେଶାଳୟ ଜୁଲାଇ 2010 ରେ 10 ଟି ନିଜସ୍ୱ ହ୍ୟାଚେରୀ (ସିଏଚ୍) 60 ହେକ୍ଟରର ନିଜସ୍ୱ ନର୍ସରୀ (ସିଏନ୍) ଏବଂ 40 ହେକ୍ଟର ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର (ଏଫ୍ଆର୍ସି) କରି ସିଏଚ୍‌ରୁ ମାଛ ଡିମ୍ବ ଉତ୍ପାଦନ କରି ସେଗୁଡିକୁ ସିଏନ୍ ଏବଂ ଏଫ୍ଆରସିରେ ଚାଷ କରି ମାଛ ଡିମ୍ବ ଉତ୍ପାଦନ ସୁରକ୍ଷିତ କରିବା ପାଇଁ ଏନ୍ଏଫ୍ଡିବି କୁ ପ୍ରସ୍ତାବ ଦେଇଥିଲା । ଏନ୍ଏଫ୍ଡିବି/ ଓଡିଶା ସରକାର ଅଗଷ୍ଟ 2010 ରେ 4.20 କୋଟି ଟଙ୍କା (ଜାନୁଆରୀ 2011 ରେ ସଂଶୋଧିତ 5.82 କୋଟି ଟଙ୍କା) ମଞ୍ଜୁର କରିଥିଲେ ଏବଂ 2010-12 ରେ 2.77

---

[51] କ୍ଷୁଦ୍ର ଜଳାଶୟରୁହେକ୍ଟର ପ୍ରତି ବାର୍ଷିକ 500 କିଗ୍ରା, ମଧ୍ୟମ ଜଳାଶୟରୁ ବାର୍ଷିକ ହେକ୍ଟର ପ୍ରତି 200 କିଗ୍ରା ଏବଂ ବୃହତ୍ ଜଳାଶୟରୁ ବାର୍ଷିକ ହେକ୍ଟର ପ୍ରତି 100-150 କିଗ୍ରା

କୋଟି ଟଙ୍କା ପ୍ରଦାନ କରିଥିଲେ ଏବଂ ଉପଯୋଗ ପ୍ରମାଣ ପତ୍ର ପଇଠ କଲେ ବାକି କିସ୍ତି ଦେବା ପାଇଁ ପ୍ରତିବଦ୍ଧ ଥିଲେ ।

ସମୀକ୍ଷାରେ ଦେଖାଗଲା ଯେ:

- 2010-14 ମଧ୍ୟରେ 10 ଟି ସିଏଚ୍ ଏବଂ 40 ହେକ୍ଟର ଏଫ୍‌ଆରସିର ଧାର୍ଯ୍ୟ ତୁଳନାରେ ମତ୍ସ୍ୟ ନିର୍ଦ୍ଦେଶାଳୟ ସ୍ଥାନ ନିରୂପଣ ଅଭାବରୁ ଗୋଟିଏ ବି ସିଏଚ୍ / ଏଫ୍‌ଆରସି ବିକାଶ କରିବାରେ ବିଫଳ ହୋଇଥିଲା ।

- ମତ୍ସ୍ୟ ନିର୍ଦ୍ଦେଶାଳୟ ଧାର୍ଯ୍ୟ 60 ହେକ୍ଟର ସିଏନ୍ ବିକାଶ ତୁଳନାରେ 53.30 ହେକ୍ଟର ସିଏନ୍ ବିକାଶ କରିଥିଲା ଏବଂ ଧାର୍ଯ୍ୟ 1.33 କୋଟି ଛୋଟ ମାଛ ଉତ୍ପାଦନ ତୁଳନାରେ 0.40 କୋଟି ଛୋଟ ମାଛ ଉତ୍ପାଦନ କରିପାରିଥିଲା । ଏହା ଡିମ୍ବ / ମାଛ ଯାଆଁଳର ନିଅଣ୍ଟ ହେତୁ ହୋଇଥିଲା ।

- ବାକିଆ ପ୍ରକଳ୍ପର ଅସମ୍ପୂର୍ଣ୍ଣତା ପାଇଁ ମତ୍ସ୍ୟ ନିର୍ଦ୍ଦେଶାଳୟ 30.46 ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ଏବଂ 3.05 କୋଟି ଟଙ୍କା ମିଳି ନଥିଲା, ଯଦ୍ଦ୍ୱାରା 2012-14 ରେ 60 କୋଟି ମାଛ ଡିମ୍ବ ଏବଂ 2.10 କୋଟି ଛୋଟ ମାଛର ଉତ୍ପାଦନ ହୋଇପାରି ନଥିଲା ଏବଂ 284 ଜଣକୁ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହେବା ସହିତ 3.70 କୋଟି ଟଙ୍କାର ରାଜସ୍ୱ ଆଦାୟ କରିପାରି ନଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ ଭବିଷ୍ୟତରେ ପ୍ରସ୍ତାବଗୁଡ଼ିକ ବାସ୍ତବତା ଭିତ୍ତିରେ ପ୍ରସ୍ତୁତ କରାଯିବ ।

## ଓପିଡିସି ଦ୍ୱାରା ମାଛ ମଞ୍ଜିର ଉତ୍ପାଦନ

**2.2.24** ରାଜ୍ୟରେ ମାଛ ଚାଷର ବୃଦ୍ଧି ପାଇଁ ମାଛ ମଞ୍ଜି ଏକ ପ୍ରମୁଖ ଆବଶ୍ୟକ । ଓଡିଶାରେ 97 ଟି ମାଛ ଡିମ୍ବ ଉତ୍ପାଦନ କ୍ଷେତ୍ରରୁ 3,551 ମିଲିୟନ ମାଛ ଡିମ୍ବ ଉତ୍ପାଦନ କରିବାର କ୍ଷମତା ଅଛି । ମାଛ ଡିମ୍ବ ଉତ୍ପାଦନ ମୁଖ୍ୟତଃ ତିନୋଟି ଅବସ୍ଥାରେ ହୋଇଥାଏ ଯଥା-(କ) ପୋଖରୀରେ ମା ମାଛ ମାନଙ୍କ ପ୍ରଜନନ ପାଇଁ ରକ୍ଷଣାବେକ୍ଷଣ, (ଖ) ଡିମ୍ବ ପ୍ରଦାନ ଏବଂ (ଗ) ଛୋଟ ମାଛର ବିଭିନ୍ନ ଅବସ୍ଥାରେ ପାଳନ ଯଥା ଡିମ୍ବ, ଯାଆଁଳ ଏବଂ ଛୋଟ ମାଛ/ ମାଛ ମଞ୍ଜି ଉତ୍ପାଦନରେ ପରିଲକ୍ଷିତ ହେଉଥିବା ତ୍ରୁଟି ବିଚ୍ୟୁତି ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### *ମାଛ ଡିମ୍ବ ଏବଂ ଯାଆଁଳ ଉତ୍ପାଦନରେ ସ୍ୱଳ୍ପତା*

**2.2.25** ଓପିଡିସି ମାଛ ଡିମ୍ବ କିମ୍ବା ଯାଆଁଳ ପାଳନ ଏବଂ ମାଛ ଯାଆଁଳ ଏବଂ ଛୋଟ ମାଛକୁ ଚାଷୀ ଏବଂ ସରକାରୀ ଜଳାଶୟକୁ ବିକ୍ରୟ କରିବା ବ୍ୟବସାୟ ସହ ସଂପୃକ୍ତ । ଏହା 27 ଟି ଏଫ୍‌ଏଫ୍‌ରେ ମାଛ ଡିମ୍ବ /ଯାଆଁଳ ଉତ୍ପାଦନ କରିଥାଏ । ଯେଉଁଥିରୁ 22 ଟି ଏଫ୍‌ଏଫ୍ ଏଫ୍‌ଏଆର୍‌ଡି ଠାରୁ ଜୁନ୍ 2010 ରେ ନିଆଯାଇ ଭଡା ସୂତ୍ରରେ ଦିଆଯାଇଛି । ଓପିଡିସିର ନିର୍ଦ୍ଧାରିତ ମାନ ଅନୁସାରେ ଯାଆଁଳ ଉତ୍ପାଦନ ମାଛ ଡିମ୍ବ ଉତ୍ପାଦନର 30 ପ୍ରତିଶତ ହେବା କଥା । ସେହିପରି 41 ରୁ 80 ମିମି ଆକାର ଏବଂ 81 ମିମି ଏବଂ ତଦୁର୍ଦ୍ଧ ଆକାରର ଛୋଟ ମାଛର ଉତ୍ପାଦନ ଯାଆଁଳ ଉତ୍ପାଦନର ଯଥାକ୍ରମେ 60 ରୁ 36 ପ୍ରତିଶତ ହେବା ଉଚିତ୍ । ଓପିଡିସି ଏଫ୍‌ଏଫ୍‌ରୁ ଉତ୍ପାଦିତ ମାଛ ଡିମ୍ବକୁ ଯାଆଁଳ/ ଛୋଟ ମାଛରେ ପରିବର୍ତ୍ତିତ କରି ବିକ୍ରୟ କରାଯାଏ । ନିମ୍ନୋକ୍ତ ସାରଣୀରେ 2009 ରୁ 2014 ମଧ୍ୟରେ ମାଛ ମଞ୍ଜି ଏବଂ ଯାଆଁଳର ଧାର୍ଯ୍ୟ ଏବଂ ବାସ୍ତବ ଚିତ୍ର ପ୍ରଦାନ କରାଯାଇଛି ।

**(ଲକ୍ଷରେ)**

| ବର୍ଷ | ମାଛ ଡିମ୍ବ | | | | ଯାଆଁଳ | | | |
|---|---|---|---|---|---|---|---|---|
| | ଲକ୍ଷ୍ୟ | ହାସଲ | କମ୍‌ତି | ହାସଲ ପ୍ରତିଶତ | ଲକ୍ଷ୍ୟ | ହାସଲ | କମ୍‌ତି | ହାସଲ ପ୍ରତିଶତ |
| 2009-10 | 8654 | 6226 | 2428 | 72 | 2596 | 1784 | 812 | 69 |
| 2010-11 | 14044 | 8677 | 5367 | 62 | 4280 | 2245 | 2035 | 52 |
| 2011-12 | 11017 | 7641 | 3376 | 69 | 2809 | 1884 | 925 | 67 |

| ବର୍ଷ | ମାଛ ଡିମ୍ବ | | | | ଯାଆଁଳ | | | |
|---|---|---|---|---|---|---|---|---|
| | ଲକ୍ଷ୍ୟ | ହାସଲ | କମ୍‌ତି | ହାସଲ ପ୍ରତିଶତ | ଲକ୍ଷ୍ୟ | ହାସଲ | କମ୍‌ତି | ହାସଲ ପ୍ରତିଶତ |
| 2012-13 | 11017 | 8729 | 2288 | 79 | 2885 | 2347 | 538 | 81 |
| 2013-14 | 13340 | 9689 | 3651 | 73 | 3195 | 2260 | 935 | 71 |
| ମୋଟ | **58072** | **40962** | **17110** | **71** | **15765** | **10520** | **5245** | **67** |

***(ଉତ୍ସ : ଲକ୍ଷ୍ୟ ଧାର୍ଯ୍ୟ ଏବଂ ପ୍ରାପ୍ତି ଫାଇଲ୍ ଏବଂ ବାର୍ଷିକ କାର୍ଯ୍ୟକ୍ରମ ସଭାର ପ୍ରୋସିଡିଂ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, ମାଛ ଡିମ୍ବ ଏବଂ ଯାଆଁଳର ବାସ୍ତବ ଚିତ୍ର ଯଥାକ୍ରମେ 62 ରୁ 79 ଏବଂ 52 ରୁ 81 ପ୍ରତିଶତ ମଧ୍ୟରେ ଥିଲା । ଏହି ଉତ୍ପାଦନରେ କମ୍‌ର କାରଣ ଦୁର୍ବଳ ଗାଡ଼ିଆ ରକ୍ଷଣାବେକ୍ଷଣ, ପ୍ରଜନନ ସମୟରେ ଜଳାଶୟରୁ ଜଳ ଯୋଗାଣରେ ବାଧା, ଜଳ ପର୍ଯ୍ୟାୟକ୍ରମ, ଅନ୍ୟାନ୍ୟ ଆନୁସଙ୍ଗିକ ପଦାର୍ଥର ଦୁର୍ବଳ ଯୋଗାଣ ପାଇଁ ହୋଇଥିଲା । ନିର୍ଦ୍ଦେଶକ ମଣ୍ଡଳୀର ବାରମ୍ବାର ନିର୍ଦ୍ଦେଶ  ସତ୍ତ୍ୱେ କୌଣସି ପ୍ରତିକାର ମୂଳକ ବ୍ୟବସ୍ଥା ଏହି ପ୍ରତିବନ୍ଧକୁ ପ୍ରତିହତ କରିବା ପାଇଁ   ନିଆଯାଇନଥିଲା । ଉତ୍ପାଦନର ସ୍ୱଳ୍ପତା ହେତୁ ଓପିଡିସିର 11.60 କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟିଥିଲା ।

ପୁନଶ୍ଚ ରେକର୍ଡ ଯାଞ୍ଚରୁ ଦେଖାଗଲା ଯେ, ଓପିଡିସି 2009-14 ରେ ନିଜ ବାର୍ଷିକ ମତ୍ସ୍ୟ ଉତ୍ପାଦନ ରିପୋର୍ଟରେ ମାଛ ମଞ୍ଜିରୁ 8,392.60 ଲକ୍ଷ ଜାଆଁଳ ଉତ୍ପାଦନ ବସ୍ତୁଗତ ପରିବର୍ତ୍ତନ ପରିବର୍ତ୍ତେ ଆର୍ଥିକ ପରିବର୍ତ୍ତନ ସୂତ୍ର ଅନୁସାରେ ପ୍ରକାଶ କରିଥିଲା । ମାନ ଅନୁସାରେ, ଜାଆଁଳ ଉତ୍ପାଦନ 5692.67 ଲକ୍ଷ ହିସାବ କରାଯାଇଥିଲା । ତେଣୁ ବସ୍ତୁଗତ ପରିବର୍ତ୍ତନ ସୂତ୍ର ପରିବର୍ତ୍ତେ ଆର୍ଥିକ ପରିବର୍ତ୍ତନ ସୂତ୍ର ପ୍ରୟୋଗ ଦ୍ୱାରା ମାଛ ଜାଆଁଳ ଉତ୍ପାଦନକୁ 2,699.93  ଲକ୍ଷ ବର୍ଦ୍ଧିତ କରାଯାଇଥିଲା ।

ସରକାର କହିଲେ ଯେ ମାଛ ଡିମ୍ବ ଏବଂ ଜାଆଁଳର ଉତ୍ପାଦନ ବୃଦ୍ଧି ପାଇଁ ଗାଡ଼ିଆ ନବୀକରଣ, ପ୍ରଜନନ ପରିଚାଳନା, ଜଳ ପରିଚାଳନା ଦ୍ୱାରା ପଦକ୍ଷେପ ନିଆଯାଇଛି, ପରନ୍ତୁ, ଉତ୍ତର ବର୍ଦ୍ଧିତ ମାଛ ଜାଆଁଳ ଉତ୍ପାଦନ ସମ୍ବନ୍ଧରେ ନିରୁତ୍ତର ଥିଲା ।

## କ୍ଷାରୀୟ ଜଳରେ ମତ୍ସ୍ୟ ଚାଷ

**2.2.26** କ୍ଷାରୀୟ ଜଳଉତ୍ସ ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ ଯାହା ରାଜ୍ୟର ସାତୋଟି[52] ଉପକୂଳ  ଜିଲ୍ଲାରେ ସୀମିତ । ରାଜ୍ୟରେ କ୍ଷାରୀୟ ଜଳର ଉତ୍ସ ଚିଙ୍ଗୁଡି ଚାଷକ୍ଷେତ୍ର, ନଦୀ ମୁହାଣ, କ୍ଷାରୀୟ ହ୍ରଦ ଏବଂ ନଦୀନାଳର ଆବଦ୍ଧ ଜଳରାଶି ସମେତ ପାଖାପାଖି 4,18 ଲକ୍ଷ ହେକ୍ଟର ଥିଲା । କ୍ଷାରୀୟ ଜଳ ମତ୍ସ୍ୟ ବିକାଶ ସଂସ୍ଥା 32,587 ହେକ୍ଟର ପରିମିତ ସ୍ଥାନକୁ ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରିଥିଲା । କ୍ଷାରୀୟ ଜଳରେ ଚିଙ୍ଗୁଡି ଚାଷର ବାର୍ଷିକ ଉତ୍ପାଦନ ହେକ୍ଟର ପିଛା ଧାର୍ଯ୍ୟ 1000 କିଲୋଗ୍ରାମ ତୁଳନାରେ 337 ରୁ 406 କିଲୋଗ୍ରାମ ଥିଲା ଏବଂ ନଦୀମୁହାଣରେ ସମ୍ଭାବ୍ୟ ହେକ୍ଟର ପିଛା 80 କିଲୋଗ୍ରାମ ତୁଳନାରେ ଉତ୍ପାଦନ 9 ରୁ 14 କିଲୋଗ୍ରାମ ପର୍ଯ୍ୟନ୍ତ ଥିଲା । ପରିଲକ୍ଷିତ ହୋଇଥିବା ତ୍ରୁଟି ବିଚ୍ୟୁତିଗୁଡ଼ିକୁ ନିମ୍ନୋକ୍ତ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### *ଚିଙ୍ଗୁଡି ଉତ୍ପାଦନରେ ଧାର୍ଯ୍ୟ ଲକ୍ଷ ପୂରଣ ନହେବା*

**2.2.27** 2009ର ପରିପ୍ରେକ୍ଷଣ ଯୋଜନା ଅନୁସାରେ 7,150 ପ୍ରଶିକ୍ଷିତ ହିତାଧିକାରୀଙ୍କୁ ସୁବିଧା ଏବଂ ଆଗାମୀ ଦଶ ବର୍ଷ ମଧରେ ବାର୍ଷିକ 26,900 ମେଟ୍ରିକ ଟନ୍ ଅତିରିକ୍ତ ଚିଙ୍ଗୁଡି ଉତ୍ପାଦନ କରିବା ପାଇଁ ସାତୋଟି ଉପକୂଳ ଜିଲ୍ଲାମାନଙ୍କରେ 10,000 ହେକ୍ଟର ଅତିରିକ୍ତ କ୍ଷାରୀୟ ଜଳରେ ଚିଙ୍ଗୁଡି ଚାଷ କରିବା ମୁଖ୍ୟ ଉଦ୍ଦେଶ୍ୟ ।

ସମୀକ୍ଷାରେ ଦେଖାଗଲା ଯେ ଧାର୍ଯ୍ୟ 4330 ହେକ୍ଟର କ୍ଷେତ୍ରର ବିକାଶ ତୁଳନାରେ 2009-14 ମଧ୍ୟରେ କେବଳ 2313 ହେକ୍ଟର ବିକାଶ କରାଯାଇପାରିଥିଲା । ଛଅଟି ଜିଲ୍ଲାରେ ବାସ୍ତବ ଉପଲବ୍ଧ ପ୍ରତିଶତ 2.26 ରୁ 80.59

[52] ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ପୁରୀ

ପ୍ରତିଶତ ଥିଲା । ସେହି ସ୍ଥଳେ ଖୋର୍ଦ୍ଧା ଜିଲ୍ଲାରେ ଏହା ଶୂନ୍ୟ ଥିଲା । ପୁନଶ୍ଚ, 2009 -14 ରେ 68,000 ମେଟ୍ରିକ ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ଧାର୍ଯ୍ୟ ତୁଳନାରେ ବାସ୍ତବ ଉପଲବ୍ଧି 60,420 ମେଟ୍ରିକ ଟନ୍ ହୋଇଥିଲା ଏବଂ 7580 ମେଟ୍ରିକ ଟନ୍ କମ୍ ହୋଇଥିଲା । ଏହି କମ୍‌ର କାରଣ 2017 ହେକ୍ଟର ଜଳ କ୍ଷେତ୍ରରେ କ୍ଷାରୀୟ ଜଳ ଅଧିନରେ ଉପକୂଳ ମାଛ ଚାଷ ନକରିବା ଏବଂ କ୍ଷାରୀୟ ଜଳର ମାଛ ଚାଷ କରିବା ପାଇଁ ଚାଷୀଙ୍କୁ କମ୍ ପ୍ରଶିକ୍ଷଣ ଦେବା । ଏହାଦ୍ୱାରା 163.32 କୋଟି ଟଙ୍କର ସମ୍ଭାବ୍ୟ କ୍ଷତି ଘଟିଥିଲା ।

ଏହା ମଧ୍ୟ ଦେଖାଗଲା ଯେ 2009-14 ମଧ୍ୟରେ ଧାର୍ଯ୍ୟ 1860 ଜଣଙ୍କ ମଧ୍ୟରୁ 795 ହିତାଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଖୋର୍ଦ୍ଧା ଜିଲ୍ଲାରେ କୌଣସି ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇନାହିଁ ଓ ଚାରୋଟି ଜିଲ୍ଲା[53]ରେ ଧାର୍ଯ୍ୟ ଲକ୍ଷ ପୂରଣ ହୋଇପାରି ନଥିଲା । ଛଅଟି ଜିଲ୍ଲାରେ ପ୍ରାପ୍ତି 27.85 ରୁ 93.94 ପ୍ରତିଶତ ମଧରେ ଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ ଧାର୍ଯ୍ୟର ଉତ୍ତମ ଉପଲବ୍ଧି ପାଇଁ ବିସ୍ତୃତ ପଦକ୍ଷେପ ବିଚାର ଯୋଗ୍ୟ ଅଛି ।

### *ଚାଷୀଙ୍କୁ କ୍ଷାରୀୟ ଜଳ ସବ୍‌ସିଡି ପ୍ରଦାନରେ ଅନିୟମିତତା*

**2.2.28** ପରିକଳ୍ପନା ଅନୁସାରେ କ୍ଷାରୀୟ ଜଳ ମାଛ ଚାଷ ପାଇଁ ଦୁଇ ହେକ୍ଟର ବା କମ୍ କ୍ଷେତ୍ର ପରିମିତ ସ୍ଥାନର ଅଧିକାରୀ ଥିବା ଜଣେ ଛୋଟ ଚିଙ୍ଗୁଡ଼ି ଚାଷୀ ହିତାଧିକାରୀ ହୋଇପାରିବ । ଖର୍ଚ୍ଚର 25 ପ୍ରତିଶତ ସବ୍‌ସିଡି ଆକାରରେ ଏବଂ ପ୍ରତି ହେକ୍ଟର ପିଛା ସର୍ବାଧିକ 0.60 ଲକ୍ଷ ଟଙ୍କା ପ୍ରଦାନ କରାଯିବ । ପୁନଶ୍ଚ, ଉପକୂଳ ମତ୍ସ୍ୟଚାଷ କର୍ତ୍ତୃପକ୍ଷ (ସିଏଏ)ଙ୍କ ଦିଶାନିର୍ଦ୍ଦେଶିକା ଅନୁସାରେ ଜମିର ଜଳ ପ୍ରବାହ କ୍ଷେତ୍ର 60 ପ୍ରତିଶତରୁ ଅଧିକା ହେବା ଉଚିତ୍ ନୁହେଁ ଯାହାକି ମୋଟ 2 ହେକ୍ଟର ପରିମିତ ଜମିରେ ଜଳକ୍ଷେତ୍ର 1.20 ହେକ୍ଟର ହେବ । ତେଣୁ, ଏକ ଛୋଟ ଚିଙ୍ଗୁଡ଼ି ଚାଷୀ ସର୍ବାଧିକ ସବ୍‌ସିଡି 0.72 ଲକ୍ଷ ଟଙ୍କା ପାଇବ ।

**ଅଯୋଗ୍ୟ 113 ଜଣ ଚାଷୀଙ୍କୁ 0.79 କୋଟି ଟଙ୍କାର ଅହେତୁକ ଲାଭ ପ୍ରଦାନ କରାଯାଇଥିଲା**

ସମୀକ୍ଷାରେ ଦେଖାଗଲା ଯେ 2009 ରୁ 2014 ମଧରେ ଆଠୋଟି ନମୁନା ଯାଞ୍ଚ ଜିଲ୍ଲା ମଧରୁ ଦୁଇଟି ଜିଲ୍ଲା[54]ରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦୁଇ ହେକ୍ଟର ଜମିରୁ ଅଧିକା ଥିବା 113 ଜଣ ହିତାଧିକାରୀଙ୍କ ଦରଖାସ୍ତ ଅନୁମୋଦନ କରିଥିଲେ ଏବଂ ପରିକଳ୍ପନା ପ୍ରାବଧାନକୁ ବିରୁଦ୍ଧାଚରଣ କରି 0.79 କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରିଥିଲେ । ତେଣୁ ପ୍ରକୃତ ହିତାଧିକାରୀ ପରିକଳ୍ପନାର ଉଦ୍ଦିଷ୍ଟ ଲାଭରୁ ବଞ୍ଚିତ ହୋଇଥିଲେ ଏବଂ ଅଯୋଗ୍ୟ ଚାଷୀଙ୍କୁ ଅହେତୁକ ଲାଭ ପ୍ରଦାନ କରାଯାଇଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ମତ୍ସ୍ୟ ନିର୍ଦ୍ଦେଶକ କହିଲେ ଯେ ଅଧିକୃତ ଜମିକୁ ବାଦ୍ ଦେଇ ପାଞ୍ଚ ହେକ୍ଟର ଜଳ କ୍ଷେତ୍ରର ବିକାଶ କରିବା ବ୍ୟକ୍ତି ସବ୍‌ସିଡି ପାଇବାକୁ ଯୋଗ୍ୟ । କିନ୍ତୁ ଦିଶାନିର୍ଦ୍ଦେଶିକା ଅନୁସାରେ ଚାଷୀ ଅଧିକୃତ ଦୁଇ ହେକ୍ଟର ଜମିରୁ ସର୍ବାଧିକ 1.20 ହେକ୍ଟର ପାଇଁ ସବ୍‌ସିଡି ପାଇବାକୁ ଯୋଗ୍ୟ । ପୁନଶ୍ଚ ଅଧିକୃତ ଜମି ନିର୍ବିଶେଷରେ ପାଞ୍ଚ ହେକ୍ଟର ଜଳକ୍ଷେତ୍ର ବିଷୟରେ ସମୀକ୍ଷାକୁ ତଥ୍ୟ ପ୍ରଦାନ କରାଯାଇ ନଥିଲା ।

## ସାମୁଦ୍ରିକ କ୍ଷେତ୍ର

**2.2.29** ବିସ୍ତୃତ ସାମୁଦ୍ରିକ ସଂପଦ ମତ୍ସ୍ୟ ଉତ୍ପାଦନ ଏବଂ ରପ୍ତାନୀ ପାଇଁ ପ୍ରମୁଖ ସୁଯୋଗ । ସାମୁଦ୍ରିକ ମାଛ ଏବଂ ଚିଙ୍ଗୁଡ଼ି ରପ୍ତାନୀ ରାଜ୍ୟର ଏକ ମୁଖ୍ୟ ରପ୍ତାନୀ ରାଜସ୍ୱ । ଭାରତର ମତ୍ସ୍ୟ ସର୍ବେକ୍ଷଣ ସଂସ୍ଥା (ଏଫ୍‌ଏସ୍‌ଆଇ) ସାମୁଦ୍ରିକ ମାଛର ସର୍ବାଧିକ ହାର ଉତ୍ପାଦନ (ଏମ୍‌ଏସ୍‌ୱାଇ) ବାର୍ଷିକ 1.61 ଲକ୍ଷ ଟନ୍ ଆକଳନ କରିଥିଲା । ଏହା ମଧ ଦେଶ ପାଇଁ ବୈଦେଶିକ ମୁଦ୍ରା ଉତ୍ପାଦନର ଏକ ମୁଖ୍ୟ ଉତ୍ସ । ସାମୁଦ୍ରିକ ମତ୍ସ୍ୟ ସଂଗ୍ରହ ଓଡ଼ିଶାରେ ମୁଖ୍ୟତଃ ସାତୋଟି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କ ଦ୍ୱାରା ଯନ୍ତ୍ର ଚାଳିତ ଡଙ୍ଗା, ମଧମ ଆକାର ଟ୍ରଲର, ପାରମ୍ପାରିକ ନୌକା ଦ୍ୱାରା

[53] ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ

[54] ବାଲେଶ୍ୱର ଏବଂ ଭଦ୍ରକ

ସଂପାଦିତ ହୋଇଥାଏ । ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ପରିଲକ୍ଷିତ ତ୍ରୁଟି ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### *ସାମୁଦ୍ରିକ ମତ୍ସ୍ୟର ସ୍ୱଳ୍ପ ଉତ୍ପାଦନ*

**2.2.30** 2009-14 ମଧ୍ୟରେ 1.61 ଲକ୍ଷ ମେଟ୍ରିକ୍ ଟନ୍ ଏମ୍‌ଏସ୍‌ୱାଇ ତୁଳନାରେ ଉପଲବ୍ଧି ନିମ୍ନରେ ପ୍ରଦତ୍ତ କରାଗଲା:

*(ପରିମାଣ ମେଟ୍ରିକ ଟନରେ)*

| ବର୍ଷ | ଲକ୍ଷ୍ୟ | ଉତ୍ପାଦନ | ଉତ୍ପାଦନରେ କମ୍‌ତି |
|---|---|---|---|
| 2009-10 | 130000 | 129332.35 | 667.65 |
| 2010-11 | 130000 | 133478.99 | -- |
| 2011-12 | 130000 | 114295.59 | 15704.41 |
| 2012-13 | 130000 | 118311.35 | 11688.65 |
| 2013-14 | 130000 | 120019.83 | 9980.17 |

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ:

- ଏମ୍‌ଏସ୍‌ୱାଇଠାରୁ ନିମ୍ନରେ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ସତ୍ତ୍ୱେ ଏଫ୍‌ଏଆର୍‌ଡି 2010-11 ବ୍ୟତୀତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ଧାର୍ଯ୍ୟ ପୂରଣ କରିପାରି ନଥିଲା ।

- 2010-11 ବ୍ୟତୀତ 2009-14 ରେ ଧାର୍ଯ୍ୟ ଲକ୍ଷ୍ୟ 5.20 ଲକ୍ଷ ମେଟ୍ରିକ୍ ଟନ୍ ସ୍ଥଳେ ବାସ୍ତବ ଉପଲବ୍ଧି 4.82 ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିଲା ଏବଂ 202.06 କୋଟି ଟଙ୍କା ମୂଲ୍ୟର 0.38 ଲକ୍ଷ ମେଟ୍ରିକ୍ ଟନ୍ କମ୍ ମତ୍ସ୍ୟ ଉତ୍ପାଦନ ହୋଇଥିଲା (ବାର୍ଷିକ ହାରାହାରି ମୂଲ୍ୟ ଉପରେ ହିସାବ) ।

- ଯଦିଓ ଡିଓଏଫ୍ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ଏଏଫ୍‌ଓ)ଙ୍କ କମ୍ ଉତ୍ପାଦନର କାରଣ ଅନୁଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ (ଏପ୍ରିଲ୍ 2012/ମଇ 2013) ତାହା ଅଦ୍ୟାବଧି ପାଳନ ହୋଇନାହିଁ ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ ଧାର୍ଯ୍ୟ ଲକ୍ଷ୍ୟ ଅଧିକ ବାସ୍ତବଭିତ୍ତିରେ ପ୍ରସ୍ତୁତ କରାଯିବ । କିନ୍ତୁ ତଥ୍ୟାନୁସାରେ ସଂଭାବ୍ୟ ସାମୁଦ୍ରିକ ମତ୍ସ୍ୟର ସଂପୂର୍ଣ୍ଣ ଉପଯୋଗ ହୋଇପାରି ନଥିଲା ।

### *ଓଏମ୍‌ଏଫ୍‌ଆର୍‌ଏ ନିୟମର ଉଲ୍ଲଙ୍ଘନ କରି ସାମୁଦ୍ରିକ ଯାନର ଚଳାଚଳ*

**2.2.31** ରାଜ୍ୟରେ ଉପକୂଳବର୍ତ୍ତୀ ଜଳ କ୍ଷେତ୍ରର ସୁରକ୍ଷା ପାଇଁ, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଧରା ନିୟାମକ, 1982 (ଓଏମ୍‌ଏଫ୍‌ଆର୍‌ଏ) ଅଣ ପଞ୍ଜିକୃତ ଡଙ୍ଗା ଦ୍ୱାରା ମତ୍ସ୍ୟ ଧରାକୁ ନିବୃତ୍ତ କରିବା, କ୍ଷୁଦ୍ର ମତ୍ସ୍ୟଜୀବିଙ୍କୁ ସୁରକ୍ଷା ଏବଂ ମତ୍ସ୍ୟ ସଂପଦର ସଂରକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ନେଇ ପ୍ରଣୟନ କରାଯାଇଥିଲା । ଓଏମଏଫଆରଏ ନିୟମ (ଜାନୁଆରୀ 1984) ଅଧିନରେ ନିର୍ଦ୍ଧାରିତ ମୂଲ୍ୟ ପଇଠ କରି ବାର୍ଷିକ ଲାଇସେନ୍ ଓ ନବୀକରଣର ପ୍ରାବଧାନ ଥିଲା ।

ସମୀକ୍ଷାରୁ ଦେଖାଗଲା ଯେ ପୂର୍ବରୁ ପଞ୍ଜିକୃତ ହୋଇଥିବା 16,467 ଟି ସାମୁଦ୍ରିକ ଯାନକୁ ଏଏଫ୍‌ଓ, ସାମୁଦ୍ରିକ ବିଭାଗ ପଞ୍ଜିକୃତ ସମୟର ଅବଧି ପୂରଣ ହେବା ସତ୍ତ୍ୱେ ବିନା ଲାଇସେନ୍ସ ନବୀକରଣରେ ସମୁଦ୍ର ଭିତରକୁ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରିଥିଲେ ଯଦ୍ୱାରା 2009-13 ମଧ୍ୟରେ ସରକାରଙ୍କୁ 43.41 ଲକ୍ଷ ଟଙ୍କା କ୍ଷତି ହୋଇଥିଲା । ପୁନଶ୍ଚ ଏଚ୍‌ଏସ୍‌ଡି ତୈଳ ବାବଦକୁ, ପହରା ଦେବା ଡଙ୍ଗା ମରାମତି କରିବା, ସଚେତନତାମୂଳକ ଶିବିର ଆୟୋଜନ ପାଇଁ 1.55 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଅନୈତିକ ଭାବେ ଚାଲୁଥିବା 16,467 ଡଙ୍ଗା ମଧ୍ୟରୁ କେବଳ 69 ଟି ଡଙ୍ଗା ଜବତ ହୋଇଥିଲା ।

ପ୍ରସ୍ଥାନ ସମ୍ମିଳନୀରେ, ସରକାର କହିଲେ ଯେ ଅନୁଧ୍ୟାନ ପରେ ପ୍ରକୃତ ତଥ୍ୟ ଜଣାଇ ଦିଆଯିବ ।

***ଯାନର ଇ-ପଞ୍ଜିକରଣର ଦୁର୍ବଳ ସଂପାଦନା***

**2.2.32** ଭାରତ ସରକାର ନଭେମ୍ବର 2009 ରେ ମର୍ଚ୍ଚାଣ୍ଟ ସିପିଙ୍ଗ୍ ଆକ୍ଟ, 1958 ଅଧିନରେ ଯାନକୁ ଏକକ ପଞ୍ଜିକୃତ ସଂଖ୍ୟା ପ୍ରଦାନ କରି ମତ୍ସ୍ୟ ଧରା ଯାନର ପଞ୍ଜିକରଣ ପାଇଁ 38.76 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ସେହି ଉଦ୍ଦେଶ୍ୟ ପାଇଁ 2010-11 ରେ ଏନ୍ଆଇସି ଦ୍ୱାରା ହାର୍ଡୱେୟାର୍ ଏବଂ ସଫ୍ଟୱେୟାର ସ୍ଥାପନ କରାଯାଇଥିଲା । ତେବେ ଓଡ଼ିଶା ସରକାର ଏହି ପରିକଳ୍ପନାକୁ ସୁରକ୍ଷା ତଥା ମାଛ ଧରା ଯାନଗୁଡ଼ିକର ପ୍ରଭାବୀ ପର୍ଯ୍ୟାଲୋଚନା ପାଇଁ ମାତ୍ର 2011-12 ରୁ ସଂପାଦନ କରିଥିଲେ ।

ସମୀକ୍ଷାରେ ଦେଖାଗଲା ଯେ ମାର୍ଚ୍ଚ 2014 ସୁଦ୍ଧା, ଅନ୍‌ଲାଇନ୍ ପଞ୍ଜିକରଣ 17,973 ଯାନ ମଧ୍ୟରୁ 14,168 ଯାନର ସମ୍ପୂର୍ଣ୍ଣ ହୋଇଥିଲା । ଅନ୍‌ଲାଇନ୍ ପଞ୍ଜିକରଣ କରୁନଥିବା ଯାନର ଲାଇସେନ୍ସ ରଦ୍ଦ କରିବା ପାଇଁ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶ (ଅଗଷ୍ଟ 2013) ସତ୍ତ୍ୱେ ମାର୍ଚ୍ଚ 2014 ସୁଦ୍ଧା 3,805 ଟି ଡଙ୍ଗା ମାନୁଆଲ୍ ପଞ୍ଜିକରଣ ମାଧ୍ୟମରେ ଚଳାଚଳ କରୁଥିଲା । ଲାଇସେନ୍ସ ରଦ୍ଦ ନ କରିବା ଅପ୍ରଭାବୀ ପର୍ଯ୍ୟାଲୋଚନାକୁ ଇଙ୍ଗିତ କରୁଥିଲା ।

ଉପରୋକ୍ତ ତଥ୍ୟକୁ ଗ୍ରହଣ କରି ସରକାର କହିଲେ ଯେ କେତୁଗୁଡ଼ିଏ ଡଙ୍ଗା ଦକ୍ଷ ମାନବ ସମ୍ବଳର ଅଭାବ ପାଇଁ ଇ-ପଞ୍ଜିକରଣ ପରିବର୍ତ୍ତେ ମାନୁଆଲ୍ ପଞ୍ଜିକରଣରେ ଚାଲୁଥିଲା ।

**ମତ୍ସ୍ୟଜୀବିଙ୍କ ପାଇଁ କଲ୍ୟାଣମୂଳକ ଯୋଜନା**

**2.2.33** କେନ୍ଦ୍ର ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ (ସିଏମ୍ଏଫ୍ଆର୍ଆଇ) ସର୍ବେକ୍ଷଣ, 2011 ଅନୁସାରେ ଓଡ଼ିଶାରେ 6,05,514 ସାମୁଦ୍ରିକ ମତ୍ସ୍ୟଜୀବି ଅଛନ୍ତି । ଓଡ଼ିଶା ସରକାର ମତ୍ସ୍ୟଜୀବିମାନଙ୍କ ସାମାଜିକ ବିକାଶ ନିମନ୍ତେ ବିଭିନ୍ନ କଲ୍ୟାଣମୂଳକ ପରିକଳ୍ପନା ଯଥା ସଞ୍ଚୟ ଓ ସହାୟତା ପାଣ୍ଠି, ସମୁଦ୍ରରେ ମତ୍ସ୍ୟଜୀବିଙ୍କ ସୁରକ୍ଷା, କୃତ୍ରିମ ପ୍ରାଚୀର ନିର୍ମାଣ, ସ୍ୱଳ୍ପ ମୂଲ୍ୟ ଗୃହ ପ୍ରକଳ୍ପ, ପାରମ୍ପାରିକ ଯାନର ଯାନ୍ତ୍ରିକକରଣ, ସମୂହ ଦୁର୍ଘଟଣା ବୀମା ଯୋଜନା ଇତ୍ୟାଦି ପ୍ରଣୟନ କରିଥିଲେ । ଏହି ପରିକଳ୍ପନାର ତ୍ରୁଟି ବିଚ୍ୟୁତିକୁ ନିମ୍ନ ଅନୁଚ୍ଛେଦମାନଙ୍କରେ ଆଲୋଚନା କରାଯାଇଛି ।

***ସଞ୍ଚୟ ସହ ସହାୟତା ପାଣ୍ଠି***

**2.2.34** ସଞ୍ଚୟ ସହ ସହାୟତା ପାଣ୍ଠି (ଏସ୍‌ସିଆର୍) ହିତାଧିକାରୀଙ୍କୁ ତିରୋଟ/ନିଷିଦ୍ଧ ସମୟରେ ସହାୟତା ପ୍ରଦାନ ପାଇଁ ଏକ କେନ୍ଦ୍ରିୟ ପ୍ରାୟୋଜିତ କଲ୍ୟାଣମୂଳକ ପରିକଳ୍ପନା । ମତ୍ସ୍ୟ ଧରା ଋତୁରେ (ଆଠ ମାସରେ) ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ହିତାଧିକାରୀ ମାସିକ 75 ଟଙ୍କା ଦେବେ ଯାହା ଡାକ ଘର ସଞ୍ଚୟ ଖାତାରେ ରହିବ । ରାଜ୍ୟ ଏବଂ କେନ୍ଦ୍ର ସରକାର ସମାନ ମୂଲ୍ୟ (600 ଟଙ୍କା ବାର୍ଷିକ) ହିତାଧିକାରୀଙ୍କ ସଞ୍ଚୟ ଖାତାରେ ଜମା ରଖିବେ ଯାହାକି ହିତାଧିକାରୀଙ୍କୁ ତିରୋଟ/ନିଷିଦ୍ଧ ସମୟ (ଅପ୍ରେଲ ରୁ ଜୁଲାଇ)ରେ ମାସିକ 300 ଟଙ୍କା ହିସାବରେ ପ୍ରଦାନ କରାଯିବ ।

ସମୀକ୍ଷାରେ ଦେଖାଗଲା ଯେ:

- 2009-14 ମଧ୍ୟରେ ଯୋଗ୍ୟ ଧାର୍ଯ୍ୟ 78,000 ମତ୍ସ୍ୟ ଜୀବିଙ୍କ ମଧ୍ୟରୁ 55,124 ଜଣ ମତ୍ସ୍ୟଜୀବି (71 ପ୍ରତିଶତ)ଙ୍କୁ ଏସସିଆରରେ ସାମିଲ୍ କରାଯାଇଥିଲା । ଜିଲ୍ଲାୱାରୀ ଆଠୋଟି ନମୁନା ଯାଞ୍ଚ ଜିଲ୍ଲା ମଧ୍ୟରୁ ଛଅଟି[55]ରେ ଏହି ପରିକଳ୍ପନାରେ ସାମିଲ ଯୋଗ୍ୟ ହିତାଧିକାରୀଙ୍କ ପ୍ରତିଶତ 42.56 ରୁ 93.41 ଥିଲା ।
- 2009-14 ରେ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ ବାବଦକୁ ଲଭ୍ୟ 6.63 କୋଟି ଟଙ୍କା ତୁଳନାରେ ଯୋଗ୍ୟ ମତ୍ସ୍ୟଜୀବି ନିଜସ୍ୱ ରାଶି ଜମା ନକରିବା ଫଳରେ 3.42 କୋଟି ଟଙ୍କା ଉପଯୋଗ ହୋଇପାରି ନଥିଲା ।

---

[55] ଦୁଇଟି ଜିଲ୍ଲା ଉପକୂଳ ଜିଲ୍ଲା ନୁହଁନ୍ତି

- ଏସ୍‌ସିଆର ଅଧିନରେ ଅନୁଦାନ ଲାଭ କରିବାର ପ୍ରାରମ୍ଭିକ ସର୍ତ୍ତ ଯଥା ଜନ୍ମ ପ୍ରମାଣ ପତ୍ର, ଆୟ, ସମବାୟ ସମିତିର ସଭ୍ୟ ଇତ୍ୟାଦି ସଂପର୍କିତ ରେକର୍ଡ ନ ଯୋଗାଇବାର ସମୀକ୍ଷାରେ ଯାଞ୍ଚ କରାଯାଇ ପାରିନଥିଲା ।

ତେଣୁ, ହିତାଧିକାରୀ ଚିହ୍ନଟ ନକରିବା ଏବଂ ଅପ୍ରଭାବୀ ପରିଚାଳନା ପାଇଁ ପରିକଳ୍ପନାର ଉଦ୍ଦିଷ୍ଟ ଲଭ୍ୟ ସାଧିତ ହୋଇପାରି ନଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ, କମ୍ ଉପଲବ୍ଧିର ନିର୍ଦ୍ଦିଷ୍ଟ କାରଣ ଅନୁଧ୍ୟାନ କରାଯିବ ।

***ସମୁଦ୍ରରେ ମତ୍ସ୍ୟଜୀବିଙ୍କ ସୁରକ୍ଷା ପାଇଁ ସିଏସ୍‌ପି ପରିକଳ୍ପନାର ବିଳମ୍ବିତ ପ୍ରଣୟନ***

**2.2.35** ଭାରତ ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ସମ୍ପଦ ବିକାଶ, ଭିତ୍ତିଭୂମି ଏବଂ ଅମଳ ପରବର୍ତ୍ତୀ ସମ୍ପାଦନା ପାଇଁ "ସମୁଦ୍ରରେ ମତ୍ସ୍ୟଜୀବିଙ୍କ ସୁରକ୍ଷା" ଏକ ପ୍ରମୁଖ ଉପାଦାନ । ଏଫ୍‌ଏଆର୍‌ଡି, ଜୁନ୍ 2009 ରେ 1,000 ଟି ବିପଦକାଳୀନ ସୂଚନା ପ୍ରଦାନ ଯନ୍ତ୍ର (ଡିଏଟି) ଯୋଗାଣ କରିବାକୁ ପ୍ରସ୍ତାବ ଦେଇଥିଲା । ଡିଏଟି ଏକ ଅତ୍ୟାଧୁନିକ ଯାନ୍ତ୍ରିକ ଉପକରଣ, ଯାହାକି ମତ୍ସ୍ୟଜୀବିଙ୍କ ଜୀବନ ରକ୍ଷା ପାଇଁ ବ୍ୟବହାର କରାଯାଇଥାଏ । ମୋବାଇଲ୍ ଫୋନ୍ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ କାର୍ଯ୍ୟ କରିଥାଏ, ମତ୍ସ୍ୟଜୀବିମାନେ ଯେତେବେଳେ ଗଭୀର ସମୁଦ୍ର ମଧ୍ୟରେ ନିଖୋଜ ହୋଇଯାଆନ୍ତି ସେତେବେଳେ ବି ଡିଏଟି କାର୍ଯ୍ୟ କରିଥାଏ । 115 ଲକ୍ଷ ଟଙ୍କା ମୂଲ୍ୟର 1000 ଟି ଡିଏଟିର ପ୍ରସ୍ତାବ ତୁଳନାରେ ଭାରତ ସରକାର ଏବଂ ଓଡ଼ିଶା ସରକାର (75:25) ପ୍ରଥମ ପର୍ଯ୍ୟାୟରେ 600 ଟି ଡିଏଟି କ୍ରୟ କରିବା ପାଇଁ ମାର୍ଚ୍ଚ 2010 ରେ ଯଥାକ୍ରମେ 50 ଲକ୍ଷ ଟଙ୍କା ଏବଂ 16.66 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହି ପାଣ୍ଠି କାର୍ଯ୍ୟକାରୀ ସଂସ୍ଥା ଓପିଡିସିଙ୍କୁ ଦିଆଯାଇଥିଲା (ଡିସେମ୍ବର 2010) । ସମୀକ୍ଷାରୁ ଦେଖାଗଲା ଯେ:

- ଓପିଡିସିକୁ ପାଣ୍ଠି ଯୋଗାଣ ଏବଂ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରିବା ସହିତ ଯୋଗାଣକାରୀମାନଙ୍କୁ ଓ୍ୱେବିଲ୍ ପ୍ରଦାନରେ ବିଳମ୍ବ ହେତୁ ଡିଏଟି କିଣିବାରେ ଦୁଇ ବର୍ଷରୁ ଅଧିକ ଅହେତୁକ ବିଳମ୍ବ ଘଟିଥିଲା (ମାର୍ଚ୍ଚ 2010 ରୁ ଜୁଲାଇ 2012) । ଏଫ୍‌ଏଆର୍‌ଡି ପାଣ୍ଠିର ଉପଯୋଗ ପୂର୍ବରୁ ଉପଯୋଗ ପ୍ରମାଣ ପତ୍ର ପଇଠ କରିଥିଲା (ଡିସେମ୍ବର 2010/ ଅଗଷ୍ଟ 2011) ।
- ଯଦିଓ ହିତାଧିକାରୀଙ୍କ ସଂପୂର୍ଣ୍ଣ ବିବରଣୀ ଉପକୂଳ ରକ୍ଷୀ/ ସାମୁଦ୍ରିକ ଉଦ୍ଧାରକାରୀ ସମନ୍ୱୟ ସଂସ୍ଥା(ଏମ୍‌ଆର୍‌ସିସି) ପାଖରେ ପଞ୍ଜିକୃତ ହେବା କଥା, ହିତାଧିକାରୀଙ୍କ ବିବରଣୀ ପଇଠ ଅଭାବରୁ 600 ଟି ଡିଏଟି ଭିତରୁ ମାର୍ଚ୍ଚ 2014 ସୁଦ୍ଧା 180 ଟି ଡିଏଟି ପଞ୍ଜିକୃତ ହୋଇପାରିନଥିଲା ।
- ଏଫ୍‌ଏଆର୍‌ଡି 2010-12 ରେ 2.30 କୋଟି ଟଙ୍କା ମୂଲ୍ୟର 2,000 ଟି ଡିଏଟି କିଣିବା ପାଇଁ ପୁନଃ ପ୍ରସ୍ତାବ ଦେଇଥିଲା । ଯେହେତୁ, ପ୍ରଥମ ପର୍ଯ୍ୟାୟର 600 ଟି ଡିଏଟି କିଣିବା ପୂର୍ବରୁ ଉପଯୋଗ ପ୍ରମାଣପତ୍ର ଦିଆଯାଇଥିଲା ଏବଂ ଉପଯୋଗ ପ୍ରମାଣପତ୍ରରେ ଆବଶ୍ୟକ ବିବରଣୀ ଦିଆଯାଇନଥିଲା, ଭାରତ ସରକାର 2000 ଟି ଡିଏଟି କିଣିବାର ଏଫ୍‌ଏଆରଡି ପ୍ରସ୍ତାବକୁ ବିଚାରକୁ ନେଇନଥିଲେ ।

**ୟୁସି ଉପସ୍ଥାପନରେ ଏଫ୍‌ଏଆରଡିର ବିଫଳତା ଯୋଗୁଁ 2,000 ଡିଏଟି କ୍ରୟ ପାଇଁ 2.30 କୋଟି ଟଙ୍କା ମଞ୍ଜୁର ହୋଇନଥିଲା**

ପ୍ରସ୍ଥାନ ସମ୍ମିଳନୀରେ ସରକାର କହିଲେ ଯେ ସବୁ ଡଙ୍ଗାରେ ଡିଏଟି ଲଗାଯିବ ଏବଂ ଚାଲୁନଥିବା ଡିଏଟି ବିଷୟରେ ଅଡିଟ୍ କୁ ଅବଗତ କରାଯିବ ।

***କୃତିମ ପ୍ରବାଳ ପ୍ରାଚୀର ନିର୍ମାଣର ଧାର୍ଯ୍ୟ ଉଦ୍ଦେଶ୍ୟ ଉପଲବ୍ଧ ନହେବା***

**2.2.36** ସମୁଦ୍ର କୂଳରେ ଚିହ୍ନଟ ହୋଇଥିବା ସ୍ଥାନମାନଙ୍କରେ କୃତିମ ପ୍ରବାଳ (ଏଆର୍) ପ୍ରାଚୀର ନିର୍ମାଣ ଦ୍ୱାରା ବିଭିନ୍ନ ପ୍ରଜାତିର ମାଛକୁ ଉପଯୁକ୍ତ ପରିସଂସ୍ଥା ପ୍ରଦାନ କରି ପ୍ରଭାବୀ ଭାବେ ଧରି ଉଚ୍ଚ ମୂଲ୍ୟରେ ମାଛ ଗଚ୍ଛିତ କରି ଅବା ବିଧ୍ୱଂସୀ ମତ୍ସ୍ୟ ବୃଦ୍ଧି ବ୍ୟବହାର କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରିବ ।

ଭାରତ ସରକାର 1995-96 ଏବଂ 1997-98 ରେ ଦୁଇଟି କିସ୍ତି ମାଧ୍ୟମରେ ଓଡିଶା ସରକାରଙ୍କୁ ଉପଯୁକ୍ତ ମାନର ଏଆର୍ ନିର୍ମାଣ ଏବଂ ଚାରୋଟି ସମଷ୍ଟି ଯୁକ୍ତ ଏଆର୍ ପାଇଁ ଉପଯୋଗ ପ୍ରମାଣପତ୍ରର ପଇଠ ସର୍ତ୍ତରେ ପରବର୍ତ୍ତୀ କିସ୍ତି ଦେବା ପାଇଁ 12.96 ଲକ୍ଷ ଟଙ୍କାର ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ପ୍ରଦାନ କରିଥିଲେ । ଏହି ପାଣ୍ଠି ମତ୍ସ୍ୟଜୀବି ସମବାୟ ସମିତି (ଫିସ ଫେଡ୍), ଓଡିଶା ପାଖରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉପଲବଧ ଥିଲା । କିନ୍ତୁ ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟାରମ୍ଭରେ ବିଳମ୍ବ ହେତୁ ଏବଂ ପରବର୍ତ୍ତୀ ପାଣ୍ଠି (8.96 ଲକ୍ଷ), ଯାହା ସିଭିଲ ଡିପୋଜିଟରେ ଜମା ପଡିଥିବା ଯୋଗୁଁ ପ୍ରକଳ୍ପଗୁଡ଼ିକ ହୋଇପାରି ନଥିଲା । ଓଡିଶା ସରକାର (ଡିସେମ୍ବର 2008) ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆରକେଭିୱାଇ) ମାଧ୍ୟମରେ ତିନୋଟି[56] ସ୍ଥାନରେ ଏଆର୍ ନିର୍ମାଣ ପାଇଁ 74.90 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଓଡିଶା ସରକାର ଅକ୍ଟୋବର 2008 ରେ ଏହି କାର୍ଯ୍ୟକୁ ଜାତୀୟ ସାମୁଦ୍ରିକ ବୈଷୟିକ ପ୍ରତିଷ୍ଠାନ (ଏନଆଇଓଟି) କୁ ନ୍ୟସ୍ତ କରିଥିଲେ ଏବଂ ଏହା ମାର୍ଚ୍ଚ 2011 ରେ ସ୍ଥାପନା କରାଯାଇଥିଲା ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ପରିଲକ୍ଷିତ କରାଗଲା:

- ଏଫଂଏଆରଡି 1995-96 ଏବଂ 1997-98 ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 12.96 ଲକ୍ଷ ଟଙ୍କାର ପାଣ୍ଠିକୁ ଉପଯୋଗ କରିବାରେ ବିଫଳ ହେତୁ ରାଜ୍ୟ ପରବର୍ତ୍ତୀ ସିଏସ୍ପି ପାଣ୍ଠି ପାଇବାର ସୁଯୋଗରୁ ବଞ୍ଚିତ ହୋଇଥିଲା ।
- ଏଆର୍ ନିର୍ମାଣ ସତ୍ତ୍ୱେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ତିନୋଟି ମାଛ ଧରା କେନ୍ଦ୍ରରେ କ୍ରମାଗତ ଭାବେ 2010-11 ରେ 17,827 ମେଟ୍ରିକ୍ ଟନରୁ 2013 -14 ରେ 12,881 ମେଟ୍ରିକ୍ ଟନକୁ ଖସି ଆସିଥିଲା । ଏହି ହ୍ରାସର କାରଣ ଅନୁଧ୍ୟାନ କରାଯାଇନଥିଲା ।

ସରକାର କହିଲେ ଯେ ମାଛ ଧରିବା ଖର୍ଚ୍ଚକୁ କମ୍ କରିବା ପାଇଁ ଏଆର୍ ନିର୍ମାଣ କରାଯାଇଥିଲା । କିନ୍ତୁ ଏନ୍ଆଇଓଟିର ପ୍ରକଲ୍ପ ପ୍ରସ୍ତାବ ଅନୁସାରେ ଏଆର୍ ନିର୍ମାଣ ମାଛ ଉତ୍ପାଦନ ବୃଦ୍ଧି କରି ମାଛ ଧରା ଖର୍ଚ୍ଚକୁ କମ୍ କରିବାର ଏକ ପ୍ରମୁଖ ପଦ୍ଧତି ରହିଥିଲା ।

***"ଏଚ୍ଏସ୍ଡି ତେଲରେ ମତ୍ସ୍ୟଜୀବି ବିକାଶ ରିହାତି" ପରିକଳ୍ପନା ପାଣ୍ଠିର ଉପଯୋଗ ନହେବା***

**2.2.37** ଏଚ୍ଏସଡି ତେଲରେ ସବ୍ସିଡି ପ୍ରଦାନ କରି ଯନ୍ତ୍ରଚାଳିତ ମାଛ ଧରା ନୌକାକୁ ସୁବିଧା ଦେବା ପାଇଁ ଭାରତ ସରକାର 2004-05 ରେ "ଏଚ୍ଏସ୍ଡି ତେଲରେ ମତ୍ସ୍ୟଜୀବୀ ବିକାଶ ରିହାତି" ପରିକଳ୍ପନା ପ୍ରଣୟନ କରିଥିଲେ । ଏହା ଭାରତ ସରକାର ଏବଂ ଓଡ଼ିଶା ସରକାର ବଣ୍ଟନ[57] କରୁଥିଲେ ।

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧରେ ଏଚ୍ଏସ୍ଡି ତେଲରେ ସବ୍ସିଡି ପାଇଁ ସିଏସ୍ପି ଏବଂ ଏସ୍ପି ଅଧିନରେ ଯଥାକ୍ରମେ 560.09 ଲକ୍ଷ ଟଙ୍କା ଏବଂ 840.04 ଲକ୍ଷ ଟଙ୍କାର ପ୍ରାବଧାନ ତୁଳନାରେ ସମୁଦାୟ ରାଶିକୁ ଏହି ରିହାତି ପ୍ରଦାନ ବିଷୟରେ ସରକାରଙ୍କ ନିଷ୍ପତ୍ତି ବିଚାର ନହୋଇ ପଡ଼ିରହିବା ଯୋଗୁଁ ଫେରସ୍ତ କରାଯାଇଥିଲା । ଏହା ମଧ ଦେଖାଗଲା ଯେ ମାର୍ଚ୍ଚ 2009 ସୁଦ୍ଧା ପାଞ୍ଚଟି[58] ଜିଲ୍ଲାରେ ଖର୍ଚ୍ଚ ହୋଇନଥିବା 79.58 ଲକ୍ଷ ଟଙ୍କାର ସବ୍ସିଡିରୁ 58.67 ଲକ୍ଷ ଟଙ୍କା ଉପଯୋଗ କରାଯାଇଥିଲା ଏବଂ ବଳକା 20.91 ଲକ୍ଷ ଟଙ୍କା ଉପଯୋଗ ନହୋଇ ଅକ୍ଟୋବର 2014 ସୁଦ୍ଧା ଗଞ୍ଜାମ ଏବଂ ପୁରୀ ଜିଲ୍ଲାରେ ପଡ଼ିରହିଥିଲା ।

ସରକାର କହିଲେ ଯେ ପାଣ୍ଠିର ଉପଯୋଗ ଯାଞ୍ଚ୍ କରାଯିବ ଏବଂ ଏହି ଅନିୟମିତତା ପାଇଁ ଦାୟିତ୍ୱ ଧାର୍ଯ୍ୟ କରାଯିବ ।

---

[56] ବାଲିନୋଳିଆ, ଚନ୍ଦ୍ରଭାଗା ଏବଂ ପେଣ୍ଠକଟା

[57] 2009-12 ରେ 80:20 ଏବଂ 2012-14 ରେ 1:2

[58] ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତସିଂହପୁର ଏବଂ ପୁରୀ

### *ସ୍ୱଳ୍ପ ମୂଲ୍ୟ ବାସଗୃହ ପ୍ରକଳ୍ପ ସଂପାଦନାରେ ବିଳମ୍ବ*

**2.2.38** ସ୍ୱଳ୍ପ ମୂଲ୍ୟ ବାସଗୃହ ପ୍ରକଳ୍ପ ଏକ କେନ୍ଦ୍ର ପ୍ରାୟୋଜିତ ପରିକଳ୍ପନା, ଯାହା ମତ୍ସ୍ୟଜୀବିମାନଙ୍କ କଲ୍ୟାଣ ପାଇଁ ଜାତୀୟ ପ୍ରକଳ୍ପ ଏବଂ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସମାନ ଅଂଶ ଥାଇ ଏକ ପୂର୍ଣ୍ଣ ପାଣ୍ଠି ଯୋଗାଣ ପରିକଳ୍ପନା । ଏହି ପରିକଳ୍ପନା ମୁତାବକ, ସ୍ୱଳ୍ପ ମୂଲ୍ୟ ବାସଗୃହ ନିର୍ମାଣର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ଏବଂ ପ୍ରକଳ୍ପ ଅଧିକାରୀ କାର୍ଯ୍ୟକୁ ତଦାରଖ କରିବେ ଏବଂ ସମୟାନୁସାରେ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ହିତାଧିକାରୀଙ୍କୁ ଉତ୍ସାହିତ କରିବେ ।

ସମୀକ୍ଷାରେ ନିମ୍ନଲିଖିତ ବିଷୟ ଦେଖାଗଲା:

- ଏଫ୍ଏଆର୍ଡି 2009-10 ରେ 20.47 କୋଟି ଟଙ୍କା ମୂଲ୍ୟର (ମାର୍ଚ୍ଚ 2010 ରେ 20.61 କୋଟି ଟଙ୍କାକୁ ସଂଶୋଧିତ) 4026 ଟି ସ୍ୱଳ୍ପ ମୂଲ୍ୟ ବାସଗୃହ ପାଇଁ ପ୍ରସ୍ତାବ ଦେଇଥିଲା । ସ୍ୱଳ୍ପ ମୂଲ୍ୟ ବାସଗୃହ ନିର୍ମାଣ ପାଇଁ 2004-08 ରେ ପ୍ରଦାନ କରାଯାଇଥିବା ପାଣ୍ଠିର (287.88 ଲକ୍ଷ ଟଙ୍କା) ଉପଯୋଗ ପ୍ରମାଣପତ୍ର ପଇଠରେ ବିଳମ୍ବ ପାଇଁ (ମାର୍ଚ୍ଚ 2007 ରୁ ଅକ୍ଟୋବର 2010) ଓଡ଼ିଶା ସରକାରଙ୍କ ଉପରୋକ୍ତ ପ୍ରସ୍ତାବ ଭାରତ ସରକାରଙ୍କ ଦ୍ୱାରା ବିଚାରକୁ ନିଆଯାଇ ନଥିଲା । ଏହାଦ୍ୱାରା 4026 ଟି ସ୍ୱଳ୍ପ ମୂଲ୍ୟ ବାସଗୃହର ଲାଭ ଉଠାଯାଇ ପାରିନଥିଲା ।
- 2011-12 ରେ 4 କୋଟି ଟଙ୍କାର ପ୍ରସ୍ତାବ ତୁଳନାରେ ଭାରତ ସରକାର ଏବଂ ଓଡ଼ିଶା ସରକାର 800 ଟି ସ୍ୱଳ୍ପ ମୂଲ୍ୟ ବାସଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ 2.40 କୋଟି ଟଙ୍କା ( ମାର୍ଚ୍ଚ 2012) ପ୍ରଦାନ କରିଥିଲେ ପରନ୍ତୁ, ମତ୍ସ୍ୟ ନିର୍ଦ୍ଦେଶାଳୟ 479 ଗୃହର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା ଏବଂ ସେଥିରୁ ଜୁଲାଇ 2013 ସୁଦ୍ଧା 144 ଟି ଗୃହ ସମ୍ପୂର୍ଣ୍ଣ ହୋଇପାରିଥିଲା ।
- 2011-12 ରେ ପ୍ରଦାନ କରାଯାଇଥିବା 2.40 କୋଟି ଟଙ୍କାରୁ ଅକ୍ଟୋବର 2012 ସୁଦ୍ଧା ମତ୍ସ୍ୟ ନିର୍ଦ୍ଦେଶାଳୟ କେବଳ 22.25 ଲକ୍ଷ ଟଙ୍କାର ଉପଯୋଗ ପ୍ରମାଣ ପତ୍ର ପଇଠ କରିଥିଲା । ସେଥିପାଇଁ ଭାରତ ସରକାର 2012-13 ରେ 1287 ଗୃହ ନିର୍ମାଣ ପାଇଁ 6.44 କୋଟି ଟଙ୍କାର ଏଫ୍ଏଆର୍ଡିର ପ୍ରସ୍ତାବକୁ ମଞ୍ଜୁର କରିନଥିଲେ (ଡିସେମ୍ବର 2012) ।

**ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ଏବଂ ୟୁସି ଉପସ୍ଥାପନାରେ ବିଳମ୍ବ ଯୋଗୁଁ ଏଫ୍ଏଆରଡି 5,634 ଟି ଗୃହ ନିର୍ମାଣ ପାଇଁ ମତ୍ସ୍ୟଜୀବି ମାନଙ୍କୁ 28.65 କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନରେ ବିଫଳ ହୋଇଥିଲା**

ତେଣୁ, ସ୍ୱଳ୍ପ ମୂଲ୍ୟ ବାସଗୃହ ନିର୍ମାଣର ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିବା ହେତୁ ଉପଯୋଗ ପ୍ରମାଣ ପତ୍ର ପଇଠ କରିବାରେ ବିଳମ୍ବ ହୋଇଥିଲା ଏବଂ ଏଫ୍ଏଆର୍ଡି 2009-13 ମଧ୍ୟରେ 5,634 ଟି ସ୍ୱଳ୍ପ ମୂଲ୍ୟ ବାସଗୃହ ପାଇଁ ମତ୍ସ୍ୟଜୀବିଙ୍କୁ 28.65 କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିପାରିନଥିଲା ।

ସରକାର ଉତ୍ତରରେ କହିଲେ ଯେ ପ୍ରତିଗୃହର ମୂଲ୍ୟ କମ୍ ଥିବାରୁ ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନଥିଲା ଯେଉଁଥିପାଇଁ ଉପଯୋଗ ପ୍ରମାଣ ପତ୍ର ପଇଠରେ ବିଳମ୍ବ ହୋଇଥିଲା । କିନ୍ତୁ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣ ସଂପୂର୍ଣ୍ଣ ପାଇଁ ପର୍ଯ୍ୟାଲୋଚନାରେ ଅଭାବ ଥିବା ତଥ୍ୟ କାଏମ୍ ଥିଲା ।

### *ପାରମ୍ପରିକ ନୌକାର ଯାନ୍ତ୍ରିକକରଣ*

**2.2.39** ଭାରତ ସରକାର ସିଏସ୍ପି ଅଧିନରେ ଅଧିକ ମାଛ ଧରିବା ଏବଂ ସଜ ମାଛ ସହ ମାଛଧରା ସ୍ଥାନକୁ ଶୀଘ୍ର ପହଞ୍ଚିବାରେ ସୁଯୋଗ ଦେବା ପାଇଁ ପାରମ୍ପରିକ ନୌକାର ଯାନ୍ତ୍ରିକକରଣ ପରିକଳ୍ପନାର ପ୍ରଣୟନ କରିଥିଲେ । ପରିକଳ୍ପନା ମୁତାବକ ପ୍ରତି ମୋଟର୍ ମୂଲ୍ୟର 50 ପ୍ରତିଶତ ଏବଂ 30,000 ଟଙ୍କା ପର୍ଯ୍ୟନ୍ତ ସୀମିତ ସବ୍ସିଡି ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ସମାନ ଭାଗିଦାରୀରେ ପ୍ରଦାନ କରାଯିବ । 2010-20 ପରିପ୍ରେକ୍ଷଣ ଯୋଜନା ଅନୁସାରେ 6,000 ଟି ପାରମ୍ପରିକ ନୌକାର ଯାନ୍ତ୍ରିକକରଣ ଧାର୍ଯ୍ୟ କରାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧ୍ୟରେ ଏହି ପରିକଳ୍ପନା ପାଇଁ ରାଜ୍ୟ ସରକାରଙ୍କର 6.01 କୋଟି ଟଙ୍କାର ପ୍ରାବଧାନ ତୁଳନାରେ 4.31 କୋଟି ଟଙ୍କା ଉପଯୋଗ ହୋଇ ବଳକା 1.70 କୋଟି ଟଙ୍କା ଖର୍ଚ୍ଚ ନହୋଇ

ପଡ଼ି ରହିଥିଲା । ଯାହାଫଳରେ 2009-14 ରେ ଧାର୍ଯ୍ୟ 3,600 ଟି ପାରମ୍ପରିକ ନୌକାର ଯାନ୍ତ୍ରିକକରଣ ତୁଳନାରେ କେବଳ 2,947 ଟି ଯାନ୍ତ୍ରିକକରଣ କରାଯାଇଥିଲା । ପାଞ୍ଚଟି ଜିଲ୍ଲାରେ ଯାନ୍ତ୍ରିକକରଣ 30 ରୁ 97 ପ୍ରତିଶତ ଥିଲା ଏବଂ ଭଦ୍ରକ ଜିଲ୍ଲାରେ ଯାନ୍ତ୍ରିକକରଣ କାର୍ଯ୍ୟ ହାତକୁ ନିଆଯାଇ ନଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର ତଥ୍ୟକୁ ମାନି କହିଲେ ଯେ ଯାନ୍ତ୍ରିକକରଣରେ କମ୍‌ତି ସମ୍ପ୍ରତି ପୂରଣ କରାଯାଇଛି ।

***ସମୂହ ଦୁର୍ଘଟଣା ବୀମା ଯୋଜନା***

**2.2.40** ଭାରତ ସରକାର 2006-07 ରେ "ସକ୍ରିୟ ମତ୍ସ୍ୟଜୀବିଙ୍କ ପାଇଁ ସମୂହ ଦୁର୍ଘଟଣା ବୀମା" ପରିକଳ୍ପନା ପ୍ରଣୟନ କରିଥିଲେ ଯାହାକି କେନ୍ଦ୍ରୀୟ ପ୍ରାୟୋଜିତ ପରିକଳ୍ପନା ଯଥା "ଜାତୀୟ ମତ୍ସ୍ୟଜୀବି କଲ୍ୟାଣ ପରିକଳ୍ପନା" ର ଏକ ଅଂଶ ଥିଲା । ଏହି ପରିକଳ୍ପନା ଅଧୀନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ/ ଚିହ୍ନଟ/ ପଞ୍ଜିକୃତ ମତ୍ସ୍ୟଜୀବି ଗୋଷ୍ଠୀଙ୍କୁ ମୃତ୍ୟୁ ଏବଂ ସମ୍ପୂର୍ଣ୍ଣ ସ୍ଥାୟୀ ଅକ୍ଷମତା ପାଇଁ ଏକ ଲକ୍ଷ ଟଙ୍କାର ବୀମା ଏବଂ ଆଂଶିକ ଅକ୍ଷମତା ପାଇଁ 0.50 ଲକ୍ଷ ଟଙ୍କାର ବୀମାଭୁକ୍ତ କରିବାର ଥିଲା । ବୀମା ଏକ ବର୍ଷ ପାଇଁ ଥିଲା ଏବଂ ପଲିସି ଜାତୀୟ ମତ୍ସ୍ୟଜୀବି ସମବାୟ ସଂସ୍ଥା (ଫିସ୍‌କୋପ୍‌ଫେଡ୍) ମାଧମରେ ନେବାର ଥିଲା । ବାର୍ଷିକ ପ୍ରିମିୟମ ମତ୍ସ୍ୟଜୀବି ପିଛା (ସେବାକର ଏକ ଟଙ୍କା ସହିତ) 30 ଟଙ୍କାରୁ ଅଧିକ ହେବ ନାହିଁ ଓ ଏହା ଫିସ୍‌କୋପଫେଡକୁ ଦେବାର ଥିଲା । ଏହି ସହାୟତା ଭାରତ ସରକାର ଓ ରାଜ୍ୟ ସରକାର ସମାନ ଭାଗିଦାରୀ ଭିତ୍ତିରେ ପ୍ରଦାନ କରିବାର ଥିଲା ।

**ବୀମା କମ୍ପାନୀଗୁଡ଼ିକୁ 89,331 ମତ୍ସ୍ୟଜୀବିଙ୍କ ପାଇଁ 25.91 ଲକ୍ଷ ଟଙ୍କା ଅତିରିକ୍ତ ପ୍ରିମିୟମ ଦିଆଯାଇଥିଲା**

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧରେ ବୀମା କମ୍ପାନୀଗୁଡ଼ିକୁ ଓଡ଼ିଶା ସରକାର ଏବଂ ଭାରତ ସରକାର 13.63 କୋଟି ଟଙ୍କା ପ୍ରଦାନ କରିଥିଲେ । 2011-12 ର ମତ୍ସ୍ୟଜିବୀ ତାଲିକାରୁ ଏହା ଦେଖାଗଲା ଯେ ବୀମାଭୁକ୍ତ ହୋଇଥିବା 9,99,500 ମତ୍ସ୍ୟଜୀବି ମଧରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ/ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା 89,331 ଜଣ ମତ୍ସ୍ୟଜୀବିଙ୍କ ନାମ ଦୁଇଥର ଯୋଗ କରାଯିବା ହେତୁ ଓଡ଼ିଶା ସରକାର ଏବଂ ଭାରତ ସରକାର ବୀମା କମ୍ପାନୀଗୁଡ଼ିକୁ 25.91 ଲକ୍ଷ ଟଙ୍କା ଅତିରିକ୍ତ ପ୍ରିମିୟମ ଦେଇଥିଲେ ।

ତଥ୍ୟକୁ ମାନ୍ୟ କରି ସରକାର କହିଲେ ଯେ ସମ୍ପୂର୍ଣ୍ଣ ଅନୁସନ୍ଧାନପରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଭିତ୍ତିଭୂମି

***ମତ୍ସ୍ୟ ପୋତାଶ୍ରୟ ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ର***

**2.2.41** ଧରା ହୋଇଥିବା ମାଛକୁ ମାଛଧରା ଯାନରୁ ସୁରକ୍ଷିତ ଅବତରଣ ଏବଂ ଖଲାସ ପାଇଁ ଭିତ୍ତିଭୂମି ପ୍ରଦାନ, ମତ୍ସ୍ୟ ପୋତାଶ୍ରୟ (ଏଫ୍‌ଏଚ୍) ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ର (ଏଫ୍‌ଏଲସି) ର ମରାମତି ଏବଂ ନବୀକରଣର ଲକ୍ଷ୍ୟ ନେଇ ମତ୍ସ୍ୟ ପୋତାଶ୍ରୟ ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ର ସ୍ଥାପନା ପରିକଳ୍ପନା କରାଯାଇଥିଲା ।

ଓଡିଶାର 480 କିମି ଉପକୂଳବର୍ତ୍ତୀ ଅଞ୍ଚଳରେ 63 ଟି ସମ୍ଭାବ୍ୟ ମତ୍ସ୍ୟ ଅବତରଣ ଭୂମି (ମତ୍ସ୍ୟ ପୋତାଶ୍ରୟ / ମତ୍ସ୍ୟ ଅବତରଣ କେନ୍ଦ୍ର) ରହିଛି । ଯେହେତୁ ଅଧିକାଂଶରେ ସର୍ବନିମ୍ନ ମୌଳିକ ସୁବିଧା ଉପଲବଧ ନ ଥିଲା, ପରିପ୍ରେକ୍ଷଣ ଯୋଜନା ଅନୁସାରେ, ସ୍ଥିତ ମତ୍ସ୍ୟ ପୋତାଶ୍ରୟ ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରର ନବୀକରଣ ଓ ଉନ୍ନତିକରଣ ଦ୍ୱାରା ଆଧୁନିକୀକରଣ କରିବାର ଥିଲା । ମତ୍ସ୍ୟ ପୋତାଶ୍ରୟ ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରର ବିଳମ୍ବିତ ଉନ୍ନତିକରଣ / ଆଧୁନିକୀକରଣ ବିଷୟ ନିମ୍ନରେ ଆଲୋଚନା କରାଗଲା :

***ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ ସହାୟତା ଅଧୀନରେ ଏଫ୍‌ଏଚ୍ / ଏଫ୍‌ଏଲ୍‌ସିର ବିଳମ୍ବିତ ଉନ୍ନତିକରଣ / ଆଧୁନିକୀକରଣ***

**2.2.42** ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନଏଫ୍‌ଡିବି) ଜୁଲାଇ 2011 ରୁ ଜାନୁୟାରୀ 2012 ମଧ୍ୟରେ ସାତୋଟି ଏଫ୍‌ଏଚ/ଏଫ୍‌ଏଲ୍‌ସି ର ଉନ୍ନତିକରଣ/ଆଧୁନିକିକରଣ ପାଇଁ 11.65 କୋଟି ଟଙ୍କା ମଞ୍ଜୁର କରିଥିଲେ ଓ

8.96 କୋଟି ଟଙ୍କା ପ୍ରଦାନ କରିଥିଲେ । ଏନ୍‌ଏଫ୍‌ଡିବି ଏବଂ ଓଡିଶା ସରକାରଙ୍କ ମଧ୍ୟରେ ବିଭିନ୍ନ ସମୟରେ ହୋଇଥିବା ବୁଝାମଣା ଚୁକ୍ତି ମୁତାବକ ଏହି ପ୍ରକଳ୍ପ ଗୁଡିକ, ପାଣି ଯୋଗାଣର 18 ମାସ ଭିତରେ ସଂପୂର୍ଣ୍ଣ ହେବାର ଥିଲା । ରେକର୍ଡ ଯାଞ୍ଚରୁ ଦେଖାଗଲା ଯେ ସାତୋଟି[59] ଏଫ୍‌ଏଚ/ଏଫ୍‌ଏଲ୍‌ସି ମଧ୍ୟରୁ ଗୋଟିଏ ଏଫଏଲସି ଗଞ୍ଜାମ ଜିଲ୍ଲାର ସୋନାପୁର ଠାରେ ସଂପୂର୍ଣ୍ଣ ହୋଇଥିଲା ଏବଂ ବଳକା 6 ଟି ଏଫ୍‌ଏଚ/ ଏଫ୍‌ଏଲ୍‌ସି କାମ ସମୀକ୍ଷା ତାରିଖ ସୁଦ୍ଧା ଚାଲୁ ରହିଥିଲା । ଅଗଷ୍ଟ 2014 ସୁଦ୍ଧା 6.55 କୋଟି ଟଙ୍କାର ଉପଯୋଗ ପ୍ରମାଣପତ୍ର ପଇଠ କରାଯାଇଥିଲା । ପ୍ରସ୍ତାବିତ କାର୍ଯ୍ୟ ସଂପୂର୍ଣ୍ଣ ତାରିଖ ଠାରୁ 12 ରୁ 18 ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନଥିଲା । ଅଗଷ୍ଟ 2014 ପର୍ଯ୍ୟନ୍ତ 6 ଟି ପ୍ରକଳ୍ପର ବସ୍ତୁଗତ ପ୍ରଗତି 31 ରୁ 98 ପ୍ରତିଶତ ଥିଲା ।

ସରକାର କହିଲେ ଯେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ବାକିଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏନ୍‌ଏଫ୍‌ଡିବିକୁ ବଳକା ପାଣି ଯୋଗାଣ ପାଇଁ ଅନୁରୋଧ କରାଯାଇଛି ।

***କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ ଏଫ୍ ଏଲ୍‌ସି/ଏଫ୍ ଏଚ୍‌ର ନିର୍ମାଣରେ ବିଳମ୍ବ***

**2.2.43** କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ 18 ମାସ ମଧରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉଲ୍ଲେଖ କରି, ପ୍ରକଳ୍ପ ମୂଲ୍ୟକୁ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଭାଗିଦାରୀରେ ଏଫ୍‌ଏଲ୍‌ସି/ଏଫ୍‌ଏଚର ନିର୍ମାଣ/ ଆଧୁନିକୀକରଣ/ ନବୀକରଣ କାର୍ଯ୍ୟ କରାଯାଇଥାଏ । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା କାର୍ଯ୍ୟରେ ତ୍ରୁଟି ବିଚ୍ୟୁତିକୁ ନିମ୍ନରେ ଆଲୋଚନା କରାଗଲା ।

***ବାଲୁଗାଁଠାରେ ମତ୍ସ୍ୟ ଅବତରଣ କେନ୍ଦ୍ରର ଅବତରଣ***

**2.2.44** ଭାରତ ସରକାର ମାର୍ଚ୍ଚ 2003 ରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁଠାରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ ଓଡ଼ିଶା ସରକାରଙ୍କ ସହ 50:50 ଭାଗିଦାରୀ ଭିତ୍ତିରେ 2.35 କୋଟି ଟଙ୍କା ମୂଲ୍ୟର ଏଫ୍‌ଏଲସିର ନିର୍ମାଣ ନଭେମ୍ବର 2004 ସୁଦ୍ଧା ସମ୍ପୂର୍ଣ୍ଣ କରିବା ଉଲ୍ଲେଖ କରି ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ । ବୈଧାନିକ ନିକାସ ପାଇବାରେ ବିଳମ୍ବ ହେତୁ (ମାର୍ଚ୍ଚ 2005) ଓଡ଼ିଶା ସରକାର (ଜୁନ୍ 2005) ପ୍ରକଳ୍ପ ମୂଲ୍ୟକୁ ଶ୍ରମ ଏବଂ ଅନ୍ୟାନ୍ୟ ମୂଲ୍ୟ ବୃଦ୍ଧି ହେତୁ ଅତିରିକ୍ତ ବ୍ୟୟକୁ ବହନ କରିବା ପ୍ରତିଶ୍ରୁତି ଦେଇ 2.60 କୋଟି ଟଙ୍କାକୁ ସଂଶୋଧିତ କରିଥିଲେ । ଭାରତ ସରକାର ନିଜ ଭାଗ 1.18 କୋଟି ଟଙ୍କାରୁ 0.62 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକୁ ଅକ୍ଟୋବର 2006 ସୁଦ୍ଧା ସାରିବା ପାଇଁ ଆଂଶିକ ଭାବେ ଏକ ଠିକାଦାରକୁ 1.37 କୋଟି ଟଙ୍କାରେ ନଭେମ୍ବର 2005 ରେ ପ୍ରଦାନ କରିଥିଲେ । ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ କାମ ସ୍ଥଗିତ ହୋଇଥିଲା ଏବଂ ଜୁଲାଇ 2010 ସୁଦ୍ଧା ସମାପ୍ତ କରିବାକୁ ପୁନଃ ନିର୍ଦ୍ଧାରିତ କରାଯାଇଥିଲା । ପାଣିର ଅଭାବ ହେତୁ ଏହି କାର୍ଯ୍ୟ 1.25 କୋଟି ଖର୍ଚ୍ଚ ହେବା ପରେ ଜୁଲାଇ 2013 ରେ ବନ୍ଦ୍ ହୋଇ ଯାଇଥିଲା । ପରବର୍ତ୍ତୀ ସମୟରେ ଭାରତ ସରକାର ଓ ଓଡ଼ିଶା ସରକାର ମାର୍ଚ୍ଚ 2013 ରେ ବାକିଆ ଭାଗ 1.35 କୋଟି ଟଙ୍କା ପ୍ରଦାନ କରିଥିଲେ ଏବଂ ପ୍ରକଳ୍ପ ସମାପ୍ତ ଜୁନ୍ 2014 କୁ ପୁନଃ ନିର୍ଦ୍ଧାରଣ କରାଯାଇଥିଲା । ପ୍ରକଳ୍ପ ମୂଲ୍ୟକୁ ପୁଣି ଥରେ ଅପ୍ରେଲ 2013 ରେ 5.18 କୋଟି ଟଙ୍କାକୁ ସଂଶୋଧିତ କରାଯାଇଥିଲା । ଏଥିରେ ସର୍ତ୍ତଥିଲା ଯେ ବାକି ପାଣି (2.58 କୋଟି ଟଙ୍କା) ଚିଲିକା ବିକାଶ ସଂସ୍ଥା (ସିଡିଏ) ଠାରୁ ପ୍ରାପ୍ତ ହେବ ଏବଂ ଯାହା ପାଇଁ ସିଡିଏ (ଫେବୃଆରୀ 2014) ରେ 1.80 କୋଟି ଟଙ୍କା ପ୍ରଦାନ କରିଥିଲେ ।

---

[59] ବାଲିପାଟପୁର, ବନ୍ଦରା, ଭୁଷଣ୍ଡପୁର, କାଂସବାଂଶ, ପଂଚୁବିସା, ପାରାଦୀପ ଏବଂ ସୋନପୁର

**ଏଫ୍ଏଲ୍ସି ଗୁଡ଼ିକର ନିର୍ମାଣ କାର୍ଯ୍ୟରେ 11 ବର୍ଷରୁ ଅଧିକ ବିଳମ୍ବ ହେତୁ ଖର୍ଚ୍ଚରେ 120 ପ୍ରତିଶତ ବଢି ହୋଇଥିଲା**

ସମୀକ୍ଷାରେ ଦେଖାଗଲା ଯେ ଡିସେମ୍ବର 2010 ସୁଦ୍ଧା ଠିକାଦାର 1.25 କୋଟି ଟଙ୍କାରେ 48 ପ୍ରତିଶତ କାର୍ଯ୍ୟ ସଂପାଦନା କରିଥିଲା, ଯାହାକି ପ୍ରଦତ୍ତ କାର୍ଯ୍ୟ ମୂଲ୍ୟର 91 ପ୍ରତିଶତ ଥିଲା । ଭାରତ ସରକାର/ ଓଡ଼ିଶା ସରକାର/ ସିଡିଏ ଦ୍ୱାରା 4.40 କୋଟି ଟଙ୍କା ପ୍ରଦାନ ସତ୍ତ୍ୱେ ଅଗଷ୍ଟ 2014 ସୁଦ୍ଧା 1.37 କୋଟି ଟଙ୍କା ଉପଯୋଗ ହୋଇପାରିଥିଲା । ତେଣୁ ପ୍ରକଳ୍ପ ମାର୍ଚ୍ଚ 2003 ରେ ଅନୁମୋଦନର 11 ବର୍ଷ ବିତିଯାଇଥିଲେ ସୁଦ୍ଧା ଏବଂ 2.83 କୋଟି ଟଙ୍କା (120 ପ୍ରତିଶତ) ଅଧିକ ବ୍ୟୟ ସତ୍ତ୍ୱେ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିଲା ଯଦ୍ୱାରା ଇପ୍‌ସିତ ଲାଭ ସିଦ୍ଧି ହୋଇପାରିନଥିଲା ।

ସରକାର କହିଲେ ସ୍ଥାନୀୟ ଲୋକଙ୍କ ଅବରୋଧ ଯୋଗୁଁ କାର୍ଯ୍ୟ ତିନିବର୍ଷ ପରେ ଆରମ୍ଭ କରାଯାଇଥିଲା ଏବଂ ମଇ 2015 ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଆଶ୍ୱାସନା ଦେଇଥିଲେ ।

### *ଧାମରାଠାରେ ଥିବା ମତ୍ସ୍ୟ ପୋତାଶ୍ରୟର ଆଧୁନିକୀକରଣ*

**2.2.45** ଭାରତ ସରକାର (ଡିସେମ୍ବର 2009) ରେ ଭଦ୍ରକ ଜିଲ୍ଲାର ଧାମରାଠାରେ ପୂର୍ବ ପ୍ରତିଷ୍ଠିତ ଧାମରା ମତ୍ସ୍ୟ ପୋତାଶ୍ରୟର ଆଧୁନିକୀକରଣ ପାଇଁ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ 75:25 ଭାଗିଦାରୀ ଭିତ୍ତିରେ କାର୍ଯ୍ୟକୁ ଜୁନ୍ 2011 ସୁଦ୍ଧା ସମ୍ପୂର୍ଣ୍ଣ କରିବା ଉଲ୍ଲେଖ କରି 13.10 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲା । ମାର୍ଚ୍ଚ 2012 ସୁଦ୍ଧା ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ (ଡିସେମ୍ବର 2009) ପ୍ରଥମ କିସ୍ତି 1.50 କୋଟି ଟଙ୍କା ସମେତ ଭାରତ ସରକାର (5.50 କୋଟି ଟଙ୍କା) ଏବଂ ଓଡ଼ିଶା ସରକାର (1.83 କୋଟି ଟଙ୍କା) 7.33 କୋଟି ଟଙ୍କା ପ୍ରଦାନ କରିଥିଲେ ।

ସମୀକ୍ଷାରେ ଦେଖାଗଲା ଯେ ଯଦିଓ ପ୍ରକଳ୍ପ ଜୁନ୍ 2011 ରେ ସମ୍ପୂର୍ଣ୍ଣ ହେବା ନିର୍ଦ୍ଧାରିତ କରାଯାଇଥିଲା, ଏହା ଭାରତ ସରକାରଙ୍କ ପ୍ରଥମ କିସ୍ତି ପ୍ରଦାନ ସତ୍ତ୍ୱେ ଅପ୍ରେଲ୍ 2011 ରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୁନଶ୍ଚ କାର୍ଯ୍ୟାରମ୍ଭରେ ବିଳମ୍ବ ହେତୁ ଯଦିଓ ଓଡ଼ିଶା ସରକାର ଅକ୍ଟୋବର 2011 ରେ ଭାରତ ସରକାରଙ୍କୁ ସେପ୍ଟେମ୍ବର 2013 ପର୍ଯ୍ୟନ୍ତ ସମୟ ଅବଧି ବର୍ଦ୍ଧିତ କରିବା ଏବଂ ବାକିଆ 4.33 କୋଟି ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ, ଭାରତ ସରକାର ସମ୍ପୂର୍ଣ୍ଣ ଅବଧି ବୃଦ୍ଧି (ଇଓଟି) ବ୍ୟତୀତ ବାକିଆ ଅଂଶ ପ୍ରଦାନ କରିବାକୁ ମାର୍ଚ୍ଚ 2013 ରେ ବିଚାରକୁ ନେଇନଥିଲେ । ଯାହାଫଳରେ 4.33 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇପାରିନଥିଲା । ଅଗଷ୍ଟ 2014 ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ 6.45 କୋଟି ଟଙ୍କା ଖର୍ଚ୍ଚ ହେଲା ପରେ ବି ଚାଲୁ ରହିଛି । ତେଣୁ ବିଳମ୍ବ କାର୍ଯ୍ୟ ସଂପାଦନା ପାଇଁ ଇପସିତ ଲାଭ ଉଠାଯାଇ ପାରି ନଥିଲା ।

ସରକାର କହିଲେ ଯେ ବଳକା ରାଶି ଠିକ୍ ସମୟରେ ମିଳିଲେ କାର୍ଯ୍ୟ ଅଳ୍ପ ସମୟ ମଧ୍ୟରେ ସଂପୂର୍ଣ୍ଣ କରାଯାଇ ପାରିବ । କିନ୍ତୁ, ଭାରତ ସରକାର ଯେହେତୁ ବାକିଆ ଅଂଶ ଦେବାକୁ ରାଜି ନଥିଲେ, ଓଡିଶା ସରକାରଙ୍କୁ ଅତିରିକ୍ତ ବୋଝ ସହିବାକୁ ପଡ଼ିଲା ।

### *ଏଫ୍ଏଚ / ଏଫ୍ଏଲ୍ସି ର ନିର୍ମାଣ, ମରାମତି ଏବଂ ନବୀକରଣ*

**2.2.46** ପ୍ରକଳ୍ପ ମୂଲ୍ୟ 10.80 କୋଟି ଟଙ୍କା ଯାହାକି ଭାରତ ସରକାର ଏବଂ ଓଡିଶା ସରକାରଙ୍କ 50;50 ଭାଗିଦାରୀ ଭିତ୍ତିରେ ଥିଲା, ସେଥିରୁ ପ୍ରଥମ କିସ୍ତିରେ କୃଷି ମନ୍ତ୍ରଣାଳୟ ମାର୍ଚ୍ଚ 2004 ରେ ବାଲେଶ୍ୱର ଜିଲ୍ଲାର ବାହାବଲପୁର ଠାରେ ଏଫ୍ଏଚ ନିର୍ମାଣ ପାଇଁ 1.00 କୋଟି ପ୍ରଦାନ କରିଥିଲେ । ସେହିପରି ଭାରତ ସରକାର କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ଅଧିନରେ ସାତୋଟି[60] ଏଫଏଲସି ର ମରାମତି ଏବଂ ନବୀକରଣ ପାଇଁ 50 ପ୍ରତିଶତ ଅଂଶ ବାବଦକୁ 60.25 ଲକ୍ଷ ଟଙ୍କା ଓଡିଶା ସରକାରଙ୍କୁ ପ୍ରଦାନ କରିଥିଲେ (ମାର୍ଚ୍ଚ 2001) । କିନ୍ତୁ ଆବଶ୍ୟକ ଜମିର ଚୁଡାନ୍ତ / ହସ୍ତାନ୍ତର ଅଭାବରୁ କାର୍ଯ୍ୟ ସମୀକ୍ଷା ତାରିଖ ସୁଦ୍ଧା ଆରମ୍ଭ ହୋଇନଥିଲା । ତେଣୁ ଭାରତ

[60] ବାହାବଲପୁର, ବାଲିପାଟପୁର, ଭୁଷଣ୍ଡପୁର, କାଂସବାଂଶ, ନାଏରି, ପଞ୍ଚୁବିସା, ତାଳଚୁଆ ଏବଂ ତାନ୍ତିଆପାଳ

ସରକାରଙ୍କ ଦ୍ୱାରା ପ୍ରଦତ୍ତ 1.60 କୋଟି ଟଙ୍କା ଉପଯୋଗ ହୋଇପାରିନଥିଲା, ଯାହାଫଳରେ ଇପ୍‌ସିତ ଲକ୍ଷ୍ୟ ହାସଲ ହୋଇପାରିନଥିଲା ।

ସରକାର କହିଲେ ଯେ ଜମି ହସ୍ତାନ୍ତର ନ ହେବା ହେତୁ ଭାରତ ସରକାରଙ୍କ ପ୍ରଦତ୍ତ 1.60 କୋଟି ଟଙ୍କା ଫେରସ୍ତ କରାଯିବ । ଏହି ଉତ୍ତର ଇଙ୍ଗିତ କରୁଛି ଯେ ଏହି ପ୍ରସ୍ତାବ ପର୍ଯ୍ୟାପ୍ତ ଯୋଜନା ଏବଂ ମୁକ୍ତ ଜମିର ପ୍ରାବଧାନ ନ ଥାଇ ପଇଠ କରାଯାଇଥିଲା ।

### ମତ୍ସ୍ୟଜାଲ ଉତ୍ପାଦନ କେନ୍ଦ୍ରର କମ୍ ଉପଯୋଗ

**2.2.47** ଓଡିଶାରେ ମତ୍ସ୍ୟଧରା ଜାଲର ବାର୍ଷିକ ଆବଶ୍ୟକତା 1500 ମେଟ୍ରିକ ଟନ୍ ସେଥିରେ ନାଇଲନ୍ ଜାଲ (90ମେଟ୍ରିକ୍ ଟନ୍) ଏବଂ ଏଚ୍‌ଡିପିଇ ଜାଲ (600 ମେଟ୍ରିକ୍ ଟନ୍) । ଓପିଡିସିର ଜାଲ ଉତ୍ପାଦନ କେନ୍ଦ୍ର 1986 ରୁ ଚାରୋଟି ଜାପାନୀ ମତ୍ସ୍ୟଜାଲ ତିଆରି ମେସିନ୍ ଏବଂ ପରବର୍ତ୍ତୀ ସମୟରେ (2007 ଏବଂ 2009) ପାଞ୍ଚୋଟି ଅଧିକ ଗତି ସଂପନ୍ନ ଜାଲ ମେସିନ୍ ରାଜ୍ୟର ମତ୍ସ୍ୟଜୀବିଙ୍କ ପାଇଁ ଉନ୍ନତ ମାନର ଜାଲ ଉତ୍ପାଦନ ପାଇଁ କରାଯାଇଥିଲା । ମତ୍ସ୍ୟ ଜାଲ ଉତ୍ପାଦନର ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ପୂର୍ବବର୍ତ୍ତୀ ବର୍ଷମାନଙ୍କ ସଂପାଦନ / ସିଦ୍ଧି ଭିତ୍ତିରେ କରାଯାଇଥିଲା ।

**194.18 ମେଟ୍ରିକ୍ ଟନ୍ ନାଇଲନ୍ ଜାଲ ଉତ୍ପାଦନରେ ନିଅଣ୍ଟ ଯୋଗୁଁ 7.03 କୋଟି ଟଙ୍କାର ରାଜସ୍ୱ କ୍ଷତି**

ସମୀକ୍ଷାରେ ଦେଖାଗଲା ଯେ 2009-14 ମଧ୍ୟରେ, ସ୍ଥାପିତ କ୍ଷମତା 105 ମେଟ୍ରିକ ଟନ୍ ର 90 ପ୍ରତିଶତ ଉପ ଯୋଗ ତୁଳନାରେ ଧାର୍ଯ୍ୟ ଲକ୍ଷ୍ୟ 57 ରୁ 76 ପ୍ରତିଶତ ନିମ୍ନରେ ଥିଲା । ଏପରିକି 360 ମେଟ୍ରିକ ଟନ୍‌ର ନିମ୍ନ ଧାର୍ଯ୍ୟ ଲକ୍ଷ୍ୟ ସତ୍ତ୍ୱେ ଓପିଡିସି କେବଳ 278.32 ମେଟ୍ରିକ ଟନ ହାସଲ କରିପାରିଥିଲା । ତେଣୁ ଉଲ୍ଲେଖିତ କ୍ଷମତା ଉପଯୋଗ 472.50 ମେଟ୍ରିକ ଟନ୍ ତୁଳନାରେ 194.18 ମେଟ୍ରିକ ଟନ୍ କମ୍ ଉତ୍ପାଦନ ହୋଇଥିଲା । ଯାହା ଫଳରେ 7.03 କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ଘଟିଥିଲା । ସ୍ୱଳ୍ପ ସିଦ୍ଧିର କାରଣ ମୁଖ୍ୟତଃ ଲଭ୍ୟ ମେସିନ ଘଣ୍ଟାର ଉପଯୋଗ ନହେବା, କାର୍ଯ୍ୟପୁଞ୍ଜିର ଅଭାବ ଏବଂ ଉତ୍ପାଦନ କରି ପାରୁନଥିବା ପୁରାତନ ଜାଲ ମେସିନ୍ ଥିଲା । ଯଦିଓ ମତ୍ସ୍ୟ ଜାଲର ପ୍ରଚୁର ଚାହିଦା ଏବଂ ଭଲ ସମ୍ଭାବ୍ୟ ରାଜସ୍ୱ ଆୟ ଥିଲା, ଓପିଡିସି ଏହାର ଲାଭ ଉଠାଇବାରେ ବିଫଳ ହୋଇଥିଲା ।

ସରକାର କହିଲେ ଜାଲ ଉତ୍ପାଦନ କେନ୍ଦ୍ରର ସ୍ୱଳ୍ପ ଉପଯୋଗ ଦୂରୀଭୁତ କରିବା ପାଇଁ ଦୁଇଟି ଉଚ୍ଚଶକ୍ତି ସଂପନ୍ନ ଜାପାନୀ ମେସିନ୍ ଅଣାଯାଇଛି ଏବଂ ବାହ୍ୟ ଉତ୍ସ ମାଧ୍ୟମରେ କୁଶଳୀ କାରିଗରଙ୍କୁ ବିନିଯୋଗ କରାଯାଇଛି ।

### ଡିଜେଲ ବିକ୍ରୟ କେନ୍ଦ୍ର/ଫିଲିଙ୍ଗ୍ ଷ୍ଟେସନର କାର୍ଯ୍ୟ ସଂପାଦନା

**2.2.48** ଟ୍ରଲର, ଯାନ୍ତ୍ରିକ ନୌକା ଇତ୍ୟାଦି ଚଲାଉଥିବା ମତ୍ସ୍ୟଜୀବିମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଓପିଡିସିର ବିଭିନ୍ନ ଉପକୂଳଅଞ୍ଚଳରେ ପାଞ୍ଚୋଟି[61] ଡିଜେଲ ବିକ୍ରୟ (ଡିଓ) କେନ୍ଦ୍ର ରହିଛି । ଏହା ବ୍ୟତୀତ ଭୂପୃଷ୍ଠ ପରିବହନକାରୀମାନଙ୍କୁ ଏଚ୍‌ଏସ୍‌ଡି, ଏମ୍‌ଏସ୍ ଏବଂ ଲୁବ୍ରିକାଣ୍ଟ ଯୋଗାଇବା ପାଇଁ ବାରିପଦା ଏବଂ ଛତ୍ରପୁରଠାରେ ଦୁଇଟି ଫିଲିଙ୍ଗ ଷ୍ଟେସନ ରହିଛି । ପୂର୍ବବର୍ଷର କାର୍ଯ୍ୟ ସଂପାଦନା/ପ୍ରାପ୍ତି ଭିତ୍ତିରେ ଏଚ୍‌ଏସ୍‌ଡି, ଏମ୍‌ଏସ୍ ଏବଂ ଲୁବ୍ରିକାଣ୍ଟର ବାର୍ଷିକ ବିକ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଏ ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଦେଖାଗଲା:

**16,804.29 କିଲୋ ଲିଟର ଏଚ୍‌ଏସ୍‌ଡିର ବିକ୍ରିରେ ନିଅଣ୍ଟ ଯୋଗୁଁ 1.43 କୋଟି ଟଙ୍କାର କମିଶନ ହାନି**

- 2009-14 ମଧରେ 75,500 କିଲୋଲିଟର ଏଚ୍‌ଏସ୍‌ଡିର ବିକ୍ରୟ ଲକ୍ଷ୍ୟ ତୁଳନାରେ ଓପିଡିସି ମାତ୍ର 58,695.71 କିଲୋଲିଟର ବିକ୍ରୟ କରିଥିଲା । 2009-10 ବର୍ଷ ବ୍ୟତୀତ ଯେଉଁ ବର୍ଷ ଲକ୍ଷ୍ୟ ପ୍ରାପ୍ତ ହୋଇଥିଲା, ପ୍ରାପ୍ତିର ପ୍ରତିଶତ 56.64 ଏବଂ 94.19 ମଧରେ ଥିଲା । ଲକ୍ଷ୍ୟ ପ୍ରାପ୍ତ ନହେବା ଯୋଗୁଁ ଓପିଡିସି 1.43 କୋଟି ଟଙ୍କାର କମିଶନ ଅର୍ଜନ କରିପାରିନଥିଲା ।

[61] ଅସ୍ତରଙ୍ଗ, ଚାନ୍ଦିପୁର, ଧାମରା, କସାଫଳ ଏବଂ ପେଣ୍ଠକଟା

- ମୋଟର ସ୍ପିରିଟ୍ ଏବଂ ଲୁବ୍ରିକାଣ୍ଟର ଧାର୍ଯ୍ୟ ବିକ୍ରି ଲକ୍ଷ୍ୟ ଯଥାକ୍ରମେ 18,750 କିଲୋ ଲିଟର ଏବଂ 1,26,400 ଲିଟର ତୁଳନାରେ ଓପିଡିସି 16,423 କିଲୋ ଲିଟର ମୋଟର ସ୍ପିରିଟ୍ (87.59 ପ୍ରତିଶତ) ଏବଂ 1,03,210 ଲିଟର ଲୁବ୍ରିକାଣ୍ଟ (81.65 ପ୍ରତିଶତ) 2009 ରୁ 2014 ମଧ୍ୟରେ ବିକ୍ରି କରିପାରିଥିଲା ।

- ଲକ୍ଷ୍ୟ ପ୍ରାପ୍ତ ନହେବା ପାଇଁ ଏଚଏସଡି ତୈଳରେ ସରକାରୀ ସବ୍‌ସିଡି ପ୍ରଣୟନ ନକରିବା, ନୂଆ ବିକ୍ରୟ କେନ୍ଦ୍ର ସ୍ଥାପନ କରିବା, ଘରୋଇସଂସ୍ଥାମାନଙ୍କ ଦ୍ୱାରା ଧାର ସୂତ୍ରରେ ବିକ୍ରୟ, ପର୍ଯ୍ୟାପ୍ତ କାର୍ଯ୍ୟ ପୁଞ୍ଜି ଅଭାବ ଇତ୍ୟାଦି କାରଣ ଦର୍ଶାଯାଇଥିଲେ ମଧ୍ୟ କୌଣସି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା କିମ୍ବା ଓପିଡିସି ଦ୍ୱାରା ଉପଯୁକ୍ତ ବିକ୍ରି ନୀତି ପ୍ରଣୟନ କରାଯାଇ ନଥିଲା ।

ସରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ନିଶ୍ଚିତ କରିଥିଲେ ।

**ବରଫ କଳର ସଂପାଦନା**

**2.2.49** ମାଛ ନଷ୍ଟକୁ କମାଇବା, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ, ପୁଷ୍ଟିକର ମାଛର ଅବିରତ ଯୋଗାଣ, ମାଛର ବିକ୍ରିମୂଲ୍ୟ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଅମଳ ପରବର୍ତ୍ତୀ ଭିତ୍ତିଭୂମି ପାଇଁ ବରଫ କଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବରଫ କଳ ସଂପାଦନାରେ ତ୍ରୁଟି ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

***କାର୍ଯ୍ୟକ୍ଷମ ନଥିବା ବରଫ କଳ ବିକ୍ରୟ ନକରିବା***

**2.2.50** ଏଫ୍ଏଆରଡିର ସାତଟି ବରଫ କଳ 2004-05 ପୂର୍ବରୁ କାର୍ଯ୍ୟକ୍ଷମ ନଥିଲା । ଓଡିଶା ସରକାର ଜୁନ୍ 2004 ରେ ସେହି ବରଫ କଳକୁ ଲିଜ୍ ଭିତ୍ତିରେ ବା ସମ୍ପୂର୍ଣ୍ଣ ଭାବେ 31 ଅଗଷ୍ଟ 2004 ସୁଦ୍ଧା ବିକ୍ରି କରିବାକୁ ନିଷ୍ପତ୍ତି ନେଲେ ।

ସମୀକ୍ଷାରେ ଦେଖାଗଲା ଯେ ଏହି ବରଫକଳଗୁଡ଼ିକୁ ବିକ୍ରୟ କରିବା ନିଷ୍ପତ୍ତିର 10 ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ବରଫ କଳକୁ ବିକ୍ରୟ କରାଯାଇ ନଥିଲା, ଯାହାଫଳରେ କର୍ମଚାରୀ ଦରମା, ବିଦ୍ୟୁତ୍, ଜଳକର ଏବଂ ଜଗାରଖା ବାବଦକୁ 1.42 କୋଟି ଟଙ୍କାର ଅପବ୍ୟୟ ହୋଇଥିଲା ।

ପୁନଶ୍ଚ, ଯଦିଓ ଭାରତ ସରକାରଙ୍କ ସାମୁଦ୍ରିକ ଉତ୍ପାଦ ରପ୍ତାନୀ ବିକାଶ ସଂସ୍ଥା (ଏମ୍‌ପିଇଡିଏ) ପ୍ରତି ବରଫ କଳ ପିଛା 12 ଲକ୍ଷ ଟଙ୍କାର ସବ୍‌ସିଡି ପ୍ରଦାନ କରି ଏଗୁଡ଼ିକୁ ଚଳନଶୀଳ କରିବାକୁ ମଇ 2007ରେ ପ୍ରସ୍ତାବ ଦେଇଥିଲେ ମଧ୍ୟ ଓଡ଼ିଶା ସରକାର ଏହାର ଲାଭ ଉଠାଇ ପାରି ନଥିଲେ ଯାହାର କାରଣ ରେକର୍ଡରେ ନଥିଲା ।

ସରକାର କହିଲେ ଯେ ବରଫ କଳ ବିକ୍ରୟ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

***ବରଫ କଳ ସ୍ଥାପନ କରିବାରେ ଅବିବେକି ନିଷ୍ପତ୍ତି***

**2.2.51** ଓପିଡିସି 15.25 ଲକ୍ଷ ଟଙ୍କାର କାରଖାନା ଓ ଯନ୍ତ୍ରପାତି ସମେତ 20.37 ଲକ୍ଷ ଟଙ୍କାର 10 ମେଟ୍ରିକ୍ ଟନ୍ ବରଫ କଳ ଏବଂ 5 ମେଟ୍ରିକ୍ ଟନ୍ ଶୀତଳ ଭଣ୍ଡାର ଗୋପାଳପୁର ଠାରେ 1994 ରେ ନିର୍ମାଣ କରିଥିଲା । ଏହି କାରଖାନା ବିଶୁଦ୍ଧ ଜଳ ଏବଂ ଶକ୍ତି ଯୋଗାଣର ଅଭାବରୁ ଚାଲିପାରି ନଥିଲା । ନିର୍ଦ୍ଦେଶକ ମଣ୍ଡଳୀ ଅକ୍ଟୋବର 2002 ରେ କାରଖାନା ଏବଂ ଯନ୍ତ୍ରପାତିକୁ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ କିନ୍ତୁ ବାରମ୍ବାର କମ୍ ନିଲାମ ମୂଲ୍ୟ ପାଇଁ ଏହା ବିକ୍ରି ହୋଇପାରିନଥିଲା ଏବଂ ଶେଷରେ 2.11 ଲକ୍ଷ ଟଙ୍କା ବିନିମୟରେ ମାର୍ଚ୍ଚ 2013 ରେ ବିକ୍ରି ହୋଇଥିଲା ।

ସେହିପରି ଓପିଡିସି ପାରାଦୀପ ବନ୍ଦର ଟ୍ରଷ୍ଟ ଜମିରେ ପାରାଦୀପରେ 9.06 ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ବରଫ କଳ 1999 ରେ ସ୍ଥାପନ କରିଥିଲା । ଏହି ନିବେଶ ଜମିଜମା ବିବାଦ ଏବଂ ଅଞ୍ଚଳଟି ଉଚ୍ଚ ଜୁଆରିଆ ଭୂମିରେ ଥିବା ଯୋଗୁଁ ଅପବ୍ୟୟ ହୋଇଥିଲା ।

ତେଣୁ, ଓପିଡିସି ଦ୍ୱାରା ସମ୍ଭାବ୍ୟତା ଅନୁଧ୍ୟାନ ନକରି ବରଫ କଳ ସ୍ଥାପନା ପାଇଁ ଅବିବେକୀ ନିଷ୍ପତ୍ତି ସକାଶେ 27.32 ଲକ୍ଷ ଟଙ୍କାର ଅପବ୍ୟୟ ହୋଇଥିଲା ।

ସରକାର ସମୀକ୍ଷା ଅନୁପାଳନର କୌଣସି ମତାମତ ରଖିନଥିଲେ ।

### ଏସ୍ଆର୍ସି ଠାରୁ ପ୍ରାପ୍ତ ପାଣ୍ଠି ଉପଯୋଗ ନହେବା

**ସଠିକ୍ ସମୟ ମଧ୍ୟରେ ମୂଲ୍ୟ ଆକଳନ ପ୍ରସ୍ତୁତିରେ ବିଫଳତା ଯୋଗୁଁ ଏସଆରସିଙ୍କୁ 10 କୋଟି ଟଙ୍କା ଫେରସ୍ତ କରାଗଲା ।**

**2.2.52** ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି), ଓଡ଼ିଶା 2010 ରେ 17 ଟି ମରୁଡ଼ି ପ୍ରପୀଡିତ ଜିଲ୍ଲା ଏବଂ 22 ଟି ଅଣଋତୁ ପ୍ରବଳ ବାତ୍ୟାଜନିତ ବୃଷ୍ଟି ପ୍ରଭାବିତ ଜିଲ୍ଲାରେ ଶ୍ରମ ଭିତ୍ତିକ କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍ଡିଆର୍ଏଫ୍) ରୁ 10 କୋଟି ଟଙ୍କା ପ୍ରଦାନ କରିଥିଲେ (ସେପ୍ଟେମ୍ବର 2011) । ପାଣ୍ଠିକୁ ଡିସେମ୍ବର 2011 ମଧ୍ୟରେ ଉପଯୋଗ କରିବା ଉଲ୍ଲେଖ ଥିଲା । ଏହା ଦେଖାଗଲା ଯେ ପ୍ରସ୍ତାବ ମୁତାବକ ଏହି ପାଣ୍ଠି 14 ଟି ଜିଲ୍ଲାରେ 26 ଟି ସରକାରୀ ମତ୍ସ୍ୟ ଫାର୍ମର ପୁନର୍ନିର୍ମାଣ/ନବୀକରଣରେ ଖର୍ଚ୍ଚ କରିବାର ଥିଲା । ଏଫ୍ଏଆର୍ଡି କାର୍ଯ୍ୟ ସଂପାଦନା କରିବା ପାଇଁ ସଠିକ୍ ସମୟରେ ଆକଳନ ପ୍ରସ୍ତୁତ କରିବାରେ ବିଫଳ ହେବାରୁ ଏହି ପାଣ୍ଠିକୁ ଏପ୍ରିଲ୍ 2012 ରେ ଏସ୍ଆର୍ସିକୁ ଫେରସ୍ତ କରିଥିଲା, ଯଦ୍ୱାରା ପୁନର୍ନିର୍ମାଣ/ ନବୀକରଣ କାର୍ଯ୍ୟ ହୋଇ ପାରିନଥିଲା ।

ସରକାର ଉକ୍ତ ତଥ୍ୟକୁ ଗ୍ରହଣ କରିଥିଲେ ।

## ଆର୍ଥିକ ପରିଚାଳନା

### *ଜଳାଶୟର ଲିଜ୍ ମୂଲ୍ୟ ଏବଂ ରୟାଲ୍ଟି ଆଦାୟ ନହେବା*

**2.2.53** ଓଡ଼ିଶା ସରକାର ଅକ୍ଟୋବର 2003 ରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ଗ୍ରାମୀଣ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ପ୍ରଚୁର ଜଳାଶୟ ଉତ୍ସରୁ ବହୁ ପରିମାଣର ରାଜସ୍ୱ ଆଦାୟ ପାଇଁ ରାଜ୍ୟ ଜଳାଶୟ ମତ୍ସ୍ୟ ନୀତି (ଏସ୍ଆରଏଫ୍ପି) ପ୍ରଣୟନ କରିଥିଲେ ଯାହାକି ଜଳାଶୟର ଲିଜ୍ ମୂଲ୍ୟ ହ୍ରାସ କରିବା ଦ୍ୱାରା ସଂଶୋଧିତ ହୋଇଥିଲା (ସେପ୍ଟେମ୍ବର 2012) । ଜଳାଶୟ ମୁଖ୍ୟତଃ ତିନୋଟି ବିଭାଗରେ ବିଭକ୍ତ ଯଥା- କ୍ଷୁଦ୍ର (40 ହେକ୍ଟରରୁ 1000 ହେକ୍ଟର), ମଧ୍ୟମ (1001 ହେକ୍ଟରରୁ 5000 ହେକ୍ଟର) ଏବଂ ବୃହତ୍ (5000 ହେକ୍ଟରରୁ ଅଧିକ) । ସମୁଦାୟ 1,41,305 ହେକ୍ଟରର (ପ୍ରତ୍ୟେକ 40 ହେକ୍ଟରରୁ ଅଧିକ) 138 ଟି ଜଳାଶୟରୁ ମାଛ ଧରିବା ଅଧିକାର ଏଫ୍ଏଆରଡି ନିକଟରେ ଥିଲା । ଏସଆରଏଫପି ମୁତାବକ ଏହି ଜଳାଶୟଗୁଡ଼ିକୁ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସଂସ୍ଥାକୁ (ପିଏଫସି) ଲିଜରେ ଦେବାର ପ୍ରାବଧାନ ଥିଲା । ଯେଉଁଥିରେ ଏହି ଲିଜ୍ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଞ୍ଚ ବର୍ଷ ପାଇଁ ଏବଂ ଲିଜର ସନ୍ତୋଷଜନକ ସଂପାଦନା ଭିତ୍ତିରେ ଆଉ ପାଞ୍ଚ ବର୍ଷ ପରିବର୍ଦ୍ଧିତ କରିବାର ଥିଲା ।

ସମୀକ୍ଷାରେ ଦେଖାଗଲା ଯେ:

- 138 ଟି ଜଳାଶୟ ମଧ୍ୟରୁ 2009-14 ରେ 102 ରୁ 123 ଟି ଜଳାଶୟକୁ ପିଏଫ୍ସିକୁ ଲିଜ୍ ଦିଆଯାଇଥିଲା ଏବଂ ବଳକା 15 ରୁ 36 ଟି ଜଳାଶୟକୁ ନିଲାମଧାରୀଙ୍କ ଅନାଗ୍ରହ ଏବଂ ଟେଣ୍ଡର ନହେବା / ପୁନଃ ଟେଣ୍ଡର ହେତୁ ଲିଜ୍ ଦିଆଯାଇନଥିଲା ।
- 138 ଟିର ଲିଜ୍ ମୂଲ୍ୟ ଏବଂ ରୟାଲଟିର ଧାର୍ଯ୍ୟ ଲକ୍ଷ୍ୟ 5.32 କୋଟି ଟଙ୍କା ତୁଳନାରେ ଏଫ୍ଏଆର୍ଡି 2009-14 ମଧ୍ୟରେ 1.85 କୋଟି ଟଙ୍କା ଆଦାୟ କରିପାରିଥିଲା । 3.47 କୋଟି ଟଙ୍କାର ସ୍ୱଳ୍ପ

ଆଦାୟ/ଅନାଦେୟ ମୁଖ୍ୟତଃ ପିଏଫ୍‌ସିକୁ ଲିଜରେ ଦିଆଯାଇନଥିବା 15 ରୁ 36 ଟି ଜଳାଶୟର ଟେଣ୍ଡର ନହେବା/ ପୁନଃ ଟେଣ୍ଡର ଏବଂ ଲିଜ୍ ମୂଲ୍ୟ ଏବଂ ରୟାଲଟି ପ୍ରଦାନରେ ବିଫଳତାକୁ ଏଡ଼ାଇବା ପାଇଁ ପିଏଫସି ସହ ଦ୍ୱିପାକ୍ଷିକ ଚୁକ୍ତି ନକରିବା ହେତୁ ହୋଇଥିଲା ।

- ଲିଜ୍ ମୂଲ୍ୟର ପ୍ରବଳ ହ୍ରାସ ସତ୍ତ୍ୱେ ଜଳାଶୟକୁ ଲିଜରେ ଦିଆଯାଇପାରି ନଥିଲା ଏବଂ ଲିଜ୍ ମୂଲ୍ୟ ଏବଂ ରୟାଲଟି ଅନାଦେୟ ହୋଇ ରହିଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର ତଥ୍ୟକୁ ଗ୍ରହଣ କରି କହିଲେ ଯେ ଜଳାଶୟକୁ ଲିଜରେ ନଦେବାର କାରଣ ବିଶ୍ଳେଷଣ କରାଯିବ ଏବଂ ଦରକାରୀ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

***ଘରୋଇ ସଂସ୍ଥାମାନଙ୍କଠାରୁ ଲିଜ ମୂଲ୍ୟ ଅନାଦେୟ***

**2.2.54** ଏଫ୍‌ଏଆର୍‌ଡି ଘରୋଇ ସଂସ୍ଥାମାନଙ୍କ ମାଧମରେ ଲିଜ୍ ଭିତ୍ତିରେ ପାଞ୍ଚ ବର୍ଷ ପାଇଁ ମାଛ ମଞ୍ଜି/ଯାଆଁଳ ଚାଷ କରିବାକୁ ଏହାର 106 ଟି ମତ୍ସ୍ୟ ଫାର୍ମ ମଧ୍ୟରୁ 57ଟି ନିଲାମ କରିବାକୁ ନିଷ୍ପତ୍ତି କରିଥିଲା (ଅଗଷ୍ଟ 2010) ।

ସମୀକ୍ଷାରେ ଦେଖାଗଲା ଯେ 2011-14 ରେ ଏଫ୍‌ଏଆରଡି 54 ଟି ମତ୍ସ୍ୟ ଫାର୍ମ ଘରୋଇ ସଂସ୍ଥାକୁ ଲିଜରେ ଦେଇଥିଲା, ଯେଉଁଥିରୁ 2011-12 ରେ 16 ଟି ଫାର୍ମ ଏବଂ 2012-14 ରେ 15 ଟି ଫାର୍ମ ଲିଜ୍ ଚୁକ୍ତି ସଂପାଦନ ନକରି ଦିଆଯାଇଥିଲା । ପୁନଶ୍ଚ, ଦେଖାଗଲା ଯେ, ମାର୍ଚ୍ଚ 2014 ସୁଦ୍ଧା ଲିଜ୍ ଚୁକ୍ତିକରାଯାଇନଥିବା 12 ଟି ସଂସ୍ଥା ଏବଂ ଲିଜ୍ ଚୁକ୍ତି କରାଯାଇଥିବା 15 ଟି ସଂସ୍ଥା ନିକଟରେ 26.81 ଲକ୍ଷ ଟଙ୍କାର ଲିଜ୍ ମୂଲ୍ୟ ବକେୟା ରହିଥିଲା । ଏହା ମଧ ଦେଖାଗଲା ଯେ ଆଠଟି ନମୁନା ଯାଞ୍ଚ୍ ଜିଲ୍ଲାର ସାତଟି ସଂସ୍ଥା ଉପରେ 26.81 ଲକ୍ଷ ଟଙ୍କା ମଧ୍ୟରୁ 5.54 ଲକ୍ଷ ଟଙ୍କା ବକେୟା ଥିଲା । ତେଣୁ, ସଠିକ୍ ଅନୁଧ୍ୟାନର ଅଭାବ ସହିତ ଚୁକ୍ତି ସଂପାଦନ ନ କରିବା ଯୋଗୁଁ 26.81 ଲକ୍ଷ ଟଙ୍କାର ଲିଜ୍ ମୂଲ୍ୟ ଅନାଦେୟ ରହିଥିଲା ।

ଏହି ତଥ୍ୟକୁ ଗ୍ରହଣ କରି ସରକାର କହିଲେ ଯେ ଜିଲ୍ଲା ସ୍ତରୀୟ ଅଫିସରମାନଙ୍କ ଠାରୁ ତଥ୍ୟ ପାଇବା ପରେ ଚୂଡ଼ାନ୍ତ ସ୍ଥିତି ଜଣାଇ ଦିଆଯିବ ।

***ଉପାର୍ଜିତ ସୁଧର ଅନୁପଯୋଗ***

**2.2.55** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ (ଅକ୍ଟୋବର 2012) ମୁତାବକ ସଞ୍ଚୟ ଜମାଖାତାରେ ଗଚ୍ଛିତ ଥିବା ପ୍ରକଳ୍ପ ପାଣ୍ଠିକୁ ଉଚ୍ଚ ହାରରେ ସୁଧ ପାଇବା ପାଇଁ ଓ ଉପାର୍ଜିତ ସୁଧକୁ ପ୍ରକଳ୍ପ ସୀମା ବୃଦ୍ଧିରେ ଉପଯୋଗ ପାଇଁ ଫ୍ଲେକସି ଜମା ଭାବେ ରଖିବାର ଥିଲା । ସମୀକ୍ଷାରେ ଦେଖାଗଲା ଯେ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ପ୍ରକଳ୍ପ ପାଣ୍ଠି ବ୍ୟାଙ୍କ୍ ସଞ୍ଚୟ ଖାତାରେ ( 4 ପ୍ରତିଶତ ସୁଧ) ରଖାଯାଇଥିଲା । ପୁନଶ୍ଚ, ଆଠୋଟି ଚିହ୍ନଟ ଜିଲ୍ଲାର ବ୍ୟାଙ୍କ୍ ପାସ୍ ବୁକ୍ ଏବଂ ଜମାଖାତାର ନମୁନା ଯାଞ୍ଚ୍‌ରୁ ଦେଖାଗଲା ଯେ ମାର୍ଚ୍ଚ 2014 ସୁଦ୍ଧା 1.81 କୋଟି ଟଙ୍କାର ଉପାର୍ଜିତ ସୁଧ ଓଡ଼ିଶା ସରକାର/ ଭାରତ ସରକାରଙ୍କ ଦିଶା/ନୀତି ଅଭାବରୁ ଉପଯୋଗ ନହୋଇ ପଡ଼ିରହିଥିଲା ।

ସରକାର ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜି ହୋଇଥିଲେ ।

***ମତ୍ସ୍ୟ ମଞ୍ଜି ବିକ୍ରି ରାଶିକୁ ପ୍ରେରଣ ନକରିବା***

**2.2.56** ଏଫ୍‌ଏଆର୍‌ଡି ମାଛ ମଞ୍ଜି ଉତ୍ପାଦନ ଏବଂ ବିକ୍ରିକୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ବିକ୍ରି ସର୍ତ୍ତରେ 22 ଟି ମତ୍ସ୍ୟକ୍ଷେତ୍ରକୁ ଲିଜ୍ ଭିତ୍ତିରେ ଓପିଡିସିକୁ ପ୍ରଦାନ କରିଥିଲେ (ଜୁନ୍ 2010) । ଏହି ବିକ୍ରି ମୂଲ୍ୟକୁ ପାଇଲା ପରେ ଓପିଡିସି ଅଧିନରେ ଥିବା ବ୍ୟାଙ୍କ୍ ସଂଚୟ ଖାତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଜମା କରିବାର ଥିଲା ।

ଓପିଡିସି ରେକର୍ଡର ନମୁନା ଯାଞ୍ଚ୍‌ରୁ ଦେଖାଗଲା ଯେ ସରକାରୀ ମତ୍ସ୍ୟ କ୍ଷେତ୍ରରୁ 2.96 କୋଟି ଟଙ୍କା ବିକ୍ରି ମୂଲ୍ୟରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ 2010-14 ମଧରେ 2.20 କୋଟି ଟଙ୍କା ଓପିଡିସି ନିକଟରେ ଜମା କରିଥିଲେ ଏବଂ ମାର୍ଚ୍ଚ

2014 ସୁଦ୍ଧା 0.76 କୋଟି ଟଙ୍କା ନିଜ ପାଖରେ ରଖିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ଓପିଡିସିର ଅନୁରୋଧ ସତ୍ତ୍ୱେ ବିକ୍ରି ମୂଲ୍ୟ ଜମା କରିବାରେ ନିୟମିତ ନଥିଲେ ।

ଯଦିଓ ସରକାର ତଥ୍ୟକୁ ମାନିଥିଲେ କିନ୍ତୁ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କ ଦ୍ୱାରା ଅନିୟମିତ ବିକ୍ରୟ ରାଶି ପ୍ରେରଣର କାରଣ ଦର୍ଶାଇ ନଥିଲେ ।

## ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ

### *ପର୍ଯ୍ୟାଲୋଚନା*

**2.2.57** ବିଭିନ୍ନ ପ୍ରକଳ୍ପର ସମୟାନୁସାରେ ସମାପ୍ତି ଏବଂ ବସ୍ତୁଗତ / ଆର୍ଥିକ ପ୍ରଗତି ସୁନିଶ୍ଚିତ କରିବା ପାଇଁ ଏକ ପ୍ରଭାବୀ ପର୍ଯ୍ୟାଲୋଚନା ବ୍ୟବସ୍ଥା ନିହାତି ଜରୁରୀ । ସମୀକ୍ଷାରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହେଲା:

- ଭାରପ୍ରାପ୍ତ ଅଧିକାରୀମାନେ କ୍ଷେତ୍ରିୟ ସ୍ତରରେ ବିଭିନ୍ନ ଅସୁବିଧା ଦୂର କରିବା ସହିତ ପ୍ରାପ୍ତିର ଅନୁଧ୍ୟାନ କରି ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ବିବରଣୀ ଦେବା ପାଇଁ ନିୟମିତ ବ୍ୟବଧାନରେ ପରିଦର୍ଶନ କରିବା ଆବଶ୍ୟକ । ସେହି ପରିଦର୍ଶନ/ ଅନୁଧାନ/ ରିପୋର୍ଟ କାରବାରର ବିଶଦ ବିବରଣ ରେକର୍ଡରେ ନଥିଲା ।
- ଓପିଡିସି ଡିଜେଲ ବିକ୍ରୟ କେନ୍ଦ୍ରର କାର୍ଯ୍ୟ ସଂପାଦନା ବୃଦ୍ଧି କରିବା ପାଇଁ ଯଦିଓ ନିୟନ୍ତ୍ରଣ ଅଧିକାରୀଙ୍କୁ ନିୟମିତ ସମୟ ବ୍ୟବଧାନରେ ପରିଦର୍ଶନ କରି ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟ୍ ପଇଠ କରିବାର ଥିଲା କିନ୍ତୁ ସେପରି କୌଣସି ନୋଟ୍ ପଇଠ କରାଯାଇ ନଥିଲା ।
- କମ୍ପାନୀ ଅଧିନିୟମ, 1956 ପ୍ରାବଧାନ ଅନୁଯାୟୀ ଓପିଡିସିର ନିର୍ଦ୍ଦେଶକମଣ୍ଡଳୀ 2009-14 ମଧ୍ୟରେ 20 ଟି ସଭା କରିବା ତୁଳନାରେ କେବଳ 10 ଟି ସଭା କରିଥିଲେ ।

ସରକାର କହିଲେ ଯେ ସମୀକ୍ଷା ଦ୍ୱାରା ଦର୍ଶାଯାଇଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧନ ପାଇଁ ଅନୁଧାନ କରାଯିବ ଏବଂ ଅନୁଧ୍ୟାନ ପରେ ନିର୍ଦ୍ଦେଶ ଦିଆଯିବ । ପୁନଶ୍ଚ କହିଲେ ଯେ ଅଧ୍ୟକ୍ଷ (ଅଣ-ସରକାରୀ) ଏବଂ ପରିଚାଳନା ନିର୍ଦ୍ଦେଶକ (ଯିଏକି ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ)ଙ୍କ ଅତ୍ୟଧିକ କାର୍ଯ୍ୟ ଭାର ଯୋଗୁଁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ସଭା ହୋଇପାରି ନଥିଲା ।

### *ଆଭ୍ୟନ୍ତରୀଣ ନିୟନ୍ତ୍ରଣ*

**2.2.58** ପରିଚାଳନା ନିୟନ୍ତ୍ରଣ ବ୍ୟବସ୍ଥା ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ । ଏକ ଦକ୍ଷ, ପ୍ରଭାବୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ପରିଚାଳନାବର୍ଗକୁ ଅନୁଷ୍ଠାନିକ ଉଦ୍ଦେଶ୍ୟକୁ ଦକ୍ଷ ଏବଂ ପ୍ରଭାବୀ ଭିତ୍ତିରେ ହାସଲ କରିବାରେ ସାହାଯ୍ୟ କରିଥାଏ । ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ତ୍ରୁଟି ବିଚ୍ୟୁତି ନିମ୍ନରେ ପ୍ରଦତ୍ତ କରାଗଲା:

- ପରିକଳ୍ପନା ଅନୁସାରେ ପରିକଳ୍ପନାର ନାମ, ପରିକଳ୍ପନାର ଅବଧି, ଆବଣ୍ଟନ ରାଶି, ପ୍ରଦତ୍ତ ରାଶି, ପାଣ୍ଠି ସ୍ଥାପନ, ଖର୍ଚ୍ଚ ପରିମାଣ, ଫେରସ୍ତ ପରିମାଣ, ଉପଯୋଗ ପ୍ରମାଣ ପତ୍ର ପଇଠ, ପାଣ୍ଠିର ଉତ୍ସ ଇତ୍ୟାଦି ଉଲ୍ଲେଖ କରି ରେଜିଷ୍ଟର ରଖାଯାଇନଥିଲା ।
- ଭାଉଚର ପ୍ରସ୍ତୁତ କରୁଥିବା ଅଧିକାରୀଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତି ଏବଂ ଦେୟର ସଠିକତା ପାଇଁ ଡିଓ/ଏଫ୍ଏସ୍ ରେ ନିରାପଦ ସଂପ୍ରମାଣିତ କରାଯାଇନଥିଲା ।
- ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶ (ଜୁଲାଇ 2008) ସତ୍ତ୍ୱେ ଅଙ୍ଗୁଳିକାର ବିକ୍ରି ପାଇଁ କୌଣସି ବ୍ୟବସାୟିକ ନୀତି ପ୍ରଣୟନ କରାଯାଇ ନଥିଲା । ସେହିପରି ଡିଓ ଏବଂ ଏଫ୍ଏସ୍‌ରେ ବିକ୍ରି ସଂପାଦନା ବୃଦ୍ଧି ପାଇଁ ବିପଣନ ନୀତି ନଥିଲା ।
- ଆର୍ଥିକ କ୍ଷମତାର ବିକେନ୍ଦ୍ରୀକରଣ ମୁତାବକ ବିଲ୍ ଏଫ୍ଏ ଏବଂ ସିଏଓ ଦ୍ୱାରା ଅନୁଧ୍ୟାନ ଏବଂ ସଠିକ୍ ହେଲା ପରେ ସାଧାରଣ ପରିଚାଳକ ଦ୍ୱାରା ପାସ୍ ହେବାର ଥିଲା । ଏହି ଆର୍ଥିକ ନିୟମକୁ ଉଲ୍ଲଙ୍ଘନ କରି ସାଧାରଣ ପରିଚାଳକଙ୍କ ଦ୍ୱାରା ସଠିକତା ନିରୂପଣ ବିନା ବିଲ୍ ପାସ୍ କରାଯାଇଥିଲା ।

- 2009-14 ମଧ୍ୟରେ ଯଦିଓ ଏଫ୍‌ଏଆର୍‌ଡିର ଆଭ୍ୟନ୍ତରୀଣ ସମୀକ୍ଷା ବିଭାଗ 9.09 କୋଟି ଟଙ୍କା ଆଦାୟ ପାଇଁ ସୁପାରିଶ କରିଥିଲେ, ସେଥିରୁ କେବଳ 0.34 କୋଟି ଟଙ୍କା ଆଦାୟ ହୋଇପାରି ଥିଲା ଏବଂ ବାକି 8.75 କୋଟି ଟଙ୍କା ଆଦାୟ ନହୋଇ ପଡ଼ି ରହିଥିଲା ।
- 2009-14ରେ ବ୍ରୁଡ୍ ଷ୍ଟକ୍‌ର ସଠିକ୍ ହିସାବ ଅଭାବରୁ ବ୍ରିଡରର ଉପଯୋଗ ଲଭ୍ୟ ଜମାରୁ ଅଧିକ ଥିଲା ।

ସରକାର ତ୍ରୁଟି ବିଚ୍ୟୁତିକୁ ସଂଶୋଧନ ଏବଂ ଦିଶାନିର୍ଦ୍ଦେଶ ପାଇଁ ଲିପିବଦ୍ଧ କରିଥିଲେ ।

## ସ୍ୱୀକାରୋକ୍ତି

କାର୍ଯ୍ୟ ସଂପାଦନା ସମୀକ୍ଷାର ବିଭିନ୍ନ ସ୍ତରରେ, ପ୍ରବେଶ ଓ ପ୍ରସ୍ଥାନ ସମ୍ମିଳନୀ ସମୟରେ ଏଫ୍‌ଏଆରଡି ଏବଂ ଓପିଡିସି ଦ୍ୱାରା ପ୍ରଦତ୍ତ ସହଯୋଗ ଏବଂ ସହାୟତାକୁ ସ୍ୱୀକାର କରୁଅଛୁ ।

## ଉପସଂହାର

**ବାସ୍ତବ ଭିତ୍ତିକ ବଜେଟ୍ ଅଭାବରୁ ନିୟମିତ ଭାବେ ବଜେଟ୍ ଆବଣ୍ଟନର ପ୍ରଚୁର ଫେରସ୍ତ ହେଉଥିଲା । ଜଳକ୍ଷେତ୍ରର ବିକାଶ ପାଇଁ ଭାରତ ସରକାରଙ୍କ ବିଭିନ୍ନ ପରିକଳ୍ପନା/ଯୋଜନାର ଦୁର୍ବଳ ସଂପାଦନା ବା ସଂପାଦନା ନ ହେବାରୁ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ହୋଇନଥିଲା ବା ଫେରସ୍ତ ହୋଇଥିଲା । ବିଭିନ୍ନ ଯୋଜନା ଏବଂ ପରିକଳ୍ପନା ଅଧିନରେ କଲ୍ୟାଣମୂଳକ କାର୍ଯ୍ୟର ଇପ୍‌ସିତ ଲକ୍ଷ୍ୟ ସାଧନ ହୋଇ ନଥିଲା । ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଲଭ୍ୟ ଭିତ୍ତିଭୂମିର ବିକାଶ ଏବଂ ତାହାର ଉପଯୋଗ ପ୍ରଭାବୀ ନଥିଲା । ଏଫ୍‌ଏଆରଡି ଏବଂ ଓପିଡିସିର ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିଲା ।**

## ସୁପାରିଶ

ସରକାର ଏବଂ ଓପିଡିସି ନିମ୍ନଲିଖିତ ସୁପାରିଶକୁ ବିଚାରକୁ ନେବା ଉଚିତ୍:

- **ପ୍ରଚୁର ଫେରସ୍ତ ଏଡ଼ାଇବା ପାଇଁ ବଜେଟୀୟ ପ୍ରାବଧାନ ବାସ୍ତବବାଦୀ ହେବା ଦରକାର ।**
- **ମାଛଚାଷର ଉନ୍ନତି ପାଇଁ କେନ୍ଦ୍ରୀୟ ପରିକଳ୍ପନା/କାର୍ଯ୍ୟକ୍ରମ ସମୟାନୁଯାୟୀ କାର୍ଯ୍ୟାନ୍ୱୟନ ହେବା ଉଚିତ୍ ।**
- **ବିଭିନ୍ନ କାର୍ଯ୍ୟକ୍ରମ/ପରିକଳ୍ପନା ଅଧିନରେ ମତ୍ସ୍ୟଜୀବିଙ୍କ ସାମାଜିକ ବିକାଶ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପ୍ରଭାବୀଭାବେ ସଂପାଦନା ହେବା ଉଚିତ୍ ।**
- **ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ସୁଦୃଢ଼ ହେବା ଦରକାର ।**

ସରକାର ସମସ୍ତ ସୁପାରିଶକୁ ଗ୍ରହଣ କରିଥିଲେ ।

# ଅଧ୍ୟାୟ III

## 3. ଅନୁପାଳନ ସମୀକ୍ଷାର ମନ୍ତବ୍ୟ

ରାଜ୍ୟ ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର କାର୍ଯ୍ୟ ସଂପାଦନାର ନମୂନା ଯାଞ୍ଚରେ ଦେଖା ଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ।

## ସରକାରୀ କମ୍ପାନୀ

## ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

### *3.1 ତ୍ରୁଟିପୂର୍ଣ୍ଣ ନିୟନ୍ତ୍ରଣ*

**ରାଜ୍ୟର ଅଂଶ ବାବଦକୁ ବିଦ୍ୟୁତ ଶକ୍ତି ଆଣିବା ପାଇଁ ଓଏଚ୍‌ପିସିର ନିୟନ୍ତ୍ରଣରେ ବିଫଳତା ଯୋଗୁଁ ଶସ୍ତା ଜଳ ବିଦ୍ୟୁତ ଶକ୍ତି କମ୍ ଆସିଥିଲା ଯାହାଫଳରେ ଗ୍ରୀଡ୍‌କୋ ଉଚ୍ଚ ମୂଲ୍ୟରେ ଶକ୍ତି କ୍ରୟ କରିବାରୁ 24.10 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।**

ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ (ଏମ୍‌ଏଚ୍‌ଇପି) ଆନ୍ଧ୍ରପ୍ରଦେଶ ସରକାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଯୋଜନା ଯେଉଁଥିରେ ସେମାନଙ୍କର ଯଥାକ୍ରମେ 70 ଏବଂ 30 ପ୍ରତିଶତ ମାଲିକାନା ସତ୍ତ୍ୱ ରହିଛି । ଡିସେମ୍ବର 1978 ରେ ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ , ଓଡ଼ିଶା ସରକାର ଏହାର ଅଂଶ ବ୍ୟତୀତ ଏମ୍‌ଏଚ୍‌ଇପିରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର 20 ପ୍ରତିଶତ, ୟୁନିଟ୍ ପ୍ରତି 0.08 ଟଙ୍କାରେ କିଣିବା ପାଇଁ ହକ୍‌ଦାର ଥିଲେ । ଏମ୍‌ଏଚ୍‌ଇପି ର ସଂସ୍ଥାପିତ କ୍ଷମତା 114.5 ମେଗାୱାଟ୍ ଅଟେ ଏବଂ ପରିକଳ୍ପିତ ଶକ୍ତି 525 ନିୟୁତ ୟୁନିଟ୍ ଅଟେ । ପୂର୍ବତନ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଭାଙ୍ଗିଯିବା ପରେ ଏମ୍‌ଏଚ୍‌ଇପିରେ ଥିବା ଓଡ଼ିଶା ସରକାରଙ୍କ ଅଂଶର ପରିଚାଳନା ଦାୟିତ୍ୱ ମାର୍ଚ୍ଚ 1997 ରେ ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଉପରେ ନ୍ୟସ୍ତ କରାଯାଇଥିଲା । ଗ୍ରୀଡ଼କୋ ଲିମିଟେଡ୍ (ଗ୍ରୀଡ୍‌କୋ) ଏମ୍‌ଏଚ୍‌ଇପିର ଉତ୍ପାଦିତ ଶକ୍ତି ଓଏଚ୍‌ପିସି ଠାରୁ ନିଏ ଏବଂ ଏହାକୁ ଶକ୍ତି ବିତରଣ କମ୍ପାନୀମାନଙ୍କୁ ଯୋଗାଇଥାଏ ।

09 ଫେବୃୟାରୀ 2010 ରେ ଉଭୟ ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଥିବା କମ୍ପାନୀମାନେ ନିଷ୍ପତ୍ତି ନେଇଥିଲେ ଯେ ଉଭୟ ରାଜ୍ୟ ମଧ୍ୟରେ ବିଦ୍ୟୁତ୍ ନେବା ଆଣିବାରେ ମାସିକିଆ ମିଳାମିଶା ଏବଂ ସମାୟୋଜନ କରାଯିବ ଏବଂ ପରବର୍ତ୍ତୀ ଦିନ ପାଇଁ ଏମ୍‌ଏଚ୍‌ଇପି ରୁ ଲଭ୍ୟ ବିଦ୍ୟୁତ୍ ଶକ୍ତି ବିଷୟରେ ଏସ୍‌ଏଲ୍‌ଡିସି/ଓଏଚ୍‌ପିସି କୁ ପ୍ରତିଦିନ ଜଣାଇ ଦିଆଯିବ ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଦେଖାଗଲା ;

- 2009-10 ରୁ 2013-14 (ଅକ୍ଟୋବର 2013 ପର୍ଯ୍ୟନ୍ତ) ମଧ୍ୟରେ, ଏମ୍‌ଏଚ୍‌ଇପି ଦ୍ୱାରା ମୋଟ୍ ନିଟ୍ ଉତ୍ପାଦନ 2,472.272 ଏମ୍‌ୟୁ ମଧ୍ୟରୁ, ଓଡ଼ିଶାର 50 ପ୍ରତିଶତ ଅଂଶ (1,236.136 ଏମ୍‌ୟୁ) ବାବଦକୁ କମ୍ପାନୀ 1,178.372 ଏମ୍‌ୟୁ, ବିଦ୍ୟୁତ୍‌ଶକ୍ତି ନେଇପାରିଥିଲା, ଯାହା ଫଳରେ 57.764 ଏମ୍‌ୟୁ କମ୍ ନିଆଯାଇଥିଲା ।
- ଏହି ସମୟ ମଧ୍ୟରେ, 09 ଫେବୃୟାରୀ 2010ର ଚୁକ୍ତି ଅନୁସାରେ ଓଡିଶାର ଅଧିକା ବା କମ୍ ବିଦ୍ୟୁତ୍ ଶକ୍ତି ନେବାର ମାସିକ ମିଳାମିଶା/ସମାୟୋଜନ ହୋଇନଥିଲା ।

- ଓଏଚ୍‌ପିସିର ଏହି ନିୟନ୍ତ୍ରଣ ବ୍ୟବସ୍ଥାର ଅନୁପସ୍ଥିତିରେ, ଗ୍ରୀଡ୍‌କୋ ଅଧିକା ଦାମ ଯୁକ୍ତ ବିଦ୍ୟୁତ୍ ଶକ୍ତି ୟୁନିଟ୍ ପ୍ରତି 2.92 ରୁ 4.59 ଟଙ୍କାରେ କ୍ରୟ କରିଥିଲା ଏବଂ 24.10 କୋଟି ଟଙ୍କାର ଅତିରିକ୍ତ ବ୍ୟୟ କରିଥିଲା, ଯାହାକି **ପରିଶିଷ୍ଟ 11** ରେ ବିସ୍ତୃତ ଭାବେ ଦର୍ଶାଯାଇଅଛି ।

ସରକାର, ପରିଚାଳନା କର୍ତ୍ତୃପକ୍ଷଙ୍କ ମତକୁ ସମର୍ଥନ ଜଣାଇ କହିଲେ (ଅଗଷ୍ଟ 2014) ଯେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଓଡ଼ିଶାର 50 ପ୍ରତିଶତ ଅଂଶ ବାବଦକୁ ବିଦ୍ୟୁତ୍ ଶକ୍ତି ଆଣିବା ହେଉଛି ଗ୍ରୀଡ୍‌କୋ, ଓପିଟିସିଏଲ ଏବଂ ଏସଏଲ୍‌ଡିସିର ଦାୟିତ୍ୱ ।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ, ଯେହେତୁ ଓଏଚ୍‌ପିସି, ଏମ୍‌ଏଚ୍‌ଇପିରେ ଥିବା ରାଜ୍ୟର ଅଂଶର ପରିଚାଳନା ପ୍ରତିନିଧି ଥିଲା, ତେଣୁ ଏମ୍‌ଏଚ୍‌ଇପିରୁ ଓଡ଼ିଶାର ପୁରା ଅଂଶ ବାବଦକୁ ଶସ୍ତା ବିଦ୍ୟୁତ୍ ଶକ୍ତି ଆଣିବା ପାଇଁ ଏହା ପରଦିନର ରାଜ୍ୟର ଅଂଶ ବାବଦକୁ ବିଦ୍ୟୁତ୍‌ଶକ୍ତିର ଲଭ୍ୟତାକୁ ନିୟନ୍ତ୍ରଣ କରିବା ଉଚିତ୍ ଥିଲା ।

ତେଣୁ, 57.764 ଏମ୍‌ୟୁ ଶସ୍ତା ଜଳ ବିଦ୍ୟୁତ୍ ଶକ୍ତି କମ୍ ଆଣିବା ଏବଂ ଗ୍ରୀଡକୋ ଅଧିକା ଦାମ୍ ବିଶିଷ୍ଟ ବିଦ୍ୟୁତ୍ ଶକ୍ତି କିଣିବା ଯୋଗୁଁ 24.10 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

### *3.2 ଅବ୍ୟାହତି ଲାଭ ନ କରିବା*

**କମ୍ପାନୀ ଜଳ ବ୍ୟବହାର ପାଇଁ ଲାଇସେନ୍‌ସ ଫିସ୍ ବାବଦକୁ ସମୁଦାୟ 15.07 କୋଟି ଟଙ୍କା ପ୍ରଦାନରୁ ଅବ୍ୟାହତି ଲୋଡ଼ିବାରେ ବିଫଳ ହୋଇଥିଲା**

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (କମ୍ପାନୀ), ରାଜ୍ୟର ଏକ ଜଳ ବିଦ୍ୟୁତ୍ ଉତ୍ପାଦନ କରୁଥିବା କମ୍ପାନୀ ଅଟେ, ଯାହାକି ଏହାର ସମଗ୍ର ଉତ୍ପାଦିତ ଶକ୍ତି ଅନ୍ତିମ ଉପଯୋଗକାରୀମାନଙ୍କୁ ଯୋଗାଇ ଦେବା ପାଇଁ ଗ୍ରୀଡ୍‌କୋକୁ ଯୋଗାଇଥାଏ ଏବଂ ବଦଳରେ ଏହାର ଖର୍ଚ୍ଚ ଗ୍ରୀଡ୍‌କୋ ଠାରୁ ପ୍ରତିପୂରଣ କରିଥାଏ ।

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା 29 ଜାନୁଆରୀ 2003 ରେ ଜାରି କରାଯାଇଥିବା ବିଜ୍ଞପ୍ତି ବଳରେ କମ୍ପାନୀ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରୁଥିବା ଜଳ ଉପରେ ଜଳକର ଦେବାରୁ ଅବ୍ୟାହତି ଲାଭ କରୁଥିଲା । ପରବର୍ତ୍ତୀ କାଳରେ 01 ଅକ୍ଟୋବର 2010 ରେ, ଓଡିଶା ଜଳସେଚନ (ସଂଶୋଧନ) ନିୟମାବଳୀ, 2010 ଅଧିସୂଚିତ ହୋଇଥିଲା ଯେଉଁଥିରେ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ଜଳ ପାଇଁ କିଲୋୱାଟ୍ ପିଛା 0.01ଟଙ୍କା ଲାଇସେନ୍‌ସ ଫିସ୍ ସ୍ଥିର କରାଯାଇଥିଲା । ପରନ୍ତୁ, ନିୟମ 23 ଏ (4) ଅନୁସାରେ ରାଜ୍ୟ ସରକାର ଏହି ପରିପ୍ରେକ୍ଷୀରେ ଆବେଦନ ପତ୍ର ପାଇଲେ ରାଜ୍ୟର ଶିଳ୍ପ ଏବଂ ବାଣିଜ୍ୟିକ ସ୍ୱାର୍ଥ ଦୃଷ୍ଟିରୁ ଲାଇସେନ୍ସ ଫିସ୍ ପ୍ରଦାନରୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଅବ୍ୟାହତି ଦେଇପାରିବେ ।

ସମୀକ୍ଷାରେ ଏହା ଅବଲୋକନ କରାଗଲା ଯେ ଯଦିଓ ନିୟମ 23 ଏ (4) ଅନୁସାରେ ଏକ ଆବେଦନ ପତ୍ର ପାଇଲେ ଲାଇସେନ୍‌ସ ଫିସ୍ ପ୍ରଦାନରୁ ଅବ୍ୟାହତି ମିଳିବାର ବ୍ୟବସ୍ଥା ଅଛି, ଏହି ଅବ୍ୟାହତି ପାଇବା ପାଇଁ କମ୍ପାନୀ ଆବେଦନ କରିନଥିଲା । ପୁନଶ୍ଚ, କଞ୍ଜୁମର କାଉନ୍‌ସେଲ୍‌ଏବଂ ଓଇଆରସିର ନିର୍ଦ୍ଦେଶକ (ଟାରିଫ୍) କମ୍ପାନୀର 2011-12 ବର୍ଷ ପାଇଁ ଏଆର୍‌ଆର୍ ଏବଂ ଟାରିଫ୍ ଦାଖଲ (କେସ୍ ନଂ 143/2010) ର ଶୁଣାଣି ସମୟରେ ଦର୍ଶାଇଥିଲେ (ଫେବୃଆରୀ 2011) ଯେ ଯେହେତୁ କମ୍ପାନୀ ହେଉଛି ସରକାରଙ୍କ ମାଲିକାନା ସତ୍ତ୍ୱ କମ୍ପାନୀ ଏବଂ ବ୍ୟବହାର ହେଉଥିବା ଜଳ ପ୍ରକୃତରେ ଖର୍ଚ୍ଚ ହେଉନାହିଁ, ରାଜ୍ୟ ସରକାର ଅନ୍ତିମ ଉପଯୋଗକାରୀମାନଙ୍କ ଉପରେ ଟାରିଫ୍ ବୋଝ କମ୍ କରିବା ପାଇଁ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଉଥିବା ଲାଇସେନ୍‌ସ ଫିସ୍‌କୁ ଅବ୍ୟାହତ ଦେବା ପାଇଁ ବିଚାର କରିପାରନ୍ତି । କମ୍ପାନୀ ଅକ୍ଟୋବର 2010 ରୁ ଅଗଷ୍ଟ 2013 ମଧ୍ୟରେ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର ହୋଇଥିବା ଜଳ ବାବଦକୁ ଓଡ଼ିଶା ସରକାରଙ୍କୁ 15.07 କୋଟି ଟଙ୍କା ପ୍ରଦାନ କରିଥିଲା ଏବଂ ଗ୍ରୀଡ୍‌କୋ ଠାରୁ ଏଆରଆର ମାଧ୍ୟମରେ ଏହାକୁ ଫେରସ୍ତ ପାଇଥିଲା । କମ୍ପାନୀ ଯଦି ଏହି ଅବ୍ୟାହତି ପାଇଁ ଆବେଦନ କରିଥାନ୍ତା ଏବଂ ତାହାକୁ ଉପଲବ୍ଧ କରିଥାନ୍ତା, ଗ୍ରୀଡ୍‌କୋ ଦ୍ୱାରା ବହନ କରାଯାଇଥିବା ଖର୍ଚ୍ଚକୁ ପରିହାର କରାଯାଇପାରିଥାନ୍ତା ।

ସରକାର କହିଲେ (ଅଗଷ୍ଟ 2014) ଯେ ଯେହେତୁ କମ୍ପାନୀ ସରକାରଙ୍କ 100 ପ୍ରତିଶତ ମାଲିକାନା ସତ୍ତ୍ୱ କମ୍ପାନୀ, ତେଣୁ ଅକ୍ଟୋବର 2010 ରେ ଜାରି ହୋଇଥିବା ବିଜ୍ଞପ୍ତିରେ ପ୍ରଦର୍ଶିତ ସରକାରଙ୍କ ନିଷ୍ପତ୍ତିକୁ ଅମାନ୍ୟ କରିବା ପାଇଁ କମ୍ପାନୀ ପାଖରେ ଅବକାଶ ନଥିଲା । ସେଥିପାଇଁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ଜଳ ବାବଦକୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଅବ୍ୟାହତି ପାଇଁ ଏହା ଆବେଦନ କରିପାରି ନଥିଲା ।

କିନ୍ତୁ ଓଡ଼ିଶା ଜଳସେଚନ (ସଂଶୋଧନ) ନିୟମାବଳୀ, 2010ର ନିୟମ 23ଏ (4) ଅନୁସାରେ କମ୍ପାନୀ ଅବ୍ୟାହତି ପାଇଁ ଆବେଦନ କରିପାରିଥାନ୍ତା ।

ତେଣୁ, ଓଡ଼ିଶା ଜଳସେଚନ (ସଂଶୋଧନ) ନିୟମାବଳୀ 2010 ର ବ୍ୟବସ୍ଥା ଅନୁସାରେ କମ୍ପାନୀ ଅକ୍ଟୋବର 2010 ରୁ ଅଗଷ୍ଟ 2013 ମଧ୍ୟରେ ପ୍ରଦାନ କରିଥିବା ସମୁଦାୟ 15.07 କୋଟି ଟଙ୍କା ଲାଇସେନ୍ସ ଫିସ୍ ପ୍ରଦାନରୁ ଅବ୍ୟାହତି ପାଇବାର ସୁଯୋଗ ହରାଇଥିଲା ।

## ଓଡ଼ିଶା ଖଣି ନିଗମ ଲିମିଟେଡ୍

### *3.3 ପରିହାର୍ଯ୍ୟ ଦେୟ*

**ଏଫ୍‌ସି ଅଧିନିୟମର ବ୍ୟବସ୍ଥାକୁ ଅମାନ୍ୟ କରିବା ଯୋଗୁଁ ଦଣ୍ଡନୀୟ ଏନ୍‌ପିଭି ଏବଂ ସିଏ ବାବଦକୁ 148.72 କୋଟି ଟଙ୍କାର ପରିହାର୍ଯ୍ୟ ଦେୟ ସହିତ 23.90 କୋଟି ଟଙ୍କାର ଲୁହାପଥର ଅବରୋଧ ହୋଇପଡ଼ିରହିଥିଲା**

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 (ଏଫ୍‌ସି ଅଧିନିୟମ), 25 ଅକ୍ଟୋବର 1980 ରୁ କାର୍ଯ୍ୟକାରୀ ହୋଇଥିଲା । ଏହି ଅଧିନିୟମର ଧାରା 2 (ii) ଅନୁସାରେ ଜଙ୍ଗଲ ଜମିକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଭାରତ ସରକାରଙ୍କର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟ (ଏମ୍ଓଇଏଫ୍) ର ପୂର୍ବ ଅନୁମୋଦନ ଆବଶ୍ୟକ । ଓଡ଼ିଶା ସରକାର (ଜିଓଓ) ଅପ୍ରେଲ୍ 1967 ରେ ଓଡ଼ିଶା ଖଣି ନିଗମ ଲିମିଟେଡ୍ (କମ୍ପାନୀ)କୁ ଦୈତାରୀ ସଂପ୍ରସାରିତ ଅଞ୍ଚଳ (ଡିଇଏ) ଭାବରେ ଜଣାଥିବା 50.59 ହେକ୍ଟର ଜଙ୍ଗଲ ଜମି ଏହାର ପରିପାର୍ଶ୍ୱରେ ଅବସ୍ଥିତ ଦଇତାରୀ ଲୁହାପଥର ଖଣିର ଭିତ୍ତି ସଂରଚନା ସୁବିଧା ଉପଲବ୍ଧ କରାଇବା ପାଇଁ 30 ବର୍ଷ ପାଇଁ ଲିଜ୍ ଆକାରରେ ଦେଇଥିଲେ । ଉତ୍ପାଦନରେ ବୃଦ୍ଧି ଏବଂ ଖନନ କାର୍ଯ୍ୟକଳାପରେ ସାହାଯ୍ୟ କରିବା ପାଇଁ ସେହି ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟକଳାପ ପାଇଁ କମ୍ପାନୀ ଲିଜ୍ ଜମି ବାହାରେ ଥିବା 199.378 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର କରୁଥିଲା । ଏହିପରି ଭାବରେ କମ୍ପାନୀ ସମୁଦାୟ 249.968 ହେକ୍ଟର ଜମିର ଅବିରତ ଭାବରେ ବ୍ୟବହାର କରିଆସୁଥିଲା । ଯଦିଓ ଏହି ବ୍ୟବହାର ପାଇଁ ଏମଓଇଏଫ୍‌ର ପୂର୍ବ ଅନୁମୋଦନ ଆବଶ୍ୟକ ଥିଲା, ଏହା ଜାନୁଆରୀ 2014 ପର୍ଯ୍ୟନ୍ତ ଅଣାଯାଇ ନଥିଲା ଏବଂ ଖନନ କାର୍ଯ୍ୟକଳାପ ଜାରି ରହିଥିଲା । ମାଇନିଂ ଅଫିସରଙ୍କ ଅଧୀନରେ ଏକ ମାଇନିଂ ଦଳ କମ୍ପାନୀର ବଳିପର୍ବତ ଷ୍ଟକ୍‌ୟାର୍ଡ ପରିଦର୍ଶନରେ ଯାଇ ଲୁହାପଥର ଲିଜ୍ ବାହାର ଜାଗାରେ ଜମା ହୋଇଥିବାର ଲକ୍ଷ୍ୟ କରିଥିଲେ ଯାହା ପାଇଁ ଖଣି ଉପନିର୍ଦ୍ଦେଶକ, ଯାଜପୁର ରୋଡ (ଡିଡିଏମ୍) ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (24 ଅଗଷ୍ଟ 2011) । ପରବର୍ତ୍ତୀ କାଳରେ 25 ରୁ 27 ଅଗଷ୍ଟ 2011 ମଧ୍ୟରେ ରାଜ୍ୟ ସ୍ତରୀୟ ପ୍ରବର୍ତ୍ତନ ଦଳର ପରିଦର୍ଶନ ପରେ ଖଣି ଉପ-ନିର୍ଦ୍ଦେଶକ ସେଠାରୁ ଲୁହାପଥର ଉଠାଇବା ପାଇଁ ଆଉ ଅନୁମତି ଦେଇ ନଥିଲେ । 01 ଅକ୍ଟୋବର 2011 ରୁ କମ୍ପାନୀ ସେଠାରେ ଖଣିଜ ପଦାର୍ଥ ଜମା କରିବା ବନ୍ଦ କରିଦେଇଥିଲା ଏବଂ ଜାନୁଆରୀ 2014 ରେ 249.968 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ପ୍ରଥମ ସୋପାନ ଅନୁମୋଦନ ପାଇଥିଲା । ଏମଓଇଏଫ୍ ଓଡ଼ିଶା ସରକାରଙ୍କୁ କମ୍ପାନୀଠାରୁ ଜଙ୍ଗଲ ଜମିର ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦଣ୍ଡନୀୟ ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଏବଂ ବୃକ୍ଷରୋପଣ ପାଇଁ କ୍ଷତିପୂରକ ଅର୍ଥ (ସିଏ) ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଓଡ଼ିଶା ସରକାରଙ୍କର ଦାବି

(ଫେବୃଆରୀ/ମାର୍ଚ୍ଚ 2014) ଅନୁସାରେ, କମ୍ପାନୀ ମାର୍ଚ୍ଚ 2014 ରେ ଦଣ୍ଡନୀୟ ଏନ୍‌ପିଭି (143.45 କୋଟି ଟଙ୍କା[62] ଏବଂ ସିଏ 5.27 କୋଟି ଟଙ୍କା) ବାବଦକୁ 148.72 କୋଟି ଟଙ୍କା ପ୍ରଦାନ କରିଥିଲା ।

ସମୀକ୍ଷାରେ ଏହା ଦେଖାଗଲା ଯେ ବଳିପର୍ବତ ଷ୍ଟକ୍‌ୟାର୍ଡରେ ଅନିୟମିତ ଭାବରେ 5.56 ଲକ୍ଷ ଏମ୍‌ଟି ଲୁହାପଥର ଜମା କରିବା ହେତୁ ସେପ୍ଟେମ୍ବର 2011 ରୁ 23.90 କୋଟି ଟଙ୍କା ଅବରୋଧ ହୋଇ ପଡ଼ିଥିଲା, ଯେଉଁଥିରେ 1.59 ଲକ୍ଷ ଏମ୍‌ଟି ଏପରି ଷ୍ଟକ୍ ସାମିଲ୍ ଥିଲା ଯାହାକି ଖଣି ଉପନିର୍ଦ୍ଦେଶକଙ୍କ ଦ୍ୱାରା ଅନିୟମିତ ଜମା ବିଷୟରେ ଜଣାଇବା (24 ଅଗଷ୍ଟ 2011) ପରେ ମଧ୍ୟ ସେଠାରେ ଜମା କରାଯାଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଜଙ୍ଗଲ ଜମିର ବ୍ୟବହାରରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ରାଜ୍ୟ ସରକାରଙ୍କ ପାଖରେ ପଡ଼ିରହିଥିଲା ।

ତେଣୁ, କମ୍ପାନୀ ଦ୍ୱାରା ଏଫ୍‌ସି ଅଧିନିୟମର ଅବମାନନା ଯୋଗୁଁ ଦଣ୍ଡନୀୟ ଏନ୍‌ପିଭି ଏବଂ ସିଏ ବାବଦକୁ 148.72 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ଏବଂ ତତ୍‌ସହିତ 23.90 କୋଟି ଟଙ୍କା ମୂଲ୍ୟର ଲୁହାପଥର ବିକ୍ରୀ ହୋଇନପାରି ଅବରୋଧ ହୋଇ ପଡ଼ିରହିଥିଲା ।

### *3.4 ରୟାଲ୍‌ଟି କମ୍ ଆଦାୟ ହେତୁ କ୍ଷତି*

**ରୟାଲ୍‌ଟି ସମେତ ମୂଲ୍ୟ ଅଙ୍ଗୀକାର କରିବା ପାଇଁ କମ୍ପାନୀର ଅବିବେକୀ ନିଷ୍ପତ୍ତି ସହିତ ବିକ୍ରୀ ଚୁକ୍ତିରେ ଭେଦାତ୍ମକ ରୟାଲ୍‌ଟି ଆଦାୟ ପାଇଁ ନିରାପତ୍ତା ଧାରାର ଅନୁପସ୍ଥିତି ଯୋଗୁଁ 49.84 କୋଟି ଟଙ୍କାର ରୟାଲ୍‌ଟି କମ୍ ଆଦାୟ ହୋଇଥିଲା**

ଓଡ଼ିଶା ଖଣି ନିଗମ ଲିମିଟେଡ୍ (କମ୍ପାନୀ) ଏହାର ଖଣିମାନଙ୍କରୁ ଲୁହାପଥର ଏବଂ କ୍ରୋମ୍ ଉତ୍ପାଦନ କରେ ଏବଂ ତ୍ରୈମାସିକ ମୂଲ୍ୟ ନିର୍ଦ୍ଧାରଣକାରୀ ଟେଣ୍ଡର[63] (ପିଏସଟି) ମାଧ୍ୟମରେ ଏହାକୁ ବିକ୍ରୀ କରିଥାଏ । ଅଗଷ୍ଟ 2009 ରେ ଭାରତ ସରକାରଙ୍କର ଖଣି ମନ୍ତ୍ରଣାଳୟ ରୟାଲ୍‌ଟି ଦରରେ ସଂଶୋଧନ କରିଥିଲେ ଯେଉଁଥିରେ ବିକ୍ରି ମୂଲ୍ୟର 10 ପ୍ରତିଶତ ରୟାଲ୍‌ଟି ହିସାବରେ ଦେବାର ବ୍ୟବସ୍ଥା ଥିଲା । ଏଥିରେ ଭାରତୀୟ ଖଣିଜ ସଂସ୍ଥା (ଆଇବିଏମ୍) ଦ୍ୱାରା ରାଜ୍ୟ ପାଇଁ ପ୍ରକାଶିତ ଖଣିଜ ପଥରର ହାରାହାରି ବିକ୍ରୀ ମୂଲ୍ୟ ଉପରେ ରୟାଲ୍‌ଟି ଦେବାର ବ୍ୟବସ୍ଥା ଥିଲା । ଏହି ସଂଶୋଧିତ ଦର 13 ଅଗଷ୍ଟ 2009 ରୁ କାର୍ଯ୍ୟକାରୀ ହୋଇଥିଲା ।

ସେପ୍ଟେମ୍ବର 2009 ସୁଦ୍ଧା ସମାପ୍ତ ହେଉଥିବା ତିନିମାସ ପାଇଁ ପିଏସଟି ମାଧ୍ୟମରେ ସ୍ଥିରୀକୃତ ହୋଇଥିବା ମୂଲ୍ୟ ରୟାଲ୍‌ଟି କୁ ଛାଡ଼ି ସ୍ଥିର କରାଯାଇଥିଲା । ସଂଶୋଧିତ ରୟାଲ୍‌ଟି କୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେବା ସମୟରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ସେପ୍ଟେମ୍ବର 2009 ରେ ବିକ୍ରୀମୂଲ୍ୟକୁ "ରୟାଲ୍‌ଟି ସମେତ" ସ୍ଥିର ନ କରିବା ପାଇଁ ମତାମତ ଦେଇଥିଲେ । କମ୍ପାନୀ କିନ୍ତୁ ଡିସେମ୍ବର 2009 ସୁଦ୍ଧା ସମାପ୍ତ ହେଉଥିବା ତିନିମାସ ପାଇଁ ବିକ୍ରୀ ମୂଲ୍ୟ "ରୟାଲ୍‌ଟି ସମେତ" ସ୍ଥିର କରିଥିଲା ଏବଂ ମାର୍ଚ୍ଚ 2010 ରେ ସମାପ୍ତ ହେଉଥିବା ତିନିମାସ ଠାରୁ ବିକ୍ରୀ ମୂଲ୍ୟକୁ ରୟାଲ୍‌ଟି ଛଡ଼ା ସ୍ଥିର କରିଥିଲା ।

କମ୍ପାନୀର ଅର୍ଥ, ବିକ୍ରୀ ଏବଂ ବିପଣନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ କମିଟିର ସୁପାରିଶକୁ ଆଧାର କରି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ମାର୍ଚ୍ଚ 2010 ରେ ଖଣିଜ ପଦାର୍ଥର ବିକ୍ରୀ ମୂଲ୍ୟ "ରୟାଲ୍‌ଟି ସମେତ" ସ୍ଥିର କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ସେମାନେ ବିଭିନ୍ନ ପ୍ରକାର ଅସୁବିଧା ଯଥା ଆଇବିଏମ୍ ଦ୍ୱାରା ପ୍ରକାଶିତ ବିକ୍ରୀ ମୂଲ୍ୟ ଠିକ୍ ସମୟରେ ପାଇବାରେ ଅସୁବିଧା, ଅନ୍ୟାନ୍ୟ ଉତ୍ପାଦନ ଯଥା ଜାତୀୟ ବିକ୍ରୀ କର, ମୂଲ୍ୟ ଯୁକ୍ତ କର, ପ୍ରବେଶ କର ରୁ ଅବଧାରଣରେ ଅସୁବିଧା, ହିସାବ ଚୂଡାନ୍ତ କରିବାରେ ବିଳମ୍ବ ଏବଂ ମାନବ ସମ୍ବଳର ଅଭାବ

[62] 50.59 ହେକ୍ଟର ବାବଦକୁ ଅପ୍ରେଲ 1997 ରୁ ଜାନୁଆରୀ 2014 ପର୍ଯ୍ୟନ୍ତ 17 ବର୍ଷ ପାଇଁ 16.15 କୋଟି ଟଙ୍କା ଏବଂ 199.378 ହେକ୍ଟର ବାବଦକୁ ଅକ୍ଟୋବର 1980 ରୁ ଜାନୁଆରୀ 2014 ପର୍ଯ୍ୟନ୍ତ 34 ବର୍ଷ ପାଇଁ 127.30 କୋଟି ଟଙ୍କା ।

[63] ମୂଲ୍ୟ ନିର୍ଦ୍ଧାରକ ନିଲାମ ଏକ ବ୍ୟବସ୍ଥା ଯାହା ଦ୍ୱାରା ଲୁହା ଏବଂ କ୍ରୋମ ପଥରର ଘରୋଇ ବିକ୍ରି ପାଇଁ ତ୍ରୈମାସିକ ବିକ୍ରି ମୂଲ୍ୟ ନିର୍ଦ୍ଧାରଣ କରାଯାଏ ।

ଇତ୍ୟାଦି ଦର୍ଶାଇଥିଲେ । ସେହି ଅନୁସାରେ, ଜୁନ୍ 2010 ସୁଦ୍ଧା ସମାପ୍ତ ହେଉଥିବା ତ୍ରୈମାସିକ ଠାରୁ ବିକ୍ରୀ ମୂଲ୍ୟକୁ 10 ପ୍ରତିଶତ ରୟାଲ୍‌ଟି ସମେତ ସ୍ଥିର କରାଯାଇଥିଲା, ଯେଉଁଥିରେ ଆଇବିଏମ୍ ଦ୍ୱାରା ପ୍ରକାଶିତ ବିକ୍ରି ମୂଲ୍ୟ ବୃଦ୍ଧି ହେଲେ ଭେଦାତ୍ମକ ରୟାଲ୍‌ଟି ଆଦାୟ ପାଇଁ କୌଣସି ବ୍ୟବସ୍ଥା ରଖାଯାଇ ନଥିଲା ଯାହାକି ପୂର୍ବ ଚୁକ୍ତି ମାନଙ୍କରେ ଥିଲା ।

ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଅବଲୋକନ କରାଗଲା:

- କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶ (ସେପ୍ଟେମ୍ବର 2009) କୁ ଉଲ୍ଲଙ୍ଘନ କରି ଡିସେମ୍ବର 2009 ରେ ସମାପ୍ତ ହେଉଥିବା ତ୍ରୈମାସିକ ପାଇଁ ବିକ୍ରିମୂଲ୍ୟକୁ "ରୟାଲ୍‌ଟି ସମେତ" ହିସାବରେ ସ୍ଥିର କରିଥିଲା, ଯେଉଁଥିପାଇଁ କୌଣସି କାରଣ ଦର୍ଶାଯାଇ ନଥିଲା ;
- ଆଇବିଏମ୍ ଦ୍ୱାରା ପ୍ରକାଶିତ ବିକ୍ରୀ ମୂଲ୍ୟ ଉପଲବ୍ଧ ହେବା ପରେ ଭେଦାତ୍ମକ ରୟାଲ୍‌ଟି ଆଦାୟ ପାଇଁ ବିକ୍ରୀ ଚୁକ୍ତି ମାନଙ୍କରେ ନିରାପତ୍ତା ଧାରାର ଅନୁପସ୍ଥିତି ଯୋଗୁଁ, କମ୍ପାନୀ କ୍ରେତାମାନଙ୍କ ଠାରୁ 49.84 କୋଟି[64] ଟଙ୍କା ଆଦାୟ କରିପାରିନଥିଲା ଯଦିଓ 2010 ରୁ 2014 (ଜାନୁଆରୀ 2014 ପର୍ଯ୍ୟନ୍ତ) ମଧ୍ୟରେ 135.57 ଲକ୍ଷ ଏମ୍‌ଟି ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ବିକ୍ରୀ ବାବଦକୁ ଏହା ଓଡ଼ିଶା ସରକାରଙ୍କୁ ଦେଇଥିଲା ବା ଦେବାକୁ ଥିଲା ।

ସରକାର କହିଲେ (ସେପ୍ଟେମ୍ବର 2014) ଯେ ସମୟର ଅଭାବ ଯୋଗୁଁ ଡିସେମ୍ବର 2009 ସୁଦ୍ଧା ସମାପ୍ତ ହେଉଥିବା ତିନି ମାସ ପାଇଁ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇପାରି ନଥିଲା । ସରକାର ଏହା ମଧ୍ୟ କହିଥିଲେ ଯେ ବିଭିନ୍ନ କାରଣ ଯଥା ସଂଶୋଧିତ ବିକ୍ରିକର ବିବରଣୀ ପ୍ରସ୍ତୁତି ଓ ଉପସ୍ଥାପନ, ହିସାବ ଚୂଡାନ୍ତ କରିବାରେ ବିଳମ୍ବ, ଅଧିକ ମାନବ ସମ୍ବଳର ଆବଶ୍ୟକତା ଇତ୍ୟାଦିକୁ ପରିହାର କରିବା ପାଇଁ ବିକ୍ରୀମୂଲ୍ୟକୁ "ରୟାଲ୍‌ଟି ସମେତ" ହିସାବରେ ପସନ୍ଦ କରାଯାଇଥିଲା ।

ସରକାରଙ୍କ ଯୁକ୍ତି ଗ୍ରହଣୀୟ ନୁହେଁ ଯେହେତୁ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶ (07 ସେପ୍ଟେମ୍ବର 2009) ଦିନ ଠାରୁ ବିଡ୍ ଖୋଲା ହେବା (19 ସେପ୍ଟେମ୍ବର 2009) ଦିନ ପର୍ଯ୍ୟନ୍ତ ଯଥେଷ୍ଟ ସମୟ ଥିଲା ଯେଉଁଥିରେ କି ଡିସେମ୍ବର 2009 ସୁଦ୍ଧା ସମାପ୍ତ ହେଉଥିବା ତିନି ମାସ ପାଇଁ ସ୍ଥିର କରାଯାଇଥିବା ବିକ୍ରୀମୂଲ୍ୟକୁ (03 ସେପ୍ଟେମ୍ବର 2009) ରୟାଲ୍‌ଟି ବ୍ୟତୀତ ସ୍ଥିର କରିବା ପାଇଁ ଆବଶ୍ୟକୀୟ ଶୁଦ୍ଧିପତ୍ର ଜାରି କରାଯାଇପାରିଥାନ୍ତା । ପୁନଶ୍ଚ, ଭେଦାତ୍ମକ ରୟାଲ୍‌ଟି ପ୍ରଦାନର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, କମ୍ପାନୀ ବିକ୍ରୀମୂଲ୍ୟକୁ "ରୟାଲ୍‌ଟି ସମେତ" ସ୍ଥିର କରିବା ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ଉଭୟ ପଦ୍ଧତିର ଖର୍ଚ୍ଚ ସୁବିଧା ପର୍ଯ୍ୟବେକ୍ଷଣ କରିନଥିଲା ।

### *3.5 ରାଜସ୍ୱ କ୍ଷତି*

**କମ୍ପାନୀର ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମର୍ଥକାରୀ ଧାରାର ଅନୁପସ୍ଥିତି ଯୋଗୁଁ କମ୍ପାନୀ 3.01 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଉପାର୍ଜନ କରିବାରୁ ବଞ୍ଚିତ ହୋଇଥିଲା**

ଓଡିଶା ଖଣି ନିଗମ ଲିମିଟେଡ୍ (କମ୍ପାନୀ) ତ୍ରୈମାସିକ ମୂଲ୍ୟ ନିର୍ଦ୍ଧାରଣକାରୀ ଟେଣ୍ଡର ଆହ୍ୱାନ କରି ଘରୋଇ ବଜାରରେ ଲୁହାପଥର ବିକ୍ରି କରିଥାଏ । ବିଭିନ୍ନ ଖଣିମାନଙ୍କରେ ଉପଲବ୍ଧ ଖଣିଜ ପଦାର୍ଥଗୁଡିକ ମୂଲ୍ୟ ନିର୍ଦ୍ଧାରଣକାରୀ ଟେଣ୍ଡର ଜରିଆରେ ସ୍ଥିରୀକୃତ ସର୍ବାଧିକ ମୂଲ୍ୟରେ ବିଭିନ୍ନ କ୍ରେତାମାନଙ୍କ ମଧ୍ୟରେ ଆବଣ୍ଟନ କରାଯାଏ ଏବଂ ସେହି ଅନୁସାରେ କ୍ରେତାମାନଙ୍କ ସହ ବିକ୍ରିଚୁକ୍ତି ନିଷ୍ପାଦନ କରାଯାଇଥାଏ । ବିକ୍ରିଚୁକ୍ତିର ସର୍ତ୍ତାବଳୀ ଅନୁସାରେ କ୍ରେତାମାନଙ୍କୁ ଆବଣ୍ଟିତ ପରିମାଣର ବିକ୍ରି ମୂଲ୍ୟ, 100 ପ୍ରତିଶତ ଅଗ୍ରୀମ ହିସାବରେ ଦେବାକୁ ପଡ଼ିବ ଏବଂ ସେମାନଙ୍କୁ ପ୍ରତି ମାସରେ ସମାନୁପାତିକ ଭାବରେ ଷ୍ଟକ୍ ଉଠାଇବାକୁ ପଡ଼ିବ । ଏହା ନ କଲେ, ଗୋଟିଏ

[64] ଗନ୍ଧମାର୍ଦ୍ଦନ: 49.60 ଲକ୍ଷ ଏମ୍‌ଟି ( 8.67 କୋଟି ଟଙ୍କା) + କୋଏଡ଼ା : 51.74 ଲକ୍ଷ ଏମ୍‌ଟି ( 7.52 କୋଟି ଟଙ୍କା) + ଦୈତାରୀ : 24.15 ଲକ୍ଷ ଏମ୍‌ଟି (20.17 କୋଟି ଟଙ୍କା) + ଜେକେ ରୋଡ୍ : 10.08 ଲକ୍ଷ ଏମ୍‌ଟି ( 13.48 କୋଟି ଟଙ୍କା )।

ମାସରେ ଉଠା ନଯାଇଥିବା ଷ୍ଟକକୁ ଅନ୍ୟ କ୍ରେତା, ଯେଉଁମାନେ ସେମାନଙ୍କର ଆବଣ୍ଟିତ ପରିମାଣକୁ ସଫଳତାର ସହ ଉଠାଇଥିବେ ସେମାନଙ୍କ ମଧ୍ୟରେ ବଣ୍ଟନ କରିଦିଆଯିବ ।

ଅକ୍ଟୋବର ରୁ ଡିସେମ୍ବର 2012 ତିନିମାସ ମଧ୍ୟରେ ଏମ୍‌ଟି ପ୍ରତି 4,805 ଟଙ୍କା ହିସାବରେ 15 ଜଣ କ୍ରେତାଙ୍କ ମଧ୍ୟରେ 5,22,500 ଏମ୍‌ଟି ଲୁହାପଥର ଆବଣ୍ଟନ କରାଯାଇଥିଲା, ଯାହା ମଧ୍ୟରୁ 4,11,896 ଏମ୍‌ଟି ଲୁହାପଥର ଉଠାଯାଇଥିଲା ଯେଉଁଥିରେ 54,908 ଏମ୍‌ଟି ଏପରି ଷ୍ଟକ୍ ଥିଲା ଯାହାକି 24 ରୁ 31 ଡିସେମ୍ବର 2012 ମଧ୍ୟରେ ଉଠାଯାଇଥିଲା । ଏହାର ପର ତିନିମାସ ଯାହାକି ମାର୍ଚ୍ଚ 2013 ରେ ସମାପ୍ତ ହୋଇଥିଲା, ମୂଲ୍ୟ ନିର୍ଦ୍ଧାରଣକାରୀ ଟେଣ୍ଡର ଜରିଆରେ ସର୍ବାଧିକ ମୂଲ୍ୟ ଏମ୍‌ଟି ପିଛା 5354 ଟଙ୍କା ସ୍ଥିର ହୋଇଥିଲା (22 ଡିସେମ୍ବର 2012) ଯାହାକି ପୂର୍ବ ତିନିମାସର ଦରଠାରୁ ଏମ୍‌ଟି ପିଛା 549 ଟଙ୍କା ଅଧିକ ଥିଲା ।

ସମୀକ୍ଷାରେ ଦେଖାଗଲା ଯେ ଉଠାଯାଇଥିବା ଷ୍ଟକ୍ ପରିମାଣର ବିକ୍ରି ମୂଲ୍ୟର 100 ପ୍ରତିଶତ ଅଗ୍ରୀମ ହିସାବରେ ଆଦାୟ ନକରି ଥର ଥର କରି ବିକ୍ରି ମୂଲ୍ୟ ଗ୍ରହଣ କରିବା ଦ୍ୱାରା କମ୍ପାନୀ ଆବଣ୍ଟିତ ପରିମାଣକୁ 100 ପ୍ରତିଶତ ଉଠାଯିବା ସୁନିଶ୍ଚିତ କରିପାରି ନଥିଲା ଏବଂ ସେହି ଅର୍ଥ ଉପରେ ସୁଧ ଉପାର୍ଜନ କରି ପାରିନଥିଲା । ପୁନଶ୍ଚ, ଚୁକ୍ତି ନାମାର ସ୍ୱତନ୍ତ୍ର ସର୍ତ୍ତାବଳୀ ଅନୁସାରେ କ୍ରେତାମାନେ ସର୍ବନିମ୍ନ ମାସିକିଆ ପରିମାଣ ମଧ୍ୟ ଉଠାଇନଥିଲେ । ପରବର୍ତ୍ତୀ ତିନିମାସରେ ଲୁହାପଥର ଦାମ୍‌ରେ ବୃଦ୍ଧି ବା ହ୍ରାସ ଘଟିଲେ କିମ୍ବା କ୍ରେତାମାନେ ସେମାନଙ୍କୁ ଦିଆଯାଇଥିବା ସର୍ତ୍ତାବଳୀ ଅନୁସାରେ ଷ୍ଟକ୍ ନ ଉଠାଇଲେ, କମ୍ପାନୀର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଚୁକ୍ତିନାମାରେ କୌଣସି ବ୍ୟବସ୍ଥା ନଥିଲା । ଏହିପରି ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ କମ୍ପାନୀ ଏହି ଚୁକ୍ତିନାମା ଗୁଡିକୁ ବାତିଲ୍ କରିପାରି ନଥିଲା । ଏହା ଫଳରେ, ପରବର୍ତ୍ତୀ ତିନିମାସରେ ଲୁହାପଥର ଦାମ୍‌ରେ ବୃଦ୍ଧି (ଏମ୍‌ଟି ପ୍ରତି 5354 ଟଙ୍କା) ବିଷୟରେ ଜାଣି ମଧ୍ୟ, କମ୍ପାନୀ 24 ରୁ 31 ଡିସେମ୍ବର 2012 ମଧ୍ୟରେ 54,908 ଏମ୍‌ଟି ଲୁହାପଥର କମ୍ ଦାମ୍‌ରେ (ଏମ୍‌ଟି ପ୍ରତି 4805 ଟଙ୍କା) ବିକ୍ରି କରିଥିଲା ଯାହାଦ୍ୱାରା 3.01 କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟିଥିଲା ।

ସରକାର ଅଗଷ୍ଟ 2014 ରେ କହିଲେ ଯେ କ୍ରେତାମାନଙ୍କୁ ପର୍ଯ୍ୟାୟ କ୍ରମେ ସେମାନଙ୍କ ଆବଣ୍ଟିତ ପରିମାଣ ପାଇଁ ଅର୍ଥ ପ୍ରଦାନ ନିମନ୍ତେ ଅନୁମତି ଦିଆଯାଇଥିଲା, ଯଦ୍ୱାରା ସେମାନଙ୍କର କାମଚଳା ପୁଞ୍ଜି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ । କମ୍ପାନୀ ଚୁକ୍ତିନାମାର ଅର୍ଥ ପ୍ରଦାନ ସର୍ତ୍ତାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିବା ପରିବର୍ତ୍ତେ ଅନ୍ୟାନ୍ୟ ବିଷୟକୁ ବିଚାରକୁ ନେଇଥିଲା ।

ତେଣୁ, ବିକ୍ରି ଚୁକ୍ତିର ସର୍ତ୍ତାବଳୀକୁ ଅବମାନନା କରିବା ସହିତ କମ୍ପାନୀର ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମର୍ଥକାରୀ ଧାରାର ଅନୁପସ୍ଥିତି ଯୋଗୁଁ, କମ୍ପାନୀ 3.01 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଉପାର୍ଜନରୁ ବଞ୍ଚିତ ହୋଇଥିଲା ।

### *3.6 ଅହେତୁକ ଅନୁକମ୍ପା*

**ଚୁକ୍ତିରେ ବିରୋଧାତ୍ମକ ଅର୍ଥ ପ୍ରଦାନ ସର୍ତ୍ତ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଠିକାଦାରଙ୍କୁ 1.34 କୋଟି ଟଙ୍କାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା**

କୁର୍ମିତାର ଲୁହାପଥର ଖଣିରେ ଖନନ/ବିସ୍ଫୋଟନ ପଦ୍ଧତିରେ ଲୁହାପଥର ଖଣ୍ଡ ଉତ୍ତୋଳନ, କ୍ରସିଙ୍ଗ ଯନ୍ତ୍ର ନିକଟକୁ ଲୁହାପଥର ଖଣ୍ଡର ପରିବହନ ଏବଂ ଏହାର ପ୍ରକ୍ରିୟାକରଣ ମାଧ୍ୟମରେ ବିଭିନ୍ନ ମାନର କାଲିବ୍ରେଟେଡ୍ ଲମ୍ପ୍ ପଥର (ସିଏଲଓ) ଏବଂ ଲୁହାପଥର ଗୁଣ୍ଡର ଉତ୍ପାଦନ ପାଇଁ, ଓଡିଶା ଖଣି ନିଗମ ଲିମିଟେଡ୍ (କମ୍ପାନୀ) ଏକ ଠିକାଦାର ସହିତ ଜୁନ 2010 ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ଉତ୍ପାଦିତ ସିଏଲ୍‌ଓ ଏବଂ ଲୁହାପଥର ଗୁଣ୍ଡକୁ ଓଜନ କରି ଏହାକୁ ନିର୍ଦ୍ଦିଷ୍ଟ ଷ୍ଟକ୍‌ୟାର୍ଡକୁ ପରିବହନ କରିବା ମଧ୍ୟ ଚୁକ୍ତିରେ ଅନ୍ତର୍ଭୁକ୍ତ ଥିଲା । ଠିକାଦାରର ପୂର୍ବବର୍ଷର ସନ୍ତୋଷଜନକ କାର୍ଯ୍ୟଦକ୍ଷତାକୁ ଆଧାର କରି ଚୁକ୍ତିଟି 10 ବର୍ଷ ପାଇଁ (ଜୁଲାଇ 2010 ରୁ ମାର୍ଚ୍ଚ 2021) କରାଯାଇଥିଲା । ଚୁକ୍ତିର ସର୍ତ୍ତ ଅନୁସାରେ, ସିଏଲଓ ଏବଂ ଲୁହାପଥର ଗୁଣ୍ଡ, ଉତ୍ପାଦନ ହେବା ପରେ କମ୍ପାନି ଦ୍ୱାରା ନିଯୁକ୍ତ ବିଶ୍ଳେଷକଙ୍କ ଦ୍ୱାରା ବିଶ୍ଳେଷଣ କରାଯିବ ଏବଂ ଏହାର ଭୌତିକ ଏବଂ ରାସାୟନିକ ବିନିର୍ଦ୍ଦେଶ ହେବାପରେ

ଏହାକୁ ପରିବହନ କରାଯିବ । ଚୁକ୍ତି ଅନୁସାରେ ସିଏଲଓ ଉତ୍ପାଦନର ସର୍ବାଧିକ 5 ପ୍ରତିଶତ ନିମ୍ନ ଆକାର/ବୃହତ ଆକାର ଲୁହାପଥର ଖଣ୍ଡ ଏବଂ ଲୁହାପଥର ଗୁଣ୍ଡ ଗ୍ରହଣ କରାଯିବ । ସିଏଲଓ ଏବଂ ଲୁହାପଥର ଗୁଣ୍ଡର ଉତ୍ପାଦନ ପାଇଁ ଧାର୍ଯ୍ୟ ଦର ଯଥାକ୍ରମେ ମେଟ୍ରିକ୍ ଟନ୍ ପିଛା 207 ଟଙ୍କା ଏବଂ 51.75 ଟଙ୍କା ଥିଲା । ଗ୍ରହଣ କରାଯାଇଥିବା ଷ୍ଟକ୍‌କୁ ନିର୍ଦ୍ଧାରିତ ଷ୍ଟକ୍‌ୟାର୍ଡକୁ ପରିବହନ କରାଯିବ, ଯେଉଁଠାରେ କମ୍ପାନୀ ଦ୍ୱାରା ନିଯୁକ୍ତ ବିଶ୍ଳେଷକ ପୁଣି ଥରେ ବିକ୍ରି ସମୟରେ ସିଏଲଓ ଏବଂ ଲୁହାପଥର ଗୁଣ୍ଡର ମାନ ନିର୍ଦ୍ଧାରଣ କରିବେ । ଚୁକ୍ତିର "ଅର୍ଥ ପ୍ରଦାନର ଆଧାର" ଧାରା ଅନୁସାରେ ଗ୍ରହଣ କରାଯାଇଥିବା ଷ୍ଟକ୍ ପରିବହନ ହୋଇ ଷ୍ଟକ୍‌ୟାର୍ଡକୁ, ଯାହାକି ବିକ୍ରି ସ୍ଥଳ ଅଟେ, ଆସିଲା ପରେ, ତାହାର ଓଜନ ଅନୁସାରେ ଠିକାଦାରଙ୍କୁ ଅର୍ଥ ପ୍ରଦାନ କରାଯିବ । ଚୁକ୍ତିର ବିଶ୍ଳେଷଣ ଧାରା ଅନୁସାରେ ବିକ୍ରିସ୍ଥଳରେ ହେଉଥିବା ବିଶ୍ଳେଷଣ ଚୁକ୍ତି ପାଇଁ ଚୂଡାନ୍ତ ଅଟେ ଏବଂ ଖଣି ପାଖରେ ଓ ବିକ୍ରିସ୍ଥଳରେ ହେଉଥିବା ବିଶ୍ଳେଷଣରେ ସିଏଲ୍‌ଓ ଏବଂ ଲୁହାପଥର ଗୁଣ୍ଡର ମାନରେ କୌଣସି ପାର୍ଥକ୍ୟ ଦେଖାଗଲେ, କମ୍ପାନୀ ସେଥିପାଇଁ ଦାୟୀ ହେବ ନାହିଁ ।

ସମୀକ୍ଷା ଯାଞ୍ଚରେ ଦେଖାଗଲା ଯେ 2012 ରୁ 2014 ମସିହା ମଧ୍ୟରେ ଖଣି ମୁହଁରେ ହୋଇଥିବା ବିଶ୍ଳେଷଣକୁ ଆଧାରକରି କମ୍ପାନୀ 18.63 ଲକ୍ଷ ଏମ୍‌ଟି ସିଏଲଓ ଉତ୍ପାଦନ ପାଇଁ ଠିକାଦାରଙ୍କୁ 38.57 କୋଟି ଟଙ୍କା ପ୍ରଦାନ କରିଥିଲା କିନ୍ତୁ ନଥିପତ୍ରର ପୁନଃ ଯାଞ୍ଚରୁ ଦେଖାଗଲା ଯେ ବିକ୍ରିସ୍ଥଳରେ ହୋଇଥିବା ବିଶ୍ଳେଷଣ ଅନୁସାରେ ସିଏଲଓ ରେ 5 ପ୍ରତିଶତ ଠାରୁ ଅଧିକ ଯାହାକି 6.40 ପ୍ରତିଶତରୁ 11.86 ପ୍ରତିଶତ ଲୁହାପଥର ଗୁଣ୍ଡ ଥିଲା । ଏହିପରି 86,359 ଏମ୍‌ଟିର ଅଧିକ ଗୁଣ୍ଡ ଉତ୍ପାଦନ ହୋଇଥିଲା । ତେଣୁ ଚୁକ୍ତିରେ ଏହିପରି ବିରୋଧାତ୍ମକ ଧାରା ଅନ୍ତର୍ଭୁକ୍ତ କରିବା ଯୋଗୁଁ କମ୍ପାନୀ ଲୁହାପଥର ଗୁଣ୍ଡ ଉତ୍ପାଦନ ପାଇଁ ମେଟ୍ରିକ୍ ଟନ୍ ପିଛା 51.75ଟଙ୍କା ହିସାବରେ 0.45 କୋଟି ଟଙ୍କା ଦେବା ପରିବର୍ତ୍ତେ, ସିଏଲଓ ଦର ଯାହାକି 207 ଟଙ୍କା ହିସାବରେ 1.79 କୋଟି ଟଙ୍କା ପ୍ରଦାନ କରିଥିଲା । ଏହିପରି କମ୍ପାନୀ ଠିକାଦାରଙ୍କୁ 1.34 କୋଟି ଟଙ୍କାର ଅହେତୁକ ଅନୁକମ୍ପା ଦେଖାଇଥିଲା ।

ସରକାର ଅଗଷ୍ଟ 2014 ରେ କହିଲେ ଯେ ଯଦିଓ ସଂସ୍ଥା କେନ୍ଦ୍ରୀୟ ଷ୍ଟକ୍‌ୟାର୍ଡରେ ପାଞ୍ଚ ପ୍ରତିଶତରୁ କମ୍ ନିମ୍ନ ଆକାରର ଲୁହାପଥର ଖଣ୍ଡଯୁକ୍ତ ସିଏଲଓ ହସ୍ତାନ୍ତର କରିଥିଲା, ଗଚ୍ଛିତ କରିବା ସମୟରେ ପାଣିପାଗରେ ପରିବର୍ତ୍ତନ,ବଡ ବଡ ଓଜନିଆ ମେସିନର ଚଳ ପ୍ରଚଳ, ବିକ୍ରି ସମୟରେ ବୋଝେଇ କରିବା ଏବଂ ବୋଝ ଉତାରିବା ଯୋଗୁଁ, ନିମ୍ନ ଆକାରର ପ୍ରତିଶତ ବୃଦ୍ଧି ପାଇଥିଲା । ସରକାର ଏହା ମଧ୍ୟ କହିଲେ ଯେ ଯେହେତୁ ସଂସ୍ଥାଟି ନିର୍ଦ୍ଦିଷ୍ଟ ଷ୍ଟକ୍‌ୟାର୍ଡରେ ଉତ୍ପାଦିତ ଲୁହାପଥର ହସ୍ତାନ୍ତର କରିଥିଲା, ବିକ୍ରିସ୍ଥଳରେ ହେଉଥିବା ବିଶ୍ଳେଷଣ ଠିକାଦାର ପାଇଁ ପ୍ରଯୁଜ୍ୟ ନ ଥିଲା ।

ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ କାରଣ ଚୁକ୍ତି ଅନୁସାରେ ବିକ୍ରି ସ୍ଥଳରେ ହେଉଥିବା ବିଶ୍ଳେଷଣ ସବୁ ଉଦ୍ଦେଶ୍ୟ ପାଇଁ ଚୂଡାନ୍ତ ଅଟେ ଯାହାକି କମ୍ପାନୀର ସ୍ୱାର୍ଥକୁ ମଧ୍ୟ ସୁରକ୍ଷା ଦେଉଛି କାରଣ ଚୁକ୍ତି ଅନୁସାରେ ଖଣି ପାଖରେ ଏବଂ ବିକ୍ରିସ୍ଥଳରେ ହେଉଥିବା ବିଶ୍ଳେଷଣରେ ଦେଖା ଦେଉଥିବା ମାନରେ ପାର୍ଥକ୍ୟ ପାଇଁ କମ୍ପାନୀ ଦାୟୀ ନୁହେଁ ।

ତେଣୁ ଚୁକ୍ତିନାମାରେ ବିରୋଧାତ୍ମକ ଧାରା ଅନ୍ତର୍ଭୁକ୍ତ କରିବା ଫଳରେ ଠିକାଦାରକୁ 1.34 କୋଟି ଟଙ୍କାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ।

### *3.7 ଅଧିକ ଅର୍ଥ ପ୍ରଦାନ*

**ରାଜିନାମାରେ ଦ୍ୱିଅର୍ଥବୋଧକ ସର୍ତ୍ତ ରଖିବା ସହିତ କ୍ରସର ସ୍ଥାପନ ନ କରି ସିଏଲ୍‌ଓ ଉତ୍ପାଦନ ପାଇଁ ଦିଆଯାଉଥିବା ଦରର, ସମାନୁପାତିକ ହ୍ରାସ ନକରିବା ହେତୁ ଠିକାଦାରଙ୍କୁ 1.33 କୋଟି ଟଙ୍କା ଅଧିକ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିଲା**

ଫେବୃଆରୀ 2010 ର ଟେଣ୍ଡର ଅଫର ଏବଂ ମାର୍ଚ୍ଚ 2010 ରେ ହୋଇଥିବା ପରବର୍ତ୍ତୀ ଆଲୋଚନା ଭିତ୍ତିରେ ଓଡ଼ିଶା ଖଣି ନିଗମ ଲିମିଟେଡ୍ (କମ୍ପାନୀ) ଅଗଷ୍ଟ 2010 ରେ ଏହାର ଗନ୍ଧମାର୍ଦ୍ଦନ ଲୁହାପଥର ଖଣିରୁ 10-180 ଏମ୍‌ଏମ୍ ଲମ୍ପ ଲୁହାପଥର, 10-40 ଏମ୍‌ଏମ୍ କାଲିବ୍ରେଟେଡ୍ ଲମ୍ପ ଓର୍ (ସିଏଲ୍‌ଓ) ଏବଂ -10 ଏମ୍‌ଏମ୍ ଲୁହାପଥର ଗୁଣ୍ଡ ଉତ୍ପାଦନ ପାଇଁ ଏକ ସଂସ୍ଥା ସହ ରାଜିନାମା ସ୍ୱାକ୍ଷର (ଫେବୃଆରୀ 2010) କରିଥିଲା । ଏହି ରାଜିନାମାଟି 10 ବର୍ଷ ପାଇଁ ସ୍ୱାକ୍ଷର କରାଯାଇଥିଲା, ଯେଉଁଥିରେ ଠିକାଦାରର କାର୍ଯ୍ୟ ଦକ୍ଷତା ନିର୍ଦ୍ଧାରଣ ଭିତ୍ତିରେ

ଏହି ଚୁକ୍ତିନାମାର ବାର୍ଷିକ ନବୀକରଣ ପାଇଁ ବ୍ୟବସ୍ଥା ଥିଲା । ସିଏଲ୍ଓ ଉତ୍ପାଦନ ପାଇଁ ମେଟ୍ରିକ୍ ଟନ୍(ଏମ୍ଟି) ପ୍ରତି 215 ଟଙ୍କା ସ୍ଥିର କରାଯାଇଥିଲା ଏବଂ ସେହି ଅନୁସାରେ ଲମ୍ପ୍ ଏବଂ ଲୁହାପଥର ଗୁଣ୍ଡ ଉତ୍ପାଦନପାଇଁ ତାହାର ଯଥାକ୍ରମେ 80 ପ୍ରତିଶତ ଏବଂ 25 ପ୍ରତିଶତ ହିସାବରେ ଏମ୍ଟି ପ୍ରତି ଦର 172 ଟଙ୍କା ଏବଂ 53.75 ଟଙ୍କା ସ୍ଥିର କରାଯାଇଥିଲା । ଚୁକ୍ତିନାମା ଅନୁସାରେ ଠିକାଦାରଙ୍କୁ ସିଏଲ୍ଓ ଏବଂ ଲୁହାପଥର ଗୁଣ୍ଡ ଉତ୍ପାଦନପାଇଁ ଖାଦାନ ହସ୍ତାନ୍ତର ହେବା ଦିନ ଠାରୁ 4 ମାସ ମଧ୍ୟରେ କ୍ରସର୍ ଏବଂ/କିମ୍ବା ସ୍କ୍ରିନ୍ ପ୍ଲାଣ୍ଟ ସ୍ଥାପନ କରିବାର ଥିଲା । ସଂସ୍ଥାଟି ଅଗଷ୍ଟ 2010 ରୁ ଉତ୍ପାଦନ ଆରମ୍ଭ କରିଥିଲା କିନ୍ତୁ ଅକ୍ଟୋବର 2013 ରେ କ୍ରସର ବସାଇଥିଲା । ଅଗଷ୍ଟ 2010 ରୁ ସେପ୍ଟେମ୍ବର 2013 ମଧ୍ୟରେ ସଂସ୍ଥାଟି 2,16,542 ଏମ୍ଟି ସିଏଲ୍ଓ, 3,58,437 ଏମ୍ଟି ଲମ୍ପ୍ ଏବଂ 44,867 ଏମ୍ଟି ଲୁହାପଥର ଗୁଣ୍ଡ ଉତ୍ପାଦନ କରିଥିଲା ।

ସମୀକ୍ଷା ଯାଞ୍ଚରେ ନିମ୍ନୋକ୍ତ ବିଷୟ ଅବଲୋକନ କରାଗଲା:

- ରାଜିନାମାର ଧାରା 45.1 ଅନୁସାରେ, ଖଣି ଖୋଳିବା ଏବଂ ପରିବହନ କାର୍ଯ୍ୟ ପାଇଁ କ୍ରସର ଏବଂ ଛାଣିବା ଯନ୍ତ୍ର ଆବଶ୍ୟକ । ଯଦିଓ କ୍ରସର ଏବଂ/ କିମ୍ବା ଛାଣିବା ଯନ୍ତ୍ର ଡିସେମ୍ବର 2010 ସୁଦ୍ଧା ସ୍ଥାପନ କରିବାର ଥିଲା, ସଂସ୍ଥାଟି ଅକ୍ଟୋବର 2013 ରେ କ୍ରସର ସ୍ଥାପନ କରିଥିଲା । ଏଥିରୁ ଜଣାଯାଇଛି ଯେ ସଂସ୍ଥା କେବଳ ଛାଣିବା ପ୍ରକ୍ରିୟାରେ ସିଏଲ୍ଓ ଉତ୍ପାଦନ କରିଥିଲା । ରାଜିନାମାରେ କ୍ରସର ଏବଂ/ କିମ୍ବା ଛାଣିବା ଯନ୍ତ୍ର ସ୍ଥାପନ କରିବା ପାଇଁ ଏକ ଦ୍ୱିଅର୍ଥବୋଧକ ସର୍ତ୍ତ ଅନ୍ତର୍ଭୁକ୍ତ କରିବା ଯୋଗୁଁ କମ୍ପାନୀ ସଂସ୍ଥାକୁ କ୍ରସର ସ୍ଥାପନ ନ କରି କେବଳ ଛାଣିବା ଯନ୍ତ୍ରର ବ୍ୟବହାରରେ ସିଏଲ୍ଓ ଉତ୍ପାଦନ ପାଇଁ ଅନୁମତି ଦେଇଥିଲା ।

- ସବୁଠାରୁ କମ୍ ଦରରେ ଉତ୍ପାଦନ କରିବା ପାଇଁ ନିବେଦନ କରିଥିବା ସଂସ୍ଥା ସହ ଉତ୍ପାଦନର ଦର କମାଇବା ପାଇଁ ଆପୋଷ ଆଲୋଚନା ସମୟରେ, ସିଏଲଓ ପାଇଁ ସ୍ଥିର ହୋଇଥିବା ଦର (ଏମ୍ଟି ପ୍ରତି 215 ଟଙ୍କା) କମାଇବା ପାଇଁ ସଂସ୍ଥା ମନା କରିଥିଲା ଏବଂ କହିଥିଲା ଯେ ଯଦି ବଡ଼ ଲୁହାପଥର ଖଣ୍ଡ ଗୁଡ଼ିକ କ୍ରସିଙ୍ଗ୍ ନକରି କେବଳ ଛାଣିବା ଯନ୍ତ୍ର ମାଧ୍ୟମରେ ସିଏଲଓ ଉତ୍ପାଦନ କରାଯାନ୍ତା, ତେବେ ଲୁହାପଥର ଉତ୍ତୋଳନର ଦର କମ୍ ହୋଇପାରିଥାନ୍ତା । କମ୍ପାନୀ କିନ୍ତୁ ସଂସ୍ଥା ଦେଇଥିବା ଦରରେ ଅର୍ଥ ପ୍ରଦାନ ପାଇଁ ରାଜି ହୋଇଯାଇଥିଲା । ଯେହେତୁ ବିଭାଗୀୟ ଅଟକଳ ମାଧ୍ୟମରେ ଯେଉଁ ଦର (ଏମ୍ଟି ପ୍ରତି 287.52 ଟଙ୍କା) ସ୍ଥିର କରାଯାଇଥିଲା, ସେଥିରେ 12 ପ୍ରତିଶତ କ୍ରସିଙ୍ଗ୍ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା, କ୍ରସର ସ୍ଥାପନ ନ କରିଥିଲେ ମଧ୍ୟ, କମ୍ପାନୀ କ୍ରସର ନ ବସାଇବା ପାଇଁ ଦରକୁ ସମାନୁପାତିକ ହିସାବରେ ହ୍ରାସ ନକରି ଏହା ଦେଇଥିବା ଦର ଅନୁସାରେ ଅର୍ଥ ପ୍ରଦାନ କରିଥିଲା । ଏହାଫଳରେ ସଂସ୍ଥାକୁ 1.33 କୋଟି ଟଙ୍କାର ଅଧିକ ଅର୍ଥ ପ୍ରଦାନ କରାଯାଇଥିଲା ।

ସରକାର ସେପ୍ଟେମ୍ବର 2014 ରେ କହିଲେ ଯେ ଖଣିର ଭୌଗୋଳିକ ଅବସ୍ଥିତି ଅନୁଯାୟୀ, ଉପର ଭାଗରେ ଗୁଣ୍ଡ ହୋଇଯାଉଥିବା ଲୁହାପଥର ଗଚ୍ଛିତ ଥାଏ । ଏହାକୁ ଯଦି କ୍ରସର ଦ୍ୱାରା ଗୁଣ୍ଡ କରାଯାଇଥାନ୍ତା, ତେବେ ସିଏଲ୍ଓ ର ଉତ୍ପାଦନ କମି ଯାଇଥାନ୍ତା ଏବଂ ଲୁହାପଥର ଗୁଣ୍ଡର ଉତ୍ପାଦନ ବୃଦ୍ଧି ପାଇଥାନ୍ତା । ତେଣୁ, ସିଏଲ୍ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ଚୁକ୍ତିନାମାରେ ଏହି ପ୍ରାସଙ୍ଗିକ ଧାରାକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ କାରଣ ଖଣିର ଉପର ଭାଗରେ ଗଚ୍ଛିତ ଥିବା ଲୁହାପଥରର ପ୍ରକ୍ରିୟାକରଣ କେବଳ ଛାଣିବା ଯନ୍ତ୍ର ଦ୍ୱାରା ହେବ ବୋଲି ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି ବା ସଂସ୍ଥାସହ ହୋଇଥିବା ବୁଝାମଣା ପତ୍ରରେ କୌଣସି ସୂଚନା ଦିଆଯାଇନଥିଲା । ପୁନଶ୍ଚ କମ୍ପାନୀ କ୍ରସର ଏବଂ/କିମ୍ବା ଛାଣିବା ଯନ୍ତ୍ରଦ୍ୱାରା ସିଏଲ୍ଓ ଉତ୍ପାଦନରେ ଦରକୁ ପୃଥକ କରିନଥିଲା ।

ତେଣୁ, ରାଜିନାମାରେ ଦ୍ୱିଅର୍ଥବୋଧକ ସର୍ତ୍ତ ରଖିବା ସହିତ କ୍ରସର ସ୍ଥାପନ ନକରି ସିଏଲ୍ଓ ଉତ୍ପାଦନ ପାଇଁ ଦିଆଯାଉଥିବା ଦରର ସମାନୁପାତିକ ହ୍ରାସ୍ ନକରିବା ହେତୁ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ଏବଂ ପରିଣାମ ସ୍ୱରୁପ ସଂସ୍ଥାକୁ 1.33 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

## ଓଡ଼ିଶା ଶକ୍ତି ସଂଚ୍ଚାରଣ ନିଗମ ଲିମିଟେଡ୍

### *3.8 ନିଷ୍ଫଳ ବ୍ୟୟ*

**ଅନୁପଯୁକ୍ତ ଜମିର ଆବଣ୍ଟନକୁ ସ୍ୱୀକାର କରିବା ସହିତ ପରବର୍ତ୍ତୀ କାଳରେ ଚୁକ୍ତିର ପରିସରରେ ସଂଶୋଧନ ପାଇଁ ନିଷ୍ପତ୍ତି ନେବା ହେତୁ 1.21 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା**

କେନ୍ଦୁଝର ସହର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ଏକ ପୃଥକ ଗ୍ରୀଡ୍ ସବ୍-ଷ୍ଟେସନରୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ଗୋପିନାଥପୁରଠାରେ ଏକ 220/33 କେଭି ଗ୍ରୀଡ୍‌ସବ୍-ଷ୍ଟେସନ୍ ଏବଂ ଏହା ସହଯୁକ୍ତ ଲାଇନ୍ ନିର୍ମାଣ ପାଇଁ ନୀତିଗତ ଅନୁମୋଦନ (ସେପ୍ଟେମ୍ବର 2008) ଦେଇଥିଲେ । ଅନୁମୋଦନ କଲା ସମୟରେ, ନିର୍ଦ୍ଦେଶକ ମଣ୍ଡଳୀ ସର୍ବେକ୍ଷଣ ଏବଂ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏବଂ ଏକ ବାସ୍ତବବାଦୀ ଆକଳନ ଓ ବ୍ୟୟ-ଫାଇଦା ବିଶ୍ଲେଷଣ କରିବା ସହ ଏକ ବିଶଦ ପ୍ରକଳ୍ପ ପ୍ରତିବେଦନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ, ଉପରୋକ୍ତ ନିର୍ଦ୍ଦେଶର ଅନୁପାଳନକୁ ଭିତ୍ତିକରି ନିର୍ଦ୍ଦେଶକ ମଣ୍ଡଳୀ ଫେବୃଆରୀ 2009 ରେ 29.93 କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଚିହ୍ନଟ ହୋଇଥିବା ସମତଳ ଭୂମି ଉପରେ ସବ୍-ଷ୍ଟେସନ୍ ନିର୍ମାଣ ପାଇଁ ପ୍ରଶାସନିକ ଅନୁମୋଦନ ଦେଇଥିଲେ । ସେହି ସମୟରେ ଚିହ୍ନଟ ଜମିଟି ତହସିଲଦାର, କେନ୍ଦୁଝରଙ୍କ ଦ୍ୱାରା ଓପିଟିସିଏଲ୍‌କୁ ହସ୍ତାନ୍ତର କରାଯାଇ ନଥିଲା । ସେହି ଅନୁସାରେ, ଓପିଟିସିଏଲ୍ ଅକ୍ଟୋବର 2010 ରେ 18.12 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଯୋଗାଇ ଦେବା ପାଇଁ ଏବଂ 11.31 କୋଟି ଟଙ୍କା ମୂଲ୍ୟର ନିର୍ମାଣ କାର୍ଯ୍ୟ ପାଇଁ ଏକ ଠିକାଦାରକୁ ଅଭିଳାଷ ପତ୍ର ଜାରି କରିଥିଲେ, ଯେଉଁଥିରେ ପ୍ରକଳ୍ପକୁ ମାର୍ଚ୍ଚ 2013 ସୁଦ୍ଧା ସମାପ୍ତ କରିବା ପାଇଁ କୁହାଯାଇଥିଲା । ଓପିଟିସିଏଲ୍‌କୁ ପ୍ରକୃତରେ ହସ୍ତାନ୍ତର (ଡିସେମ୍ବର 2009) ହୋଇଥିବା ଜମି ଏବଂ ଏହା ଦ୍ୱାରା ସ୍ୱୀକାର (ନଭେମ୍ବର 2010) କରାଯାଇଥିବା ଜମି ଏକ ପାହାଡ଼ିଆ ଜମି ଯାହାକି ସମତଳ ଭୂମି ନଥିଲା । ଏହି ଜମିଟିକୁ ନଭେମ୍ବର 2010 ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଠିକାଦାରକୁ ହସ୍ତାନ୍ତର କରାଯାଇଥିଲା ।

ଠିକାଦାର ଜାଗାକୁ ସମତୁଲ କରିବା (ଏପ୍ରିଲ୍ 2011) ସମୟରେ ବଡ଼ ବଡ଼ ପଥରର ସମ୍ମୁଖୀନ ହୋଇଥିଲା ଏବଂ ଯଦି ଏହି ବଡ଼ ପଥରଗୁଡ଼ିକ ଗୁଣ୍ଡ ନ କରାଯାଏ ତା'ହେଲେ ଆଗକୁ କାମ କରିହେବ ନାହିଁ ବୋଲି ଜୁନ୍ 2011 ରେ ଜଣାଇଥିଲା । ଠିକାଦାର ମଧ ଜାଗାର ସରଜମିନ୍ ସର୍ବେକ୍ଷଣ ପାଇଁ ଓପିଟିସିଏଲ୍‌କୁ ଅନୁରୋଧ କରିଥିଲା । ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାଗାର ସରଜମିନ୍ ସର୍ବେକ୍ଷଣ (ଜୁଲାଇ 2011) ପରେ, ଓପିଟିସିଏଲ୍‌ର ଚୁକ୍ତିପତ୍ର ଯାଞ୍ଚ୍ ସମିତି (ସିଏସସି) ଏବଂ କ୍ରୟ ଉପସମିତି(ପିଏସସି) ବଡ଼ ବଡ଼ ପଥରକୁ ବିସ୍ଫୋଟନ ମାଧମରେ ଚୂନା କରିବା ପାଇଁ ଅତିରିକ୍ତ ଆର୍ଥିକ ଆବଶ୍ୟକତାକୁ ବିଚାରକୁ ନେଇ 1.02 କୋଟି ଟଙ୍କା ଅତିରିକ୍ତ ବ୍ୟୟ ସହ ଚୁକ୍ତିରେ ସଂଶୋଧନ ପାଇଁ ଯଥାକ୍ରମେ ସେପ୍ଟେମ୍ବର ଏବଂ ନଭେମ୍ବର 2011 ରେ ସୁପାରିଶ କରିଥିଲେ । ଏହି ସୁପାରିଶକୁ ନିର୍ଦ୍ଦେଶକ ମଣ୍ଡଳୀ ଡିସେମ୍ବର 2011 ରେ ଅନୁମୋଦନ କରିଥିଲେ । ସମୁଦାୟ ଜାଗାକୁ ସମତୁଲ କରିବାରେ ଅନିଶ୍ଚିତତା ଯୋଗୁଁ କାମକୁ ଜାନୁଆରୀ 2013 ରୁ ବନ୍ଦ କରା ଯାଇଥିଲା । ପରବର୍ତ୍ତୀ ସମୟରେ ଓପିଟିସିଏଲ୍‌ର କାର୍ଯ୍ୟ ପର୍ଯ୍ୟାଲୋଚନା କମିଟି ଏବଂ ପିଏସସିର ନିଷ୍ପତ୍ତି (ଏପ୍ରିଲ୍ 2013) ଅନୁସାରେ, ଏକ ଉଚ୍ଚ ସ୍ତରୀୟ କମିଟି ଜାଗାର ପରିଦର୍ଶନ (ଅଗଷ୍ଟ 2013) କଲେ ଏବଂ ବିଭିନ୍ନ ପ୍ରକାର ଅସୁବିଧାକୁ ବିଚାରକୁ ନେଇ କାମକୁ ଅଧାରୁ ବନ୍ଦ କରିବା ପାଇଁ ମତ ଦେଇଥିଲେ । ସେହି ଅନୁସାରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ମେ 2014 ରେ କାମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ଓପିଟିସିଏଲ୍ ସମୁଦାୟ 4.06 କୋଟି ଟଙ୍କା (ସାମଗ୍ରୀ କିଣା ବାବଦକୁ 2.85 କୋଟି ଟଙ୍କା ଏବଂ ନିର୍ମାଣ କାର୍ଯ୍ୟ ବାବଦକୁ 1.21 କୋଟି ଟଙ୍କା) ଖର୍ଚ୍ଚ କରିସାରିଥିଲା ।

ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଗୁଡ଼ିକ ଅବଲୋକନ କରାଗଲା:

- ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଆବଣ୍ଟିତ ପାହାଡ଼ିଆ ଜମି ଗ୍ରୀଡ୍ ସବ୍-ଷ୍ଟେସନର ନିର୍ମାଣ ପାଇଁ ଅନୁପଯୁକ୍ତ(ନଭେମ୍ବର 2010) ଜାଣି ମଧ୍ୟ ଓପିଟିସିଏଲ୍ ଏହାକୁ ଗ୍ରହଣ କରିଥିଲା । ଓପିଟିସିଏଲ୍ ସ୍ୱୀକାର କରିଥିବା ଜମିଟି, ଏହାଦ୍ୱାରା ପ୍ରକୃତରେ ଚିହ୍ନଟ କରାଯାଇଥିବା ସମତଳ ଜମି ନଥିଲା ଏବଂ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶ ସତ୍ତ୍ୱେ ଜାଗାର ଉପଯୁକ୍ତ ସର୍ବେକ୍ଷଣ ନକରି ଏହାକୁ ସ୍ୱୀକାର କରିଥିଲା ; ଏବଂ
- ବଡ଼ ବଡ଼ ପଥରର ଉପସ୍ଥିତି ବିଷୟରେ ଠିକାଦାର ଓପିଟିସିଏଲ୍‌କୁ ଏପ୍ରିଲ୍ 2011 ରେ ଜଣାଇଥିଲେ ମଧ୍ୟ ଓପିଟିସିଏଲ୍ ଠିକାଦାରକୁ ସେଠାରେ କାମ କରିବା ପାଇଁ ଅନୁମତି ଦେଇଥିଲା ଏବଂ ତତ୍ ସହିତ ପାହାଡ଼ିଆ ପଥରର ବିସ୍ଫୋଟନ ପାଇଁ ଅତିରିକ୍ତ ବ୍ୟୟକୁ ଅନୁମୋଦନ କରିଥିଲା ।

ତଥ୍ୟକୁ ସ୍ୱୀକାର କରିବା ସହ ସରକାର ଅଗଷ୍ଟ 2014 ରେ କହିଲେ ଯେ ବାହାର ଦେଖାରୁ ଜାଗାଟି ସମ୍ପୂର୍ଣ୍ଣ ସାଧାରଣ ଦେଖାଯାଉଥିଲା ଏବଂ ମାଟି ସର୍ବେକ୍ଷଣ ପ୍ରତିବେଦନରୁ ମଧ୍ୟ ଭଙ୍ଗା ପଥରର ଉପସ୍ଥିତି ବିଷୟରେ ସୂଚନା ମିଳୁଥିଲା କିନ୍ତୁ ପ୍ରକୃତ ଖୋଳା ସମୟରେ, ଟାଣ ପଥର ଥିବା ଜଣା ପଡ଼ିଥିଲା ।

ପରନ୍ତୁ, ମାଟି ସର୍ବେକ୍ଷଣ ପ୍ରତିବେଦନରୁ ଟାଣପଥର ଥିବାର ସୂଚନା ମିଳୁଥିଲେ ମଧ୍ୟ ଓପିଟିସିଏଲ୍ ଏହାକୁ ଉପଯୁକ୍ତ ଭାବରେ ପରୀକ୍ଷା କରିନଥିଲା ।

ତେଣୁ, ଏକ ଅନୁପଯୁକ୍ତ ଜମିର ଆବଣ୍ଟନକୁ ସ୍ୱୀକାର କରିବା ଏବଂ ଉପଯୁକ୍ତ ସର୍ବେକ୍ଷଣ ବିନା କାମ ଆରମ୍ଭ କରିବା ଯୋଗୁଁ 1.21 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେବା ସହିତ ସାମଗ୍ରୀ କିଣା ବାବଦକୁ ଖର୍ଚ୍ଚ ହୋଇଥିବା 2.85 କୋଟି ଟଙ୍କା ଅବରୋଧ ହୋଇପଡ଼ିଥିଲା ।

## ବୈଧାନିକ ନିଗମ

## ଓଡ଼ିଶା ରାଜ୍ୟ ଅର୍ଥ ନିଗମ

### *3.9 ପାଉଣା ଦେୟର ଅସମୁଚିତ ମୀମାଂସା*

**ଓଟିଏସ ନୀତିର ଉଲ୍ଲଙ୍ଘନ କରି ଋଣର ମୀମାଂସା କରିବା ଏବଂ ଋଣ ଖିଲାପକାରୀର ସମ୍ପତ୍ତି ଦଖଲ କରିବା ପାଇଁ ଠିକ୍ ସମୟରେ ପଦକ୍ଷେପ ନ ନେବାରୁ 1.07 କୋଟି ଟଙ୍କାର କ୍ଷତି ହେଲା**

ରାଜ୍ୟ ଅର୍ଥ ନିଗମ ଅଧିନିୟମ, 1951 (ଏସଏଫ୍‌ସି ଅଧିନିୟମ) ଅଧୀନରେ ଓଡ଼ିଶା ରାଜ୍ୟ ଅର୍ଥ ନିଗମ (ନିଗମ), କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗଗୁଡ଼ିକୁ ଋଣ ଯୋଗାଇଦେବା ପାଇଁ ପ୍ରତିଷ୍ଠା କରାଯାଇଥିଲା । ଆଦାୟ ହୋଇପାରୁ ନଥିବା ଋଣର ପରିମାଣକୁ କମାଇବା ପାଇଁ ଏହା 1992-93 ମସିହାରେ ଏକ ଏକକାଳୀନ ମୀମାଂସା ପଦ୍ଧତି (ଓଟିଏସ) ର ପ୍ରବର୍ତ୍ତନ କରିଥିଲା ଏବଂ ଏହି ଯୋଜନାକୁ ସମୟାନୁସାରେ ମାର୍ଜିତ କରାଯାଉଥିଲା । ନିଗମର ନିର୍ଦ୍ଦେଶକ ମଣ୍ଡଳୀ ଏପ୍ରିଲ୍ 2011 ରେ ଓଟିଏସ ନୀତି, 2011 କୁ ଅନୁମୋଦନ କରିଥିଲେ ଯାହାକି 2 ମଇ 2011 ରୁ କାର୍ଯ୍ୟକାରୀ ହୋଇଥିଲା । ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ଓଟିଏସ ନୀତି 2011 ର ପରିସର ଅନ୍ତର୍ଭୁକ୍ତ ଥିଲା :

- ଯେଉଁ ଯୋଗ୍ୟ ଋଣ ଗ୍ରହୀତା ଓଟିଏସ୍ ଅନୁସାରେ ଋଣର ମୀମାଂସା କରିବାକୁ ଇଚ୍ଛୁକ ଥିବେ, ସେମାନେ ନିର୍ଦ୍ଧାରିତ ଆବେଦନ ଫର୍ମକୁ ଠିକ୍ ଭାବରେ ପୂରଣ କରି ତତ୍‌ସହିତ ସମୁଦାୟ ବକେୟା ଋଣର 10 ପ୍ରତିଶତ ପ୍ରାରମ୍ଭିକ ଜମା ହିସାବରେ ଏବଂ ନିର୍ଦ୍ଧାରିତ ପ୍ରଶାସନିକ ଦେୟ ଦାଖଲ କରିବେ ।
- ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ଦିଆଯାଇଥିବା ଋଣର ମୀମାଂସାକୁ ବନ୍ଧକ ସହିତ ସଂଯୋଗ କରାଯିବ ଏବଂ ମୀମାଂସା ମୂଲ୍ୟ ସର୍ବନିମ୍ନ ଆଶା କରାଯାଉଥିବା ମୂଲ୍ୟ ଏବଂ ବନ୍ଧକର ମୂଲ୍ୟକୁ ଆଧାର କରି ସ୍ଥିର କରାଯିବ ।

ଗୋଟିଏ ରଣ ଗ୍ରହୀତାର ରଣ ମୀମାଂସା ପରିପ୍ରେକ୍ଷୀରେ ସମୀକ୍ଷାରେ ନିମ୍ନୋକ୍ତ ବିଷୟ ଅବଲୋକନ କରାଗଲା:

- ରଣ ଗ୍ରହୀତାଙ୍କୁ ଫେବୃଆରୀ 2002 ରୁ ଜାନୁଆରୀ 2004 ମଧ୍ୟରେ 1.16 କୋଟି ଟଙ୍କା ରଣ ଦିଆଯାଇଥିଲା, ଯାହାକି ତାଙ୍କୁ ସାତ ବର୍ଷ ମଧ୍ୟରେ ପରିଶୋଧ କରିବାର ଥିଲା । ୟୁନିଟ୍‌ଟି ଡିସେମ୍ବର 2006 ପର୍ଯ୍ୟନ୍ତ 21.26 ଲକ୍ଷ ଟଙ୍କା ପରିଶୋଧ କରିଥିଲା ଏବଂ ତା'ପରେ 2007 ରେ ବନ୍ଦ୍ ହୋଇଯାଇଥିଲା । ନିଗମ ବିଳମ୍ବରେ ରଣଗ୍ରହୀତାର ଶିଳ୍ପଭିତ୍ତିକ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ବନ୍ଧକ ଗୁଡ଼ିକୁ ଏସ୍‌ଏଫ୍‌ସି ଆକ୍ଟର ଧାରା 29 ଅନୁଯାୟୀ ଯଥାକ୍ରମେ ଜାନୁୟାରୀ ଓ ଜୁନ୍ 2011 ରେ ଦଖଲ କରିଥିଲେ । କିନ୍ତୁ ପାରିପାର୍ଶ୍ୱିକ ବନ୍ଧକର ଏକ ମୁଖ୍ୟ ଅଂଶ ଯାହାର ମୂଲ୍ୟ 0.63 କୋଟି ଟଙ୍କା ଥିଲା ତାହାକୁ ଦଖଲ କରି ନଥିଲା ଯାହାପାଇଁ ଏହା କାରଣ ଦର୍ଶାଇଥିଲା ଯେ ସେଗୁଡ଼ିକ କୃଷି ଭିତ୍ତିକ ସମ୍ପତ୍ତି ଏବଂ ବାସଗୃହ ଥିଲା ଯାହାକି ସହଜରେ ପ୍ରବର୍ତ୍ତନଶୀଳ ନୁହେଁ ।

- ସମ୍ପତ୍ତି ଏବଂ ପାରିପାର୍ଶ୍ୱିକ ବନ୍ଧକ ଦଖଲ କରିବାରେ ସମୟୋଚିତ ପଦକ୍ଷେପ ନେବାରେ କମ୍ପାନୀର ବିଫଳତା ଯୋଗୁଁ କେତେଗୁଡ଼ିଏ ଶିଳ୍ପଭିତ୍ତିକ ବନ୍ଧକ ନିରୁଦ୍ଦିଷ୍ଟ ହୋଇଯାଇଥିଲା, ଯାହାର ମୂଲ୍ୟ 9.05 ଲକ୍ଷ ଟଙ୍କା ଥିଲା ଏବଂ ଯନ୍ତ୍ରପାତିଗୁଡ଼ିକ ମଧ୍ୟ ଅପ୍ରଚଳିତ ହୋଇଯାଇଥିଲା, ଫଳରେ କ୍ରେତାମାନେ ଏହାକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କରୁନଥିଲେ ।

- ଯଦିଓ ରଣ ଗ୍ରହୀତା ନିର୍ଦ୍ଧାରିତ ଫର୍ମରେ ଓଟିଏସ୍ ପାଇଁ ଆବେଦନ କରିନଥିଲା ଏବଂ ପ୍ରାରମ୍ଭିକ ଜମା ବାବଦକୁ 5.75 ଲକ୍ଷ ଟଙ୍କା କମ୍ ଜମା କରିଥିଲା, ନିଗମ କେବଳ ମୂଳଧନ ନେଇ ରଣକୁ ମୀମାଂସା କରିବା ପାଇଁ ରଣଗ୍ରହୀତାର ଅନୁରୋଧକୁ ଗ୍ରହଣ (ଫେବୃଆରୀ 2012) କରିଥିଲା ।

- ଡିସେମ୍ବର 2011 ସୁଦ୍ଧା ଯଦିଓ ମୀମାଂସା ସୂତ୍ର ଅନୁସାରେ ମୀମାଂସା ମୂଲ୍ୟ 2.33 କୋଟି ଟଙ୍କା ସ୍ଥିର କରାଯାଇଥିଲା, ନିଗମ 1.07 କୋଟି ଟଙ୍କା କ୍ଷତି ବହନ କରି 1.26 କୋଟି ଟଙ୍କାରେ ରଣର ମୀମାଂସା ପାଇଁ ରାଜି ହୋଇଯାଇଥିଲା ।

ସରକାର ସେପ୍ଟେମ୍ବର 2014 ରେ କହିଲେ ଯେ ଯଦିଓ ନିଗମ ସଂପତ୍ତି ଦଖଲ କରିବା ପୂର୍ବରୁ ଏହାକୁ କିଣିବାକୁ ଇଚ୍ଛୁକ ଥିବା ଲୋକମାନଙ୍କୁ ଖୋଜୁଥିଲା, ସେପରି କୌଣସି ବ୍ୟକ୍ତି/ସଂସ୍ଥା ମିଳିନ ଥିଲେ ଯାହାର ମୁଖ୍ୟ କାରଣ ଜାଗାର ଅବସ୍ଥିତି ଜନିତ ଅସୁବିଧା ଏବଂ ବହୁତ ପରିମାଣର ବିଦ୍ୟୁତ୍ ବକେୟା ଦେୟ ଥିଲା । ଏପରିକି ସଂପତ୍ତି ଦଖଲ ହେବା ପରେ ମଧ୍ୟ , ସଂପତ୍ତିର ଅବସ୍ଥାରେ ଅବନତି ଏବଂ ଯନ୍ତ୍ରପାତିର ଅପ୍ରଚଳନ ଯୋଗୁଁ.ନିଗମର ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ କ୍ରେତା ଉପଲବ୍ଧ ହୋଇପାରି ନଥିଲେ । ସରକାରଙ୍କ ଉତ୍ତରରେ ଏହା ପ୍ରତିପାଦିତ ହେଉଛି ଯେ ନିଗମର ଅପ୍ରଭାବୀ ନିୟନ୍ତ୍ରଣ ଏବଂ ସମୟୋଚିତ ଦଖଲ କରିବାରେ ଅପାରଗତା ଯୋଗୁଁ ଓଟିଏସ ପରିମାଣରୁ 1.07 କୋଟି ଟଙ୍କା ତ୍ୟାଗ କରିବାକୁ ପଡ଼ିଥିଲା ।

ତେଣୁ, ଓଟିଏସ୍ ନୀତି ଅନୁସାରେ ରଣ ମୀମାଂସା କରିବାରେ ନିଗମର ବିଫଳତା ଏବଂ ଏସ୍‌ଏଫ୍‌ସି ଅଧିନିୟମ ଅନୁସାରେ ରଣ ଗ୍ରହୀତା ବିପକ୍ଷରେ ସମୟୋଚିତ ପଦକ୍ଷେପ ନେବାରେ ବିଳମ୍ବ ହେତୁ 1.07 କୋଟି ଟଙ୍କାର କ୍ଷତି ହେଲା ।

## ସାଧାରଣ

### *3.10 ସମୀକ୍ଷା ପ୍ରତିବେଦନ ଏବଂ ନିରୀକ୍ଷଣ ରିପୋର୍ଟ ଉପରେ ଅନୁଗାମୀ ପଦକ୍ଷେପ*

#### *ବାକିଥିବା ସଂଖ୍ୟାତ୍ମକ ଟିପ୍ପଣୀ*

**3.10.1** ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ ଗୁଡ଼ିକ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ଓ ବିଭାଗମାନଙ୍କରେ ରଖାଯାଉଥିବା ହିସାବ ଓ ନଥିପତ୍ରର ପ୍ରାରମ୍ଭିକ ନିରୀକ୍ଷଣରୁ ଆରମ୍ଭ ହେଉଥିବା ଯାଞ୍ଚ ପଦ୍ଧତିର ଅନ୍ତିମ ପର୍ଯ୍ୟାୟର ପ୍ରତିନିଧିତ୍ୱ କରନ୍ତି । ତେଣୁ କାର୍ଯ୍ୟନିର୍ବାହୀଙ୍କଠାରୁ ଏହାର ଯଥୋଚିତ ଏବଂ

ସମୟୋଚିତ ଉତ୍ତର ପ୍ରାପ୍ତ ହେବା ଆବଶ୍ୟକ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ସମସ୍ତ ପ୍ରଶାସନିକ ବିଭାଗଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରିଥିଲେ (ଡିସେମ୍ବର 1993) ଯେ ବିଧାନ ସଭାରେ ସମୀକ୍ଷା ପ୍ରତିବେଦନ ଉପସ୍ଥାପିତ ହେବାର ତିନିମାସ ମଧ୍ୟରେ ସରକାରୀ ଉଦ୍ୟୋଗ ସମିତି (କୋପୁ) ଠାରୁ କୌଣସି ବିଜ୍ଞପ୍ତି ବା ଆହ୍ୱାନକୁ ଅପେକ୍ଷା ନ କରି ଅନୁଚ୍ଛେଦ ବା କାର୍ଯ୍ୟ ସଂପାଦନା ସମୀକ୍ଷାଗୁଡ଼ିକ ବିଷୟରେ ନିଆଯାଇଥିବା ଅଥବା ନିଆଯିବାକୁ ଥିବା ପ୍ରସ୍ତାବିତ ସଂଶୋଧନାତ୍ମକ/ ପ୍ରତିକାରାତ୍ମକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରିବେ ।

ଯଦିଓ 1999-2000 ରୁ 2012-13 ବର୍ଷ ମାନଙ୍କ ପାଇଁ ସମୀକ୍ଷା ପ୍ରତିବେଦନ (ବାଣିଜ୍ୟିକ/ସରକାରୀ ଉଦ୍ୟୋଗ) ରାଜ୍ୟ ବିଧାନସଭାରେ ଅଗଷ୍ଟ 2001 ରୁ ଜୁନ୍ 2014 ମଧ୍ୟରେ ଉପସ୍ଥାପିତ ହୋଇଥିଲା ସେଥିରେ ଅନ୍ତର୍ଭୁକ୍ତ 18 ଟି ବିଭାଗ ମଧ୍ୟରୁ 13 ଟି ବିଭାଗ 30 ସେପ୍ଟେମ୍ବର 2014 ସୁଦ୍ଧା 246 ଟି ଅନୁଚ୍ଛେଦ/ କାର୍ଯ୍ୟ ସଂପାଦନା ସମୀକ୍ଷା ମଧ୍ୟରୁ 56 ଟି ବିଷୟରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରିନଥିଲେ । ବିଭାଗ ଅନୁଯାୟୀ ବିଶ୍ଳେଷଣ ***ପରିଶିଷ୍ଟ-12*** ରେ ଦିଆଯାଇଛି । ଶିଳ୍ପ (19 ପ୍ରତିଶତ), ଶକ୍ତି (35 ପ୍ରତିଶତ) ଏବଂ ସରକାରୀ ଉଦ୍ୟୋଗ (10 ପ୍ରତିଶତ) ବିଭାଗ ଗୁଡ଼ିକର ନିୟନ୍ତ୍ରଣରେ ଥିବା ସରକାରୀ ଉଦ୍ୟୋଗ ଗୁଡ଼ିକ ବ୍ୟାଖ୍ୟାତ୍ମକ ଟିପ୍ପଣୀ ନଦେବା ପାଇଁ ମୁଖ୍ୟତଃ ଦାୟୀ ।

### *ସରକାରୀ ଉଦ୍ୟୋଗ ସମିତି ରିପୋର୍ଟର ଅନୁପାଳନର ବକେୟା*

**3.10.2** ବିଧାନ ସଭାରେ କାର୍ଯ୍ୟ ପଦ୍ଧତିର ନିୟମାବଳୀ ଏବଂ କାର୍ଯ୍ୟ ସଂପାଦନା ନିୟମ 213-ବି (1) ଅନୁସାରେ କୋପୁ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେବାର ଛଅ ମାସ ମଧ୍ୟରେ କୋପୁ ସୁପାରିଶ ଉପରେ ବିଭାଗ ଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନୋଟ (ଏଟିଏନ୍) ପ୍ରଦାନ କରିବାକୁ ହେବ । ଏହି ସମୟ ସୀମାକୁ ଅପ୍ରେଲ୍ 2005 ରେ ଚାରିମାସକୁ କମାଇ ଦିଆଯାଇଥିଲା ।

ଅଗଷ୍ଟ 2001 ରୁ ଡିସେମ୍ବର 2013 ମଧ୍ୟରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ନଅଟି ବିଭାଗ ସମ୍ପର୍କିତ 15 ଟି କୋପୁ ରିପୋର୍ଟର 64 ଟି ସୁପାରିଶର ଏଟିଏନ୍ 30 ସେପ୍ଟେମ୍ବର 2014 ସୁଦ୍ଧା ମିଳିନାହିଁ ଯାହା ବିଶଦ ଭାବରେ ***ପରିଶିଷ୍ଟ 13*** ରେ ଦିଆଯାଇଛି । ଅତି କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ବର୍ଗୀୟ ସଂସ୍ଥା ଏବଂ ଶିଳ୍ପ ବିଭାଗ ଯଥାକ୍ରମେ 23 ଏବଂ 20 ଟି ସୁପାରିଶ ଉପରେ ଏଟିଏନ୍ ପ୍ରଦାନ କରିନାହାଁନ୍ତି, ଯାହାକି ବାକିଥିବା ଏଟିଏନ୍‌ର ଯଥାକ୍ରମେ 36 ଏବଂ 31 ପ୍ରତିଶତ ଅଟେ ।

### *ନିରୀକ୍ଷଣ ରିପୋର୍ଟ, ଚିଠା ଅନୁଚ୍ଛେଦ ଏବଂ ପୁନର୍ବିଲୋକନ ଗୁଡ଼ିକର ଜବାବ*

**3.10.3** ସମୀକ୍ଷା ସମୟରେ ଦେଖାଯାଇଥିବା ଏବଂ ଅଡିଟ୍ ସ୍ଥଳରେ ସମାଧାନ ହୋଇପାରିନଥିବା ସମୀକ୍ଷା ମନ୍ତବ୍ୟ ନିରୀକ୍ଷଣ ରିପୋର୍ଟ ଜରିଆରେ ପିଏସ୍‌ୟୁ ଗୁଡ଼ିକର ମୁଖ୍ୟମାନଙ୍କୁ ଏବଂ ରାଜ୍ୟ ସରକାରଙ୍କ ସଂପୃକ୍ତ ପ୍ରଶାସନିକ ବିଭାଗ ଗୁଡ଼ିକୁ ଜଣାଇ ଦିଆଯାଇଥାଏ । ଲେଖା ଏବଂ ଲେଖାପରୀକ୍ଷା ବିନିମୟ, 2007 ର ବିନିୟମ 197 ଅନୁସାରେ ପିଏସ୍‌ୟୁ ଗୁଡ଼ିକର ମୁଖ୍ୟମାନେ ନିଜ ନିଜ ବିଭାଗୀୟ ମୁଖ୍ୟଙ୍କ ଜରିଆରେ ଚାରି ସପ୍ତାହ ମଧ୍ୟରେ ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ଉତ୍ତର ଦେବା କଥା । 2004-05 ରୁ 2013-14 ମଧ୍ୟରେ ପଠାଯାଇଥିବା 36 ଟି ପିଏସ୍‌ୟୁ ସମ୍ପର୍କୀତ ନିରୀକ୍ଷଣ ରିପୋର୍ଟରୁ ଦେଖାଗଲା ଯେ, 438 ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧୀୟ 1846 ଅନୁଚ୍ଛେଦ 30 ସେପ୍ଟେମ୍ବର 2014 ସୁଦ୍ଧା ବାକି ରହିଛି, ଯେଉଁଥିରେ ଶକ୍ତି ବିଭାଗ ଅନ୍ତର୍ଗତ ପିଏସୟୁ 30 ପ୍ରତିଶତ ଏବଂ ଶିଳ୍ପ ବିଭାଗ ଅନ୍ତର୍ଗତ ପିଏସୟୁ 23 ପ୍ରତିଶତ ଅନ୍ତର୍ଭୁକ୍ତ । ଏପରିକି 96 ନିରୀକ୍ଷଣ ରିପୋର୍ଟର 443 ଟି ଅନୁଚ୍ଛେଦର ପ୍ରାଥମିକ ଉତ୍ତର ପ୍ରାପ୍ତ କରାଯାଇ ନଥିଲା । **ପରିଶିଷ୍ଟ 14** ରେ 30 ସେପ୍ଟେମ୍ବର 2014 ସୁଦ୍ଧା ନିରୀକ୍ଷଣ ରିପୋର୍ଟ ଓ ସମୀକ୍ଷା ମନ୍ତବ୍ୟର ବିଭାଗ ଅନୁଯାୟୀ ବିବରଣୀ ଦିଆଯାଇଛି ।

**3.10.4** ସେହିପରି ଲେଖା ଏବଂ ଲେଖାପରୀକ୍ଷା ବିନିୟମ, 2007 ର ବିନିୟମ 207 ଅନୁସାରେ ପିଏସ୍‌ୟୁ ମାନଙ୍କର କାର୍ଯ୍ୟ ସମ୍ପାଦନ ଉପରେ ଥିବା ଚିଠା ଅନୁଚ୍ଛେଦ ଓ କାର୍ଯ୍ୟ ସଂପାଦନ ସମୀକ୍ଷାଗୁଡ଼ିକର ତଥ୍ୟ ଓ ସଂଖ୍ୟାର ସ୍ୱୀକୃତି ଓ ତା'ଉପରେ ସେମାନଙ୍କର ମନ୍ତବ୍ୟ ଦେବା ପାଇଁ ଛଅ ସପ୍ତାହ ମଧ୍ୟରେ ଅର୍ଦ୍ଧ ସରକାରୀ ପତ୍ର ଜରିଆରେ

ସଂପୃକ୍ତ ପ୍ରଶାସନିକ ବିଭାଗର ସଚିବ/ ପ୍ରମୁଖ ସଚିବମାନଙ୍କୁ ପଠାଯାଇଥାଏ । ଜୁନ୍ ଓ ସେପ୍ଟେମ୍ବର 2014 ମଧ୍ୟରେ ବିଭିନ୍ନ ବିଭାଗ ଗୁଡ଼ିକୁ 14 ଟି ଚିଠା ଅନୁଚ୍ଛେଦ ଏବଂ ଦୁଇଟି କାର୍ଯ୍ୟ ସଂପାଦନ ସମୀକ୍ଷା ପ୍ରେରଣ କରାଯାଇଥିଲା । ଯଦିଓ, ଗୋଟିଏ ଚିଠା ଅନୁଚ୍ଛେଦ ଏବଂ ଗୋଟିଏ କାର୍ଯ୍ୟ ସଂପାଦନ ସମୀକ୍ଷାରେ ଉତ୍ତର ଠିକ୍ ସମୟରେ ମିଳିଥିଲା, ଅବଶିଷ୍ଟର ଉତ୍ତର ନିର୍ଦ୍ଧିଷ୍ଟ ଛଅ ସପ୍ତାହକୁ ଛାଡ଼ି 1 ରୁ 11 ସପ୍ତାହ ବିଳମ୍ବରେ ପ୍ରାପ୍ତ ହୋଇଥିଲା ।

ଏହା ସୁପାରିଶ କରାଯାଉଛି ଯେ, ସରକାର ନିର୍ଦ୍ଧାରିତ ସମୟ ସୂଚୀ ଅନୁସାରେ ନିରୀକ୍ଷଣ ରିପୋର୍ଟ/ ଚିଠା ଅନୁଚ୍ଛେଦଗୁଡ଼ିକର ଉତ୍ତର ଓ କୋପୁ ସୁପାରିଶଗୁଡ଼ିକର ଏଟିଏନ୍ ପଠାଇବାରେ ବିଫଳତାର କାରଣ ତଦନ୍ତ କରିବେ ଏବଂ ଏକ ସମୟ ସୂଚୀ ଅନୁସାରେ କ୍ଷତି/ ବକେୟା ଅଗ୍ରିମ/ଅଧିକ ପୈଠ ଆଦାୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

| | |
|---|---|
| **ଭୁବନେଶ୍ୱର** | **(ସୁନିଲ୍ ଶ୍ରୀକ୍ରିଷ୍ଣା ଦାଢେ)** |
| **ତାରିଖ** | **ପ୍ରଧାନ ମହାଲେଖାକାର** |
| | **(ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା), ଓଡ଼ିଶା** |

**ପ୍ରତି ସ୍ୱାକ୍ଷରିତ**

| | |
|---|---|
| **ନୂଆ ଦିଲ୍ଲୀ** | **(ଶଶିକାନ୍ତ ଶର୍ମା )** |
| **ତାରିଖ** | **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ** |

# ପରିଶିଷ୍ଟ

# ପରିଶିଷ୍ଟ 1

## ସରକାରୀ କମ୍ପାନୀ ଓ ବୈଧାନିକ ନିଗମ ଗୁଡିକର 31 ମାର୍ଚ୍ଚ 2014 ସୁଦ୍ଧା ସମାଦତ୍ତ ପୁଞ୍ଜି, ବକେୟା ଋଣ ଓ ମାନବ ସମ୍ବଳର ସବିଶେଷ ବିବରଣ
## (ଅନୁଚ୍ଛେଦ 1.6 ରେ ସୂଚିତ)

**(5 (କ) ରୁ 6 (ଘ) ସ୍ତମ୍ଭ ପର୍ଯ୍ୟନ୍ତ ଦିଆଯାଇଥିବା ସଂଖ୍ୟା କୋଟି ଟଙ୍କାରେ)**

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି[$] | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମ-ଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) | 7 | 8 |
| **କ. କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ** | | | | | | | | | | | | | |
| **କୃଷି ଏବଂ ସମଜାତୀୟ** | | | | | | | | | | | | | |
| 1 | ଦ' ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | କୃଷି | ମାର୍ଚ୍ଚ 1996 | 1.10 | -- | -- | 1.10 | -- | -- | -- | -- | -- (--) | 32 |
| 2 | ଦ' ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | କୃଷି | ଡିସେମ୍ବର 1961 | 6.09 | 1.05 | 0.01 | 7.15 | 15.36 | -- | 0.70 | 16.06 | 2.25:1 (2.25:1) | 198 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | କୃଷି | ଏପ୍ରିଲ୍ 1979 | 1.55 | -- | -- | 1.55 | -- | -- | -- | -- | -- (--) | 434 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | ବନ ଓ ପରିବେଶ | ସେପ୍ଟେମ୍ବର1962 | 5.00 | -- | -- | 5.00 | -- | -- | -- | -- | -- (--) | 2304 |
| 5 | ଓଡିଶା ଉଠା ଜଳ ସେଚନ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଅକ୍ଟୋବର 1973 | 74.73 | -- | -- | 74.73 | 0.57 | -- | -- | 0.57 | 0.01:1 (0.01:1) | 1173 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | କୃଷି | ଫେବୃଆରୀ 1978 | 2.11 | -- | 0.50 | 2.61 | -- | -- | -- | -- | -- (--) | 131 |
| 7 | ଓଡିଶା ମତ୍ସ୍ୟଗ୍ରହ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | ମେ 1998 | 2.21 | -- | -- | 2.21 | 2.91 | -- | 2.40 | 5.31 | 2.40:1 (1.42:1) | 199 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **92.79** | **1.05** | **0.51** | **94.35** | **18.84** | **--** | **3.10** | **21.94** | **0.23:1 (0.21:1)** | **4471** |
| **ପୁଞ୍ଜି ଲଗାଣ** | | | | | | | | | | | | | |
| 8 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଶିଳ୍ପ | ଅପ୍ରେଲ 1973 | 83.14 | -- | -- | 83.14 | -- | -- | -- | -- | -- (--) | 94 |
| 9 | ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଅପ୍ରେଲ୍ 1976 | 5.40 | -- | -- | 5.40 | -- | -- | -- | -- | -- (--) | 21 |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** | **7** | **8** |
| 10 | ଓଡିଶା ଗ୍ରାମ୍ୟଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | ଗୃହ ନିର୍ମାଣ ଓ ନଗର ଉନ୍ନୟନ | ଅଗଷ୍ଟ 1994 | 48.16 | -- | -- | 48.16 | 483.43 | -- | -- | 483.43 | 10.04:1 (10.08:1) | 38 |
| 11 | ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ୍ | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଅପ୍ରେଲ୍ 1972 | 29.01 | -- | -- | 29.01 | -- | -- | 0.01 | 0.01 | 0.00:1 (0.00:1) | 196 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **165.71** | **--** | **--** | **165.71** | **483.43** | **--** | **0.01** | **483.44** | **2.92:1 (2.93:1)** | **349** |
| **ଭିତ୍ତିଭୂମି** | | | | | | | | | | | | | |
| 12 | ଦ' ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ମାର୍ଚ୍ଚ 1962 | 57.12 | -- | -- | 57.12 | 32.86 | -- | -- | 32.86 | 0.58:1 (0.58:1) | 86 |
| 13 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଜଳ ସମ୍ପଦ | ମେ 1962 | 17.50 | -- | -- | 17.50 | -- | -- | -- | -- | -- (--) | 489 |
| 14 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | ପୂର୍ତ୍ତ | ଜାନୁୟାରୀ 1983 | 9.31 | -- | -- | 9.31 | -- | -- | -- | -- | -- (--) | 232 |
| 15 | ଦ' ଓଡିଶା ରାଜ୍ୟ ପୋଲିସ୍ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | ଗୃହ | ମେ 1980 | 5.63 | -- | -- | 5.63 | -- | -- | -- | -- | -- (--) | 312 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **89.56** | **--** | **--** | **89.56** | **32.86** | **--** | **--** | **32.86** | **0.37:1 (0.37:1)** | **1119** |
| **ମାନୁଫ୍ୟାକ୍ଚରିଂ** | | | | | | | | | | | | | |
| 16 | ବୈତରଣୀ ୱେଷ୍ଟ କୋଲ୍ କମ୍ପାନୀ ଲିମିଟେଡ୍ (619-ବି) | ଶକ୍ତି | ଅପ୍ରେଲ୍ 2008 | -- | -- | 30.00 | 30.00 | -- | -- | -- | -- | -- (--) | 9 |
| 17 | ଇଡ୍‌କଲ୍ ଫେରୋକ୍ରୋମ୍ ଆଣ୍ଡ ଆଲୋଏଜ୍ ଲିମିଟେଡ୍ (କ୍ର.ସଂ.-କ- 12ର ସହାୟକ) | ଶିଳ୍ପ | ମାର୍ଚ୍ଚ 1999 | -- | -- | 18.81 | 18.81 | -- | -- | -- | -- | -- (--) | 258 |
| 18 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ (କ୍ର.ସଂ.-କ 12 ର ସହାୟକ) | ଶିଳ୍ପ | ମାର୍ଚ୍ଚ 1999 | -- | -- | 120.10 | 120.10 | -- | -- | -- | -- | -- (--) | 719 |
| 19 | କୋଣାର୍କ ଝୋଟ ଲିମିଟେଡ୍ (କ୍ର.ସଂ.-କ 12ର ସହାୟକ) | ଶିଳ୍ପ | ଜାନୁୟାରୀ 1975 | -- | -- | 5.94 | 5.94 | 0.44 | -- | 0.84 | 1.28 | 0.22:1 (0.22:1) | 6 |
| 20 | ମହାକିନୀ-ବି କୋଇଲା ନିଗମ ଲିମିଟେଡ୍ (619-ଖ) | - | ଫେବୃଆରୀ 2009 | -- | -- | 8.31 | 8.31 | -- | -- | -- | -- | -- (--) | 3 |
| 21 | ଦ ଓଡିଶା ଖଣି ନିଗମ ଲିମିଟେଡ୍ | ଇସ୍ପାତ୍ ଓ ଖଣି | ମେ 1956 | 31.45 | -- | -- | 31.45 | -- | -- | -- | -- | -- (--) | 3225 |
| 22 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଲିମିଟେଡ୍ | ଅବକାରୀ | ନଭେମ୍ବର 2000 | 1.00 | -- | -- | 1.00 | -- | -- | -- | -- | -- (--) | 198 |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମ-ଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** | **7** | **8** |
| 23 | ନୂଆଗାଁ କୋଲ କଂପାନୀ ଲିମିଟେଡ଼(619- ବି) | -- | ମେ 2011 | -- | -- | 2.00 | 2.00 | -- | -- | -- | -- | --<br>(--) | 0 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **32.45** | **--** | **185.16** | **217.61** | **0.44** | **--** | **0.84** | **1.28** | **0.01:1<br>(0.01:1)** | **4418** |
| **ଶକ୍ତି** | | | | | | | | | | | | | |
| 24 | ଗ୍ରୀଡ୍‌କୋ ଲିମିଟେଡ୍ (ପୂର୍ବନାମ ଓଡିଶା ଗ୍ରୀଡ୍ ନିଗମ ଲିମିଟେଡ୍) | ଶକ୍ତି | ଏପ୍ରିଲ 1995 | 576.71 | -- | -- | 576.71 | 981.35 | -- | 2845.81 | 3827.16 | 6.64:1<br>(10.17:1) | 50 |
| 25 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | ଶକ୍ତି | ଏପ୍ରିଲ 1995 | 320.80 | -- | -- | 320.80 | 1743.40 | -- | 49.70 | 1793.1 | 5.59:1<br>(5.59.1) | 2445 |
| 26 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | ନଭେମ୍ବର 1984 | 250.01 | -- | 240.21 | 490.22 | -- | -- | 419.87 | 419.87 | 0.86:1<br>(--) | 632 |
| 27 | ଓଡିଶା ଶକ୍ତି ସଂଚରଣ ନିଗମ ଲିମିଟେଡ୍ | ଶକ୍ତି | ମାର୍ଚ୍ଚ 2004 | 303.07 | -- | -- | 303.07 | 417.00 | -- | 335.15 | 752.15 | 2.48:1<br>(3.10:1) | 3091 |
| 28 | ଓଡିଶା ତାପଜ ଶକ୍ତି ନିଗମ ଲିମିଟେଡ୍ (619-ବି) | ଶକ୍ତି | ଜାନୁୟାରୀ 2007 | -- | -- | 207.89 | 207.89 | -- | -- | -- | -- | --<br>(--) | 5 |
| 29 | କଳିଙ୍ଗ ବିଦ୍ୟୁତ୍ ପ୍ରଶାଳଣ ନିଗମ ପ୍ରାଇଭେଟ୍ ଲିମିଟେଡ୍ (619- ବି) | ଶକ୍ତି | ଡିସେମ୍ବର 2012 | -- | -- | 0.01 | 0.01 | -- | -- | -- | -- | --<br>(--) | 01 |
| 30 | ସବୁଜ ଶକ୍ତି ବିକାଶ ନିଗମ ଓଡ଼ିଶା ଲିମିଟେଡ୍ (କ୍ର. ସଂ.-ଏ 25 କମ୍ପାନୀର ସହାୟକ କମ୍ପାନୀ) | ଶକ୍ତି | ଏପ୍ରିଲ୍ 2013 | -- | -- | 7.00 | 7.00 | -- | -- | -- | -- | -- | 0 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **1450.59** | **--** | **455.11** | **1905.70** | **3141.75** | **--** | **3650.53** | **6792.28** | **3.56:1<br>(4.59:1)** | **6224** |
| **ସେବା** | | | | | | | | | | | | | |
| 31 | ଇଡ୍‌କଲ୍ ସଫ୍ଟଓ୍ୱାର୍ ଲିମିଟେଡ୍ (କ୍ର.ସଂ.କ- 12ର ସହାୟକ) | ଶିଳ୍ପ | ନଭେମ୍ବର 1998 | -- | -- | 1.00 | 1.00 | -- | -- | -- | -- | --<br>(--) | 4 |
| 32 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ (619-ଖ) | | ଅକ୍ଟୋବର 2009 | 0.03 | -- | 0.02 | 0.05 | -- | -- | -- | -- | --<br>(--) | 0 |
| 33 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ସେପ୍ଟେମ୍ବର 1980 | 11.03 | -- | -- | 11.03 | -- | -- | -- | -- | --<br>(--) | 1415 |
| 34 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | ପର୍ଯ୍ୟଟନ | ସେପ୍ଟେମ୍ବର 1979 | 9.62 | -- | -- | 9.62 | -- | -- | -- | -- | --<br>(--) | 592 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **20.68** | **--** | **1.02** | **21.70** | **--** | **--** | **--** | **--** | --<br>(--) | **2011** |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** | **7** | **8** |
| **ବିବିଧ** | | | | | | | | | | | | | |
| 35 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ (କ୍ର.ସଂ.କ- 9ର ସହାୟକ) | ଶିକ୍ଷ | ଜୁଲାଇ 1980 | -- | -- | 1.75 | 1.75 | -- | -- | -- | -- | -- (--) | 1 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **--** | **--** | **1.75** | **1.75** | **--** | **--** | **--** | **--** | **-- (--)** | **1** |
| **ମୋଟ-କ (ସମସ୍ତ କ୍ଷେତ୍ର ଅନୁଯାୟୀ କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ)** | | | | **1851.78** | **1.05** | **643.55** | **2496.38** | **3677.32** | **--** | **3654.48** | **7331.80** | **2.94:1 (3.56:1)** | **18593** |
| **ଖ. କାର୍ଯ୍ୟରତ ବୈଧାନିକ ନିଗମ ସମୂହ** | | | | | | | | | | | | | |
| **ପୁଞ୍ଜି ଲଗାଣ** | | | | | | | | | | | | | |
| 1 | ଓଡିଶା ରାଜ୍ୟ ଅର୍ଥ ନିଗମ | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ମାର୍ଚ୍ଚ 1956 | 342.72 | 72.46 | 0.16 | 415.34 | -- | -- | 107.61 | 107.61 | 0.26:1 (0.28:1) | 209 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **342.72** | **72.46** | **0.16** | **415.34** | **--** | **--** | **107.61** | **107.61** | 0.26:1 (0.28:1) | **209** |
| **ସେବା** | | | | | | | | | | | | | |
| 2 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | ମେ 1974 | 146.51 | 15.92 | 0.01 | 162.44 | 8.98 | -- | 1.30 | 10.28 | 0.06:1 (0.06:1) | 697 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **146.51** | **15.92** | **0.01** | **162.44** | **8.98** | **--** | **1.30** | **10.28** | 0.06:1 (0.06:1) | **697** |
| **ବିବିଧ** | | | | | | | | | | | | | |
| 3 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | ସମବାୟ | ମାର୍ଚ୍ଚ 1958 | 1.80 | -- | 1.80 | 3.60 | -- | -- | 17.15 | 17.15 | 4.76:1 (5.64:1) | 333 |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **1.80** | **--** | **1.80** | **3.60** | **--** | **--** | **17.15** | **17.15** | 4.76:1 (5.64:1) | **333** |
| **ମୋଟ-ଖ (ସମସ୍ତ କ୍ଷେତ୍ର ଅନୁଯାୟୀ କାର୍ଯ୍ୟରତ ବୈଧାନିକ ନିଗମ ସମୂହ)** | | | | **491.03** | **88.38** | **1.97** | **581.38** | **8.98** | **--** | **126.06** | **135.04** | **0.23:1 (0.25:1)** | **1239** |
| **ସର୍ବମୋଟ (କ + ଖ)** | | | | **2342.81** | **89.43** | **645.52** | **3077.76** | **3686.30** | **--** | **3780.54** | **7466.84** | **2.43:1 (2.85:1)** | **19832** |
| **ଗ. ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ** | | | | | | | | | | | | | |
| **କୃଷି ଏବଂ ସମନ୍ଧୀୟ** | | | | | | | | | | | | | |
| 1 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରୋଡକ୍ଟସ୍ ଲିମିଟେଡ୍ (22 ଫେବୃଆରୀ 1978 ଠାରୁ ସେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ମେ 1959 | 0.01 | -- | -- | 0.01 | -- | -- | -- | -- | -- ( -- ) | ମିଳିନାହିଁ |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମ-ଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** | **7** | **8** |
| 2 | ଓଡିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | ଅଗଷ୍ଟ 1962 | 0.35 | -- | -- | 0.35 | -- | -- | -- | -- | --<br>( -- ) | ମିଳିନାହିଁ |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **0.36** | -- | -- | **0.36** | -- | -- | -- | -- | -- | ମିଳିନାହିଁ |
| **ମାନୁଫ୍ୟାକ୍ଚରିଂ** | | | | | | | | | | | | | |
| 3 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ (କ୍ର.ସଂ.କ- 12ର ସହାୟକ) (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଅପ୍ରେଲ 1990 | -- | -- | 3.00 | 3.00 | -- | -- | 1.40 | 1.40 | 0.47:1<br>(0.47:1) | ମିଳିନାହିଁ |
| 4 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କମ୍ପାନୀ 1969-70 ଠାରୁ ବନ୍ଦ, 01 ମାର୍ଚ୍ଚ 1974 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଫେବୃଆରୀ 1959 | 0.04 | -- | -- | 0.04 | -- | -- | -- | -- | --<br>( -- ) | ମିଳିନାହିଁ |
| 5 | ହୀରା ଷ୍ଟିଲ୍ ଆଣ୍ଡ ଆଲୋଏଜ୍ ଲିମିଟେଡ୍ (କ୍ର.ସଂ.-କ 12 ର ସହାୟକ) (ସମାପନ ପ୍ରକ୍ରିୟାରେ.) | ଶିଳ୍ପ | ଅଗଷ୍ଟ 1974 | -- | -- | 0.12 | 0.12 | -- | -- | -- | -- | --<br>( -- ) | ମିଳିନାହିଁ |
| 6 | ଇପିଟ୍ରନ୍ ଟାଇମ୍ସ ଲିମିଟେଡ୍ (କ୍ର.ସଂ.-ଗ 23ର ସହାୟକ) (1998 ଠାରୁ ସମାପନ ପ୍ରକ୍ରିୟାରେ ) | ସୂଚନା ଓ ପ୍ରଯୁକ୍ତି | ଡିସେମ୍ବର 1981 | -- | -- | 0.81 | 0.81 | 1.68 | -- | -- | 1.68 | 2.07:1<br>(2.07:1) | ମିଳିନାହିଁ |
| 7 | କାନ୍ତି ଶର୍ମା ରିଫ୍ରାକ୍ଟୋରିଜ୍ ଲିମିଟେଡ୍ (କ୍ର.ସଂ.-କ 11 ର ସହାୟକ) (5 ଡିସେମ୍ବର 1998 ଠାରୁ ବନ୍ଦ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଜାନୁୟାରୀ 1994 | -- | -- | 0.75 | 0.75 | -- | -- | -- | -- | --<br>( -- ) | ମିଳିନାହିଁ |
| 8 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ (କ୍ର.ସଂ.-କ 11 ର ସହାୟକ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଅଗଷ୍ଟ 1978 | -- | -- | 0.09 | 0.09 | -- | -- | -- | -- | --<br>( -- ) | ମିଳିନାହିଁ |
| 9 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ (1999-2000 ଠାରୁ ଅଚଳ ) | ସୂଚନା ଓ ପ୍ରଯୁକ୍ତି | ଜୁନ୍ 1982 | 6.07 | -- | -- | 6.07 | 2.01 | -- | -- | 2.01 | 0.33.1<br>(0.33:1) | ମିଳିନାହିଁ |
| 10 | ମାନୁଫ୍ୟାକ୍ଚର ଇଲେକ୍ଟ୍ରୋ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ, ଆସ୍ତିଗୁଡିକ ବିକ୍ରି ହୋଇଯାଇଛି) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ସେପ୍ଟେମ୍ବର 1959 | 0.01 | -- | -- | 0.01 | -- | -- | -- | -- | --<br>( -- ) | ମିଳିନାହିଁ |
| 11 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ବୟନ ଓ ହସ୍ତତନ୍ତ | 1943 | 0.04 | -- | -- | 0.04 | -- | -- | -- | -- | --<br>( -- ) | ମିଳିନାହିଁ |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମ-ଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) | 7 | 8 |
| 12 | ମୋଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ (1968 ଠାରୁ ବନ୍ଦ, 09 ମାର୍ଚ୍ଚ 1976 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ସେପ୍ଟେମ୍ବର 1960 | 0.04 | -- | -- | 0.04 | -- | -- | -- | -- | -- ( -- ) | ମିଳିନାହିଁ |
| 13 | ନିଯୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ବୟନ ଓ ହସ୍ତତନ୍ତ | 1988 | 0.17 | -- | -- | 0.17 | -- | -- | -- | -- | -- ( -- ) | ମିଳିନାହିଁ |
| 14 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ମାର୍ଚ୍ଚ 1958 | 0.04 | -- | 0.01 | 0.05 | -- | -- | -- | -- | -- ( -- ) | ମିଳିନାହିଁ |
| 15 | ଓଡିଶା ଇଲେକ୍ଟ୍ରିକାଲ୍ ମାନୁଫ୍ୟାକ୍ଚରିଂ କମ୍ପାନୀ ଲିମିଟେଡ୍ (1968 ଠାରୁ ବନ୍ଦ, 30 ଅଗଷ୍ଟ 1976 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ମାର୍ଚ୍ଚ 1958 | 0.04 | -- | 0.01 | 0.05 | -- | -- | -- | -- | -- ( -- ) | ମିଳିନାହିଁ |
| 16 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟସ୍ କମ୍ପାନୀ ଲିମିଟେଡ୍ | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ମାର୍ଚ୍ଚ 1961 | 0.97 | -- | -- | 0.97 | -- | -- | -- | -- | -- ( -- ) | ମିଳିନାହିଁ |
| 17 | ଓଡିଶା ଚର୍ମ ଶିଳ୍ପ ଲିମିଟେଡ୍ (କ୍ର.ସଂ.-ଗ 25 ର ସହାୟକ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଜୁଲାଇ 1986 | -- | -- | 0.65 | 0.65 | 1.77 | -- | -- | 1.77 | 2.72:1 (2.72:1) | ମିଳିନାହିଁ |
| 18 | ଓଡିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ (2001 ଠାରୁ ସମାପନ ପ୍ରକ୍ରିୟାରେ) | ବୟନ ଓ ହସ୍ତତନ୍ତ | ଜାନୁୟାରୀ 1946 | 21.04 | -- | 3.66 | 24.7 | 14.68 | -- | -- | 14.68 | 0.59:1 (0.59:1) | ମିଳିନାହିଁ |
| 19 | ଓଡିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ (31 ଜାନୁୟାରୀ 2006 ଠାରୁ ବନ୍ଦ) | ସୂଚନା ଓ ପ୍ରଯୁକ୍ତି | ସେପ୍ଟେମ୍ବର 1981 | 20.04 | -- | -- | 20.04 | -- | -- | 0.19 | 0.19 | 0.01:1 (0.01:1) | ମିଳିନାହିଁ |
| 20 | ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ବୟନ ଓ ହସ୍ତତନ୍ତ | ଫେବୃଆରୀ 1977 | 3.63 | -- | 0.55 | 4.18 | 1.58 | -- | -- | 1.58 | 0.38:1 (0.38:1) | ମିଳିନାହିଁ |
| 21 | ଓଡିଶା ରାଜ୍ୟ ଚର୍ମ ନିଗମ ଲିମିଟେଡ୍ (18 ଜୁନ୍ 1998 ଠାରୁ ବନ୍ଦ) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଅପ୍ରେଲ 1976 | 3.97 | -- | 0.28 | 4.25 | 0.37 | -- | -- | 0.37 | 0.09:1 (0.09:1) | ମିଳିନାହିଁ |
| 22 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | ବୟନ ଓ ହସ୍ତତନ୍ତ | ସେପ୍ଟେମ୍ବର 1981 | 4.53 | -- | -- | 4.53 | 1.62 | -- | -- | 1.62 | 0.36:1 (0.36:1) | ମିଳିନାହିଁ |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବିଭାଗର ନାମ | ସ୍ଥାପନାର ମାସ ଓ ବର୍ଷ | ସମାଦତ୍ତ ପୁଞ୍ଜି$ | | | | 2013-14 ବର୍ଷ ଶେଷରେ ବକେୟା ଋଣ** | | | | 2013-14 ପାଇଁ ଋଣ ଓ ଅଂଶଧନର ଅନୁପାତ (ପୂର୍ବ ବର୍ଷ) | ମାନବ ସମ୍ବଳ (କର୍ମ-ଚାରୀ ସଂଖ୍ୟା) |
|---|---|---|---|---|---|---|---|---|---|---|---|---|---|
| | | | | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | ରାଜ୍ୟ ସରକାର | କେନ୍ଦ୍ର ସରକାର | ଅନ୍ୟାନ୍ୟ | ମୋଟ | | |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) | 7 | 8 |
| 23 | ଓଡିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ (619-ବି) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | -- | -- | -- | -- | -- | -- | -- | -- | -- | -- (--) | ମିଳିନାହିଁ |
| 24 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ, ଆସ୍ତିଗୁଡିକ ବିକ୍ରି ହୋଇଯାଇଛି) | କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗ | ଅଗଷ୍ଟ 1959 | 0.01 | -- | 0.01 | 0.02 | -- | -- | -- | -- | -- (--) | ମିଳିନାହିଁ |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **60.64** | **--** | **9.94** | **70.58** | **23.71** | **--** | **1.59** | **25.30** | **0.36:1 (0.36:1)** | **ମିଳିନାହିଁ** |
| **ସେବା** | | | | | | | | | | | | | |
| 25 | ଏଲ୍‌କ୍ସମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (କ୍ର.ସଂ.-ଗ 23 ର ସହାୟକ) | ସୂଚନା ଓ ପ୍ରଯୁକ୍ତି | ଜାନୁୟାରୀ 1987 | -- | -- | 1.58 | 1.58 | 2.00 | -- | -- | 2.00 | 1.27:1 (1.27:1) | ମିଳିନାହିଁ |
| 26 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ (କ୍ର.ସଂ.-ଗ 23 ର ସହାୟକ, 1998 ଠାରୁ ସମାପନ ପ୍ରକ୍ରିୟାରେ) | ସୂଚନା ଓ ପ୍ରଯୁକ୍ତି | ମାର୍ଚ୍ଚ 1989 | -- | -- | 0.64 | 0.64 | 0.72 | -- | -- | 0.72 | 1.13:1 (1.13:1) | ମିଳିନାହିଁ |
| 27 | ଏଲ୍‌ମାର୍କ ଲିମିଟେଡ୍ (କ୍ର.ସଂ.-ଗ 23 ର ସହାୟକ) | ସୂଚନା ଓ ପ୍ରଯୁକ୍ତି | ଜାନୁୟାରୀ 1990 | -- | -- | 1.02 | 1.02 | 0.57 | -- | -- | 0.57 | 0.56:1 (0.56:1) | ମିଳିନାହିଁ |
| 28 | ଓଡିଶା ରାଜ୍ୟ ବାଣିଜ୍ୟିକ୍ ପରିବହନ ନିଗମ ଲିମିଟେଡ୍ | ବାଣିଜ୍ୟ ଓ ପରିବହନ | ଜାନୁୟାରୀ 1964 | 2.34 | -- | 3.76 | 6.1 | 0.50 | -- | 8.05 | 8.55 | 1.40:1 (1.40:1) | ମିଳିନାହିଁ |
| | **କ୍ଷେତ୍ର ଅନୁଯାୟୀ ମୋଟ** | | | **2.34** | **--** | **7.00** | **9.34** | **3.79** | **--** | **8.05** | **11.84** | **1.27:1** | ମିଳିନାହିଁ |
| **ମୋଟ-ଗ (ସମସ୍ତ କ୍ଷେତ୍ର ଅନୁଯାୟୀ ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ)** | | | | **63.34** | **--** | **16.94** | **80.28** | **27.50** | **--** | **9.64** | **37.14** | **0.46:1** | ମିଳିନାହିଁ |
| **ସର୍ବମୋଟ (କ + ଖ + ଗ)** | | | | **2406.15** | **89.43** | **662.46** | **3158.04** | **3713.80** | **--** | **3790.18** | **7503.98** | **2.38:1** | **19832** |

ଉପରୋକ୍ତ କାର୍ଯ୍ୟରତ କମ୍ପାନୀଗୁଡିକରେ କମ୍ପାନୀ ଅଧିନିୟମର ଧାରା 619–ବି ଅନ୍ତର୍ଗତ କମ୍ପାନୀ ଗୁଡିକ କ୍ର.ସଂ.କ- 16, 20, 23, 28 ଏବଂ 30, ଗ-23 ରେ ଅନ୍ତର୍ଭୁକ୍ତ।

$ ସମାଦତ୍ତ ପୁଞ୍ଜିରେ ଅଂଶଧନ ପାଇଁ ଆବେଦିତ ଅର୍ଥ ଅନ୍ତର୍ଭୁକ୍ତ।

** 2011-12 ବର୍ଷ ଶେଷରେ ଥିବା ବକେୟା ଋଣ କେବଳ ଦୀର୍ଘ ମିଆଦୀ ଋଣକୁ ସୂଚିତ କରେ।

# ପରିଶିଷ୍ଟ 2

## ମାର୍ଚ୍ଚ 2014 ଶେଷ ସୁଦ୍ଧା ବର୍ଷ ମଧ୍ୟରେ ପ୍ରାପ୍ତ/ପ୍ରାପ୍ୟ ଅନୁଦାନ ଏବଂ ସବ୍‌ସିଡି, ପ୍ରାପ୍ତ ଗ୍ୟାରେଣ୍ଟି, ପ୍ରାପ୍ୟ ଛାଡ, ଋଣ ଛାଡ଼ ଏବଂ ଅଂଶଧନରେ ପରିଣତ ହୋଇଥିବା ଋଣ ଏବଂ ପ୍ରତିଶୃତିବଦ୍ଧ ଗ୍ୟାରେଣ୍ଟି ଦର୍ଶାଉଥିବା ବିବରଣ (ଅନୁଚ୍ଛେଦ 1.9 ରେ ସୂଚିତ)

**(3 (କ) ଠାରୁ 6 (ଘ) ସ୍ତମ୍ଭ ପର୍ଯ୍ୟନ୍ତ ଦିଆଯାଇଥିବା ସଂଖ୍ୟା କୋଟି ଟଙ୍କାରେ)**

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବର୍ଷ ମଧ୍ୟରେ ବଜେଟ୍‌ରୁ ପାଇଥିବା ଅଂଶଧନ/ଋଣ | | ବର୍ଷ ମଧ୍ୟରେ ପାଇଥିବା ଅନୁଦାନ ଏବଂ ସବ୍‌ସିଡି | | | | ବର୍ଷ ମଧ୍ୟରେ ପ୍ରାପ୍ତ ଗ୍ୟାରେଣ୍ଟି ଏବଂ ବର୍ଷ ଶେଷରେ ପ୍ରତିଶୃତିବଦ୍ଧତା @ | | ବର୍ଷ ମଧ୍ୟରେ ପ୍ରାପ୍ୟ ଛାଡ | | | |
|---|---|---|---|---|---|---|---|---|---|---|---|---|---|
| | | ଅଂଶଧନ | ଋଣ | କେନ୍ଦ୍ର ସରକାର | ରାଜ୍ୟ ସରକାର | ଅନ୍ୟାନ୍ୟ | ମୋଟ | ପ୍ରାପ୍ତ | ପ୍ରତିଶୃତିବଦ୍ଧତା | ଋଣ ପରିଶୋଧ ହିସାବରୁ ବାଦ ଦେବା | ଋଣ ସୁଧ ଛାଡ଼ | ଦଣ୍ଡ ସୁଧ ଛାଡ଼ | ମୋଟ |
| (1) | (2) | 3(କ) | 3(ଖ) | 4(କ) | 4(ଖ) | 4(ଗ) | 4(ଘ) | 5(କ) | 5(ଖ) | 6(କ) | 6(ଖ) | 6(ଗ) | 6(ଘ) |
| କ. | **କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ** | | | | | | | | | | | | |
| **କୃଷି ଓ ସମଜାତୀୟ** | | | | | | | | | | | | | |
| 1 | ଦ' ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | -- | -- | -- | 0.50# | -- | 0.50# | -- | -- | -- | -- | -- | -- |
| 2 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | -- | -- | -- | 0.98# | -- | 0.98# | -- | -- | | -- | -- | -- |
| 3. | ଓଡିଶା ଉଠା ଜଳ ସେଚନ ନିଗମ ଲିମିଟେଡ୍ | -- | -- | -- | 43.88 | -- | 43.88 | -- | -- | 0.08 | -- | -- | 0.08 |
| 4 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | -- | -- | -- | 2.00# | -- | 2.00# | -- | -- | -- | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | -- | -- | -- | **43.88<br>3.48#** | -- | **43.88<br>3.48#** | -- | -- | **0.08** | -- | -- | **0.08** |
| **ପୁଞ୍ଜି ଲଗାଣ** | | | | | | | | | | | | | |
| 5 | ଦ' ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | -- | -- | -- | 1.60# | -- | 1.60# | -- | -- | -- | -- | -- | -- |
| 6 | ଓଡିଶା ଗ୍ରାମ୍ୟଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | -- | | -- | -- | -- | -- | -- | -- | 2.20 | -- | -- | 2.20 |
| | **କ୍ଷେତ୍ର ଅନୁଯାୟୀ ମୋଟ** | -- | | | **1.60#** | | **1.60#** | | | **2.20** | -- | -- | **2.20** |
| **ଶକ୍ତି** | | | | | | | | | | | | | |
| 7 | ଗ୍ରୀଡ୍‌କୋ ଲିମିଟେଡ୍ | -- | -- | -- | -- | -- | -- | 463.50 | 2001.37 | -- | -- | -- | -- |
| 8 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | -- | -- | -- | -- | -- | -- | -- | -- | -- | -- | -- | -- |
| 9 | ଓଡିଶା ଶକ୍ତି ସଂଗ୍ରହଣ ନିଗମ ଲିମିଟେଡ୍ | 50.00 | -- | -- | -- | -- | -- | -- | | | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | **50.00** | -- | -- | -- | -- | -- | **463.50** | **2001.37** | -- | -- | -- | -- |
| **ସେବା** | | | | | | | | | | | | | |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ବର୍ଷ ମଧ୍ୟରେ ବଜେଟ୍‌ରୁ ପାଇଥିବା ଅଂଶଧନ/ଋଣ | | ବର୍ଷ ମଧ୍ୟରେ ପାଇଥିବା ଅନୁଦାନ ଏବଂ ସବ୍‌ସିଡି | | | | ବର୍ଷ ମଧ୍ୟରେ ପ୍ରାପ୍ତ ଗ୍ୟାରେଣ୍ଟି ଏବଂ ବର୍ଷ ଶେଷରେ ପ୍ରିଶୃତିବଦ୍ଧତା @ | | ବର୍ଷ ମଧ୍ୟରେ ପ୍ରାପ୍ୟ ଛାଡ | | | |
|---|---|---|---|---|---|---|---|---|---|---|---|---|---|
| | | ଅଂଶଧନ | ଋଣ | କେନ୍ଦ୍ର ସରକାର | ରାଜ୍ୟ ସରକାର | ଅନ୍ୟାନ୍ୟ | ମୋଟ | ପ୍ରାପ୍ତ | ପ୍ରତିଶୃତିବଦ୍ଧତା | ଋଣ ପରିଶୋଧ ହିସାବରୁ ବାଦ ଦେବା | ଋଣ ସୁଧ ଛାଡ଼ | ଦଣ୍ଡ ସୁଧ ଛାଡ଼ | ମୋଟ |
| (1) | (2) | 3(କ) | 3(ଖ) | 4(କ) | 4(ଖ) | 4(ଗ) | 4(ଘ) | 5(କ) | 5(ଖ) | 6(କ) | 6(ଖ) | 6(ଗ) | 6(ଘ) |
| 10 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | -- | -- | 3041.11 | 1283.41 | -- | 4324.52 | -- | -- | -- | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | -- | -- | **3041.11** | **1283.41** | -- | **4324.52** | -- | -- | -- | -- | -- | -- |
| **ମୋଟ-କ (ସମସ୍ତ କ୍ଷେତ୍ର ଅନୁଯାୟୀ କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ)** | | **50.00** | -- | **3041.11** | **1327.29**<br>**5.08#** | -- | **4368.40**<br>**5.08#** | **463.50** | **2001.37** | **2.28** | -- | -- | **2.28** |
| **ଖ. କାର୍ଯ୍ୟରତ ବୈଧାନିକ ନିଗମ ସମୂହ** | | | | | | | | | | | | | |
| **ପୁଞ୍ଜି ଲଗାଣ** | | | | | | | | | | | | | |
| 1 | ଓଡିଶା ରାଜ୍ୟ ଅର୍ଥ ନିଗମ | -- | -- | -- | 0.45 | -- | 0.45 | -- | -- | -- | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | -- | -- | -- | **0.45** | -- | **0.45** | -- | -- | -- | -- | -- | -- |
| **ସେବା** | | | | | | | | | | | | | |
| 2 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 8.00 | -- | -- | 1.60<br>2.00# | -- | 1.60<br>2.00# | -- | -- | -- | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | **8.00** | | | **1.60**<br>**2.00#** | | **1.60**<br>**2.00#** | -- | -- | -- | -- | -- | -- |
| **କ୍ଷେତ୍ର ଅନୁଯାୟୀ ମୋଟ** | | -- | -- | -- | -- | -- | -- | -- | -- | -- | -- | -- | -- |
| **ମୋଟ-ଖ (ସମସ୍ତ କ୍ଷେତ୍ର ଅନୁଯାୟୀ କାର୍ଯ୍ୟରତ ବୈଧାନିକ ନିଗମ ସମୂହ)** | | **8.00** | -- | -- | **2.05** | -- | **2.05** | -- | -- | -- | -- | -- | -- |
| **ସର୍ବମୋଟ (କ + ଖ)** | | **58.00** | -- | **3041.11** | **1329.34**<br>**5.08#** | -- | **4370.45**<br>**5.08#** | **463.50** | **2001.37** | **2.28** | -- | -- | **2.28** |
| **ଗ. ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ** | | | | | | | | | | | | | |
| **ସେବା** | | | | | | | | | | | | | |
| 1 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | -- | -- | -- | 0.04# | -- | 0.04# | -- | -- | -- | -- | -- | -- |
| | **କ୍ଷେତ୍ର ଅନୁଯାୟୀ ମୋଟ** | -- | -- | -- | **0.04#** | -- | **0.04#** | -- | -- | -- | -- | -- | -- |
| **ମୋଟ-ଗ (ସମସ୍ତ କ୍ଷେତ୍ର ଅନୁଯାୟୀ ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ)** | | -- | -- | -- | **0.04#** | -- | **0.04#** | -- | -- | -- | -- | -- | -- |
| **ସର୍ବମୋଟ (କ + ଖ + ଗ )** | | **58.00** | -- | **3041.11** | **1329.34**<br>**7.12#** | – | **4370.45**<br>**7.12#** | **463.50** | **2001.37** | **2.28** | -- | -- | **2.28** |

@ ସଂଖ୍ୟାଗୁଡିକ ବର୍ଷ ଶେଷର ମୋଟ ବକେୟା ଗ୍ୟାରେଣ୍ଟିକୁ ସୂଚାଏ।

# 2013-14 ବର୍ଷ ମଧ୍ୟରେ ପାଇଥିବା ଅନୁଦାନ ଏବଂ ନିଷ୍କ୍ରିୟ କମ୍ପାନୀ କ୍ଷେତ୍ରରେ ଏହା ପ୍ରତିଷ୍ଠାନ ବ୍ୟୟ, ଦରମା ଇତ୍ୟାଦିକୁ ସୂଚାଏ।

# ପରିଶିଷ୍ଟ 3

## ଚୂଡାନ୍ତ ହୋଇଥିବା ସର୍ବଶେଷ ବର୍ଷର ହିସାବ ଅନୁସାରେ ସରକାରୀ କମ୍ପାନୀ ଓ ବୈଧାନିକ ନିଗମଗୁଡିକର ଆର୍ଥିକ ପରିଣାମର ସଂକ୍ଷିପ୍ତ ବିବରଣ

**(ଅନୁଚ୍ଛେଦ 1.14 ଏବଂ 1.34 ରେ ସୂଚିତ)**

**(5 (କ) ଠାରୁ (11) ସ୍ତମ୍ଭ ପର୍ଯ୍ୟନ୍ତ ଦିଆଯାଇଥିବା ସଂଖ୍ୟା କୋଟି ଟଙ୍କାରେ)**

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ହିସାବର ସମୟ | କେଉଁବର୍ଷ ହିସାବ ଚୂଡାନ୍ତ ହୋଇଥିଲା | ନିଟ୍ ଲାଭ (+)/କ୍ଷତି (-) | | | | କାରବାରର ପରିମାଣ | ହିସାବ ମନ୍ତବ୍ୟର ପ୍ରଭାବ# | ସମାଦତ୍ତ ପୁଞ୍ଜି | ଏକତ୍ରୀକୃତ ଲାଭ(+)/ କ୍ଷତି (-) | ବିନିଯୁକ୍ତ ପୁଞ୍ଜି @ | ବିନିଯୁକ୍ତ ପୁଞ୍ଜି ଉପରେ ମୋଟ ପ୍ରତିଫଳ$ | ବିନିଯୁକ୍ତ ପୁଞ୍ଜି ଉପରେ ମୋଟ ପ୍ରତିଫଳର ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|---|
| | | | | ସୁଧ ଏବଂ ଅବକ୍ଷୟଣ ପୂର୍ବରୁ ନିଟ୍ ଲାଭ/କ୍ଷତି | ସୁଧ | ଅବକ୍ଷୟଣ | ନିଟ୍ ଲାଭ/ କ୍ଷତି | | | | | | | |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6** | **7** | **8** | **9** | **10** | **11** | **12** |
| **କ. କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ** | | | | | | | | | | | | | | |
| **କୃଷି ଓ ସମଜାତୀୟ** | | | | | | | | | | | | | | |
| 1 | ଦ' ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2011-12 | 2013-14 | 0.34 | 0 | 0.03 | 0.31 | 0.78 | 0.15 | 1.1 | 0.42 | 1.56 | 0.31 | **19.87** |
| 2 | ଦ' ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 2012-13 | 2014-15 | 14.32 | 1.58 | 0.17 | 12.57 | 480.92 | 0 | 7.15 | -25.41 | -17.95 | 14.15 | |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 2012-13 | 2013-14 | 1.66 | 0 | 0.45 | 1.21 | 10.45 | 0.03 | 1.55 | 16.48 | 28.59 | 1.21 | **4.23** |
| | | 2013-14 | 2014-15 | 3.68 | 0 | 0.45 | 3.23 | 13.15 | | 1.55 | 18.25 | 33.28 | 3.23 | **9.71** |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 2012-13 | 2013-14 | 10.33 | 1.44 | 0.44 | 8.45 | 107.69 | | 5 | -145.05 | -108.53 | 9.89 | |
| 5 | ଓଡିଶା ଉଠା ଜଳ ସେଚନ ନିଗମ ଲିମିଟେଡ୍ | 2011-12 | 2014-15 | 5.4 | 0 | 4.72 | 0.68 | 20.19 | -31.10 | 74.73 | -1.11 | 143.33 | 0.68 | **0.47** |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2011-12 | 2014-15 | 5.65 | 2.5 | 0.49 | 2.66 | 170.3 | 1.01 | 2.62 | 22.01 | 86.1 | 5.16 | **5.99** |
| 7 | ଓଡିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ଲିମିଟେଡ୍ | 2011-12 | 2013-14 | 1.01 | 0.07 | 0.53 | 0.41 | 75.19 | -1.22 | 2.21 | -3.22 | 8.57 | 0.48 | **5.60** |
| **କ୍ଷେତ୍ର ଅନୁଯାୟୀ ମୋଟ** | | | | **40.73** | **5.59** | **6.83** | **28.31** | **868.22** | **-31.16** | **94.36** | **-134.11** | **146.36** | **33.9** | **23.16** |
| **ପୁଞ୍ଜି ଲଗାଣ** | | | | | | | | | | | | | | |
| 8 | ଦ' ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2012-13 | 2013-14 | 3.71 | 0.00 | 0.06 | 3.65 | 4.32 | -1.03 | 83.14 | -10.81 | 82.71 | 3.65 | **4.41** |
| | ଦ' ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | 2013-14 | 2014-15 | 3.55 | 0.00 | 0.06 | 3.49 | 3.31 | | 83.14 | -9.78 | 84.60 | 3.49 | **4.13** |
| 9 | ଓଡିଶା ଗ୍ରାମ୍ୟଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 2012-13 | 2014-15 | 0.05 | 0.00 | 0.02 | 0.03 | 0.45 | -0.18 | 5.40 | 0.63 | 11.00 | 0.03 | **0.27** |
| 10 | | 2007-08 | 2012-13 | 10.94 | 42.53 | 0.12 | -31.71 | 15.70 | -340.92 | 48.16 | -103.12 | 550.87 | 10.82 | **1.96** |
| 11 | ଦ' ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | 2011-12 | 2014-15 | 15.45 | 0.28 | 0.17 | 15.00 | 481.89 | -2.91 | 40.80 | 6.14 | 48.25 | 15.28 | **31.67** |
| **କ୍ଷେତ୍ର ଅନୁଯାୟୀ ମୋଟ** | | | | **29.99** | **42.81** | **0.37** | **-13.19** | **501.35** | **-344.01** | **177.50** | **-106.13** | **694.72** | **29.62** | **4.26** |
| **ଭିତ୍ତିଭୂମି** | | | | | | | | | | | | | | |
| 12 | ଦ' ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 2012-13 | 2013-14 | 10.62 | 1.97 | 0.43 | 8.22 | 18.75 | -0.46 | 57.12 | 44.05 | 177.28 | 10.19 | **5.75** |

| କ୍ର. ସଂ. | କ୍ଷେତ୍ର ଏବଂ କମ୍ପାନୀର ନାମ | ହିସାବର ସମୟ | କେଉଁବର୍ଷ ହିସାବ ଚୂଡାନ୍ତ ହୋଇଥିଲା | ନିଟ୍ ଲାଭ (+)/କ୍ଷତି (-) | | | | କାରବାରର ପରିମାଣ | ହିସାବ ମନ୍ତବ୍ୟର ପ୍ରଭାବ# | ସମାଦତ୍ତ ପୁଞ୍ଜି | ଏକତ୍ରୀକୃତ ଲାଭ(+)/ କ୍ଷତି (-) | ବିନିଯୁକ୍ତ ପୁଞ୍ଜି @ | ବିନିଯୁକ୍ତ ପୁଞ୍ଜି ଉପରେ ମୋଟ ପ୍ରତିଫଳ$ | ବିନିଯୁକ୍ତ ପୁଞ୍ଜି ଉପରେ ମୋଟ ପ୍ରତିଫଳର ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|---|
| | | | | ସୁଧ ଏବଂ ଅବକ୍ଷୟଣ ପୂର୍ବରୁ ନିଟ୍ ଲାଭ/କ୍ଷତି | ସୁଧ | ଅବକ୍ଷୟଣ | ନିଟ୍ ଲାଭ/ କ୍ଷତି | | | | | | | |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 | 7 | 8 | 9 | 10 | 11 | 12 |
| 13 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 2011-12 | 2013-14 | 4.78 | 0.11 | 1.49 | 3.18 | 209.85 | -39.95 | 17.5 | 8.7 | 322.02 | 3.29 | **1.02** |
| 14 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | 2011-12 | 2013-14 | 3.57 | 0 | 0.07 | 3.5 | 10.43 | -0.25 | 9.31 | -2.39 | 6.92 | 3.5 | **50.58** |
| 15 | ଦ' ଓଡିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | 2012-13 | 2013-14 | 17.56 | 0 | 0.27 | 17.29 | 224.95 | -14.50 | 5.63 | 52.13 | 57.76 | 17.29 | **29.93** |
| **କ୍ଷେତ୍ର ଅନୁଯାୟୀ ମୋଟ** | | | | **36.53** | **2.08** | **2.26** | **32.19** | **463.98** | **-55.16** | **89.56** | **102.49** | **563.98** | **34.27** | **6.08** |
| **ମାନୁଫ୍ୟାକ୍ଚରିଂ** | | | | | | | | | | | | | | |
| 16 | ବୈତରଣୀ ୱେଷ୍ଟ କୋଲ୍ କମ୍ପାନୀ ଲିମିଟେଡ୍ | 2012-13 | 2013-14 | 0 | 0 | 0 | 0 | 0 | 0 | 30.00 | 0.00 | 30.00 | 0.00 | **0.00** |
| | ଇଡ୍କଲ୍ ଫେରୋ କ୍ରୋମ୍ ଆଣ୍ଡ ଆଲୋଏଜ୍ ଲିମିଟେଡ୍ (କ୍ର.ସଂ.-କ 12 ର ସହାୟକ) | 2013-14 | 2014-15 | -0.04 | 0 | 0.02 | -0.06 | 0 | 0 | 30.00 | -0.06 | 29.94 | -0.06 | |
| 17 | ଇଡ୍କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ | 2012-13 | 2013-14 | 1.76 | 0 | 1.14 | 0.62 | 120.4 | 0.01 | 18.81 | 34.53 | 53.34 | 0.62 | **1.16** |
| | (କ୍ର.ସଂ.-କ 12 ର ସହାୟକ) କୋଣାର୍କ ଝୋଟ ଲିମିଟେଡ୍ (କ୍ର.ସଂ.-କ 12 ର ସହାୟକ) | 2013-14 | 2014-15 | -11.15 | 0.62 | 1.08 | -12.85 | 88.75 | -0.15 | 18.81 | 21.68 | 40.49 | -12.23 | **0.00** |
| 18 | ମହାକିନୀ-ବି କୋଇଲା ନିଗମ ଲିମିଟେଡ୍ (619-ବି) ଓଡିଶା ଖଣି ନିଗମ ଲିମିଟେଡ୍ | 2012-13 | 2013-14 | 20.37 | 3.42 | 5.2 | 11.75 | 265.5 | -2.74 | 120.1 | -103.82 | 16.28 | 15.17 | **93.18** |
| 19 | ଓଡିଶା ରାଜ୍ୟ ଖଣି ନିଗମ ଲିମିଟେଡ୍ | 2012-13 | 213-14 | -2.26 | 0.15 | 0.03 | -2.44 | 1.51 | -0.02 | 5.94 | -31.59 | -13.85 | -2.29 | |
| 20 | | 2011-12 | 2012-13 | 0.02 | 0 | 0.02 | 0 | 0 | 0 | 8.31 | 0 | 6.63 | 0 | |
| 21 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 2013-14 | 2014-15 | 1475.86 | 15.36 | 10.55 | 1449.95 | 1853.88 | -171.39 | 31.45 | 3874.47 | 5895.62 | 1465.31 | **24.85** |
| 22 | ନୂଆ ଗାଁ କୋଲ୍ କଂପାନୀ ଲିମିଟେଡ୍ | 2011-12 | 2013-14 | 97.88 | 0 | 0.07 | 97.81 | 1947.45 | -0.04 | 1.00 | 130.46 | 142.83 | 97.81 | **68.48** |
| 23 | ବୈତରଣୀ ୱେଷ୍ଟ କୋଲ୍ କମ୍ପାନୀ ଲିମିଟେଡ୍ | 2011-12 | 2013-14 | 0.07 | 0 | 0 | 0.07 | 0 | 0 | 2.00 | 0.02 | 2.02 | 0.07 | **3.47** |
| **କ୍ଷେତ୍ର ଅନୁଯାୟୀ ମୋଟ** | | | | **1580.75** | **19.55** | **16.97** | **1544.23** | **4157.09** | **-174.34** | **217.61** | **3891.16** | **6119.96** | **1563.78** | **25.55** |
| **ଶକ୍ତି** | | | | | | | | | | | | | | |
| 24 | ଗ୍ରୀଡ୍କୋ ଲିମିଟେଡ୍ | 2012-13 | 2013-14 | 871.23 | 503.36 | 325.94 | 41.93 | 6762.36 | -1145.27 | 576.71 | -1740.66 | 1427.33 | 545.29 | **38.20** |
